ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-328 ♦WEDNESDAY ♦27 MAY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୩୨୮ ♦ବୁଧବାର ♦୨୭ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ସାବାଲେଙ୍କାଙ୍କ ବିଜୟ ଅଭିଯାନ
▶ପୃଷ୍ଠା ୧୨ ଦେଖନ୍ତୁ...

# ବିବାହ ନାଁରେ ମହାଠକେଇ; ୪୨ ବର ଶିଶୁପାଳ

## ମଣ୍ଡପ ନାହିଁ କି କନ୍ୟା ନାହିଁ

■ ଦେବାସ (ମଧ୍ୟପ୍ରଦେଶ), ୨୬।୫(ଏଜେନ୍ସି): ବିବାହ କରି ଘରକୁ ବୋହୂ ଆଣିବାର ବଡ଼ ସ୍ୱପ୍ନ ନେଇ ଗତ ମଇ ୨୪ ତାରିଖ ସକାଳୁ ୪୨ ଜଣ ବର ଓ ସେମାନଙ୍କ ସମ୍ପର୍କୀୟମାନେ ଦେବାସର ରାଧାଗଞ୍ଜ କ୍ଲବ୍ ପଡ଼ିଆରେ ପହଞ୍ଚିଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପରେ ସେମାନଙ୍କ ପାଇଁ ଅପେକ୍ଷା କରିଥିଲା ଏକ ବଡ଼ ବିଶ୍ୱାସଘାତକତା। ପଡ଼ିଆରେ ନା ଥିଲା କୌଣସି ବିବାହ ମଣ୍ଡପ, ନା ଥିଲା ଭୋଜିଭାତର ବ୍ୟବସ୍ଥା, ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ସେଠାରେ କୌଣସି କନ୍ୟା ମଧ୍ୟ ନଥିଲେ। ଆୟୋଜକ ମୁକେଶ ବୈରାଗୀ ଏବଂ ତାଙ୍କ ପତ୍ନୀ ସୁନୀତା ବରପକ୍ଷଙ୍କୁ ଦୀର୍ଘ ସମୟ ଧରି ଠକି ଚାଲିଥିଲେ। ଇନ୍ଦୋରରୁ ଅନାଥ ଆଶ୍ରମର କନ୍ୟାମାନେ ଆସୁଛନ୍ତି ବୋଲି କହି ସେମାନେ ସକାଳୁ ରାତି ୧୦ଟା ପର୍ଯ୍ୟନ୍ତ ବିଭିନ୍ନ ବାହାନା ଦେଖାଇ ସମସ୍ତଙ୍କୁ ଅଟକାଇ ରଖିଥିଲେ। ପରେ ଜଣାପଡ଼ିଥିଲା ଯେ, ସେମାନେ ସୋସିଆଲ ମିଡିଆରୁ ମଡେଲ ଓ ଯୁବତୀମାନଙ୍କ ଫଟୋ ଡାଉନଲୋଡ୍ କରି ମୋବାଇଲ୍ ମାଧ୍ୟମରେ ପରିବାର ଲୋକଙ୍କୁ ଦେଖାଇ ଏହି ମହାଠକେଇର ଜାଲ ବିଛାଇଥିଲେ ଏବଂ ସେମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ମଧ୍ୟ ଆଦାୟ କରିଥିଲେ। ଏହି ସାଂଘାତିକ ଘଟଣା ସାମ୍ନାକୁ ଆସିବା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅତିରିକ୍ତ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଜୟବୀର ଭାଦୋରିଆଙ୍କ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଅଭିଷେକଙ୍କ ବୟାନ ଆଧାରରେ ଭାରତୀୟ ନ୍ୟାୟ ସଂହିତା (ବିଏସ୍ଏସ୍) ର ଧାରା ୩୧୮(୪) ଅନ୍ତର୍ଗତ ଠକେଇ ମାମଲା ରୁଜୁ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ମୁକେଶ ବୈରାଗୀ ଓ ତାଙ୍କ ପତ୍ନୀ ସୁନୀତାଙ୍କୁ ଗିରଫ ▶ପୃଷ୍ଠା-୭

# ପୁଲିସ ମୁଖ୍ୟାଳୟ ପାଖରେ ମଦ 'ଭଣ୍ଡାରା'

■ ଚଣ୍ଡୀଗଡ଼, ୨୬।୫ (ଏଜେନ୍ସି): ଧାର୍ମିକ କିମ୍ବା ସାମାଜିକ କାର୍ଯ୍ୟକ୍ରମରେ ମାଗଣା ଖାଦ୍ୟ ବଣ୍ଟନ ବା 'ଭଣ୍ଡାରା' ଆୟୋଜନ ହେବା କଥା ସମସ୍ତେ ଜାଣନ୍ତି। ମାତ୍ର ଚଣ୍ଡୀଗଡ଼ରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ବ୍ୟକ୍ତି ସମସ୍ତ ସୀମା ପାର୍ କରି ମଦର ଏକ ଭଣ୍ଡାରା ବା ଛତ୍ର ଆୟୋଜନ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ଉକ୍ତ ବ୍ୟକ୍ତି ଜଣକ ପୋଲିସ ପ୍ରଶାସନକୁ ଭୟ ନକରି ସହରର ସବୁଠାରୁ ସୁରକ୍ଷିତ କୁହାଯାଉଥିବା ପୋଲିସ ମୁଖ୍ୟାଳୟଠାରୁ ମାତ୍ର ୩୦୦ ମିଟର ଦୂରତାରେ ଏହି ମାଗଣା ମଦ ବଣ୍ଟନ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ସେଠାରେ



ସେ ଲୋକମାନଙ୍କୁ ମାଗଣାରେ ମଦ ପରସିବା ଆରମ୍ଭ କରିଦେଇଥିଲେ। ଏହି ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ମିଳିବା ମାତ୍ରେ ପୋଲିସ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମଦ ବଣ୍ଟନକୁ ବନ୍ଦ କରିବା ସହ ଉକ୍ତ ଆୟୋଜକ ବ୍ୟକ୍ତିଙ୍କୁ ଗିରଫ କରିଛି। ଏହା ସହିତ ସେଠାରୁ ବିପୁଳ ପରିମାଣର ମଦ ମଧ୍ୟ ଜବତ କରାଯାଇଛି। ଏହି ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଆଇନ ଶୃଙ୍ଖଳାକୁ ବୁଢ଼ା ଆଙ୍ଗୁଠି ଦେଖାଇ ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ପୋଲିସ କଡ଼ା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବଢ଼ିଲା ତେଲ, ଅଟକିଲା ଚକ

## ୧୯ ଲକ୍ଷ ଟ୍ରକ ଚଳାଚଳ ବନ୍ଦ; ମାଲ୍ ଭଡା ୧୫% ମହଙ୍ଗା

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୬।୫ (ଏଜେନ୍ସି): ଦେଶରେ ଇନ୍ଧନ ଅଭାବକୁ ବଳିଗଲା ତେଲ ତାତି। ଗତ ୧୦ ଦିନ ମଧ୍ୟରେ ୪ ଥର ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପରିବହ ବ୍ୟବସ୍ଥାକୁ ଅଚଳ କରିଦେଇଛି। ପରିବହନ କମ୍ପାନୀଗୁଡ଼ିକ କ୍ଷତିରେ ଗାଡ଼ି ଚଳାଇବାକୁ ଚାହୁଁ ନ ଥିବାରୁ ସାରା ଦେଶରେ ଗତ ଏକ ସପ୍ତାହ ମଧ୍ୟରେ ୧୯ ଲକ୍ଷ ଟ୍ରକ୍ ଚଳାଚଳ ବନ୍ଦ ରହିଛି। ଡିଜେଲ ଅଭାବ ଓ ଉଚ୍ଚ ତେଲ ଦର ଯୋଗୁଁ କିଛି ପରିବହନ କମ୍ପାନୀ ଧାର୍ଯ୍ୟ ଭଡ଼ା ଉପରେ 'ଫୁଏଲ୍ ସରଚାର୍ଜ' ଲାଗୁ କରିଛନ୍ତି । ଅନ୍ୟ କିଛି ପରିବହନ କମ୍ପାନୀ ସିଧାସଳଖ ମାଲ ପରିବହନ ନିମ୍ନତେ ଉଦ୍ଦିଷ୍ଟ ଭଡ଼ା ୧୦%ରୁ ୧୫% ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏପରିକି ସ୍ଥାନୀୟ ପରିବହନ ଭଡ଼ା ବି ବୃଦ୍ଧି ହୋଇଛି। ଏହାର ସିଧାସଳଖ ପ୍ରଭାବ ଖାଉଟିଙ୍କ ଉପରେ ପଡ଼ିଛି । ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ର ପରିବହନ ସହ ଜଡ଼ିତ ଥିବାରୁ ପୁରା ବଜାର ମହଙ୍ଗା ହୋଇଛି। ଅନ୍ୟପକ୍ଷରେ ଦେଶର ଅନ୍ୟାନ୍ୟ ଅଞ୍ଚଳ ପରି ଓଡ଼ିଶାର ଦକ୍ଷିଣ ଓ ପଶ୍ଚିମ ଅଞ୍ଚଳରେ ବି ପର୍ଯ୍ୟାପ୍ତ ଡିଜେଲ ପେଟ୍ରୋଲ ମିଳୁ ନ ଥିବା ଅଭିଯୋଗ ହୋଇଛି।

ଏକ ରିପୋର୍ଟ ଅନୁସାରେ ସାରା ଦେଶରେ ଚଳାଚଳ କରୁଥିବା ୯୫ ଲକ୍ଷ ଟ୍ରକ୍ ମଧ୍ୟରୁ ପ୍ରାୟ ୨୦% ଅର୍ଥାତ୍ ୧୯ ଲକ୍ଷ ଟ୍ରକ ଏବେ ପରିବହନ କାର୍ଯ୍ୟରୁ ବନ୍ଦ ରହିଛି। ଡିଜେଲ ଅଭାବ ଯୋଗୁ ଦେଶର ବିଭିନ୍ନ ଜାତୀୟ ରାଜପଥ ପାଶ୍ୱର୍ରେ ପେଟ୍ରୋଲ ପମ୍ପଗୁଡ଼ିକରେ ଲମ୍ବା



ଧାଡ଼ି ଲାଗିଛି। ତେଣୁ ଶୀଘ୍ର ନଷ୍ଟ ହୋଇ ଯାଉଥିବା ଫଳ ଓ ପନିପରିବା ପରିବହନ ପାଇଁ ଅନେକ ଟ୍ରକ୍ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅନ୍ୟପକ୍ଷରେ ଡିଜେଲ ମୂଲ୍ୟ ବୃଦ୍ଧି ଓ ଯୋଗାଣ ସମସ୍ୟା କାରଣରୁ ଟ୍ରାନ୍ସପୋର୍ଟ କମ୍ପାନୀମାନେ ମାଲ ଭଡ଼ା ବୃଦ୍ଧି କରିଛନ୍ତି। ପଶ୍ଚିମ ଭାରତରୁ ଉତ୍ତର ଭାରତକୁ ପରିବହନ ପାଇଁ ପ୍ରମୁଖ ରୁଟରେ ଭଡ଼ା ୧୦ରୁ ୧୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହାର ସିଧା ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିଛି। ଫଳ, ପରିବା, ଦୁଗ୍ଧ ଓ ରାସନ ସାମଗ୍ରୀ ବୃଦ୍ଧି ପାଇଛି। ସେହିପରି ସ୍ଥାନୀୟ ପରିବହନ କ୍ଷେତ୍ରରେ ବ୍ୟବହୃତ ଛୋଟ ଟ୍ରକ୍‌ଗୁଡ଼ିକ ମଧ୍ୟ ବିଶେଷ ପ୍ରଭାବିତ ହୋଇଛନ୍ତି । ଅଲ୍ ଇଣ୍ଡିଆ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସର ଜାତୀୟ ସଭାପତି ହରିଶ ସବରୱାଲଙ୍କ ସୂଚନା ଅନୁସାରେ ଏକ ଟ୍ରକ ପରିଚାଳନା ଖର୍ଚ୍ଚର ୪୦-୪୫% ଡିଜେଲ୍‌ରେ ଯାଇଥାଏ। ଛୋଟ ଅପରେଟରମାନେ ବର୍ତ୍ତମାନ ବର୍ଦ୍ଧିତ ତୈଳ ମୂଲ୍ୟ ଏବଂ କିସ୍ତି ଦେୟର ବୋଝ ବହନ କରିବାକୁ ଅକ୍ଷମ। ଅନେକ ପମ୍ପରେ ତେଲ କମ୍ପାନୀ ଉଧାର ବନ୍ଦ କରିଦେବା ପରେ ଗାଡି ମାଲିକ ପାଖରେ ପୁଞ୍ଜି ସଙ୍କଟ ସୃଷ୍ଟି ହୋଇଛି ଓ ଏହା ପରିବହନ କ୍ଷେତ୍ରକୁ ▶ପୃଷ୍ଠା-୭

# ଧୋକା ଦେଲା ମୌସୁମୀ, କଷ୍ଟ ଦେଇ ଆସିଲାନି

■ ନୂଆଦିଲ୍ଲୀ, ୨୬।୫ (ଏଜେନ୍ସି): ଦେଶବାସୀଙ୍କୁ ଚାତକ ଭଳି ଚାହିଁ ରହିବାକୁ ପଡ଼ିବ। ଚଳିତ ବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ମୌସୁମୀ ବାୟୁ ଭାରତରେ ପ୍ରବେଶ କରିବ ବୋଲି ଯେଉଁ ଆଶା କରାଯାଉଥିଲା, ତାହା ଏବେ ବଦଳି ଯାଇଛି। ପାଣିପାଗ ।।ରେ ହଠାତ୍ ପରିବର୍ତ୍ତନ ଯୋଗୁଁ ବର୍ଷାର ଆଗମନ ସମୟ ସୀମା ପଛକୁ ଘୁଞ୍ଚି ଯାଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପ୍ରଥମେ କୁହାଯାଇଥିଲା ଯେ ମଇ ମାସ ୨୬ ତାରିଖ ବେଳକୁ ମୌସୁମୀ ବାୟୁ କେରଳ ଛୁଇଁବ। ସାଧାରଣତଃ ଜୁନ୍ ୧ ତାରିଖରେ ମୌସୁମୀ କେରଳ ଛୁଇଁଥାଏ। ତେଣୁ ଚଳିତ ବର୍ଷ ୫ ଦିନ ପୂର୍ବରୁ ବର୍ଷା ହେବ ବୋଲି ସମସ୍ତେ ଆଶା ବାନ୍ଧିଥିଲେ। ପ୍ରଚଣ୍ଡ ଖରାରେ ସନ୍ତୁଳିତ ହେଉଥିବା ସାରା ଦେଶ ଚାହିଁ ବସିଥିବା ବେଳେ ଶେଷରେ ନିରାଶ ହେବାକୁ ପଡ଼ିଛି।



## ପ୍ରଚଣ୍ଡ ଖରାରେ ସନ୍ତୁଳିତ ସାରା ଦେଶ

ଏସଂପର୍କରେ ପାଣିପାଗ ବିଶେଷଜ୍ଞ କହିଛନ୍ତି ।।ଯେ ମୌସୁମୀ ବାୟୁ କୌଣସି ନିର୍ଦ୍ଧାରିତ ସମୟ ସାରଣୀ ଅନୁଯାୟୀ ଚାଲେ ନାହିଁ। ଏହା ସମୁଦ୍ରର ତାପମାତ୍ରା, ପବନର ଗତି ଏବଂ ବାୟୁମଣ୍ଡଳୀୟ ଚାପ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ। ମୌସୁମୀ ଆଗମନ ଘୋଷଣା କରିବା ପାଇଁ ୩ଟି ମୁଖ୍ୟ ସର୍ତ୍ତ ପୂରଣ ହେବା ଆବଶ୍ୟକ। କେରଳର ଚିହ୍ନଟ ହୋଇଥିବା ୧୪ଟି ପାଣିପାଗ କେନ୍ଦ୍ର ମଧ୍ୟରୁ ଅତିକମରେ ଶତକଡ଼ା ୬୦ ଭାଗ କେନ୍ଦ୍ରରେ କ୍ରମାଗତ ଦୁଇ ଦିନ ଧରି ନିର୍ଦ୍ଦିଷ୍ଟ ପରିମାଣର ବର୍ଷା ହେବା ଦରକାର। ପବନର ଗତି ଅନୁକୂଳ ହେବା ଆବଶ୍ୟକ। ଆକାଶରେ ମେଘର ଘନତ୍ୱ ସଠିକ୍ ରହିବା ଜରୁରୀ। ଏପର୍ଯ୍ୟନ୍ତ ଏହି ସବୁ ସର୍ତ୍ତ ପୂରଣ ହୋଇନଥିବାରୁ ମୌସୁମୀ ଆସିବାରେ ବିଳମ୍ବ ହେଉଛି। ବର୍ତ୍ତମାନର ଆକଳନ ଅନୁଯାୟୀ, ଜୁନ୍ ୨ ▶ପୃଷ୍ଠା-୭

## ନିର୍ମାଣାଧୀନ ପାଇଖାନା ଟାଙ୍କି ନେଲା ଜୀବନ

# ଶ୍ୱାସରୁଦ୍ଧ ହୋଇ ୬ ମୃତ

■ ମ.ରାମପୁର, ୨୬।୫ (ସମିସ): କଳାହାଣ୍ଡି ଜିଲ୍ଲା ମ. ରାମପୁର ଥାନା ଅଧୀନ କରଲାଖୁଣ୍ଟା ଗ୍ରାମରେ ବଡ଼ଧରଣର ଏକ ଅଘଟଣ ଘଟିଛି। ନିର୍ମାଣାଧୀନ ଶୌଚାଳୟ ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ବାପା-ପୁଅଙ୍କ ସମେତ ୬ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଏହି ଘଟଣା ଜିଲ୍ଲାବାସୀଙ୍କୁ ସ୍ତବ୍ଧ କରିଦେଇଛି। ମୃତକମାନେ ହେଲେ, ଗ୍ରାମର ନିମାଇଁ ଚରଣ ପାଲ (୪୮), ତାଙ୍କ ପୁଅ ଆକାଶ ପାଲ(୨୮), ଶ୍ରମିକ ଅଦଲ ମାଝୀ (୫୫), ମାଟୋଗଣ୍ଡା ଗାଁର ମନୋରଞ୍ଜନ ହାତୀ(୨୭), ଦୁଟାଗାଁର ଛନ୍ଦା ଜାଲ ଓ ବୈକୁଣ୍ଠ ଜାଲ। ସେହିପରି ଏହି ଅଘଟଣରେ ହାତୀଖୋଜ ଗାଁର ପଙ୍କଜ ଜାନୀ (୩୨) ଗୁରୁତର ଅସୁସ୍ଥ ହୋଇଛନ୍ତି। ତାଙ୍କୁ ପ୍ରଥମେ ମ.ରାମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ



ଅବସ୍ଥା ସଂକଟାପନ୍ନ ହେବାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ଗ୍ରାମର ନିମାଇଁ ପାଲ ଘରେ ନୂତନ ପାଇଖାନା ଟାଙ୍କି ତିଆରି କରିଥିଲେ। ଆଜି ତାହାର ସେଣ୍ଟ୍ରିଂ ଖୋଲା ହେବାର ଥିଲା। ଏଥିପାଇଁ ୫ ଜଣ ଶ୍ରମିକ ଆସିଥିଲେ। ପ୍ରଥମେ ଜଣେ ଶ୍ରମିକ ଟାଙ୍କି ଭିତରେ ପଶିଥିଲେ। କିନ୍ତୁ କିଛି ସମୟ ପର୍ଯ୍ୟନ୍ତ ସୋରଶବ୍ଦ ଶୁଣାନଯିବାରୁ ବାହାରେ ଥିବା ଶ୍ରମିକଙ୍କ ସନ୍ଦେହ ହୋଇଥିଲା। ପରେ ଜଣଜଣ କରି ୫ଜଣଯାକ ଟାଙ୍କି ଭିତରକୁ ପଶିଥିଲେ। ଏପରିକି, ଶେଷରେ ଘର ମାଲିକ ନିମାଇଁ ପାଲ ଓ ତାଙ୍କ ପୁଅ ଆକାଶ ମଧ୍ୟ ଟାଙ୍କି ଭିତରେ ପଶିଥିଲେ। ଭିତରେ ଅମ୍ଳଜାନ ଅଭାବରୁ ଜଣଙ୍କ ପରେ ଜଣେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ବହୁ କଷ୍ଟରେ ପଙ୍କଜଙ୍କୁ ଉଦ୍ଧାର କରିବାରୁ ସେ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ଅଗ୍ନିଶମ ବାହିନର ଘଟଣାସ୍ଥଳରେ ପହଞ୍ଚି ଏକ ଜେସିବି ସାହାଯ୍ୟରେ ପାଇଖାନା ଟାଙ୍କିର ଛାତ ଭାଙ୍ଗି ମୃତକମାନଙ୍କୁ ଉଦ୍ଧାର କରିଥିଲେ।

ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ପ୍ରଭାତ ପରିଡ଼ାଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ନର୍ଲା ବ୍ଲକ୍ ଅଧକ୍ଷ ମୁନା ମହାନ୍ତି, ବିଡିଓ ଶରତ କୁମାର ସେଠୀ, ତହସିଲଦାର ମୀମାଂସା ସାହୁ, ମ. ରାମପୁର ପୁଲିସ କବିତା ବାଗ, ଅଭିମନ୍ୟୁ ରାଓ, ସତ୍ୟ ସାହୁ ପ୍ରମୁଖ ଉପସ୍ଥିତ ▶ପୃଷ୍ଠା-୭

# ବୁବୁନ ସାହୁ ଓସିଏସ୍ ଟପ୍ପର୍

## କୃତକାର୍ଯ୍ୟ ୨୦୦ଜଣଙ୍କ ମଧ୍ୟରୁ ୭୮ ମହିଳା

■ କଟକ, ୨୬।୫ (ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ସିଭିଲ ସର୍ଭିସେସ୍ (ଓସିଏସ) ମୁଖ୍ୟ ପରୀକ୍ଷା-୨୦୨୪ର ଚୂଡ଼ାନ୍ତ ଫଳ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ଅଧୀନରେ ଥିବା ବିଭିନ୍ନ ପ୍ରଶାସନିକ ପଦବୀରେ ନିଯୁକ୍ତି ପାଇଁ କୃତକାର୍ଯ୍ୟ ହୋଇଥିବା ମୋଟ ୨୦୦ଜଣ ପ୍ରାର୍ଥୀଙ୍କ ନାମ ସୁପାରିଶ କରିଛି ଓପିଏସ୍‌ସି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ମୋଟ ୭୮ଜଣ ମହିଳା ରହିଛନ୍ତି। ପ୍ରକାଶିତ ଚୂଡ଼ାନ୍ତ ମେଧା ତାଲିକା ଅନୁସାରେ ବୁବୁନ ସାହୁ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରି ଓଡ଼ିଶା ସିଭିଲ ସର୍ଭିସେସ୍ ପରୀକ୍ଷାରେ ଟପ୍ପର ହୋଇଛନ୍ତି। ସେହିପରି ଦ୍ୱିତୀୟ ସ୍ଥାନରେ ଶୋଭନା ମହାନ୍ତି, ତୃତୀୟ ସ୍ଥାନରେ ଜିତାମିତ୍ର ସାହୁ, ଚତୁର୍ଥ ସ୍ଥାନରେ କନକ ଜୈନ, ପଞ୍ଚମ ସ୍ଥାନରେ ସଂଗ୍ରାମ ପ୍ରଧାନ, ଷଷ୍ଠ ସ୍ଥାନରେ ଅମନ ଗୋଏଲ, ସପ୍ତମ ସ୍ଥାନରେ ଶାନ୍ତନୁ କୁମାର ଶତପଥୀ, ଅଷ୍ଟମ ସ୍ଥାନରେ ନିତିଶ କୁମାର ▶ପୃଷ୍ଠା-୭

# ଗାଁ ଦାଣ୍ଡରୁ ଟେକିନେଇ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ

■ଭୁବନେଶ୍ୱର, ୨୬।୫ (ସମିସ): ରାତି ତ ରାତି, ଦିନ ବା ସଞ୍ଜ ବି ଆଉ ସୁରକ୍ଷିତ ନୁହେଁ । ଖୋଦ ରାଜଧାନୀ ଉପାନ୍ତରେ ବି ଝିଅ ଓ ମହିଳାମାନେ ଘରୁ ବାହାରିବା ସୁରକ୍ଷିତ ମନେ କରାଯାଉ ନାହିଁ। ଦ୍ୱୈତନଗରୀ ପୁଲିସ କମିଶନରେଟ୍ ଅଧୀନରେ ଘଟିଥିବା ଏକ ବର୍ବର ଘଟଣା ରାଜ୍ୟରେ ପୁଲିସ ବ୍ୟବସ୍ଥା ଓ ଆଇନଶୃଙ୍ଖଳାକୁ ନେଇ ପ୍ରଶ୍ନ ଉଠାଇଛି। ସନ୍ଧ୍ୟାରେ ଘର ନିକଟରେ ଗାଁ ଦାଣ୍ଡରେ ଖେଳୁଥିବା ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କ ଦୁଷ୍କର୍ମ ଘଟଣା ପୁଲିସ ପ୍ରତି ଲୋକଙ୍କ ଭୟହୀନତାକୁ ପୁଣି ପ୍ରମାଣିତ କରିଛି। ଦୁର୍ବୃତ୍ତ ସମ୍ପୃକ୍ତ ଛାତ୍ରୀଙ୍କୁ ବଳପୂର୍ବକ ଉଠାଇ ନେଇ ଏକ ପରିତ୍ୟକ୍ତ ଘରେ ଭୟଙ୍କର ଯୌନ ଯାତନା ଦେଇଥିବା ଅଭିଯୋଗ ହୋଇଛି ।



ଅଭିଯୋଗ ଅନୁସାରେ ଚଳିତବର୍ଷ ଦଶମ ଶ୍ରେଣୀ ପାସ୍ କରିଥିବା ୧୬ ବର୍ଷୀୟା ସମ୍ପୃକ୍ତ ଛାତ୍ରୀ ନିଜ ପରିବାର ସହ ହରିପୁର ଗ୍ରାମରେ ରହୁଛନ୍ତି। ସନ୍ଧ୍ୟା ବେଳେ ଛାତ୍ରୀ ଜଣକ ଘର ନିକଟସ୍ଥ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ବାପି ମହାପାତ୍ର ପଛପଟୁ ଛାତ୍ରୀଙ୍କ ପାଟିକୁ କପଡ଼ାରେ ଚାପି ଧରି ଟେକି ନେଇ କିଛି ଦୂରରେ ଏକ ପରିତ୍ୟକ୍ତ ଘରକୁ ନେଇ ଯାଇଥିଲା। ଛାତ୍ରୀ ଜଣକ ଖସିଯିବାକୁ ଉଦ୍ୟମ କରି ଛାଟିପିଟି ହେଉଥିବା ବେଳେ ବାପି ତାଙ୍କୁ ପ୍ରବଳ ମାଡ଼ ମାରିବା ସହ ଦୁଷ୍କର୍ମ କରିଥିଲା। ମୁହଁ ବନ୍ଦ କରିଦେଇଥିବା ଯୋଗୁଁ ଛାତ୍ର ପାଟି କରିପାରୁ ନ ଥିଲେ, ମାତ୍ର ପୀଡ଼ିତା ଜୋରରେ ବିରୋଧ କରିବାରୁ ବାପି ତାଙ୍କର ସ୍ପର୍ଶକାତର ଅଙ୍ଗକୁ କାମୁଡ଼ି ବିଦାରି ଦେଇଥିଲା ଓ ତଣ୍ଟି ଚିପିଦେବାକୁ ଉଦ୍ୟମ କରିଥିଲା। ମାତ୍ର କୌଣସିପ୍ରକାର ପୀଡ଼ିତା ଦୁଷ୍କର୍ମକାରୀ ▶ପୃଷ୍ଠା-୭



# ଇଭି ନୀତି ଅସ୍ପଷ୍ଟ

## ସବ୍‌ସିଡି ନେଇ ଦ୍ୱନ୍ଦ୍ୱରେ ଗ୍ରାହକ

■ଭୁବନେଶ୍ୱର, ୨୬।୫ (ସମିସ): ସାରା ଦେଶରେ ତୈଳ ସଂକଟ ସାଙ୍ଗକୁ ଦର ବୃଦ୍ଧି ଗ୍ରାହକଙ୍କୁ ନାକେଦମ କରିଛି। ଏପରି ସ୍ଥିତିରେ ଇଭି ଗାଡ଼ି ବ୍ୟବହାରକୁ କିପରି ବୃଦ୍ଧି କରାଯାଇପାରିବ ସେନେଇ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଜୋର ଦେଉଛନ୍ତି। ହେଲେ

## ଚିଠା ବିଜ୍ଞପ୍ତିର ୮ ମାସ ପରେ ବି ଆସିପାରୁନି ଚୂଡ଼ାନ୍ତ ନୀତି

## ଜୁନରେ ବର୍ଦ୍ଧିତ ଅବଧି ଶେଷ ପୂର୍ବରୁ ଆସିବ ତ ନୂଆ ନୀତି?

ଓଡ଼ିଶାରେ ଇଭି ଗାଡ଼ିକୁ ପ୍ରୋତ୍ସାହନ ଓ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ତତ୍କାଳୀନ ବିଜେଡି ସରକାର ୨୦୨୧ ମସିହାରେ ପ୍ରଥମ ଥର ଇଭି-ନୀତି ଆଣିଥିଲେ। ଇଭି ଗାଡ଼ିକୁ ଆପଣାଇବା ପାଇଁ ପ୍ରାରମ୍ଭିକ ଭାବେ ପ୍ରୋତ୍ସାହନ ବ୍ୟବସ୍ଥା ରଖାଯାଇଥିଲା। ଏହି ନୀତିର ଅବଧି ଗତ ଡିସେମ୍ବର ୨୦୨୫ରେ ଶେଷ ହୋଇଛି। ହେଲେ ଇତିମଧ୍ୟରେ ରାଜ୍ୟ ସରକାର ଏହାର ନବୀକରଣ ବା ନୂଆ ନୀତି ପ୍ରଣୟନ କରିନାହାନ୍ତି । ପୂର୍ବ ଇଭି-ନୀତିର ଅବଧି ଶେଷ ହେବା ପୂର୍ବରୁ ଗତ ୨୦୨୫ ସେପ୍ଟେମ୍ବର ୯ ତାରିଖରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏକ ୫ ବର୍ଷିଆ ଇଭି ନୀତିର ଚିଠା ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ୮ ମାସ ବିତିଯିବା ପରେ ବି ଏହାର ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରିବାରେ ବିଭାଗ ସମ୍ପୂର୍ଣ୍ଣ ଫେଲ୍ ମାରିଛି।

୨୦୨୫ ଡିସେମ୍ବରରେ ପୁରୁଣା ଇଭି ନୀତିର ଅବଧି ଶେଷ ହେବା ପରେ ସରକାର ଇତି ମଧ୍ୟରେ ୨ ଥର ଏହି ନୀତିର ଅବଧିକୁ ବୃଦ୍ଧି କରିଛନ୍ତି। ଶେଷ ନିର୍ଦ୍ଦେଶନାମା ଆଧାରରେ ଏହି ନୀତିକୁ ଜୁନ୍ ମାସ ଶେଷ ପର୍ଯ୍ୟନ୍ତ ବଳବତ୍ତର ରଖାଯାଇଛି। ହେଲେ ପୁରୁଣା ନୀତି ଓ ସରକାରଙ୍କ ପକ୍ଷରୁ ପ୍ରକାଶ ଚିଠା ବିଜ୍ଞପ୍ତି ନୀତିରେ କିଛି ନୂତନ ନିଷ୍ପତ୍ତି ଯୋଗୁଁ ଏହା ଆହୁରି ଗୋଳମାଳିଆ ସ୍ଥିତି ସୃଷ୍ଟି କରିଛି। କାରଣ ପୂର୍ବ ନୀତିରେ ୨ ଚକିଆ ଇଭି ଗାଡ଼ି ପାଇଁ ସର୍ବାଧିକ ୨୦ ହଜାର ଟଙ୍କା ସବସିଡି ବ୍ୟବସ୍ଥା ଥିବା ବେଳେ ନୂତନ ପ୍ରକାଶିତ ଚିଠା ବିଜ୍ଞପ୍ତିରେ ସର୍ବାଧିକ ୩୦ ହଜାର ଟଙ୍କା ମିଳିବ ବୋଲି କୁହାଯାଇଥିଲା। ଏହା ବ୍ୟତୀତ ରାଜ୍ୟ ଜିଏସ୍‌ଟି ଭାଗ ମଧ୍ୟ ଶୂନ ପ୍ରତିଶତ ରହିବ ବୋଲି ଏଥିରେ ଦର୍ଶାଯାଇଥିଲା। ମାତ୍ର ▶ପୃଷ୍ଠା-୭




ଦେଶ ବିଦେଶ
ସକାଳ THE SAKALA
www.sakalaepaper.com

## ଆମେରିକାରେ ଗୁଜରାଟୀ ମହିଳାଙ୍କୁ ଗୁଳି କରି ହତ୍ୟା

ମେହସାନା, ୨୬।୫(ଏଜେନ୍ସି): ଆମେରିକାର ଭର୍ଜିନିଆ ସହରର ଏକ ଦୋକାନରେ ଲୁଟ୍‌ପାଟ୍ କରିବା ଉଦ୍ଦେଶ୍ୟରେ ଜଣେ ମାସ୍କପିନ୍ଧା ଦୁର୍ବୃତ୍ତ ସେଠାରେ କାର୍ଯ୍ୟରତ ଗୁଜରାଟୀ ବଂଶୋଦ୍ଭବ ମହିଳା ମେଘନା ପଟେଲ (୪୭)ଙ୍କୁ ଗୁଳି କରି ହତ୍ୟା କରିଛି। ଗତ ସୋମବାର ସକାଳେ ମେଘନା ଦୋକାନ ଖୋଲିଥିବା ବେଳେ ଏହି ସଶସ୍ତ୍ର ଆକ୍ରମଣ ହୋଇଥିଲା ଏବଂ ଦୁର୍ବୃତ୍ତ ଜଣକ କାଉଣ୍ଟରରୁ ନଗଦ ଟଙ୍କା ଲୁଟି ଫେରାର ହୋଇଯାଇଛି। ଗୁଳିଶବ୍ଦ ଶୁଣି ସ୍ଥାନୀୟ ଲୋକେ ତୁରନ୍ତ ଦୋକାନ ଆଡ଼କୁ ଦୌଡ଼ିଥିଲେ ଏବଂ ଜରୁରୀକାଳୀନ ସେବାକୁ ସୂଚନା ଦେଇଥିଲେ। ମାତ୍ର ଚିକିତ୍ସା ସହାୟତା ପହଞ୍ଚିବା ପୂର୍ବରୁ ହିଁ ଘଟଣାସ୍ଥଳରେ ମେଘନାଙ୍କ ମୃତ୍ୟୁ ହୋଇସାରିଥିଲା। ଏହି ସମ୍ପୂର୍ଣ୍ଣ ଘଟଣା ସେହି ଦୋକାନର ସିସିଟିଭି କ୍ୟାମେରାରେ କଏଦ ହୋଇଛି, ଯେଉଁଥିରେ ଅଭିଯୁକ୍ତ ଜଣକ ଟ୍ରାକସୁଟ୍, ମାସ୍କ ଓ ଟୋପି ପିନ୍ଧି ନିଜର ପରିଚୟ ଲୁଚାଇ ମେଘନାଙ୍କ ଉପରକୁ ପ୍ରାୟ ୨ରୁ ୩ ରାଉଣ୍ଡ ଗୁଳି ଚଳାଉଥିବା ଦେଖାଯାଇଛି। ମେଘନା ପଟେଲ ମୂଳତଃ ଗୁଜରାଟର ମେହସାନା ଜିଲ୍ଲା ଜାନ୍ତ୍ରାଲ ଗ୍ରାମର ବାସିନ୍ଦା ଥିଲେ। ସେ ନିଜ ପରିବାର ସହ ଗତ ୧୦ ବର୍ଷ ଧରି ଭର୍ଜିନିଆରେ ରହୁଥିଲେ ଏବଂ ପ୍ରାୟ ୮ ବର୍ଷ ହେବ ଏହି ଦୋକାନରେ କାମ କରୁଥିଲେ। ତାଙ୍କର ବୃଦ୍ଧ ପିତାମାତା ଏବେ ମଧ୍ୟ ଗୁଜରାଟର ନିଜ ଗ୍ରାମରେ ରହୁଛନ୍ତି।

## ଇସ୍ରାଏଲ ପାଇଁ ଗୁଇନ୍ଦାଗିରି, ଇରାନରେ ଯୁବକଙ୍କୁ ଫାଶୀ

ତେହରାନ, ୨୬।୫(ଏଜେନ୍ସି): ଇସ୍ରାଏଲର ଗୋଇନ୍ଦା ସଂସ୍ଥା 'ମୋସାଦ' ପାଇଁ ଗୁଇନ୍ଦାଗିରି କରିବା ଏବଂ ସହଯୋଗ କରିବା ଅଭିଯୋଗରେ ଇରାନ ସରକାର ଗୁଲାମରେଜା ଖାନି ଶାକରାବ ନାମକ ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ଫାଶୀ ଦେଇଛନ୍ତି। ଇରାନ ନ୍ୟାୟପାଳିକାର ସରକାରୀ ୱେବସାଇଟ୍ 'ମିଜାନ୍ ଅନଲାଇନ୍' ଏହି ସୂଚନା ପ୍ରଦାନ କରିବା ସହ ସର୍ବୋଚ୍ଚ ନ୍ୟାୟାଳୟ ଏହି ଦଣ୍ଡାଦେଶକୁ କାଏମ ରଖିଥିବା ଜଣାଇଛି। ସୂଚନା ଅନୁଯାୟୀ, ଗୁଲାମରେଜା ବିଦେଶରେ ମୋସାଦର ଜଣେ ପ୍ରମୁଖ ଅପରେସନାଲ ଲିଡର ଭାବେ କାର୍ଯ୍ୟ କରୁଥିଲେ ଏବଂ ଇରାନ ଭିତରେ ଦେଶବିରୋଧୀ କାର୍ଯ୍ୟ ପାଇଁ ଲୋକଙ୍କୁ ନିଯୁକ୍ତ କରୁଥିଲେ। ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର ଗୋଇନ୍ଦା ସଂସ୍ଥା ଏକ ଗୁପ୍ତ ଅପରେସନ ଏବଂ ରଣନୀତି ମାଧ୍ୟମରେ ତାଙ୍କୁ ଇରାନ ମଧ୍ୟକୁ ଆଣି ଗିରଫ କରିଥିଲା। ଗତ ଫେବୃଆରୀ ମାସରୁ ଇସ୍ରାଏଲ ଏବଂ ଆମେରିକା ସହ ଯୁଦ୍ଧ ଆରମ୍ଭ ହେବା ପରେ ଇରାନରେ ଗୁପ୍ତଚରଗିରି ଓ ସୁରକ୍ଷା ସମ୍ବନ୍ଧୀୟ ମାମଲାରେ ଫାଶୀ ଦଣ୍ଡାଦେଶ ବହୁ ପରିମାଣରେ ବୃଦ୍ଧି ପାଇଛି।

## ଜୁବିନ୍ ଗର୍ଗ ମୃତ୍ୟୁ ମାମଲା, ୪ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ୍

ନୂଆଦିଲ୍ଲୀ, ୨୬।୫(ଏଜେନ୍ସି): ବହୁ ଚର୍ଚ୍ଚିତ ସଙ୍ଗୀତଜ୍ଞ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ମାମଲାରେ ସୋମବାର ଏକ ଫାଷ୍ଟ-ଟ୍ରାକ୍ କୋର୍ଟ ଚାର୍ଜସିଟ୍‌ରେ ନାମିତ ସମସ୍ତ ସାତ ଜଣ ଅଭିଯୁକ୍ତଙ୍କ ବିରୋଧରେ ଆନୁଷ୍ଠାନିକ ଭାବେ ଅଭିଯୋଗ ଫ୍ରେମ୍ କରିଛନ୍ତି। ଏଥିମଧ୍ୟରୁ ୪ ଜଣଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଅନ୍ତର୍ଗତ ହତ୍ୟା ମାମଲା ରୁଜୁ ହୋଇଛି। ବିଚାରପତି ଶର୍ମିଳା ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୁଣାଣିରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଶେଷ ସରକାରୀ ଓକିଲ ଜିଆଉଲ୍ କମରଙ୍କ ସୂଚନା ଅନୁଯାୟୀ, ଜୁବିନ୍‌ଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମା, ବ୍ୟାଣ୍ଡ ସଦସ୍ୟ ଶେଖର ଜ୍ୟୋତି ଗୋସ୍ୱାମୀ, ସହ-ଗାୟିକା ଅମୃତପ୍ରଭା ମହନ୍ତ ଏବଂ ଶ୍ୟାମକାନୁ ମହନ୍ତଙ୍କ ବିରୋଧରେ ବିଏନଏସର ଧାରା ୧୦୩ (ହତ୍ୟା), ୩ (ସାଧାରଣ ଉଦ୍ଦେଶ୍ୟ) ଏବଂ ୬୧ (ଅପରାଧିକ ଷଡ଼ଯନ୍ତ୍ର) ଅଧୀନରେ ଆରୋପ ପ୍ରସ୍ତୁତ କରାଯାଇଛି। ଏହା ବ୍ୟତୀତ ସେମାନଙ୍କ ଉପରେ ଜାଲିଆତି, ବିଶ୍ୱାସଭଙ୍ଗ ଏବଂ ପ୍ରମାଣ ନଷ୍ଟ କରିବା ଭଳି ଅନ୍ୟାନ୍ୟ ଗୁରୁତର ଧାରା ମଧ୍ୟ ଲଗାଯାଇଛି। ଅନ୍ୟ ତିନି ଅଭିଯୁକ୍ତଙ୍କ ମଧ୍ୟରୁ ଜୁବିନ୍‌ଙ୍କ ସମ୍ପର୍କୀୟ ଭାଇ ସନ୍ଦୀପନ ଗାର୍ଗଙ୍କ ବିରୋଧରେ ଧାରା ୧୦୫ (ହତ୍ୟା ନୁହେଁ କିନ୍ତୁ ମନୁଷ୍ୟ ମାରିବା ଅପରାଧ) ଏବଂ ଦୁଇ ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଅଣାଯାଇଛି। ପ୍ରତିପକ୍ଷର ଜାମିନ ଆବେଦନକୁ ସରକାରୀ ଓକିଲ ବିରୋଧ କରିଥିବା ବେଳେ କୋର୍ଟ ଏହି ଆଦେଶକୁ ସଂରକ୍ଷିତ ରଖି ଆସନ୍ତା ମଇ ୨୯ ରେ ଜାମିନ ଉପରେ ରାୟ ଶୁଣାଇବେ।

## ଉତ୍ତର ପ୍ରଦେଶରେ ଓଲଟିଲା ଡବଲ ଡେକର ବସ୍, ୭ ମୃତ

ଉନ୍ନାଓ, ୨୬।୫(ଏଜେନ୍ସି): ଉତ୍ତରପ୍ରଦେଶର ଉନ୍ନାଓ ନିକଟସ୍ଥ ଲକ୍ଷ୍ନୌ-ଆଗ୍ରା ଏକ୍ସପ୍ରେସୱେରେ ମଙ୍ଗଳବାର ସକାଳେ ଏକ ଦୁଇ ମହଲା (ଡବଲ୍-ଡେକର୍) ଏସି ବସ୍ ନିୟନ୍ତ୍ରଣ ହରାଇ ଡିଭାଇଡର ସହ ପିଟି ହୋଇ ଓଲଟି ପଡ଼ିଛି। ଚାଳକ ଜଣକ ଗାଡ଼ି ଚଳାଇବା ସମୟରେ ଶୋଇପଡ଼ିବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଦିଲ୍ଲୀରୁ ବିହାର ଯାଉଥିବା ଏହି ବସ୍‌ରେ ପ୍ରାୟ ୩୬ ଜଣ ଯାତ୍ରୀ ଥିଲେ। ଏହି ଭୟାବହ ଦୁର୍ଘଟଣାରେ ବିହାର ପୋଲିସର ଜଣେ ସବ୍-ଇନ୍ସପେକ୍ଟର ରାମଚନ୍ଦ୍ର ରାମ ଏବଂ କୋର୍ଟ ଶୁଣାଣି ସାରି ଫେରୁଥିବା ଜଣେ କଏଦୀ ଛତ୍ରପାଲ ସିଂଙ୍କ ସମେତ ମୋଟ ୭ ଜଣଙ୍କର ମୃତ୍ୟୁ ହୋଇଛି। ଏହା ସହିତ ୩ ଜଣ ପୋଲିସ କର୍ମଚାରୀଙ୍କ ସହ ପ୍ରାୟ ୨୫ରୁ ଅଧିକ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ତୁରନ୍ତ ସ୍ଥାନୀୟ ଚିକିତ୍ସାଳୟ ଓ ପରେ ଲକ୍ଷ୍ନୌ ଟ୍ରମା ସେଣ୍ଟରକୁ ସ୍ଥାନାନ୍ତର କରାଯାଇଛି।




## ଭାରତରେ ଚାଲିବ ହାଇଡ୍ରୋଜେନ୍ ଟ୍ରେନ୍

ନୂଆଦିଲ୍ଲୀ, ୨୬।୫(ଏଜେନ୍ସି): ଭାରତୀୟ ରେଳବାଇ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହେବାକୁ ଯାଉଛି। ଦେଶର ପ୍ରଥମ ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍‌କୁ ରେଳବାଇ ବୋର୍ଡ ଆନୁଷ୍ଠାନିକ ଭାବେ ମଞ୍ଜୁରି ପ୍ରଦାନ କରିଛି। ଗତ ମଇ ୨୨, ୨୦୨୬ରେ ଜାରି କରାଯାଇଥିବା ଏକ ପତ୍ର ମାଧ୍ୟମରେ ରେଳବାଇ ବୋର୍ଡ ୧୦ଟି ବଗି ବିଶିଷ୍ଟ ଏହି ହାଇଡ୍ରୋଜେନ୍ ଟ୍ରେନ୍ ଚଳାଚଳ ପାଇଁ ଆରଡିଏସଓ ଏବଂ ଉତ୍ତର ରେଳବାଇକୁ ନିଜର ସ୍ୱୀକୃତି ଜଣାଇଛି। ଏହି ସୁପର-ଗ୍ରୀନ୍ ଏବଂ ପରିବେଶ ଅନୁକୂଳ ଟ୍ରେନ୍ ପ୍ରଥମ ପର୍ଯ୍ୟାୟରେ ହରିୟାଣାର ଜିନ୍ଦ ଏବଂ ସୋନିପତ ସେକ୍ସନ ମଧ୍ୟରେ ଚାଲିବ। ୧୨୦୦ କିଲୋୱାଟ୍ ବିଶିଷ୍ଟ ଏହି ହାଇଡ୍ରୋଜେନ୍ ଫୁଏଲ୍ ସେଲ୍ଫ ଆଧାରିତ ଟ୍ରେନ୍ ସର୍ବାଧିକ ୭୫ କିଲୋମିଟର ପ୍ରତି ଘଣ୍ଟା ବେଗରେ ଗତି କରିପାରିବ। ଭାରତରେ ପ୍ରଦୂଷଣମୁକ୍ତ ଏବଂ ସବୁଜ ଇନ୍ଧନ ଆଧାରିତ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଦିଗରେ ଏହି ପ୍ରକଳ୍ପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

## ବନ୍ଦ ହେବ ଏମ୍-ଆଧାର; ଆସିଲା ନୂଆ ଆଧାର ଆପ୍

ନୂଆଦିଲ୍ଲୀ, ୨୬।୫(ଏଜେନ୍ସି): ସରକାରଙ୍କ ପକ୍ଷରୁ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ପାଇଁ ଏକ ବଡ଼ ଖବର ପ୍ରକାଶ ପାଇଛି। ପୁରୁଣା 'ଏମ୍-ଆଧାର' ଆପ୍‌କୁ ଖୁବ୍ ଶୀଘ୍ର ବନ୍ଦ କରିଦିଆଯିବ। ଏହା ବଦଳରେ ଭାରତୀୟ ସ୍ୱତନ୍ତ୍ର ଚିହ୍ନଟ ପ୍ରାଧିକରଣ ପକ୍ଷରୁ ଅଧିକ ସୁରକ୍ଷିତ ଏବଂ ଆଧୁନିକ ସୁବିଧା ବିଶିଷ୍ଟ ଏକ ନୂଆ 'ଆଧାର' ଆପ୍ ଲଞ୍ଚ କରାଯାଇଛି। ସରକାର ସମସ୍ତ ନାଗରିକଙ୍କୁ ପୁରୁଣା ଆପ୍ ବଦଳରେ ଏହି ନୂଆ ଆପ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ପୁରୁଣା ଆପ୍‌ରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସିଧାସଳଖ ଦେଖାଯାଉଥିବା ବେଳେ ନୂଆ ଆପ୍‌ରେ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରାଯାଇଛି। ହୋଟେଲ, ଡାକ୍ତରଖାନା କିମ୍ବା ସରକାରୀ କାର୍ଯ୍ୟାଳୟରେ ଯାଞ୍ଚ ସମୟରେ ଏବେ ସମ୍ପୂର୍ଣ୍ଣ ଆଧାର ତଥ୍ୟ ଦେଖାଇବାକୁ ପଡ଼ିବ ନାହିଁ। ବ୍ୟବହାରକାରୀ କେବଳ ଆବଶ୍ୟକୀୟ ସୂଚନାକୁ ଏକ ସୁରକ୍ଷିତ କ୍ୟୁଆର୍ କୋଡ୍ ମାଧ୍ୟମରେ ସେୟାର୍ କରିପାରିବେ। ପୂର୍ବରୁ କେବଳ ଓଟିପି ଉପରେ ନିର୍ଭର କରିବାକୁ ପଡୁଥିବା ବେଳେ ଏବେ ସୁରକ୍ଷା ପାଇଁ ଏଥିରେ ଓଟିପି ସହିତ ମୁଖ ଚିହ୍ନଟ (ଫେସ୍ ଅଥେଣ୍ଟିକେସନ୍) ଏବଂ କ୍ୟୁଆର୍ ଯାଞ୍ଚର ଅତିରିକ୍ତ ସ୍ତର ଯୋଡ଼ାଯାଇଛି। ଗ୍ରାହକମାନେ ନିଜର ଆଙ୍ଗୁଠି ଚିହ୍ନ, ମୁଖ ଏବଂ ଆଖିର ସ୍କାନ୍ ତଥ୍ୟକୁ ନିଜ ଆପ୍ ମାଧ୍ୟମରେ ଲକ୍ କିମ୍ବା ଅନ୍‌ଲକ୍ କରିପାରିବେ। ଏହାଦ୍ୱାରା ଅନ୍ୟ କେହି ଏହାର ଅପବ୍ୟବହାର କରିପାରିବେ ନାହିଁ। ଏହି ପରିବର୍ତ୍ତନ ସହିତ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ପାଇଁ ମାଗଣା ଆଧାର ଦଲିଲ ଅପଡେଟ୍ ସେବାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ସେବା ୨୦୨ ଜୁନ୍ ୧୫ ପର୍ଯ୍ୟନ୍ତ ମାଗଣା ଥିବା ବେଳେ ଏବେ ଏହାକୁ ୨୦୨୭ ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ବଢ଼ାଇ




ଦିଆଯାଇଛି। ଗ୍ରାହକମାନେ ମାଇଁ-ଆଧାର ପୋର୍ଟାଲ୍‌କୁ ଯାଇ ନିଜର ପରିଚୟ ଏବଂ ଠିକଣା ପତ୍ର ମାଗଣାରେ ଅପଡେଟ୍ କରିପାରିବେ।

## ମାର୍କୋ ରୁବିଓଙ୍କ ତାଜମହଲ ଗସ୍ତକୁ ଇରାନର କଟାକ୍ଷ

ନୂଆଦିଲ୍ଲୀ, ୨୬।୫(ଏଜେନ୍ସି): ଭାରତ ଗସ୍ତରେ ଥିବା ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ନିଜ ପତ୍ନୀଙ୍କ ସହ ଆଗ୍ରାର ଐତିହାସିକ ତାଜମହଲ ପରିଦର୍ଶନ କରି ଏକ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ତିକ୍ତତା ମଧ୍ୟରେ ଏହି ଫଟୋକୁ ନେଇ ହାଇଦରାବାଦ୍ ସ୍ଥିତ ଇରାନର ଦୂତାବାସ ଆମେରିକାକୁ ତୀବ୍ର କଟାକ୍ଷ କରିଛି। ଇରାନ କହିଛି ଯେ, ଯଦି ରୁବିଓ ତାଜମହଲର ଇତିହାସ ଏବଂ ସ୍ଥାପତ୍ୟ କଳା ବିଷୟରେ ଜାଣିଥାନ୍ତେ, ତେବେ ସେ କଦାପି ଏଠାରେ ଫଟୋ ଉଠାଇ ନଥାନ୍ତେ। ଦୂତାବାସ ପକ୍ଷରୁ କୁହାଯାଇଛି ଯେ, ମୋଗଲ ସମ୍ରାଟ ଶାହଜାହାନ ନିଜର ପ୍ରିୟ ଇରାନୀ ବଂଶୋଦ୍ଭବ ପତ୍ନୀ ମୁମତାଜ ମହଲଙ୍କ ସ୍ମୃତିରେ ଏହି ସ୍ମାରକୀ ନିର୍ମାଣ କରିଥିଲେ, ଯାହାକୁ ଇରାନର ଦକ୍ଷ ସ୍ଥପତିମାନେ ଗଢ଼ିଥିଲେ। ଅପରପକ୍ଷେ, ଆମେରିକା ସରକାର ଇରାନର ସଭ୍ୟତାକୁ ସମାପ୍ତ କରିବାକୁ ଧମକ ଦେଉଛନ୍ତି।



## ଶାନ୍ତି ରାଜିନାମାରେ କେଁ ପୂରାଇଲେ ଟ୍ରମ୍ପ

- ଆବ୍ରାହାମ ଆକର୍ଡ୍ସରେ ସାମିଲ ହୁଅ, ଇସ୍ରାଏଲକୁ ମାନ୍ୟତା ଦିଅ
- ଆରବ ଦେଶ, ପାକିସ୍ତାନକୁ ଅଡୁଆରେ ପକାଇଲେ ଟ୍ରମ୍ପ
- ଆକର୍ଡ୍ସରେ ସାମିଲ ହେବାକୁ ମନାକଲା ପାକିସ୍ତାନ

ନୂଆଦିଲ୍ଲୀ, ୨୬।୫ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ବଡ଼ ଦାବିକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଛି ପାକିସ୍ତାନ। ଇରାନ ସହିତ ଶାନ୍ତି ଚୁକ୍ତି ବଦଳରେ ପାକିସ୍ତାନ 'ଆବ୍ରାହାମ ଆକର୍ଡ୍ସ'ରେ ସାମିଲ ହେଉ ଏବଂ ଇସ୍ରାଏଲକୁ ଏକ ସାର୍ବଭୌମ ରାଷ୍ଟ୍ର ଭାବେ ମାନ୍ୟତା ଦେଉ ବୋଲି ଟ୍ରମ୍ପ ଦାବି କରିଥିଲେ। ମାତ୍ର ପାକିସ୍ତାନ ନିଜର ମୂଳ ଆଦର୍ଶ ସହ କୌଣସି ବୁଝାମଣା କରିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛି। ଆମେରିକା ରାଷ୍ଟ୍ରପତିଙ୍କ ଏହି ପ୍ରସ୍ତାବ ପାକିସ୍ତାନକୁ ଏକ ବଡ଼ କୂଟନୈତିକ ଧର୍ମସଙ୍କଟରେ ପକାଇଥିଲା। ଗୋଟିଏ ପଟେ ଟ୍ରମ୍ପଙ୍କ ଭଳି ଜଣେ ଶକ୍ତିଶାଳୀ ନେତାଙ୍କୁ ଅମାନ୍ୟ କରିବାର ବିପଦ ଏବଂ ଅନ୍ୟପଟେ ନିଜର ପାରମ୍ପରିକ ଶତ୍ରୁ ଇସ୍ରାଏଲକୁ ସ୍ୱୀକାର କରିବାର ଚାପ। ପାକିସ୍ତାନ ଏହି ମାମଲାରେ ଆମେରିକାର ଚାପ ଆଗରେ ମୁଣ୍ଡ ନଇଁବାକୁ ମନା କରିଦେଇଛି। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏକ ସାକ୍ଷାତକାରରେ କହିଛନ୍ତି ଯେ, 'ଆମେ ଏଭଳି କୌଣସି ଚୁକ୍ତିରେ ସାମିଲ ହେବା ଉଚିତ ନୁହେଁ, ଯାହା ଆମର ମୂଳ ଆଦର୍ଶ ବିରୋଧୀ। ଯେଉଁମାନଙ୍କ କଥାର କୌଣସି ସ୍ଥିରତା ନାହିଁ, ସେମାନଙ୍କ ସହ ଆମେ କେମିତି ଆଲୋଚନାରେ ବସିବୁ? ସେ ଆହୁରି ମଧ୍ୟ କହିଛନ୍ତି ଯେ ପାକିସ୍ତାନର ପାସପୋର୍ଟ ନୀତି ଏହାର ଆଭିମୁଖ୍ୟକୁ ସ୍ପଷ୍ଟ କରେ। ବିଶ୍ୱରେ ପାକିସ୍ତାନ ହେଉଛି ଏକମାତ୍ର ଦେଶ, ଯାହାର ପାସପୋର୍ଟରେ 'ଇସ୍ରାଏଲ୍ ଗସ୍ତ ପାଇଁ ଏହା ବୈଧ ନୁହେଁ' ବୋଲି ଉଲ୍ଲେଖ ରହିଛି। ପାକିସ୍ତାନ ନିଜର ୭୮ ବର୍ଷର ଇତିହାସରେ କେବେ ମଧ୍ୟ ଇସ୍ରାଏଲକୁ ମାନ୍ୟତା ଦେଇନାହିଁ। ଉଲ୍ଲେଖଥାଉ କି, ଆମେରିକା ମଧ୍ୟସ୍ଥତାରେ ୨୦୨୦ ମସିହାରେ 'ଆବ୍ରାହାମ ଆକର୍ଡ୍ସ' ଆରମ୍ଭ ହୋଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା ଇସ୍ରାଏଲ ଏବଂ ମୁସଲିମ ବହୁଳ ଆରବ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କ ସ୍ୱାଭାବିକ କରିବା। ପ୍ରଥମ ପର୍ଯ୍ୟାୟରେ ୟୁଏଇ ଏବଂ ବାହାରିନ୍ ଏଥିରେ ସାମିଲ ହୋଇଥିବା ବେଳେ ପରେ ମରୋକ୍କୋ, ସୁଦାନ ଏବଂ କାଜାଖସ୍ତାନ ଏଥିରେ ଯୋଗ ଦେଇଥିଲେ। ଚଳିତ ସପ୍ତାହରେ ଟ୍ରମ୍ପ ସାଉଦି ଆରବ, କତାର, ତୁର୍କୀ ଏବଂ ପାକିସ୍ତାନ ଭଳି ପ୍ରମୁଖ ମୁସଲିମ ରାଷ୍ଟ୍ରଗୁଡ଼ିକୁ ଏହି ଚୁକ୍ତିରେ ସାମିଲ ହେବାକୁ ବାଧ୍ୟତାମୂଳକ ଅନୁରୋଧ କରିଛନ୍ତି ଏବଂ ଏହାକୁ ଇରାନ ବିବାଦର ସମାଧାନ ସହ ଯୋଡ଼ିଛନ୍ତି। ପାକିସ୍ତାନ ପାଇଁ ଏହି ନିଷ୍ପତ୍ତି ନିଆଁ ସହ ଖେଳିବା ସଦୃଶ। ଟ୍ରମ୍ପଙ୍କ ପ୍ରସ୍ତାବକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରି ପାକିସ୍ତାନ ନିଜର ପୁରୁଣା କୂଟନୀତିରେ ଅଟଳ ରହିଛି। ଚଳିତ ବର୍ଷ ଜାନୁଆରୀରେ ଜି-୭ ଗାଜା ବୋର୍ଡ ଅଫ୍ ପିସରେ ସାମିଲ ହେବା ସମୟରେ ମଧ୍ୟ ପାକିସ୍ତାନ ଏହାକୁ ଆବ୍ରାହାମ ଆକର୍ଡ୍ସଠାରୁ ଦୂରେଇ ରଖିଥିଲା। ବର୍ତ୍ତମାନ ପାକିସ୍ତାନର ଏହି ଅବାଧ୍ୟତା ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିଭଳି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି, ତାହା ଉପରେ ସମଗ୍ର ବିଶ୍ୱର ନଜର ରହିଛି।

## ଆଲୋଚନା ବେଳେ ଆମେରିକାର ଆକ୍ରମଣ



ନୂଆଦିଲ୍ଲୀ, ୨୬।୫ (ଏଜେନ୍ସି): ଇରାନ ସହିତ ଚାଲିଥିବା ଅସ୍ଥାୟୀ ଜାତୀୟ ଅସ୍ତ୍ରବିରତି ମଧ୍ୟରେ ଆମେରିକା ସେନା ଦକ୍ଷିଣ ଇରାନ ଉପରେ ଏକ ବଡ଼ 'ଆତ୍ମରକ୍ଷାମୂଳକ' ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ନିକଟରେ ଇରାନୀୟ ସେନା ଦ୍ୱାରା ଖଞ୍ଜାଯାଉଥିବା ସମୁଦ୍ର ମାଇନ୍ ଏବଂ କ୍ଷେପଣାସ୍ତ୍ର ଘାଟିକୁ ଟାର୍ଗେଟ କରି ଆମେରିକା ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ) ଏହି ଏୟାର୍ ଷ୍ଟ୍ରାଇକ୍ କରିଛି। ହରମୁଜ ପ୍ରଣାଳୀରେ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର (ଆଇଆରଜିସି)ର ଦୁଇଟି ବୋଟ୍ ସମୁଦ୍ର ମାଇନ୍ ବିଛାଉଥିବା ବେଳେ ଆମେରିକା ସେନା ସେଗୁଡ଼ିକୁ ଚିହ୍ନଟ କରି ଧ୍ୱଂସ କରିଦେଇଛି। ବନ୍ଦର ଅବ୍ବାସ ଅଞ୍ଚଳରେ ଥିବା ଏକ ସରଫେସ୍-ଟୁ-ଏୟାର୍ ମିସାଇଲ୍ କେନ୍ଦ୍ର ଆମେରିକାର ଯୁଦ୍ଧବିମାନକୁ ଟାର୍ଗେଟ କରିବା ପରେ ଆମେରିକା ସେନା ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସେହି ଲଞ୍ଚରକୁ ସମ୍ପୂର୍ଣ୍ଣ ଭାବେ ଉଡ଼ାଇ ଦେଇଛି। ପେଣ୍ଟାଗନ୍ ସୂତ୍ର ଅନୁଯାୟୀ, ଏହି ଆକ୍ରମଣ ସୀମିତ ଥିଲା ଏବଂ ଏହାଦ୍ୱାରା ଇରାନ ସହ ଚାଲିଥିବା ଶାନ୍ତି ଆଲୋଚନା ବା ଅସ୍ତ୍ରବିରତି ଶେଷ ହୋଇନାହିଁ। ଏହି ସାମରିକ ତିକ୍ତତା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ବଡ଼ ବୟାନ ଦେଇଛନ୍ତି। ସେ ଇରାନର ସମସ୍ତ ସମୃଦ୍ଧ ୟୁରାନିୟମ୍‌କୁ 'ପରମାଣୁ ଧୂଳି' ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ, ଶାନ୍ତି ଚୁକ୍ତି ପାଇଁ ଇରାନକୁ ନିଜର ସମସ୍ତ ୟୁରାନିୟମ ନଷ୍ଟ କରିବାକୁ ହେବ କିମ୍ବା ଆନ୍ତର୍ଜାତୀୟ ନିରୀକ୍ଷଣରେ ଏହାକୁ ଆମେରିକା ହାତକୁ ହସ୍ତାନ୍ତର କରିବାକୁ ପଡ଼ିବ। ସେ ଏହି ଶାନ୍ତି ପ୍ରକ୍ରିୟାକୁ ଆବ୍ରାହାମ ଆକର୍ଡ୍ସ ସହ ଯୋଡ଼ିବାକୁ ମଧ୍ୟ ପ୍ରୟାସ କରୁଛନ୍ତି। ଏହି ସୀମିତ ଆକ୍ରମଣ ପରେ ବର୍ତ୍ତମାନ ପାଇଁ ପରିସ୍ଥିତି ଶାନ୍ତ ପଡ଼ିଛି। କତାରରେ ଚାଲିଥିବା ଶାନ୍ତି ଆଲୋଚନା ଜାରି ରହିଥିବା ବେଳେ ହର୍ମୁଜ ପ୍ରଣାଳୀରେ ନିଜର ପ୍ରଭାବ ବଳବତ୍ତର ରଖିବାକୁ ଆମେରିକା ଏହି ଚେତାବନୀପୂର୍ଣ୍ଣ ଆକ୍ରମଣ କରିଥିବା ସ୍ପଷ୍ଟ ଜଣାପଡୁଛି।

## ଏଚ୍-୧ବି ଭିସାଧାରୀ ଭାରତୀୟଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୨୬।୫(ଏଜେନ୍ସି): ଆମେରିକାରେ ଗ୍ରୀନ୍ କାର୍ଡ ଆବେଦନ ପ୍ରକ୍ରିୟାକୁ ନେଇ ସୃଷ୍ଟି ହୋଇଥିବା ଆଶଙ୍କା ମଧ୍ୟରେ ଏଚ୍-୧ବି ଭିସାଧାରୀ ହଜାର ହଜାର ଭାରତୀୟ ପେସାଦାରଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତିକର ଖବର ଆସିଛି। ଆମେରିକା ପ୍ରଶାସନର କଠୋର ଆଭିମୁଖ୍ୟ ପରେ ଟ୍ରମ୍ପ ସରକାରଙ୍କ ଇମିଗ୍ରେସନ ବିଭାଗ (ୟୁଏସ୍‌ସିଆଇଏସ୍) ଏକ ନୂତନ ସ୍ପଷ୍ଟୀକରଣ ଜାରି କରିଛି, ଯାହା ଭାରତୀୟ ଆଇଟି କର୍ମଚାରୀଙ୍କ ମନରୁ ଭୟ ଦୂର କରିଛି। ଆମେରିକା ସରକାର ପୂର୍ବରୁ 'ଆଡଜଷ୍ଟମେଣ୍ଟ ଅଫ୍ ଷ୍ଟାଟସ' ନିୟମକୁ କଠୋର କରିଥିଲେ। ଏହା ଅଧୀନରେ ଅସ୍ଥାୟୀ ଭିସାଧାରୀମାନଙ୍କୁ ଗ୍ରୀନ୍ କାର୍ଡ ଆବେଦନ ପାଇଁ ନିଜ ଦେଶକୁ ଫେରିବାକୁ କୁହାଯାଇଥିଲା। ଏହି ଘୋଷଣା ଯୋଗୁଁ ଆମେରିକାରେ ବସବାସ କରୁଥିବା ଲକ୍ଷ ଲକ୍ଷ ଭାରତୀୟ ପରିବାର ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସାମ୍ପ୍ରତିକ ସୂଚନା ଅନୁଯାୟୀ, ୟୁଏସ୍‌ସିଆଇଏସ୍'ର ମୁଖପାତ୍ର ଜାକ୍ କାହଲର୍ ସ୍ପଷ୍ଟ କରିଛନ୍ତି ଯେ ଯେଉଁ କର୍ମଚାରୀମାନଙ୍କ କାର୍ଯ୍ୟ ଆମେରିକାର ଅର୍ଥନୀତିକୁ ସମୃଦ୍ଧ କରୁଛି କିମ୍ବା ଜାତୀୟ ସ୍ୱାର୍ଥ ରକ୍ଷା କରୁଛି, ସେମାନଙ୍କୁ ଦେଶ ଛାଡ଼ିବାକୁ ପଡ଼ିବ ନାହିଁ। ସେମାନେ ଆମେରିକାରେ ରହି ନିଜର ଆବେଦନ ପ୍ରକ୍ରିୟା ଜାରି ରଖିପାରିବେ। ଆମେରିକାରେ ଏଚ୍-୧ବି ଭିସା ପାଉଥିବା ଲୋକଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ସର୍ବାଧିକ (୨୦୨୫ ଆର୍ଥିକ ବର୍ଷରେ ପ୍ରାୟ ୨.୮୩ ଲକ୍ଷ)। ଅନେକ ବର୍ଷ ଧରି ସେଠାରେ କ୍ୟାରିୟର ଓ ସଂସାର ଗଢ଼ିଥିବା ଭାରତୀୟଙ୍କ ପାଇଁ ଏହି ନିୟମ କୋହଳ ହେବା ନିଶ୍ଚିତ ଭାବେ ଏକ ସକାରାତ୍ମକ ସଙ୍କେତ। ଏହି ବିବାଦ ମଧ୍ୟରେ ପ୍ରସିଦ୍ଧ ଆଇଟି କମ୍ପାନୀ ଜୋହୋ'ର ମୁଖ୍ୟ ଶ୍ରୀଧର ଭେମ୍ବୁ ଭାରତୀୟମାନଙ୍କୁ ଆମେରିକା ନୀତି ଉପରେ ନିର୍ଭର ନକରି ନିଜ ଦେଶକୁ ଫେରିଆସିବାକୁ ଅନୁରୋଧ କରିଥିଲେ, ଯାହାକୁ ନେଇ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚା ହୋଇଥିଲା। ଯଦିଓ ଆମେରିକା ସରକାରଙ୍କ ଏହି ସ୍ପଷ୍ଟୀକରଣ ଭାରତୀୟ ଆଇଟି କର୍ମଚାରୀଙ୍କୁ ସାମୟିକ ଆଶ୍ୱସ୍ତି ଦେଇଛି, ତଥାପି 'ଅର୍ଥନୈତିକ ସୁବିଧା'ର ସଠିକ୍ ଗାଇଡଲାଇନକୁ ନେଇ କିଛିଟା ଅନିଶ୍ଚିତତା ରହିଛି। ବିଶେଷ କରି ମେଟା, ଆମାଜନ ଭଳି ବଡ଼ କମ୍ପାନୀଗୁଡ଼ିକରେ ଚାଲିଥିବା ଛଟେଇ ମଧ୍ୟରେ ଏହି ନୂତନ ନିର୍ଦ୍ଦେଶାବଳୀ ଯୋଗ୍ୟ ଭାରତୀୟ ବୃତ୍ତିଗତମାନଙ୍କୁ ନିଜ ଚାକିରି ଓ ବସବାସ ବଜାୟ ରଖିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି।

## ଏଣିକି କ୍ୟୁଆର କୋଡ୍ ଜରିଆରେ ମିଳିବ ଇଣ୍ଟରନେଟ୍ ସୁବିଧା

ନୂଆଦିଲ୍ଲୀ, ୨୬।୫(ଏଜେନ୍ସି): ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗ ପକ୍ଷରୁ ଦେଶରେ ସର୍ବସାଧାରଣ ସ୍ଥାନରେ ଇଣ୍ଟରନେଟ୍ ବ୍ୟବହାରକୁ ଅଧିକ ସହଜ, ଶୀଘ୍ର ଏବଂ ଶସ୍ତା କରିବା ପାଇଁ ଏକ ବଡ଼ ସୁଧାର କରାଯାଇଛି। 'ପ୍ରଧାନମନ୍ତ୍ରୀ ୱାଇ-ଫାଇ ଆକ୍‌ସେସ ନେଟୱର୍କ ଇଣ୍ଟରଫେସ' (ପିଏମ୍-ବାଣୀ) ଅଧୀନରେ ଏହି ନୂଆ ନିୟମାବଳୀ ଜାରି କରାଯାଇଛି। ଆସନ୍ତା ଜୁଲାଇ ୨୦୨୬ ସୁଦ୍ଧା ଏହି ସମସ୍ତ ନୂଆ ସୁବିଧା ଦେଶସାରା କାର୍ଯ୍ୟକାରୀ ହେବ। ଏଣିକି ଲାପଟପ୍ କିମ୍ବା ଅନ୍ୟାନ୍ୟ ଡିଭାଇସ୍‌ରେ ସରକାରୀ ପବ୍ଲିକ 'ୱାଇ-ଫାଇ' ସଂଯୋଗ କରିବା ପାଇଁ ଆଉ ଅଧିକ ସମୟ ନଷ୍ଟ ହେବନାହିଁ। ଉପଭୋକ୍ତାମାନେ ନିଜ ମୋବାଇଲ ଆପ୍ ସାହାଯ୍ୟରେ କେବଳ ଏକ କ୍ୟୁଆର କୋଡ୍ ସ୍କାନ କରି ଖୁବ୍ ଶୀଘ୍ର ଓ ସୁରକ୍ଷିତ ଭାବେ ଲାପଟପ୍‌ରେ ଇଣ୍ଟରନେଟ୍ ଚଲାଇପାରିବେ। ସାଧାରଣ ଲୋକ ଏବଂ ଗରିବ ଶ୍ରେଣୀର ଗ୍ରାହକଙ୍କୁ ଦୃଷ୍ଟିରେ ରଖି ଏବେ କମ୍ ସମୟ ପାଇଁ ଅତି ସ୍ୱଳ୍ପ ମୂଲ୍ୟର ୱାଇ-ଫାଇ ପ୍ଲାନ୍ ଉପଲବ୍ଧ କରାଯିବ। ଏହାଦ୍ୱାରା ଲୋକେ ନିଜ ଆବଶ୍ୟକତା ଅନୁଯାୟୀ ଖୁବ୍ କମ୍ ଟଙ୍କା ଖର୍ଚ୍ଚ କରି ଇଣ୍ଟରନେଟ୍‌ର ସୁବିଧା ପାଇପାରିବେ। ଦେଶର ଯେକୌଣସି ସ୍ଥାନରେ ଥିବା ପ୍ରଧାନମନ୍ତ୍ରୀ ୱାଇ-ଫାଇ କେନ୍ଦ୍ରକୁ ଲୋକେ ଯେପରି ସହଜରେ ଚିହ୍ନିପାରିବେ, ସେଥିପାଇଁ ସମସ୍ତ ହଟ୍‌ସ୍ପଟ୍ ଗୁଡ଼ିକର ବ୍ରାଣ୍ଡିଂ ଏବଂ ବୋର୍ଡକୁ ସମାନ ଶୈଳୀରେ ପ୍ରସ୍ତୁତ କରାଯିବ।

## ପର୍ଯ୍ୟଟନ ପାଇଁ ପ୍ରତି ୩ ମାସରେ ବାଧ୍ୟତାମୂଳକ ଛୁଟି

ପାଟନା, ୨୬।୫(ଏଜେନ୍ସି): ରାଜ୍ୟରେ ପର୍ଯ୍ୟଟନର ପ୍ରସାର ପାଇଁ ବିହାରର ସମ୍ରାଟ ଚୌଧୁରୀ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସାଧାରଣପ୍ରଶାସନବିଭାଗରଅତିରିକ୍ତମୁଖ୍ୟସଚିବବି. ରାଜେନ୍ଦ୍ରଙ୍କ ଦ୍ୱାରା ଜାରି ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ବିହାରରେ କାର୍ଯ୍ୟରତ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେମାନଙ୍କ ପରିବାର ସହ ପ୍ରତି ୩ ମାସରେ ଥରେ ବାଧ୍ୟତାମୂଳକ ଭାବେ ପର୍ଯ୍ୟଟନ ସ୍ଥଳୀ ଭ୍ରମଣରେ ଯିବାକୁ ପଡ଼ିବ। ଏହି ଭ୍ରମଣ ପ୍ରାୟତଃ ଶୁକ୍ରବାର ଓ ଶନିବାରକୁ ମିଶାଇ ଦୁଇ ଦିନ ଓ ଦୁଇ ରାତିର ହେବ ଏବଂ ଏହି ସମୟକୁ ସରକାରୀ ଡ୍ୟୁଟି ଭାବେ ଗଣନା କରାଯିବ। କର୍ମଚାରୀମାନଙ୍କୁ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ, ଇକୋ-ଟୁରିଜିମ୍ ଏବଂ ଗ୍ରାମୀଣ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଯିବାକୁ ହେବ। ବରିଷ୍ଠ ଅଧିକାରୀମାନେ ସେମାନଙ୍କ ନିଯୁକ୍ତି ଜିଲ୍ଲା ବାହାରେ ଥିବା ସ୍ଥାନକୁ ଯିବେ। ପ୍ରତି ଭ୍ରମଣରେ ଅତିକମରେ ୩ଟି ପର୍ଯ୍ୟଟନ ସ୍ଥଳ ବୁଲିବା ସହ ସେଠାରେ ରାତ୍ରିଯାପନ କରିବା ବାଧ୍ୟତାମୂଳକ।

## ବ୍ରେକଅପ୍ ପରେ ପ୍ରେମିକା ଘରକୁ କିରାସିନି ବୋମାମାଡ଼

କୋଏମ୍ବାଟୁର, ୨୬।୫(ଏଜେନ୍ସି): ତାମିଲନାଡୁର କୋଏମ୍ବାଟୁରରେ ଏକ ସାଂଘାତିକ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକ ନିଜର ପ୍ରେମିକା ସହ ବ୍ରେକଅପ୍ ହେବା ପରେ ଉତ୍କ୍ଷିପ୍ତ ହୋଇ ଯୁବତୀଙ୍କ ଘରକୁ କିରାସିନି ବୋମା ମାଡ଼ କରିଛନ୍ତି। ଏହି ଆକ୍ରମଣ ଯୋଗୁଁ ଘରର ବାରଣ୍ଡାରେ ନିଆଁ ଲାଗିଯାଇଥିଲା, ମାତ୍ର ସ୍ଥାନୀୟ ଲୋକଙ୍କ ତତ୍ପରତା ଯୋଗୁଁ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ଗତ ରବିବାର ଘଟିଥିବା ଏହି ଘଟଣାର ସିସିଟିଭି ଫୁଟେଜ୍ ଏବେ ସାମ୍ନାକୁ ଆସିଛି। ପୋଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତର ନାମ କାର୍ତ୍ତିକ ଓରଫ ମାରିୟାପ୍ପନ। କାର୍ତ୍ତିକଙ୍କ ସହ ଯୁବତୀ ଜଣଙ୍କର ବନ୍ଧୁତା ରହିଥିଲା। ମାତ୍ର ଯେତେବେଳେ ଯୁବତୀ ଜଣକ ଜାଣିବାକୁ ପାଇଲେ ଯେ କାର୍ତ୍ତିକଙ୍କ ନାଁରେ ହତ୍ୟା ଭଳି ପ୍ରାୟ୩୧ରୁ ଅଧିକ ଅପରାଧିକ ମାମଲା ରହିଛି, ସେ ସମ୍ପର୍କ ଭାଙ୍ଗିବା ସହ କଥାବାର୍ତ୍ତା ବନ୍ଦ କରିଦେଇଥିଲେ। ଏଥିରେ ରାଗିଯାଇ ଅଭିଯୁକ୍ତ ଯୁବକ ଜଣକ ଯୁବତୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଗତ ରବିବାର ସନ୍ଧ୍ୟାରେ କାର୍ତ୍ତିକ ତାଙ୍କର ତିନିଜଣ ସହଯୋଗୀଙ୍କ ସହ ବାଇକ୍‌ରେ ଆସି ଯୁବତୀଙ୍କ ଘର ଉପରକୁ ଦୁଇଟି କିରାସିନି ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ। ସେହି ସମୟରେ ଯୁବତୀଙ୍କ ବାପା ଘର ବାହାରେ ଛିଡ଼ା ହୋଇଥିବାରୁ ସେ ଅଭିଯୁକ୍ତଙ୍କୁ ବୋମା ଫିଙ୍ଗୁଥିବାର ଦେଖି ଚିତ୍କାର କରି ସ୍ଥାନୀୟ ଲୋକଙ୍କୁ ସାହାଯ୍ୟ ମାଗିଥିଲେ। ଲୋକମାନେ ତୁରନ୍ତ ପାଣି କାଢ଼ି ନିଆଁକୁ ଆୟତ୍ତ କରିବା ସହ ବାରଣ୍ଡାରେ ରଖାଯାଇଥିବା ସ୍କୁଟି ଓ ସାଇକେଲ୍‌କୁ ବାହାରକୁ ବାହାର କରିଦେଇଥିଲେ। ପୋଲିସ ଗତ ସୋମବାର ମୁଖ୍ୟ ଅଭିଯୁକ୍ତ କାର୍ତ୍ତିକଙ୍କୁ ଗିରଫ କରିଛି।

## ହସ୍ପିଟାଲ ଶୌଚାଳୟରୁ ଶିଶୁକୁ ଫିଙ୍ଗିଲେ ଅବିବାହିତା ମା'

ଆଲାପୁଝା, ୨୬।୫(ଏଜେନ୍ସି): କେରଳର ଆଲାପୁଝା ଜିଲ୍ଲାର ହରିପାଦ ସରକାରୀ ମେଡିକାଲରେ ଜଣେ ୧୯ ବର୍ଷୀୟା ଅବିବାହିତ ଯୁବତୀ ଶୌଚାଳୟରେ ଶିଶୁ କନ୍ୟାକୁ ଜନ୍ମ ଦେବା ପରେ ଝରକା ବାହାରକୁ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ହସ୍ପିଟାଲ କର୍ମଚାରୀଙ୍କ ତତ୍ପରତା ଯୋଗୁଁ ନବଜାତ ଶିଶୁଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ସେହି ଯୁବତୀ ଜଣକ ପେଟ କାଟିବା ଅଭିଯୋଗ ନେଇ ହସ୍ପିଟାଲ ଆସିଥିଲେ, ମାତ୍ର ସେ ଶାରୀରିକ ପରୀକ୍ଷା କରିବାକୁ ମନା କରିଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେ ବାରମ୍ବାର ଶୌଚାଳୟକୁ ଯାଉଥିବା ବେଳେ ହଠାତ୍ ସେଠାରୁ ଶିଶୁର କାନ୍ଦିବା ଶବ୍ଦ ଶୁଣାଯାଇଥିଲା। ଏହାପରେ ଡାକ୍ତର ଓ କର୍ମଚାରୀମାନେ ସନ୍ଦେହ କରି ତୁରନ୍ତ ସେହି ଅଞ୍ଚଳରେ ଖୋଜାଖୋଜି ଆରମ୍ଭ କରିଥିଲେ। ହସ୍ପିଟାଲ ବାହାରେ ବୁଲା କୁକୁର ବୁଲୁଥିବା ଏକ ସ୍ଥାନରୁ ନବଜାତ ଶିଶୁଟିକୁ ଉଦ୍ଧାର କରାଯାଇଥିଲା। ରାତ୍ରି କାଳୀନ ମେଡିକାଲ ଦଳର ଠିକ୍ ସମୟରେ ହସ୍ତକ୍ଷେପ ଯୋଗୁଁ ଶିଶୁଟିର ଜୀବନ ରକ୍ଷା ପାଇଯାଇଛି। ବର୍ତ୍ତମାନ ଉଭୟ ମା' ଏବଂ ଶିଶୁକୁ ଆଲାପୁଝା ସରକାରୀ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆଇସିୟୁରେ ଚିକିତ୍ସିତ ହେଉଥିବା ନବଜାତ ଶିଶୁଟି ବର୍ତ୍ତମାନ ବିପଦମୁକ୍ତ ଥିବା ଜଣାପଡ଼ିଛି।

# ପୁଲିସ୍‌ର ଥାର୍ଡ ଡିଗ୍ରୀ; ମା’-ପୁଅ ଲହୁଲୁହାଣ

ରାଜନଗର, ୨୬।୫ (ସମିସ): ଥାନା ଭିତରେ ମହିଳାଙ୍କ ଚୁଟି ଘୋଷାଡ଼ିବା ସହ ତାଙ୍କୁ ଅର୍ଦ୍ଧ ଉଲଗ୍ନ କରି ମାଡ଼। ଖାଲି ସେତିକି ନୁହେଁ, ମହିଳାଙ୍କ ଆଗରେ ତାଙ୍କ ପୁଅକୁ ଥାନା ପାଇଖାନା ଭିତରେ ପୂରାଇ ନିର୍ଘାତ ମାଡ଼। କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ

- ତାଳଚୁଆ ସାମୁଦ୍ରିକ ଥାନାର ପୁଲିସର ବର୍ବରତା
- ଚିକିତ୍ସା ପାଇଁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି
- ଏସଡିପିଓଙ୍କ ନିକଟରେ ଆଇଆଇସିଙ୍କ ନାଁରେ ଲିଖିତ ଅଭିଯୋଗ

ଥାନା ଭିତରେ ପୁଲିସ୍‌ର ଥାର୍ଡ ଡିଗ୍ରୀରେ ମା’-ପୁଅ ଗୁରୁତର ହେବା ଭଳି ଏକ ସାଂଘାତିକ ଘଟଣା ପଦାକୁ ଆସିଛି। ଥାନାକୁ ଅଭିଯୋଗ କରିବାକୁ ଆସିଥିବା ମା’-ପୁଅଙ୍କ ଉପରେ ୬ ଘଣ୍ଟା ଧରି ପୁଲିସର ଏପରି ବର୍ବରତାକୁ ନେଇରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୁରୁତରଦ୍ୱୟ ହେଲେ,ବାଘମାରୀ ପଞ୍ଚାୟତ ଗିରିଆପାହୀ ଗାଁର ପବନ କୁମାର ମଣ୍ଡଳଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ମଣ୍ଡଳ (୫୮) ଓ ତାଙ୍କ ପୁଅ ଅନନ୍ତ କୁମାର ମଣ୍ଡଳ। ଆଜି ମା’-ପୁଅଙ୍କୁ ଆଜି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ଅନ୍ନପୂର୍ଣ୍ଣାଙ୍କ ହାତରେ ମାଡ଼ ଚିହ୍ନ ଥିବାବେଳେ ଅନନ୍ତଙ୍କ ବେକ, ହାତ, ଗୋଡ, ପିଠିରେ ମାଡ଼ ଚିହ୍ନ ରହିଛି। ଥାନାଧିକାରୀ ସନ୍ଧ୍ୟାରାଣୀ ଜେନା ଓ ଅନ୍ୟ ଜଣେ କନଷ୍ଟେବଳ ମିଳିତ ଭାବେ ସେମାନଙ୍କୁ ମାଡ଼ ମାରିଥିଲେ ବୋଲି ଆଜି ସେମାନେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓଙ୍କୁ




ଭେଟି ଲିଖିତ ଅଭିଯୋଗ କରିଛନ୍ତି। ପୁଲିସର ଥାର୍ଡ ଡିଗ୍ରୀ ଭିଡିଓ ଥାନାର ସିସିଟିଭିରେ ରହିଛି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି।

ସୂଚନାନୁଯାୟୀ, ଅନ୍ନପୂର୍ଣ୍ଣାଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୫ ତାରିଖ ସନ୍ଧ୍ୟା ପ୍ରାୟ ୬ଟାରେ ପୁଅ ଅନନ୍ତ ସହ ସେ ଥାନାକୁ ଏକ ଅଭିଯୋଗ ନେଇ ଯାଇଥିଲେ। କିନ୍ତୁ, ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ଜେନା ଏତଲା ରଖିବା ବଦଳରେ ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଅନ୍ନପୂର୍ଣ୍ଣାଙ୍କୁ ଚୁଟି ଘୋଷାଡ଼ି ଅର୍ଦ୍ଧ ଉଲଗ୍ନ କରି ମାଡ଼ ମାରିଥିଲେ। ତାଙ୍କୁ ଚାପୁଡ଼ା ପରେ ଚାପୁଡ଼ା ମାରିବା ସହ ତାଙ୍କ ମଥାରୁ ସିନ୍ଦୂର ପୋଛି ଦେଇଥିଲେ। ସେତିକିରେ ତାଙ୍କ ରାଗ ଶାନ୍ତ ହୋଇନଥିଲା ଯେ ତାଙ୍କ ଆଖି ଆଗରେ ପୁଅ ଅନନ୍ତଙ୍କୁ ଥାନା ପାଇଖାନା ଭିତରେ ପୂରାଇ ଆଇଆଇସି ଓ ଅନ୍ୟ ଜଣେ କନଷ୍ଟେବଳ ନିସ୍ତୁକ ମାଡ଼ ମାରିଥିଲେ। ବିଧା, ଗୋଇଠା, ଚାପୁଡ଼ା ମାରିବା ସହ ଏକ ବାଡ଼ିରେ ଅତି ନିର୍ଦ୍ଦୟ ଭାବେ ପିଟିଥିଲେ। ଏପରିକି, ଅନନ୍ତଙ୍କ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ଏ ସଂପର୍କରେ କାହାରିକୁ କହିଲେ, ଜୀବନରୁ ମାରିଦେବା ଓ ମିଛ ମାମଲାରେ ଫସାଇ ଜେଲ ପଠାଇଦେବାକୁ ଆଇଆଇସି ଧମକ ଦେଇଥିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଛି। ମାଆ-ପୁଅଙ୍କୁ ସନ୍ଧ୍ୟା ୬ଟାରୁ ରାତି ୧୧ଟା ୪୦ ଯାଏଁ ଥାନାରେ ରଖି ନିର୍ଯାତନା ଦେବା ପରେ ପୁଲିସ ଛାଡ଼ିଥିଲା ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଏସଡିପିଓ ସୁକାନ୍ତ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଅଭିଯୋଗ ମିଳିଛି, ଏସ୍‌ପିଙ୍କୁ ଜଣାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଅଲ୍-କାଏଦା ଆତଙ୍କବାଦୀ ଲିଙ୍କ ମାମଲା

# ଅବଦୁର ରହେମାନ ଅଦାଲତରୁ ଦୋଷମୁକ୍ତ

କଟକ, ୨୬।୫ (ସମିସ): ବହୁଚର୍ଚ୍ଚିତ ଅଲକାଏଦା ଆତଙ୍କବାଦୀ ଲିଙ୍କ୍ ଘଟଣାରେ ଗିରଫ ଅବଦୁର ରହେମାନଙ୍କୁ ଆଜି କଟକ ଜିଲ୍ଲା ଓ ଦୌରା ଅଦାଲତ ଦୋଷମୁକ୍ତ କରିଛନ୍ତି। ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଦାଲତ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ସମ୍ବେଦନଶୀଳ ମାମଲାର ଶୁଣାଣି ସମୟରେ ଅଦାଲତ ଅନୁଧ୍ୟାନ କରି କହିଛନ୍ତି ଯେ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ପକ୍ଷରୁ ଦାଖଲ କରାଯାଇଥିବା ସାକ୍ଷ୍ୟ ଓ ପ୍ରମାଣ ଅଭିଯୁକ୍ତଙ୍କ ବିରୋଧରେ ଆସିଥିବା ସଙ୍ଗୀନ ଆରୋପକୁ ପ୍ରମାଣିତ କରିବା ପାଇଁ ଯଥେଷ୍ଟ ନୁହେଁ। ଏଥିପାଇଁ ଓଡ଼ିଶାରେ ରୁଜୁ ହୋଇଥିବା ମାମଲାରେ ବି ଅବଦୁରକୁ ଦୋଷମୁକ୍ତ କରାଯାଇଛି। ପୂର୍ବରୁ, କେବଳ ଦିଲ୍ଲୀର ସ୍ୱତନ୍ତ୍ର ଅଦାଲତ ତାଙ୍କୁ ୭ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ। ଯାହାକୁ ସେ ଭୋଗ କରି ସାରିଥିବା ଜଣାପଡ଼ିଛି। ସେହିପରି, ଜାମସେଦପୁର ଅଦାଲତ ମଧ୍ୟ ଅବଦୁରକୁ ଦୋଷମୁକ୍ତ କରିଛନ୍ତି।



ସୂଚନାଯୋଗ୍ୟ, ଅଲ୍-କାଏଦା ଇଣ୍ଡିଆନ୍ ସବ୍-କଣ୍ଟିନେଣ୍ଟ (ଏକ୍ୟୁଆଇଏସ) ସହ ସଂପୃକ୍ତି ଅଭିଯୋଗରେ ୨୦୧୫ ଡିସେମ୍ବର ୧୬ରେ ଅବଦୁର ରହେମାନକୁ ଗିରଫ କରାଯାଇଥିଲା। ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଏବଂ ଓଡ଼ିଶା ପୁଲିସର ଏକ ମିଳିତ ଟିମ୍ କଟକ ଜଗତପୁରର ପଶ୍ଚିମକଚ୍ଛ ଗ୍ରାମରୁ ତାଙ୍କୁ ଗିରଫ କରିଥିଲେ। ଏହି ଗ୍ରାମ ନିକଟବର୍ତ୍ତୀ ବିଲତେରୁଆଁ ଗ୍ରାମରେ ଏକ ମଦ୍ରାସା କରି ବିଭିନ୍ନ ରାଜ୍ୟର ପିଲାଙ୍କୁ ଆଣି ଶିକ୍ଷା ଦେଉଥିଲେ। ଏପରକି, ସେ ଆତଙ୍କୀ ସଂଗଠନରୁ ଅର୍ଥ କାରବାର କରୁଥିବା ଅଭିଯୋଗ ହୋଇଥିଲା। ଗିରଫଦାରୀ ପରେ ତାଙ୍କ ବିରୋଧରେ ବିଭିନ୍ନ ସଂସ୍ଥା ଦ୍ୱାରା ୩ଟି ମାମଲା ରୁଜୁ ହୋଇଥିଲା। ରହେମାନ ବିରୋଧରେ ପ୍ରଥମ ମାମଲା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଆତଙ୍କବାଦୀ କାର୍ଯ୍ୟକଳାପ ଅଭିଯୋଗରେ ରୁଜୁ କରିଥିଲା। ଦ୍ୱିତୀୟ ମାମଲା ଜାମସେଦପୁର ପୁଲିସ ଦାୟର କରିଥିଲା ବେଳେ ତୃତୀୟ ମାମଲାଟି ସ୍ଥାନୀୟ କଟକ କମିଶନରେଟ୍ ପୁଲିସ ପକ୍ଷରୁ ରୁଜୁ କରାଯାଇଥିଲା। ପରବର୍ତ୍ତୀ ସମୟରେ ମାମଲାର ଗମ୍ଭୀରତା ଏବଂ ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହାକୁ ଓଡ଼ିଶା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ଏହି ମାମଲାରେ ଅବଦୁର ବିରୋଧରେ ଦେଶଦ୍ରୋହ ଦଫା ଲଗାଇ ତଦନ୍ତ ଚଳାଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ୧୭ ଦିନିଆ ରିମାଣ୍ଡରେ ନେଇ ଜେରା କରାଯାଇଥିଲା। ରହେମାନ ବିରୋଧରେ ପ୍ରଥମେ ସାଲେପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲା କ୍ରାଇମବ୍ରାଞ୍ଚ। ଲଗାଯାଇଥିବା ଦଫା ଆଧାରରେ ପରେ କଟକ ଜିଲ୍ଲା ଦୌରାଜଜ୍ ଅଦାଲତକୁ ମାମଲା ବିଚାର ପାଇଁ ସ୍ଥାନାନ୍ତର ହୋଇଥିଲା।

## ବିଜେଡି ଲିଗାଲ ଫ୍ରଣ୍ଟ ସଭ୍ୟଙ୍କୁ ନବୀନଙ୍କ ପରାମର୍ଶ

# ଗରିବ ଲୋକଙ୍କୁ ଦିଆଯାଉ ଉପଯୁକ୍ତ ଆଇନ ସହାୟତା

ଭୁବନେଶ୍ୱର,୨୬।୫(ସମିସ): ବିଜେଡି ଲିଗାଲ ଫ୍ରଣ୍ଟର ସଭ୍ୟମାନେ ମଙ୍ଗଳବାର ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି।

### ଅନ୍ୟାୟ ବିରୋଧୀ ଲଢ଼େଇରେ ଲୋକଙ୍କ ସାଥି ଦିଅ



ଏହି ଆଲୋଚନା ସମୟରେ ଶ୍ରୀ ପଟ୍ଟନାୟକ ବିଜେଡି ଲିଗାଲ ଫ୍ରଣ୍ଟକୁ ଆହୁରି ମଜବୁତ୍ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ସରକାର ଅବହେଳା କରୁଥିବାରୁ ସାଧାରଣ ଲୋକଙ୍କ ପାଇଁ ସ୍ୱର ଉଠାଇବାକୁ ଶ୍ରୀ ପଟ୍ଟନାୟକ ଲିଗାଲ ଫ୍ରଣ୍ଟର ସଭ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି।

ସାଧାରଣ ଲୋକ ଯେପରି ବ୍ୟବସ୍ଥାରୁ ନ୍ୟାୟ ପାଇ ପାରିବ ସେଥି ପ୍ରତି ବିଶେଷ ଧ୍ୟାନ ଦେବାକୁ ନବୀନ ଗୁରୁତ୍ୱାରୋପ କରିଛନ୍ତି । ଏହା ସହିତ ଆଇନ ସହାୟତା ଆବଶ୍ୟକ କରୁଥିବା ଗରିବ ଲୋକଙ୍କୁ ମଧ୍ୟ ମାଗଣାରେ ଆଇନ ସହାୟତା ଯୋଗାଇ ଦେବା ପାଇଁ ଶ୍ରୀ ପଟ୍ଟନାୟକ ବିଜେଡି ଲିଗାଲ ଫ୍ରଣ୍ଟ ସଭ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି।। ଏହି ସାକ୍ଷାତ ସମୟରେ ବିଜେଡି ଲିଗାଲ ଫ୍ରଣ୍ଟର ସଦସ୍ୟ ମିଳନ କାନୁନଗୋ, ମନୋଜ ବର୍ମା, ସିଦ୍ଧାର୍ଥ ଦାସ ଓ ସୁରେଶ ବାରିକଙ୍କ ସହିତ ଅନ୍ୟମାନେ ଯୋଗେ ଦେଇ ବିଜେଡି ଲିଗାଲ ଫ୍ରଣ୍ଟ ରାଜ୍ୟର ସମସ୍ତ ଜିଲ୍ଲା ଓ ବ୍ଲକ ସ୍ତରରେ କିଭଳି ଆହୁରି ମଜବୁତ୍ ହୋଇ ପାରିବ, ସେ ସମ୍ପର୍କରେ ଦଳ ସଭାପତିଙ୍କୁ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ।

## ୩ ମାସର ଶିଶୁକନ୍ୟାକୁ ବିକିଲା ମା’

ଜଳେଶ୍ୱର, ୨୬।୫ (ସମିସ): ଅଭାବ ଅନାଟନ ପାଇଁ ୩ ମାସର ଶିଶୁକନ୍ୟାକୁ ଜନ୍ମଦାତ୍ରୀ ମାଆ ବିକ୍ରି କରିଥିବା ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି ଯାହାକୁ ନେଇ ଚର୍ଚ୍ଚା ଲାଗି ରହିଛି ଜଳେଶ୍ୱର ଅଂଚଳରେ। ଜଳେଶ୍ୱର ପୌରାଂଚଳ ୮ନଂ ୱାର୍ଡ ଫଚୁଘଣ୍ଟା ଗ୍ରାମର ଜନୈକ ଗରିବ ଆଦିବାସୀ ମହିଳା ଅଭାବ ଅନାଟନ ମଧ୍ୟରେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଶେଷରେ ନିଜର ଜନ୍ମିତ ୩ମାସର ଶିଶୁ କନ୍ୟାକୁ ଭଦ୍ରକ ଅଂଚଳର ଜନୈକ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ବିକ୍ରିକରିଛନ୍ତିବୋଲିଏକଭିଡିଓସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି। ତେବେ ଘଟଣାଟି କିଛିମାସ ତଳେ ଘଟିଥିବା ବେଳେ ଶିଶୁକନ୍ୟା ବିକ୍ରିର ଅର୍ଥରୁ ଭାଗ ନେବା ପାଇଁ ଏବେ ସମ୍ପର୍କୀୟ ମାନେ ମହିଳାଙ୍କ ଉପରେ କରିଛନ୍ତି ମରଣାନ୍ତକ ଅତ୍ୟାଚାର। ଏପରିକି ଜୀବନରୁ ମାରିଦେବାର ଧମକ ମଧ୍ୟ ଦେଉଛନ୍ତି ବୋଲି ମହିଳା ଜଣକ କହିଛନ୍ତି। ଯାହା ଫଳରେ କଥା ଲୋକଲୋଚନକୁ ଆସିଛି ଭାଇରାଲ ହେଉଛି ଭିଡିଓ।

# ବାଲିଅନ୍ତା ଭିଡ଼ ହତ୍ୟା: ଆଉ ଜଣେ ଗିରଫ

ଭୁବନେଶ୍ୱର,୨୬।୫(ସମିସ): ବାଲିଅନ୍ତା ଅଞ୍ଚଳରେ ଘଟିଥିବା ଚାଞ୍ଚଲ୍ୟକର ଭିଡ଼ ହତ୍ୟା ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ବିନୋଦ କୁମାର ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ବିନୋଦଙ୍କ ବୟସ ୪୮ ଓ ତାଙ୍କ ଘର ଭୁବନେଶ୍ୱର ସତ୍ୟନଗର ଅଞ୍ଚଳରେ। ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଇନ୍ଦୁପୁର ଅଞ୍ଚଳରୁ ଗିରଫ କରାଯାଇଛି। ସେ ସୌମ୍ୟଙ୍କୁ ବାଉଁଶରେ ପିଟିଥିବା ନେଇ କ୍ରାଇମ୍‌ବ୍ରାଞ୍ଚକୁ ପ୍ରମାଣ ମିଳିଛି। ବିନୋଦଙ୍କ ଗିରଫପରେ ଗିରଫଦାରୀ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି।

### ଗିରଫଦାରୀ ସଂଖ୍ୟା ୧୬କୁ ବୃଦ୍ଧି

କ୍ରାଇମବ୍ରାଞ୍ଚ ସୂଚନା ଅନୁସାରେ ବିନୋଦକୁ ଗତକାଲି (ସୋମବାର) ବିଳମ୍ବିତ ରାତିରେ କେନ୍ଦ୍ରାପଡା ଜିଲ୍ଲା ଇନ୍ଦୁପୁରରୁ କାବୁ କରାଯାଇଥିଲା। ସୌମ୍ୟଙ୍କୁ ବିନୋଦ ମାଡ଼ ମାରିଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି । ଏହାପୂର୍ବରୁ ମେ’୧୯ରେ ମୁଖ୍ୟ ଅଭିଯୁକ୍ତ ପଞ୍ଚାନନ ବଡ଼ଜେନା ଓରଫ କାଳିଆ ଓ ରଞ୍ଜିତ୍ ରାଣାକୁ ନୟାଗଡ଼ ଜିଲ୍ଲା ରଣପୁର ଜଙ୍ଗଲରୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଇତିମଧ୍ୟରେ ମୋଟ୍ ୧୬ ଅଭିଯୁକ୍ତ ଗିରଫ ହୋଇ ଜେଲକୁ ଯାଇଥିବା ବେଳେ ଆଉ ବହୁ ଅଭିଯୁକ୍ତ ଫେରାର ଅଛନ୍ତି। କ୍ରାଇମବ୍ରାଞ୍ଚ ଟିମ୍ ସେମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି। ଘଟଣାରେ କ୍ରାଇମବ୍ରାଞ୍ଚର ତଦନ୍ତ ମଙ୍ଗଳବାର ୨୦ଦିନରେ ପହଞ୍ଚିଛି।

କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଧରିବାକୁ ଖୋଜା ଚାଲିଛି। ଯେଉଁମାନେ ଫେରାର ଅଭିଯୁକ୍ତଙ୍କୁ ଆଶ୍ରୟ ଦେଉଛନ୍ତି; ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି।

## ସିବିଏସ୍‌ଇ ବିରୋଧରେ ସଙ୍ଗୀନ ଅଭିଯୋଗ

# ମୂଲ୍ୟାଙ୍କିତ ଉତ୍ତର ଖାତାରୁ ୨ ପୃଷ୍ଠା ନିଖୋଜ

ଅସୁରାଳି,୨୬।୫(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଖାତା ମୂଲ୍ୟାଙ୍କନ ପ୍ରକ୍ରିୟାରେ ଏକ ଗୁରୁତର ତ୍ରୁଟି ସାମ୍ନାକୁ ଆସିଛି। ବୋର୍ଡ ପକ୍ଷରୁ ପ୍ରଦାନ କରାଯାଇଥିବା ଉତ୍ତର ଖାତାର ସ୍କାନ୍ କପିରୁ ପୃଷ୍ଠା ଗାଏବ ଥିବା ନେଇ କଟକର ଜଣେ ମେଧାବୀ ଛାତ୍ରୀ ଓ ତାଙ୍କ ପରିବାର ପକ୍ଷରୁ ସିବିଏସ୍‌ଇ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଘଟଣା ସିବିଏସ୍‌ଇର ମୂଲ୍ୟାଙ୍କନ ପ୍ରଣାଳୀର ସ୍ୱଚ୍ଛତା ଓ ସୁରକ୍ଷା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, କଟକସ୍ଥିତ ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ୍ ସ୍କୁଲର ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଶାଖାର ଛାତ୍ରୀ ଶୁଭ୍ରା ନାୟକ (ରୋଲ୍ ନମ୍ବର ୧୨୬୧୦୨୪୬) ଚଳିତ ୨୦୨୬ ବୋର୍ଡ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ। ଫଳାଫଳ ପ୍ରକାଶ ପାଇବା ପରେ ଆଶାନୁରୂପ ମାର୍କ ନ ମିଳିବାରୁ ସେ ପୁନଃଯାଞ୍ଚ ପ୍ରକ୍ରିୟା ମାଧ୍ୟମରେ ଇଂରାଜୀ ବିଷୟର ଉତ୍ତର ଖାତାର ସ୍କାନ୍ କପି ପାଇଁ ଆବେଦନ କରିଥିଲେ। ତେବେ ବୋର୍ଡ ପକ୍ଷରୁ ମିଳିଥିବା ସ୍କାନ୍ କପି ଦେଖିବା ପରେ ଛାତ୍ରୀ ଓ ତାଙ୍କ ପରିବାର ସ୍ତବ୍ଧ ହୋଇଯାଇଥିଲେ। ଉତ୍ତର ଖାତାରୁ ୧୬ ଓ ୧୭ ନମ୍ବର ପୃଷ୍ଠା ସମ୍ପୂର୍ଣ୍ଣ ଭାବେ ନିଖୋଜ ଥିବା ଦେଖିବାକୁ ମିଳିଛି। ସମ୍ପୃକ୍ତ ଛାତ୍ରୀଙ୍କ ଘର ଧାମନଗର ବ୍ଲକ୍ ଧୂଷୁରୀ ଥାନା ହସନାବାଦ ପଞ୍ଚାୟତ ପଙ୍ଗଟା ଗ୍ରାମରେ। ଛାତ୍ରୀଙ୍କ ପକ୍ଷରୁ କୁହାଯାଇଛି ଯେ ସେ ପରୀକ୍ଷାରେ ସମସ୍ତ ପ୍ରଶ୍ନର ଉତ୍ତର ସଠିକ୍ ଭାବେ ଲେଖିଥିଲେ। ମାତ୍ର ମୂଲ୍ୟାଙ୍କିତ ଖାତାରୁ ୧୬ ଓ ୧୭ ନମ୍ବର ପୃଷ୍ଠା ଗାଏବ ଥିବାରୁ, ସେହି ଅଂଶର ମୂଲ୍ୟାଙ୍କନ ଆଦୌ କରାଯାଇନାହିଁ। ବୋର୍ଡ ଚଳିତ ବର୍ଷ (୨୦୨୫-୨୬ ଶିକ୍ଷାବର୍ଷ)ରୁ ଲାଗୁ କରିଥିବା ନୂତନ ଅନ୍‌ସ୍କ୍ରିନ୍ ମାର୍କିଂ (ଓଏସ୍‌ଏମ୍) ପ୍ରଣାଳୀରେ ତ୍ରୁଟି ଯୋଗୁଁ ଏଭଳି ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ମୂଲ୍ୟାଙ୍କନ ସମୟରେ ପୃଷ୍ଠା ନ ଥିବା କଥା କେମିତି କାହାରି ନଜରକୁ ଆସିଲାନି, ତାହାକୁ ନେଇ କ୍ଷୋଭ ପ୍ରକାଶ ପାଇଛି। ଏହି ଗୁରୁତର ଲାପ୍ସକୁ ନେଇ ଛାତ୍ରୀଙ୍କ ବାପା ନିଶିକାନ୍ତ ନାୟକ ସିବିଏସ୍‌ଇ ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପଠାଇଛନ୍ତି। ସେଥିରେ ସେ ଦାବି କରିଛନ୍ତି ଯେ, ତୁରନ୍ତ ଏହି ନିଖୋଜ ପୃଷ୍ଠା ମାମଲାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ମୂଳ ଉତ୍ତର ଖାତାର ଯାଞ୍ଚ କରାଯାଉ। ସମ୍ପୂର୍ଣ୍ଣ ଖାତାର ପୁନଃମୂଲ୍ୟାଙ୍କନ କରାଯାଇ ମାର୍କ ଏବଂ ଫଳାଫଳରେ ତୁରନ୍ତ ସଂଶୋଧନ କରାଯାଉ। ଏହି ସମ୍ବେଦନଶୀଳ ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ନ୍ୟାୟ ପ୍ରଦାନ କରିବା ପାଇଁ ଛାତ୍ରୀଙ୍କ ପରିବାର ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ଚିଠିର ଏକ ନକଲ ପ୍ରେରଣ କରାଯାଇ ଅବଗତ କରାଯାଇଛି। ଅଭିଭାବକଙ୍କ କହିବା ଅନୁଯାୟୀ, ଗୋଟିଏ ପୃଷ୍ଠାର ମାର୍କ କମିଗଲେ ପିଲାଙ୍କ ଭବିଷ୍ୟତ, କଲେଜ ଆଡ୍‌ମିଶନ ଏବଂ ସ୍କଲାରସିପ୍ ଉପରେ ଏହାର ଖରାପ ପ୍ରଭାବ ପଡ଼େ। ଏହା କେବଳ ମୋ ଝିଅର କଥା ନୁହେଁ, ବରଂ ସିବିଏସ୍‌ଇ ପରୀକ୍ଷା ପରିଚାଳନା ବ୍ୟବସ୍ଥାର ବିଶ୍ୱସନିୟତା ଉପରେ ଏକ ବଡ଼ ଆଘାତ। ବର୍ତ୍ତମାନ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୋର୍ଡ ଏହି ସମ୍ବେଦନଶୀଳ ମାମଲାକୁ କେତେ ଶୀଘ୍ର ସମାଧାନ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ମୁଖ୍ୟମନ୍ତ୍ରୀ ନିରବ, ମନ୍ତ୍ରୀ ମୁଖର

# ଆଶାୟୀଙ୍କ ଆଶା ସୁରେଶ

ଭୁବନେଶ୍ୱର,୨୬।୫(ସମିସ): ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନିରବ । ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟ ବିଜେପି ସଭାପତି ବାରମ୍ବାର କହୁଛନ୍ତି । ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଦଳୀୟ ମହଲରେ ଆଲୋଚନା ଚାଲିଛି। ଏହି ସମୟରେ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ମନମୋହନ ସାମଲ ଦିଲ୍ଲୀଗସ୍ତରେ ଅଛନ୍ତି। ଏହି ସମୟରେ ରାଜସ୍ୱ ମନ୍ତ୍ରୀ ଯେକୌଣସି ମୁହୂର୍ତ୍ତରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି କହିଛନ୍ତି। ପୂର୍ବରୁ ଅନେକ ଥର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଅନେକ ଚର୍ଚ୍ଚା, ଆଲୋଚନା ହୋଇଥିଲେ ହେଁ ଏହା ଫଳବତୀ ହୋଇପାରି

- ଯେ କୌଣସି ମୁହୂର୍ତ୍ତରେ ହୋଇପାରେ ମନ୍ତ୍ରିମଣ୍ଡଳ ଅଦଳବଦଳ
- ଦିଲ୍ଲୀ ଗସ୍ତରେ ଅଛନ୍ତି ମୁଖ୍ୟମନ୍ତ୍ରୀ, ରାଜ୍ୟ ବିଜେପି ସଭାପତି

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପୁଣିଥରେ ଖୁବ୍ ଶୀଘ୍ର ମନ୍ତ୍ରିମଣ୍ଡଳ ଅଦଳବଦଳ ହେବ ବୋଲି ସୂଚନା ଦେଇ ମନ୍ତ୍ରୀ ଆଶାୟୀଙ୍କ ଆଶା ଦୀପରେ ଘିଅ ଢ଼ାଳିଛନ୍ତି। କେଇଦିନ ତଳେ ମନ୍ତ୍ରୀ ନିଗମ ଓ ବୋଡର୍ ନିଯୁକ୍ତି ଶୀଘ୍ର ହେବ ବୋଲି କହିଥିଲେ, ମାତ୍ର ଆଜିଯାଏ ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବା ଅଦଳବଦଳ କେବେ ହେବ ତାହା ସ୍ପଷ୍ଟ ହୋଇପାରୁ ନାହିଁ ।

ଆସନ୍ତା ୧୨ ତାରିଖରେ ରାଜ୍ୟରେ ବିଜେପି ସରକାରକୁ ୨ ବର୍ଷ ପୂରଣ ହେଉଛି। ଏହାରି ନାହିଁ। ତେବେ ବର୍ତ୍ତମାନ ରାଜ୍ୟରେ ରାଜନୈତିକ ପାଣିପାଗ ଏବଂ ରାଜସ୍ୱ ମନ୍ତ୍ରୀଙ୍କ ଦୃଢ଼ୋକ୍ତି ଦେଖିଲେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଆଶା ଉଜ୍ଜ୍ୱଳ ହୋଇଛି। ମାତ୍ର ଯେଉଁମାନେ ୨ ବର୍ଷ ହେଲା ମନ୍ତ୍ରୀ ଅଛନ୍ତି, ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ପୂର୍ବରୁ ସେମାନଙ୍କୁ ବାଦ ଦେବା ଠିକ୍ ବାର୍ତ୍ତା ଦେବ ନାହିଁ ବୋଲି କେତେକ ମହଲରେ ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଉଭୟ ଦିଲ୍ଲୀ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଓ ଅନ୍ୟ ବରିଷ୍ଠ ନେତାଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକୁ ସୌଜନ୍ୟମୂଳକ କୁହାଯାଉଥିଲେ ହେଁ ରାଜ୍ୟର ସାମ୍ପ୍ରତିକ ସ୍ଥିତି ଏବଂ ମନ୍ତ୍ରିମଣ୍ଡଳ ନବକଳେବର ମୁଖ୍ୟ ପ୍ରସଙ୍ଗ ରହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଗତ ସପ୍ତାହରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜ୍ୟରେ ମନ୍ତ୍ରୀମାନଙ୍କର ରିପୋର୍ଟ କାର୍ଡ, ସାଂଗଠନିକ ସ୍ଥିତି ଏବଂ ସରକାରଙ୍କ କାର୍ଯ୍ୟଦକ୍ଷତା ରିପୋର୍ଟ ସାଙ୍ଗରେ ଧରି ଦିଲ୍ଲୀ ଫେରିଥିଲେ। ଏହାକୁ ଆଧାର କରି ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଆସନ୍ନ ବୋଲି ଚର୍ଚ୍ଚା ଜୋର ଧରିଛି। କେବଳ ମନ୍ତ୍ରିମଣ୍ଡଳର କଳେବର ବୃଦ୍ଧି ନୁହେଁ, ବରଂ ବିଭିନ୍ନ ନିଗମ ଓ ବୋର୍ଡର ଅଧ୍ୟକ୍ଷ ପଦବୀ ପାଇଁ ମଧ୍ୟ ଚୟନ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଦଳ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଯୋଗ୍ୟ ପ୍ରାର୍ଥୀଙ୍କ ନାମ ଉପରେ ବିଚାର ବିମର୍ଶ ଚାଲିଛି। ବିଶେଷକରି ଦୀର୍ଘ ଦିନ ଧରି ଆଶା ରଖିଥିବା ଓ ଦଳ ପାଇଁ ନିରନ୍ତର କାମ କରୁଥିବା ବରିଷ୍ଠ ନେତା ତଥା ବିଧାୟକମାନଙ୍କୁ ଏହି ସବୁ ସ୍ଥାନରେ ଖୁବଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।



## ବିଜେଡିର ନାରୀ ସୁରକ୍ଷା ଅଧିକାର ସମାବେଶ

# ମହିଳା ସଂରକ୍ଷଣ ବିଲ୍ ଓ ମହିଳା ନିର୍ଯାତନା ବିରୋଧରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର

ବିଶୋଇ, ୨୬।୫ (ସମିସ)



ସାରା ଦେଶରେ ମହିଳାଙ୍କୁ ସଂରକ୍ଷଣ ନେଇ ପ୍ରଚାର ଜୋରଦାର ଚାଲୁ ରହିଥିବାବେଳେ ପ୍ରକୃତରେ ମହିଳାଙ୍କ ରାଜନୈତିକ, ସାମ୍ବିଧାନିକ ଅଧିକାର ଓ ସାମାଜିକ ସୁରକ୍ଷା ଆଜି ମଧ୍ୟ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ମହିଳା ସଂରକ୍ଷଣ ବିଲ ୨୦୨୩କୁ ତୁରନ୍ତ ଲାଗୁ କରାଯାଇ ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦିଆଯିବା ସହିତ ଓଡ଼ିଶାରେ ମହିଳା ନିର୍ଯାତନାକୁ ବନ୍ଦ କରିବା ପାଇଁ ବିଜେଡି ମୟୂରଭଞ୍ଜ-୨ ଜିଲ୍ଲାର ସଭାପତି ଡାକ୍ତର ଦେବାଶିଷ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଦଳୀୟ କର୍ମୀଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ପଞ୍ଚାୟତିରାଜ ସଂସ୍ଥାଠାରୁ ଆରମ୍ଭ କରି ସରକାରୀ ଚାକିରି କ୍ଷେତ୍ରରେ ୩୩ ପ୍ରତିଶତ ସ୍ଥାନ ମହିଳାଙ୍କ ପାଇଁ ସଂରକ୍ଷଣ ଭଳି ସାହସିକ ପଦକ୍ଷେପ ନେଇ ବିଜୁବାବୁ ଇତିହାସ ସୃଷ୍ଟି କରିଛନ୍ତି। ବିଜୁବାବୁଙ୍କ ଆଦର୍ଶରେ ଓଡ଼ିଶାର ନବୀନ ସରକାର ପୌରସଂସ୍ଥା ଓ ପଞ୍ଚାୟତିରାଜରେ ମହିଳା ସଂରକ୍ଷଣକୁ ୫୦ ପ୍ରତିଶତ ବୃଦ୍ଧି କରିଥିଲେ। ୨୦୧୯ ଓ ୨୦୨୪ ନିର୍ବାଚନର ଲୋକସଭା ଆସନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ମହିଳାଙ୍କୁ ୩୩ ପ୍ରତିଶତ ଟିକେଟ ମଧ୍ୟ ଦେଇଥିଲେ। ମହିଳା ସଂରକ୍ଷଣ ଉପରେ ସର୍ବଦା ବିଜେଡିର ଆଭିମୁଖ୍ୟ ରହିଆସିଛି। ମହିଳା ସଂରକ୍ଷଣ ବିଲ ୨୦୨୩କୁ ପାର୍ଲାମେଣ୍ଟରେ ବିଜେଡି ଦୃଢ଼ ସମର୍ଥନ ଜଣାଇଥିଲା। ମାତ୍ର ପରିତାପର ବିଷୟ କେନ୍ଦ୍ର ସରକାର ସୀମା ପୁନଃ ନିର୍ଦ୍ଧାରଣ ବିଲକୁ ଲୁକ୍କାୟିତ ଭାବେ ମହିଳା ସଂରକ୍ଷଣ ବିଲ ନାଁରେ ପାରିତ କରିବାରେ ଅପଚେଷ୍ଟା କରିଥିଲେ। ତେଣୁ ଉଭୟ ଲୋକସଭା ଓ ବିଧାନସଭା ଆସନରେ ମହିଳାଙ୍କ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଦିଆଯାଉ ବୋଲି ବିଜେଡି ଦୃଢ଼ ଦାବି ରଖିଛି। ସେହିପରି ଓଡ଼ିଶାରେ ବର୍ତ୍ତମାନ ମହିଳା ନିର୍ଯାତନା, ହିଂସା ଓ ଯୌନ ଉତ୍ପୀଡ଼ନା ବୃଦ୍ଧି ପାଇ ମହିଳା ନିର୍ଯାତନା କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ମହିଳାଙ୍କ ଉପରେ ଅତ୍ୟାଚାରକୁ ଦେଖି ଯୁକ୍ତରାଷ୍ଟ୍ର ଆମେରିକା ଓଡ଼ିଶା ନ ଯିବାକୁ ମାର୍ଗଦର୍ଶିକା ଜାରି କରିଥିଲେ। ବିଗତ ଦୁଇ ବର୍ଷ ମଧ୍ୟରେ ସରକାରଙ୍କ ଅପାରଗତା ଯୋଗୁଁ ୪୮ ହଜାର ମହିଳା ହିଂସା ଓ ଯୌନ ନିର୍ଯାତନା ମାମଲା ଥାନାରେ ରେକର୍ଡ ରହିଛି। ଜଣେ ମହିଳା ମୃତ୍ୟୁକୁ ପ୍ରମାଣ କରି ବ୍ୟାଙ୍କରେ ନିଜ ପ୍ରାପ୍ୟ ପାଇବାକୁ ଯାଇ ଭାଇଙ୍କୁ ମହିଳାଙ୍କ କଙ୍କାଳ ଖୋଳି ବ୍ୟାଙ୍କକୁ ନେବା ଭଳି ଅଭାବନୀୟ ଘଟଣା ଅନ୍ତର୍ଜାତୀୟ ଗଣମାଧ୍ୟମରେ ଶିରୋନାମା ପାଲଟିଛି। ଢେଙ୍କାନାଳର ଭାପୁରରେ ମହିଳାଙ୍କୁ ଦୁର୍ଷ୍କର୍ମ କରି ପଥରରେ ଛେଚି ହତ୍ୟା, ହିଞ୍ଜିଳିରେ ଜଣେ ଗର୍ଭବତୀ ମହିଳାଙ୍କୁ ନିଜର ୩ ବର୍ଷର ଶିଶୁ କନ୍ୟା ସମ୍ମୁଖରେ ହତ୍ୟା, ବରଗଡ଼ରେ ଜଣେ କାର୍ଯ୍ୟରତ ଶିକ୍ଷୟିତ୍ରୀକୁ ଉପରିସ୍ଥ ଅଧିକାରୀଙ୍କ ଯୌନ ନିର୍ଯାତନା ଓ ବାଲିଅନ୍ତାରେ ଜଣେ ଯୁବକଙ୍କୁ ପୁଲିସ ସମ୍ମୁଖରେ ପିଟିପିଟି ହତ୍ୟା କରିବା ଘଟଣା ରାଜ୍ୟରେ ସରକାରଙ୍କ ଉପରେ ବିଶ୍ୱାସ ଉଠିଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବିଜେଡିର ବିଶୋଇ ବ୍ଲକ ସଭାପତି ରଞ୍ଜନ ନନ୍ଦ, ବରିଷ୍ଠ କର୍ମୀ ଅମର ସିଂ ଟୁଡୁ, ବ୍ଲକ ସମ୍ପାଦକ ବିରଞ୍ଚି ନାରାୟଣ ନନ୍ଦ, ବ୍ଲକ ମହିଳା ସଭାପତି ଆରତୀ ମହାନ୍ତ, ଯୁବନେତା ସୁନୀଲ ମହାପାତ୍ର, ଗୋପବନ୍ଧୁ ଗିରି, ବରିଷ୍ଠ କର୍ମୀ ନଟବର ନାଏକ, ଅନୀମା ମହାନ୍ତ, ଭଞ୍ଜ ମାହାଲି, ବନୀତା ସାହୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## କରଞ୍ଜିଆ ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ

**କରଞ୍ଜିଆ, ୨୬।୫(ସମିସ):** ପାର୍ଲାମେଣ୍ଟରେ ପାରିତ ହୋଇଥିବା ମହିଳା ସଂରକ୍ଷଣ ଆଇନର ତୁରନ୍ତ କାର୍ଯ୍ୟକାରୀ କରିବା ସହ ମହିଳାଙ୍କ ଉପରେ ବଢ଼ୁଥିବା ନିର୍ଯାତନାକୁ ରୋକିବା ଦାବିରେ କରଞ୍ଜିଆରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ନାରୀ ଅଧିକାର ସମାବେଶ ଅନୁଷ୍ଠିତ ହୋଇଛି। ସମାବେଶ ପରେ ଉପଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। କରଞ୍ଜିଆ ଚୋଳପଡ଼ିଆରୁ ଆରମ୍ଭ ହୋଇଥିବା ଏହି ସଭାଯାତ୍ରା କରଞ୍ଜିଆ ବଜାର ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ବିଜୁ ମହିଳା ଜନତା ଦଳର ଜୋନାଲ ସଭାପତି ତଥା ପୂର୍ବତନ ରାଇରଙ୍ଗପୁର ଏନଏସି ଅଧ୍ୟକ୍ଷା ପ୍ରତିଲତା କାନୁନଗୋଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ-୨ ଜିଲ୍ଲା ସଭାପତି ଦେବାଶିଷ ମାରାଣ୍ଡି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ଯଶିପୁର ବିଧାୟକ ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମ, ଆଦିବାସୀ ନେତା ସାମାୟ ପୂର୍ତ୍ତି, ପୂର୍ବତନ ବିଧାୟିକା ବାସନ୍ତୀ ହେମ୍ବ୍ରମ, ପପି ପୃଷ୍ଟି, ଗିରିଧାରୀ ପୃଷ୍ଟିଙ୍କ ସମେତ ଅନେକ ବିଜେଡି ନେତୃମଣ୍ଡଳୀ ଓ ଶତାଧିକ ମହିଳା-ପୁରୁଷ ଯୋଗଦେଇଥିଲେ। ସଭାରେ ଉପସ୍ଥିତ ନେତାମାନେ କେନ୍ଦ୍ର ସରକାରଙ୍କ ମହିଳା ସଂରକ୍ଷଣ ନୀତିକୁ ନେଇ ସମାଲୋଚନା କରିବା ସହ ମହିଳାଙ୍କ ସୁରକ୍ଷା ଓ ସଶକ୍ତିକରଣ ନେଇ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଥିଲେ। ବିଜୁ ପଟ୍ଟନାୟକ ପଞ୍ଚାୟତିରାଜ ସଂସ୍ଥା ଓ ସରକାରୀ ଚାକିରିରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଦେଇ ଇତିହାସ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ନବୀନ ପଟ୍ଟନାୟକଙ୍କ ସରକାର ପଞ୍ଚାୟତ ଓ ପୌରସଂସ୍ଥାରେ ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ବିଜେଡି ନେତାମାନେ ଦାବି କରିଥିଲେ ଯେ, ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ତୁରନ୍ତ ଲାଗୁ କରାଯାଉ ଓ ଏହାକୁ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ସହ ଯୋଡ଼ି ମହିଳାଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରା ନ ଯାଉ। ଶେଷରେ ବିଜେଡିର ପ୍ରତିନିଧି ଦଳ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



### ଥାନାରେ ନାବାଳିକା ଚେତାଶୂନ୍ୟ ହେବା ଘଟଣା

## ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତା ପରିବାର

**ବାରିପଦା/ମୋରଡା, ୨୬।୫(ସମିସ):** ଥାନାରେ ନାବାଳିକା ଚେତାଶୂନ୍ୟ ହେବା ଘଟଣା ମଙ୍ଗଳବାର ଭିନ୍ନ ରୂପ ନେଇଛି।

- ଥାନା ଅଧିକାରୀଙ୍କ ବଦଳି ସହ କାର୍ଯ୍ୟାନୁଷ୍ଠାନ ଦାବି
- ତଦନ୍ତ ପୂର୍ବକ ୫ଦିନ ମଧ୍ୟରେ ରିପୋର୍ଟ ପାଇଁ ଏସଡିପିଓଙ୍କୁ ନିର୍ଦ୍ଦେଶ
- ଭଞ୍ଜସେନାର ଆନ୍ଦୋଳନ ଚେତାବନୀ

ପୀଡ଼ିତାଙ୍କ ସହିତ ତାଙ୍କ ବାପାମାଆ ଏସ୍‌ପିଙ୍କୁ ବାରିପଦା କାର୍ଯ୍ୟାଳୟରେ ଭେଟି ଘଟଣାର ୮ ଦିନ ବିତିଯାଇଥିଲେ ମଧ୍ୟ ଥାନା ଅଧିକାରୀ ସୁମିତ ସୋରେନ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ତେବେ ଥାନା ଅଧିକାରୀଙ୍କ ବିରୁଦ୍ଧରେ ତଦନ୍ତ ପାଇଁ ଅଭିଯୋଗ କ୍ରମିକ ନମ୍ବର ୧୦୭ ଅନୁସାରେ ବେତନଟୀ ଏସଡିପିଓଙ୍କୁ ତଦନ୍ତ କରି ୫ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ଏସପି ନିର୍ଦ୍ଦେଶ ଦେଇଥିବାର ଜଣାପଡ଼ିଛି। ଏହି ଘଟଣାରେ ଭଞ୍ଜସେନା ମଧ୍ୟ ମୁହଁ ଖୋଲିଛି। ପ୍ରତିକ୍ରିୟାରେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି, ନାବାଳିକା ଓ କିଶୋରୀଙ୍କ ପାଇଁ ମୋହନ ସରକାର ନୂତନ ଯୋଜନା ପ୍ରଣୟନ କରୁଥିବାବେଳେ ମୋରଡା ଥାନା ଅଧିକାରୀ ନ୍ୟାୟ ପାଇଁ ଆସିଥିବା ନାବାଳିକାଙ୍କ ପ୍ରତି ଆଚରଣ ଓ ୮ ଦିନ ପରେ ମଧ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ। ଏହା ଜିଲ୍ଲା ପୁଲିସର ମୌନତାକୁ ପ୍ରମାଣିତ କରିଛି। ଏଣୁ ୫ଦିନ ପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ପୀଡ଼ିତା ଓ ତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଭଞ୍ଜସେନା ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି କହିଛନ୍ତି।

## ବରଦାପାଳରେ ହାତୀ ଉପଦ୍ରବ, ନଷ୍ଟ କଲେ ଧାନ ଫସଲ



**ଖୁଣ୍ଟ, ୨୬।୫(ସମିସ):** ଶୁକ୍ରୁଲି ବ୍ଲକ ଅନ୍ତର୍ଗତ ବରଦାପାଳ ମୌଜାରେ ବଢ଼ି ଚାଲିଛି ହାତୀ ଉପଦ୍ରବ। ପୂର୍ବବର୍ଷ ଭଳି ଚଳିତ ବର୍ଷ ଶିଆଳିଗୋଠାଣି ଗ୍ରାମ ନିକଟ ବୈତରଣୀ ନଦୀ କୂଳରେ ସ୍ଥାପିତ ଉଠା ଜଳସେଚନ ପ୍ରକଳ୍ପ ସହାୟତାରେ ବରଦାପାଳ ମୌଜାର ପ୍ରାୟ ୪୦ ଏକର ଜମିରେ ଚାଷୀ ଖରାଟିଆ ଧାନ ଚାଷ କରିଛନ୍ତି। ତେବେ ଗତକାଲି ବିଳମ୍ବିତ ରାତିରେ ୬ ଟିକିଆ ହାତୀପଲ ଶିଆଳି ଗୋଠାଣି ଗ୍ରାମର ପ୍ରସନ୍ନ ବେହେରା, ମିତ୍ରଭାନୁ ବେହେରା, ଘାସିନାଥ ସାହୁ ଓ ବରଦାପାଳ ଗ୍ରାମର ମୁନା ନାଏକ, ପାର୍ବତୀ ନାଏକ, ରଇବୁ ମୁଣ୍ଡା ପ୍ରମୁଖ ଚାଷୀଙ୍କ ପାଚିବା ଅବସ୍ଥାରେ ଥିବା ହାରାହାରି ୧୦ ଏକର ଧାନ କିଆରୀରେ ପଶି ବହୁ ପରିମାଣର ଫସଲ ଦଳିଚକଟି ନଷ୍ଟ କରିଥିବା ଦେଖିବାକୁ ମିଳିଛି। ଏଥି ପୂର୍ବରୁ ଅନେକ ସମୟରେ ବିଲବାଡ଼ିରେ ହାତୀ ଦ୍ୱାରା ଫସଲ ନଷ୍ଟ ହେଉଥିବା ସମ୍ପର୍କରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଚାଷୀମାନେ ବିପିଏଲ ଶ୍ରେଣୀଭୁକ୍ତ ହୋଇଥିବାରୁ ଏହି କ୍ଷୟକ୍ଷତି ସେମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଛି। ତେଣୁ ପ୍ରଭାବିତ ଚାଷୀଙ୍କୁ ସରକାର ତୁରନ୍ତ ଉଚିତ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଚାଷୀ ଦାବି ଜଣାଇଛନ୍ତି।

### ରାଇରଙ୍ଗପୁର ସହରରେ ଏଟିଏମ୍‌ରେ ସମସ୍ୟା

## ଅଧିକାଂଶ ସମୟରେ ରହୁନି ଟଙ୍କା, ଫେରୁଛନ୍ତି ଲୋକ

**ରାଇରଙ୍ଗପୁର, ୨୬।୫(ସମିସ):** ରାଇରଙ୍ଗପୁର ସହରରେ ଥିବା ବିଭିନ୍ନ ବ୍ୟାଙ୍କ୍ ଏଟିଏମରେ ଟଙ୍କା ସମସ୍ୟା ଜାରି ରହିଛି। ଏଟିଏମ ଗୁଡ଼ିକରେ ଅଧିକାଂଶ ସମୟରେ ଟଙ୍କା ରହୁନଥିବାରୁ ଗ୍ରାହକ ମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କ ଆକାଉଣ୍ଟଧାରୀ ତୁରନ୍ତ ଟଙ୍କା ପାଇବା ପାଇଁ ଏଟିଏମ କାର୍ଡ କରିଛନ୍ତି। ବିଭିନ୍ନ ସାମଗ୍ରୀ କ୍ରୟ କରିବା କିମ୍ବା ଅନ୍ୟାନ୍ୟ କାମ ପାଇଁ ବିଭିନ୍ନ ସ୍ଥାନରୁ ଲୋକମାନେ ରାଇରଙ୍ଗପୁର ସହରକୁ ଆସିଥା'ନ୍ତି। ଏ ନେଇ ଟଙ୍କା ଆବଶ୍ୟକ ଥିବାବେଳେ ଏଟିଏମକୁ ଟଙ୍କା ଉଠାଣ ପାଇଁ ଯାଇଥା'ନ୍ତି। ବ୍ୟାଙ୍କରୁ ଲମ୍ବା ଲାଇନ ଲଗାଇ ଟଙ୍କା ନ ଉଠାଇବାକୁ ଏଟିଏମ ଯାଉଥିବାବେଳେ ଲୋକେ ଟଙ୍କା ପାଉନାହାନ୍ତି। ଅଧିକାଂଶ ସମୟରେ ଏଟିଏମରେ ଟଙ୍କା ରହୁନାହିଁ। ଫଳରେ ଟଙ୍କା ନ ପାଇ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କ ଛୁଟି ଦିନ ଉକ୍ତ ସମସ୍ୟା ଅଧିକ ରହୁଛି। ଏଟିଏମ ପରିଚାଳନା ଦାୟିତ୍ୱରେ ଥିବା ବ୍ୟାଙ୍କ କର୍ମଚାରୀ ସଠିକ ଭାବେ ଏଟିଏମ ରକ୍ଷଣାବେକ୍ଷଣ କରୁ ନ ଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶନିବାର ଓ ରବିବାର ବ୍ୟାଙ୍କ ବନ୍ଦ ଦିନରେ ଟଙ୍କାର ଉପଲବ୍ଧ ବାବଦରେ କୌଣସି ଯାଞ୍ଚ କରାଯାଉନାହିଁ। ଫଳରେ ଟଙ୍କା ଉଠାଣ ପାଇଁ ଲୋକେ ଦହଗଞ୍ଜ ହେଉଛନ୍ତି। ବିଭିନ୍ନ ବ୍ୟାଙ୍କ ଏଟିଏମରେ ଉକ୍ତ ଟଙ୍କା ସମସ୍ୟା ବାରମ୍ବାର ହେଉଥିବାବେଳେ ଅଭିଯୋଗ ସତ୍ତ୍ୱେ ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏହାର ସ୍ଥାୟୀ ସମାଧାନ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବାମନଘାଟି ଉପଖଣ୍ଡ ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାବେଳେ ୟୁପିଆଇର ବହୁଳ ବ୍ୟବହାର ସମ୍ଭବ ନୁହେଁ। ରାଇରଙ୍ଗପୁର ସହର ଉପରେ ଲୋକେ ନିର୍ଭରଶୀଳ ଅଟନ୍ତି। ତେବେ ସହରକୁ ଆସି ଟଙ୍କା ଉଠାଣ ନ କରି ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଏହାର ସ୍ଥାୟୀ ସମାଧାନ କରିବା ନିହାତି ଆବଶ୍ୟକ ଅଟେ।

**ବ୍ୟାଙ୍କ ବନ୍ଦ ଦିନରେ ଅଧିକ ରହୁଛି ସମସ୍ୟା**

### ଝିଞ୍ଜିରି ବନ୍ଧ ଓ ଜୁବଲି ପାର୍କ ସୌନ୍ଦର୍ଯ୍ୟକରଣ ପ୍ରସଙ୍ଗ

## ଜଙ୍ଗଲ ଜମିରେ ହେଉଛି ବେଆଇନ କାମ




**ବାରିପଦା, ୨୬।୫(ସମିସ):** ବାରିପଦାସ୍ଥ ଝିଞ୍ଜିରିବନ୍ଧ-ଜୁବଲି ପାର୍କ ସୌନ୍ଦର୍ଯ୍ୟକରଣ ପାଇଁ ଜଙ୍ଗଲ ଜମିରେ ବିନା ଅନୁମତିରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ଅଭିଯୋଗ ଏବେ ବିବାଦୀୟ ହୋଇଛି। ବନ ସଂରକ୍ଷଣ ଅଧିନିୟମ ୧୯୮୦ ଓ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି)ର ଆଦେଶ ଉଲ୍ଲଙ୍ଘନ କରି ବାରିପଦା ମ୍ୟୁନିସିପାଲିଟି ଏହି କାର୍ଯ୍ୟ ଚଳାଉଥିବା ଅଭିଯୋଗ ହୋଇଛି। ପ୍ରତାପ ଚନ୍ଦ୍ର ମହାନ୍ତି ନାମକ ଅଭିଯୋଗକାରୀ ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ ଓ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟକୁ ଚିଠି ଲେଖି ଏହି ଅନିୟମିତତାର ଅଭିଯୋଗ କରିଛନ୍ତି। ଚିଠିରେ କୁହାଯାଇଛି ଯେ ଖାତା ନମ୍ବର ୭୪ର ପ୍ଲଟ ନମ୍ବର ୨୧୩ (ଜଙ୍ଗଲ-୧), ୨୧୮ (ପତିତ), ୨୩୦ (ଜଳାଶୟ) ଓ ଖାତା ନମ୍ବର ୭୧ର ପ୍ଲଟ ନମ୍ବର ୨୦୩ (ଜଳାଶୟ)ରେ ଜୁବଲି ପାର୍କର ଉନ୍ନୟନ କାର୍ଯ୍ୟ (ଇନଫ୍ରାଷ୍ଟ୍ରକ୍‌ଚର, ଲ୍ୟାଣ୍ଡସ୍କେପିଂ, ଆଇଲ୍ୟାଣ୍ଡ, ବୋଟିଂ, ଇଲେକ୍ଟ୍ରିକାଲ ଇନଷ୍ଟଲେସନ ଆଦି) ପାଇଁ କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମତି ବିନା କାର୍ଯ୍ୟ ଆରମ୍ଭ ହୋଇଛି। ମ୍ୟୁନିସିପାଲିଟି ଓ ଠିକାଦାର ପ୍ରାୟ ଶତାଧିକ ଗଛ କାଟି ସଫା କରିଛନ୍ତି ଓ ଜେସିବି ମେସିନ୍ ବ୍ୟବହାର କରି ମୂଳ ସଫା କରୁଛନ୍ତି। ଏନଜିଟି ଏହି ଘଟଣାରେ ଗୋଟିଏ ମାମଲା (ଓଏ ନମ୍ବର ୯୭/୨୦୨୬)ରେ ଗତ ଏପ୍ରିଲ ୩୦ ତାରିଖରେ ନୋଟିସ ଜାରି କରିଥିଲେ ଓ ସମସ୍ତ ପ୍ରତିବାଦୀଙ୍କୁ ଉତ୍ତର ମାଗିଥିଲେ। ତଥାପି ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ନୋଟିସ ପରେ ମଧ୍ୟ କାର୍ଯ୍ୟ ଜାରି ରଖିଛନ୍ତି। ପ୍ରତାପ ଚନ୍ଦ୍ର ମହାନ୍ତି ତାଙ୍କ ଚିଠିରେ ୧୯ ତାରିଖରେ ଜେସିବି ମେସିନ୍ କାର୍ଯ୍ୟର ଫଟୋ ସଂଯୋଗ କରିଛନ୍ତି ଓ ତୁରନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଏହି ଘଟଣା ସ୍ଥାନୀୟ ପରିବେଶବିତ୍ ଓ ନାଗରିକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସମ୍ପୃକ୍ତ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି ଉଠିଛି।

## ବାଲୁକା ଶିଳ୍ପୀ ଓ ଆନ୍ତର୍ଜାତିକ ରଗ୍‌ବୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା



**ବାରିପଦା, ୨୬।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର କୃତୀ ବାଲୁକା ଶିଳ୍ପୀ ଦଶରଥ ମହାନ୍ତ ଓ ଆନ୍ତର୍ଜାତିକ ମହିଳା ରଗ୍‌ବୀ ଖେଳାଳି ତଥା ଭାରତୀୟ ମହିଳା ଦଳର ଅଧିନାୟିକା ପାର୍ବତୀ ହାଁସଦା ଓ ଆରତୀ ମୁର୍ମୁଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାର କଳା ଓ କ୍ରୀଡ଼ା କ୍ଷେତ୍ରରେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଗୌରବ ଆଣିଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଭାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ସ୍ମାରକ ପ୍ରଦାନ କରି ସମ୍ମାନିତ କରିଥିଲେ। ମୟୂରଭଞ୍ଜର ପ୍ରତିଭା ନିଜ ଦକ୍ଷତା ଓ ପରିଶ୍ରମ ବଳରେ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣୁଛନ୍ତି। ସେମାନଙ୍କ ସଫଳତା ଜିଲ୍ଲାର ଯୁବପିଢିଙ୍କୁ କ୍ରୀଡ଼ା ଓ ସୃଜନଶୀଳ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ନାୟକ କହିଥିଲେ। ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ଶ୍ରୀ ମହାନ୍ତଙ୍କୁ ମୟୂରଭଞ୍ଜର ଐତିହାସିକ ଚୈତ୍ର ପର୍ବ ଅବସରରେ ପ୍ରସ୍ତୁତ କରିଥିବା ବିଶାଳ ବାଲୁକା କଳା ଏସିଆ ବୁକ୍ ଅଫ ରେକର୍ଡସ୍‌ରେ ସ୍ଥାନ ପାଇ ଜିଲ୍ଲାକୁ ଆନ୍ତର୍ଜାତିକ ସ୍ତରରେ ସ୍ୱତନ୍ତ୍ର ପରିଚୟ ଦେଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଭାରତୀୟ ମହିଳା ରଗ୍‌ବୀ ଦଳ ଅଧିନାୟିକ ପାର୍ବତୀ ହାଁସଦା ଓ ଆନ୍ତର୍ଜାତିକ ରଗବୀ ଖେଳାଳି ଆରତୀ ମୁର୍ମୁଙ୍କୁ ଆନ୍ତର୍ଜାତୀୟ ମହିଳା ରଗବୀ ପ୍ରତିଯୋଗିତାରେ ଭାରତୀୟ ଦଳ ପକ୍ଷରୁ ସଫଳ ପ୍ରତିନିଧିତ୍ୱ କରି ଦେଶ, ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ଶିଶିର ମୁଦୁୟା ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା ସଂସ୍କୃତି ଅଧିକାରୀ ଡ ଶୁଭାଶିଷ ନାୟକ ଉପସ୍ଥିତ ଥିଲେ।

## ଆଧାର କାର୍ଡରେ ଭୁଲ୍ ଯୋଗୁଁ ଅସୁବିଧାରେ ଛାତ୍ରୀ

**କରଞ୍ଜିଆ, ୨୬।୫(ସମିସ):** ଆଧାର କାର୍ଡରେ ନାମ ଭୁଲ ରହିଥିବା ଯୋଗୁଁ ଜଣେ ଆଦିବାସୀ ଛାତ୍ରୀ ବିଭିନ୍ନ ସରକାରୀ ଯୋଜନା ଓ ଦୈନନ୍ଦିନ କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଘଟଣା କରଞ୍ଜିଆ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବାରମ୍ବାର ଚେଷ୍ଟା ସତ୍ତ୍ୱେ ମଧ୍ୟ ଆଧାର କାର୍ଡରେ ନାମ ସଂଶୋଧନ ହୋଇପାରୁ ନ ଥିବାରୁ ପରିବାର ଲୋକ ପ୍ରଶାସନର ସହଯୋଗ ଲୋଡ଼ିଛନ୍ତି। କରଞ୍ଜିଆ ବ୍ଲକ ଅନ୍ତର୍ଗତ କୁଳିପୋଷି ପଞ୍ଚାୟତର ଟୀକାସିଲ ଗ୍ରାମର ବଟକୃଷ୍ଣ ସିଂଙ୍କ ୧୧ ବର୍ଷୀୟ ଝିଅ ନିରିମା ସିଂଙ୍କ ଆଧାର କାର୍ଡରେ ନାମ ଭୁଲ ରହିଥିବାରୁ ସେ ବହୁ ସମସ୍ୟାରେ ପଡୁଛନ୍ତି। ଅନ୍ୟ ସମସ୍ତ କାଗଜପତ୍ର ସ୍କୁଲ ରେକର୍ଡ ଓ ଜନ୍ମ ପ୍ରମାଣପତ୍ରରେ ନିରିମା ସିଂ ନାମ ଥିବାବେଳେ ଆଧାର କାର୍ଡରେ 'ନିରମ ସିଂ' ଉଲ୍ଲେଖ ହୋଇଛି। ପରିବାର ପକ୍ଷରୁ ତିନିଥର ଅଫିଡେଭିଟ ସହ ନାମ ସଂଶୋଧନ ପାଇଁ ଆବେଦନ କରାଯାଇଥିଲା। ପ୍ରଥମେ କୁଳିପୋଷି ପଞ୍ଚାୟତ ନିକଟସ୍ଥ ଜନସେବା କେନ୍ଦ୍ର, ପରେ କରଞ୍ଜିଆ ପୋଷ୍ଟ ଅଫିସ ଓ ତୃତୀୟଥର କରଡ଼ିଆସ୍ଥ ଜନସେବା କେନ୍ଦ୍ରରେ ସମସ୍ତ ଆବଶ୍ୟକ କାଗଜପତ୍ର ଦେଇ ପ୍ରକ୍ରିୟା କରାଯାଇଥିଲେ ମଧ୍ୟ ପ୍ରତିଥର ପୂର୍ବବତ ଭୁଲ ନାମ ସହିତ ଆଧାର କାର୍ଡ ଆସୁଥିବା ଅଭିଯୋଗ ହୋଇଛି। ବାରମ୍ବାର ଦୌଡ଼ି ଓ ଅର୍ଥ ଖର୍ଚ୍ଚ ପରେ ମଧ୍ୟ ସମସ୍ୟାର ସମାଧାନ ନ ହେବାରୁ ଛାତ୍ରୀଙ୍କ ପରିବାର ଭାଙ୍ଗିପଡ଼ିଛନ୍ତି। ଆଧାର କାର୍ଡରେ ନାମ ଭିନ୍ନ ଥିବାରୁ ସରକାରୀ ଯୋଜନା ଓ ଅନ୍ୟାନ୍ୟ ସୁବିଧା ପାଇବାରେ ମଧ୍ୟ ଅସୁବିଧା ହେଉଥିବା କୁହାଯାଇଛି। ଏ ସମ୍ପର୍କରେ କୁଳିପୋଷିର ପୂର୍ବତନ ସରପଞ୍ଚ ଗମ୍‌ହା ସିଂ ପ୍ରଶାସନକୁ ଏହି ଗରିବ ଆଦିବାସୀ ଛାତ୍ରୀଙ୍କୁ ସହଯୋଗ କରି ଶୀଘ୍ର ଆଧାର କାର୍ଡରେ ସଠିକ ନାମ ସଂଶୋଧନ କରାଇବାକୁ ଅପିଲ କରିଛନ୍ତି। ନାମ ସଂଶୋଧନ ହେଲେ ଛାତ୍ରୀ ଜଣଙ୍କ ବିଭିନ୍ନ ଯୋଜନାର ସୁବିଧା ସହଜରେ ପାଇପାରିବେ ବୋଲି ସେ କହିଛନ୍ତି।



## ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ କୁଲର ପ୍ରଦାନ



ବାରିପଦା, ୨୬।୫ (ସମିସ): ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ରୋଗୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଅତ୍ୟଧିକ ତାତିରୁ ସାମାନ୍ୟ ଆଶ୍ୱସ୍ତି ପାଇଁ ସାମାଜିକ କର୍ମୀ ନନ୍ଦିକେଶ ଶେଜପଡ଼ା ୨ଟି ବଡ କୁଲର ପ୍ରଦାନ କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିସରରେ ଏହି କୁଲର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଡିଏମଓ ଡା. ଧନୁର୍ଜୟ ମହାନ୍ତ, ଡିପିଏମ ଅନୀଲ ମହାନ୍ତି, ହସ୍‌ପିଟାଲ ମ୍ୟାନେଜର ଶ୍ରୀରାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରୀଷ୍ମ ଋତୁର ତୀବ୍ର ତାପ ମଧ୍ୟରେ ରୋଗୀ, ସହଯୋଗୀ ଓ ଡାକ୍ତରଖାନା କର୍ମଚାରୀଙ୍କ ପାଇଁ ଏହା ଏକ ଅତ୍ୟନ୍ତ ଉପଯୋଗୀ ଓ ମାନବିକ ଉଦ୍ୟମ ବୋଲି ବିବେଚନା କରାଯାଉଛି। ନନ୍ଦିକେଶ କହିଛନ୍ତି, ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ଗରମରେ ସେମାନଙ୍କୁ ଅଧିକ ଅସୁବିଧା ହେଉଥିଲା। ତାପକୁ କିଛି ମାତ୍ରାରେ କମ୍ କରିବା ପାଇଁ ମୁଁ ଏହି ଛୋଟ ଉଦ୍ୟମ କରିଛି। ଭବିଷ୍ୟତରେ ଆହୁରି ଅନ୍ୟାନ୍ୟ ସହାୟତା ମଧ୍ୟ ଜାରି ରଖିବି ବୋଲି କହିଛନ୍ତି। ଏହି କୁଲର ଆଉଟଡୋର ବିଭାଗ, ଇମର୍ଜେନ୍ସି ଓ ସାଧାରଣ ୱାର୍ଡରେ ଲଗାଯିବ ବୋଲି ଜଣାପଡ଼ିଛି।

### ନିୟମ ଭାଙ୍ଗୁଛନ୍ତି ଠିକାଦାର

## ପ୍ରଚଣ୍ଡ ଖରାରେ ଚାଲିଛି ନିର୍ମାଣ କାମ

ବାରିପଦା, ୨୬।୫(ସମିସ)

ରାଜ୍ୟରେ ଗ୍ରୀଷ୍ମପ୍ରବାହର ପ୍ରକୋପ ଅସହ୍ୟ ହୋଇପଡ଼ିଥିବାବେଳେ ବାରିପଦା ସହରରେ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଥିବା ଅଭିଯୋଗ ହୋଇଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବାରୁ ଶ୍ରମିକଙ୍କ ସୁରକ୍ଷା ପାଇଁ ଶ୍ରମ ବିଭାଗ ପକ୍ଷରୁ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସମସ୍ତ ପ୍ରକାରର ଶ୍ରମ କାର୍ଯ୍ୟ ବନ୍ଦ ରଖିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ତେବେ ବାରିପଦାର ଛଉପଡ଼ିଆ ନବୀକରଣ ଓ ପୁଲିସ ପଡ଼ିଆ ପାଚେରି କାର୍ଯ୍ୟ ସ୍ଥଳରେ ଏହି ନିୟମ କେବଳ କାଗଜପତ୍ରରେ ସୀମିତ ଥିବା ଦେଖିବାକୁ ମିଳିଛି। ମଧ୍ୟାହ୍ନ ୧୨ଟା ଉପରେ ମୁଣ୍ଡଫଟା ଖରାରେ ଶ୍ରମିକ କଂକ୍ରିଟ୍ ଓ ସିମେଣ୍ଟ ଢାଳିବା କାମ କରୁଥିବା ନଜରକୁ ଆସୁଛି। ପ୍ରଶାସନ ପକ୍ଷରୁ ସମସ୍ତ ଠିକାଦାରଙ୍କୁ ନୋଟିସ୍ ଜାରି କରାଯାଇଥିବାବେଳେ ବାସ୍ତବ କ୍ଷେତ୍ରରେ ଠିକାଦାର କିମ୍ବା ନିର୍ମାଣ ସଂସ୍ଥା ଏହାକୁ ଖାତିର କରୁନାହାନ୍ତି। ନିର୍ମାଣ ସ୍ଥଳରେ ଶ୍ରମିକଙ୍କ ପାଇଁ ଓଆରଏସ୍ କିମ୍ବା ପର୍ଯ୍ୟାପ୍ତ ପିଇବା ପାଣି ଭଳି ଜରୁରୀ ସୁବିଧା ମଧ୍ୟ ଉପଲବ୍ଧ ନ ଥିବା ଦେଖିବାକୁ ମିଳିଛି। କାର୍ଯ୍ୟରତ ଶ୍ରମିକ ସାଦିକ ଶେଖ, ରତନ ମାରାଣ୍ଡି ଓ



ମୁଲି ମାରାଣ୍ଡିଙ୍କ କହିବା ଅନୁସାରେ, ସେମାନେ ସକାଳୁ ସଞ୍ଜ ଯାଏଁ ପ୍ରଚଣ୍ଡ ଖରାରେ କାମ କରିବାକୁ ବାଧ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ନିୟମ ଅନୁଯାୟୀ ୧୧ଟାରେ କାମ ବନ୍ଦ ହେବା କଥା। କିନ୍ତୁ କାମ ସାରିବା ଚାପ ଯୋଗୁଁ ସେମାନେ ମଧ୍ୟାହ୍ନ ପର୍ଯ୍ୟନ୍ତ ଖରାରେ ଝାଳ ବୁହାଉଛନ୍ତି। ଗରିବ ଶ୍ରମିକମାନେ ନିଜର ଦୁଃଖ ପ୍ରକାଶ କରି କହିଛନ୍ତି, ଯଦି ସରକାର କାମ ବନ୍ଦ କରିବାକୁ କହୁଛନ୍ତି, ତେବେ ଆମ ପେଟକୁ ଦାନା ଦିଅନ୍ତୁ। କାମ ବନ୍ଦ କଲେ ଗରିବ ଲୋକ ବଞ୍ଚିବେ କେମିତି? କେତେକ ସମୟରେ ଖରାବେଳେ ସାମାନ୍ୟ ବିଶ୍ରାମ ମିଳୁଥିଲେ ବି ପରିବାର ପ୍ରତିପୋଷଣ ପାଇଁ ସେମାନେ ଜୀବନକୁ ବାଜି ଲଗାଇ ଏଭଳି ପରିସ୍ଥିତିରେ କାମ କରୁଥିବା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାଏକଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି, ବାରିପଦା ସହରର ସମସ୍ତ ଠିକାଦାର ଓ ନିର୍ମାଣ ସଂସ୍ଥାକୁ ଶ୍ରମ ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ସକାଳ ୬ରୁ ୧୧ଟା ଓ ଅପରାହ୍ନ ୩ଟା ପରେ ଶ୍ରମିକମାନେ କାମ କରିପାରିବେ। ଯଦି କୌଣସି ଠିକାଦାର ଦିନ ୧୧ଟାରୁ ୩ଟା ମଧ୍ୟରେ ଶ୍ରମିକଙ୍କୁ ପ୍ରଚଣ୍ଡ ଖରାରେ କାମ କରାନ୍ତି, ତେବେ ଶ୍ରମିକମାନେ ସିଧାସଳଖ ଶ୍ରମ ବିଭାଗ ନିକଟରେ ଅଭିଯୋଗ କରିପାରିବେ। ଏଥିସହ ଛାଇ ଜାଗା କିମ୍ବା ଶିଳ୍ପ ସଂସ୍ଥା ଭିତରେ କାମ କରୁଥିବା ଶ୍ରମିକଙ୍କ ପାଇଁ ଓଆରଏସ୍ ଓ ଥଣ୍ଡା ପାଣିର ବ୍ୟବସ୍ଥା କରିବା ବାଧ୍ୟତାମୂଳକ। ବିଭାଗୀୟ ଇନ୍ସପେକ୍ଟର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଗରିବ ଶ୍ରମିକଙ୍କ ପାଇଁ ଭୋକ ଆଗ, ଜୀବନ ପଛ। କାମ ନାହିଁ ତ ଚୁଲି ବନ୍ଦ। ପ୍ରଶାସନ କ'ଣ କେବଳ ଚିଠି ଲେଖିବ, ନା ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବ? ତାହା ଦେଖିବାକୁ ବାକି ରହିଲା।

## କ୍ରିକେଟ ଖେଳକୁ ନେଇ ମା'ର ତାଗିଦ୍

# ଜୀବନ ହାରିଲା ୧୫ ବର୍ଷର ନାବାଳକ ପୁଅ

ତେଲକୋଇ, ୨୬।୫(ସମିସ)



ମା'ର ସାମାନ୍ୟ ତାଗିଦ୍‌କୁ ନେଇ ନାବାଳକ ପୁଅ ନିଜ ଛାତ ଘର ରଡରେ ଦଉଡ଼ି ଲଗାଇ ହାରିଲା ଜୀବନ। ଏମିତି ହୃଦୟ ବିଦାରକ ଦୁଃଖଦ ଘଟଣା ଘଟିଛି ତେଲକୋଇ ଥାନା ଅନ୍ତର୍ଗତ ଦେଉଳଡିହାପଞ୍ଚାୟତ ଜେନାଦର ଗାଁରେ। ସୂଚନା ଅନୁଯାୟୀ, ଗତ ରବିବାର ଦିନତମାମ ପ୍ରଚଣ୍ଡ ଖରାରେ କ୍ରିକେଟ ଖେଳି ସନ୍ଧ୍ୟା ସମୟରେ ସୁମିତ କିସାନ (୧୫) ଘରକୁ ଫେରିଥିଲା। ଏନେଇ ମା' ଓ ପୁଅ ମଧ୍ୟରେ ସ୍ୱାଭାବିକ ବଚସା ହୋଇଥିଲା। ପୁଅ ସୁମିତକୁ ମା' ସାମାନ୍ୟ ତାଗିଦ୍ କରିଥିଲେ। ପାଠପଢ଼ା ଛାଡ଼ି ଖେଳକୁଦରେ ମାତିଛୁ ବୋଲି କହିଥିଲେ। ଏହି ସାମାନ୍ୟ କଥାକୁ ନେଇ ରାତିରେ ଖାଇପିଇ ସାରିବା ପରେ ପୁଅ ସୁମିତ ଛାତ ଉପରକୁ ଉଠି ଛାତରୁ ବାହାରିଥିବା ରଡରେ ବେକରେ ଦଉଡ଼ି ଲଗାଇ ଝୁଲି ପଡ଼ିଥିଲା। ପରେ ମୁମୂର୍ଷୁ ଅବସ୍ଥାରେ ପୁଅକୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ ପରିବାର ଲୋକେ। ଚିକିତ୍ସା ଚାଲିଥିବା ଅବସ୍ଥାରେ ପୁଅକୁ ମୃତ୍ୟୁ ଘୋଷଣା କଲେ ଡ଼ାକ୍ତର। ଘଟଣାକୁ ନେଇ ଜେନାଦର ଗାଁରେ ଶୋକର ଛାୟା ଖେଳିଯାଇଛି।

# ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ



ହାଟଡ଼ିହୀ,୨୬।୫(ସମିସ): ବେଙ୍ଗାଲୁରୁରେ ନନ୍ଦିପଦା ଥାନା ଗିରିଗାଁ ଗ୍ରାମର ପ୍ରମିଳା ସ୍ୱାଇଁ ଓ ସ୍ୱର୍ଗତଃ ଭଗବାନ ସ୍ୱାଇଁଙ୍କ ୨୮ ବର୍ଷୀୟ ରୋଜଗାରିଆ ପୁଅ ହରେକୃଷ୍ଣ ସ୍ୱାଇଁଙ୍କ ଅକାଳ ବିୟୋଗ ଘଟିଛି। ପରିବାର ସହ ଗାଁ ସାହିରେ ଏନେଇ ଶୋକର ଛାୟା ଖେଳିଯାଇଛି। ଭଗବାନଙ୍କ ୨ ପୁଅ ମଧ୍ୟରୁ ହରେକୃଷ୍ଣ (ଚଇତା) ବଡ଼ ପୁଅ ଅଟନ୍ତି। ହରେକୃଷ୍ଣ ଓ ତାଙ୍କ ସାନ

## ଶୋକରେ ବୁଡ଼ିଲା ଗାଁ

ଭାଇ ଉଭୟ ଆଜକୁ ଦଶବର୍ଷ ଧରି ବେଙ୍ଗାଲୁରୁର ଏକ ଘରୋଇ ପାଇପ୍ ଲାଇନ୍ କମ୍ପାନୀରେ କାମ କରନ୍ତି। କିଛିଦିନ ତଳେ ହରେକୃଷ୍ଣଙ୍କ ଦେହ ଅସୁସ୍ଥ ହୋଇଥିଲା ବେଳେ ସେ ସେଠାରେ ଚିକିତ୍ସିତ ହେଉଥିଲେ। ଗତକାଲି ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ବଢ଼ିଗଲା। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁର କାରଣ ସ୍ପଷ୍ଟ ଭାବେ ଜଣାପଡି ନଥିବାବେଳେ ହୃଦଘାତଜନିତ ସମସ୍ୟାରୁ ହରେକୃଷ୍ଣଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ଗାଁଲୋକେ କହିଛନ୍ତି। କମ୍ପାନୀ ମାଲିକଙ୍କ ସହାୟତାରେ ବେଙ୍ଗାଲୁରୁରୁ ଆମ୍ବୁଲାନ୍ସ ଯୋଗେ ଆଜି ସନ୍ଧ୍ୟାରେ ହରେକୃଷ୍ଣଙ୍କ ମରଶରୀର ଗିରିଗାଁଠାରେ ପହଞ୍ଚିଛି। ହରେକୃଷ୍ଣ ଜଣେ ଅତ୍ୟନ୍ତ ଉତ୍ତମ ବ୍ୟବହାରିକ ଯୁବକ ଥିବାରୁ ତାଙ୍କୁ ଶେଷ ଦର୍ଶନ କରିବାକୁ ଗାଁ ସହ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ମଶାଣିରେ ହରେକୃଷ୍ଣଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ପୁଅର କଟୁରି ଚୋଟରେ ବାପ ଗୁରୁତର

ବାଲିବନ୍ଧ, ୨୬।୫ (ସମିସ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଝୁମ୍ପୁରା ବ୍ଲକ ନୟାଗଡ଼ ପଞ୍ଚାୟତ ବ୍ରାହ୍ମଣିଡ଼ିହି ଗ୍ରାମ ମୁଣ୍ଡାସାହିରେ ମଙ୍ଗଳବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ନୃଶଂସ ପୁଅର କଟୁରି ଚୋଟରେ ବାପ ଗୁରୁତର ହୋଇ ଜୀବନ ମରଣ ସହିତ ସଂଘର୍ଷ କରୁଥିବା ଜଣାପଡ଼ିଛି। ଏନେଇ ନୃଶଂସ ପୁଅ ନାମରେ ବାମେବାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସେହି ଗ୍ରାମର ମଦନ ମୁଣ୍ଡା (୬୬) ଭୋର ସକାଳୁ ଉଠି ଅଗଣାରେ ବସି ଦାନ୍ତ ଘଷୁଥିଲେ। ହଠାତ ପୁଅ ରାମସିଂ ମୁଣ୍ଡା ଏକ କଟୁରି ସାହାଯ୍ୟରେ ବାପ ମଦନଙ୍କ ବେକ, ମୁଣ୍ଡ, ମୁହଁ, ଡାହାଣ ହାତ ଏବଂ ଡାହାଣ ଗୋଡ଼କୁ ଚୋଟ ପରେ ଚୋଟ ହାଣି ପକାଇଲା।



ମଦନ ଚିତ୍କାର କରି ଘଟଣାସ୍ଥଳ ଟଳିପଡ଼ିଲେ। ପଡ଼ିଶା ଲୋକେ ଚିତ୍କାର ଶୁଣି ଦୌଡ଼ି ଆସିଲେ, କିଛି ବୁଝିବା ଆଗରୁ ଲହୁଲୁହାଣ ହୋଇ ଗୁରୁତର ଅବସ୍ଥାରେ ଭୂମିରେ ପଡ଼ି ରହିଥିଲେ ମଦନ। ପଡ଼ିଶା ଲୋକଙ୍କ ସାହାଯ୍ୟରେ ୧୦୮ ଆମ୍ବୁଲାନ୍ସ ଯୋଗେ ଝୁମ୍ପୁରା ଡାକ୍ତରଖାନାରେ ମଦନଙ୍କୁ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହେବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦୁଝରଗଡ଼ ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ଲିଖିତ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁକରି ବାମେବାରୀ ଥାନାଧିକାରୀ ଝସକେତନ ଭୋଇ ଏକ ଟିମ ନେଇ ଘଟଣାସ୍ଥଳରୁ ଅଭିଯୁକ୍ତ ରାମସିଂକୁ କାବୁ କରିବା ସହ ଝୁମ୍ପୁରା ଡାକ୍ତରଖାନରେ ମଦନଙ୍କୁ ପଚରାଉଚରା କରିଥିଲେ।

## ବ୍ଲକ୍ ଟପ୍ପରଙ୍କୁ ବିଧାୟକଙ୍କ ଶୁଭେଚ୍ଛା

ହାଟଡ଼ିହୀ,୨୬।୫(ସମିସ): ବ୍ଲକ ଟପ୍ପର ଛାତ୍ରୀ ମୋନାଲିସା ପାଣ୍ଡଙ୍କୁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଶୁଭେଚ୍ଛା ଜଣାଇଛନ୍ତି। ଚଳିତ ବର୍ଷ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ହାଟଡ଼ିହୀ ବ୍ଲକ ସରମଙ୍ଗା ଗ୍ରାମର ଗଣେଶ୍ୱର ପଣ୍ଡାଙ୍କ ଝିଅ ମୋନାଲିସା ପଣ୍ଡା ୬୦୦ରୁ ୫୬୦ ନମ୍ବର ରଖି ବ୍ଲକ ଟପ୍ପର ଭାବେ ସଫଳତା ଅର୍ଜନ କରିଛନ୍ତି। ମୋନାଲିସାଙ୍କ କଠିନ ପରିଶ୍ରମ ବ୍ଲକର ଟେକ ରଖିଥିବାରୁ ଆନନ୍ଦପୁର ବିଧାୟକ



ଶ୍ରୀ ସେଠୀ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଭବିଷ୍ୟତରେ ଜଣେ ଭଲ ମଣିଷ ହେବା ସହ ନିଜ ଅଞ୍ଚଳର ଉନ୍ନତି ଦିଗରେ ନିଜକୁ ସାମିଲ ରଖିବାକୁ ଆଶୀର୍ବାଦ ଦେଇଛନ୍ତି।

## ୨ ମାସହେଲା ମିଳୁନି ଅନ୍‌ଲାଇନ୍ ଭତ୍ତା; ହିତାଧିକାରୀ ହନ୍ତସନ୍ତ

ହାଟଡ଼ିହୀ,୨୬।୫(ସମିସ): ପୂର୍ବ ସରକାର ପ୍ରତି ମାସର ୧୫ ତାରିଖରେ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ଅର୍ଥ ପ୍ରଦାନ କରୁଥିବା ବେଳେ ମଇ ମାସ ସରିଲାକୁ ବସିଲାଣି ହେଲେ ଏଯାଏଁ ଅନ୍‌ଲାଇନ୍ ହିତାଧିକାରୀଙ୍କୁ ମିଳିଲାନି ଏପ୍ରିଲ୍ ଓ ମଇ ମାସର ଭତ୍ତା। ହାତାହାତି ଭତ୍ତା ପାଉଥିବା ହିତାଧିକାରୀମାନେ ବିଳମ୍ବରେ ହେଲେ ମଧ୍ୟ ଭତ୍ତା ପାଉଛନ୍ତି। ବ୍ୟାଙ୍କ୍ ଆକାଉଣ୍ଟ ମାଧ୍ୟମରେ ଭତ୍ତା ପାଉଥିବା ହିତାଧିକାରୀ ଆଜି ପର୍ଯ୍ୟନ୍ତ ଭତ୍ତା ନପାଇ ହତୋତ୍ସାହିତ ହୋଇପଡିଛନ୍ତି। ହାଟଡ଼ିହୀ ବ୍ଲକ୍‌ରେ ୭୬୫୬ ଜଣଙ୍କୁ ଅନଲାଇନ୍ ଭତ୍ତା ଦିଆଯାଉଥିବା ବେଳେ ୧୪୯୩୨ ଜଣ ହିତାଧିକାରୀ ହାତାହାତି ଭତ୍ତା ପାଉଛନ୍ତି। ଏହି ଭତ୍ତା ଟଙ୍କାରୁ କିଏ ଔଷଧ କିଣୁଛି ତ ଆଉ କିଏ ତେଲ ଲୁଣ କିଣି ଜୀବନ ବିତାଉଛି। ବିଶେଷ କରି ଏହି ଭତ୍ତା ଅନେକ ଗରିବ ବୃଦ୍ଧବୃଦ୍ଧାଙ୍କ ସାହାରା ପାଲଟି ଥିବାବେଳେ ଠିକ୍ ସମୟରେ ଭତ୍ତା ମିଳୁ ନଥିବାରୁ ଏହା ହିତାଧିକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହି ବ୍ୟବସ୍ଥାରେ ସୁଧାର ଆଣି ପୂର୍ବ ସରକାରଙ୍କ ଭଳି ପ୍ରତି ମାସ ୧୫ ତାରିଖରେ ଭତ୍ତା ଯୋଗାଇ ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାତିଶ୍ରୀ ସିଂଙ୍କୁ ପଚାରିବାରେ ୨ ମାସ ହେଲା ଏପରି ସମସ୍ୟା ଅଛି। ତେବେ, ଆସନ୍ତା ୨୮ ତାରିଖ ପରେ ସବୁ ହିତାଧିକାରୀଙ୍କ ଆକାଉଣ୍ଟକୁ ୨ ମାସର ଭତ୍ତା ଯୋଗାଇ ଦିଆଯିବା ନେଇ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି।

### ଜ୍ୟୋତିପୁର ବାଲି ଘାଟରୁ ଚୋରା ଚାଲାଣ

## ଘରୋଇ ଜମିରେ ରାସ୍ତାକୁ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ



କେନ୍ଦୁଝର,୨୬।୫(ସମିସ): ଜ୍ୟୋତିପୁର ବାଲି ଘାଟରୁ ଚୋରା ବାଲି ଚାଲାଣ ପାଇଁ ଘରୋଇ ଜମିରେ ରାସ୍ତା କରାଯାଇଛି। ଏନେଇ ଉଚ୍ଚବାଲି ପଞ୍ଚାୟତ ମାଳିପଶି ଗ୍ରାମର ଲୋକମାନେ ଜିଲ୍ଲାପାଳଙ୍କ ନିକଟରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ୨୦୨୨-୨୩ରୁ ଜ୍ୟୋତିପୁର ବାଲି ଘାଟରୁ ସରକାରୀ ନିଲାମ ଦିଆଯାଇଛି। ମାତ୍ର ନିଲାମଧାରୀ ଧାର୍ଯ୍ୟ ଜାଗାରୁ ବାଲି ଉତ୍ତୋଳନ କରିବା ପରିବର୍ତ୍ତେ ମାଳିପଶି ଗ୍ରାମର ଗଚ୍ଛିତ ଥିବା ବାଲିକୁ ଚୋରାରେ ଜୋର ଜବରଦସ୍ତ ବାଲି ଚୋରି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ; ଜିଲ୍ଲା ସୀମା ଲାଗିଥିବା ମୟୂରଭଞ୍ଜ ଜିଲ୍ଲା ଆଦିପୁର ଗ୍ରାମର ସୀମା ପଟୁ ମଧ୍ୟ ବାଲି ଚୋରି କରୁଛନ୍ତି। ଉଚ୍ଚବାଲି ପଞ୍ଚାୟତର ପାନୀୟ ଜଳ ଯୋଗାଣ ନିମନ୍ତେ ବୈତରଣୀ ନଦୀରୁ ବସୁଧା ପାଣି ୯ଟି ଗ୍ରାମକୁ ସଂଯୋଗ ହୋଇଛି। ମାତ୍ର ନିଲାମଧାରୀଙ୍କ ଦ୍ୱାରା ବେଆଇନ ବାଲି ଉତ୍ତୋଳନ କରିବା ଦ୍ୱାରା ପାଣି ଯୋଗାଣ ବାଧାପ୍ରାପ୍ତ ହୋଇ ଜଳ ଯୋଗାଣରେ ସମସ୍ୟା ହେଉଛି। ବାଲି ଚାଲାଣ କରିବା ନିମନ୍ତେ ସରକାର ନିଲାମଧାରୀଙ୍କୁ ସ୍ୱତନ୍ତ୍ର ରାସ୍ତା ଦେଇଥିଲେ ମଧ୍ୟ ନିଲାମଧାରୀମାନେ ସେହି ରାସ୍ତାରେ ବାଲି ପରିବହନ ନକରି ମାଳିପଷି ଅଞ୍ଚଳର ମିନତୀ ଲୋହାର, ମାଣିକ ମହାନ୍ତ, କରୁଣାକର ମହାନ୍ତ ଏବଂ ଦେବାଶିଷ ପ୍ରଧାନଙ୍କ ଚାଷ ଜମିର ଚାଷକୁ ନଷ୍ଟ କରି ଜୋରଜବରଦସ୍ତ ବାଲି ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଏଥିସହ ଗ୍ରାମ୍ୟ ଜଙ୍ଗଲ ମଧ୍ୟରେ ଗଛ କାଟି ରାସ୍ତା ତିଆରି କରି ବାଲି ଚାଲାଣ ହେଉଥିବା ଅଭିଯୋଗ କରାଯାଇଛି। ଲିଜଧାରୀ ବେଆଇନ ଭାବେ ବଡ ବଡ ମେସିନ ସାହାଯ୍ୟରେ ବାଲି ଉଠାଇ ୧୦/୧୨ ଚକିଆ ଟ୍ରକ ମାଧ୍ୟମରେ ପରିବହନ କରୁଛନ୍ତି। ଯାହାଦ୍ୱାରା ଓଡିଶା ସରକାରଙ୍କ ରାଜସ୍ୱ ହାନି ମଧ୍ୟ ହେଉଛି। ସଂପୃକ୍ତ ଚାଷୀମାନେ ବାରଣ କଲେ ଲିଜଧାରୀ ପ୍ରଶାସନ ର ଖାସ ଲୋକ କହି ଝାଡଖଣ୍ଡ ରାଜ୍ୟରୁ ଗୁଣ୍ଡା ଆଣି ଧମକଚମକ ଦେଇ ବଳ ପୂର୍ବକ ବାଲି ଚାଲାଣ କରୁଛନ୍ତି। ବେଆଇନ ବାଲି ଚାଲାଣ କରୁଥିବାରୁ ସଂପୃକ୍ତ ଚାଷୀମାନଙ୍କ ଚାଷ ଜମି ନଷ୍ଟ ହେଉଛି ଏବଂ ବସୁଧାରେ ପାଣି ନଆସିବାରୁ ଗ୍ରାମବାସୀ ପାଣି ପାଇଁ ୧/୨ କିଲୋମିଟର ଦୂର ଗ୍ରାମରୁ ପାଣି ଆସୁଥିବା ଅଭିଯୋଗ କରିଛନ୍ତି। ବେଆଇନ ବାଲି ଖନନ କରାଯାଇ ଚାଷ ଓ ଚାଷ ଜମିର ସୁରକ୍ଷା ଏବଂ ସଂପୃକ୍ତ ଚାଷୀମାନଙ୍କ ଜୀବନ ପ୍ରତି ବିପଦ ରହୁଥିବା ଘଟଣାମାନ ତଦନ୍ତ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିଛନ୍ତି।

## ପୌରପାଳିକା କାର୍ଯ୍ୟାଳୟରେ ନିର୍ବାଚନ ସମ୍ବନ୍ଧୀୟ ସମୀକ୍ଷା



କେନ୍ଦୁଝର,୨୬।୫(ସମିସ): କେନ୍ଦୁଝରଗଡ଼ ପୌରପାଳିକା ଅଞ୍ଚଳରେ ଆଗାମୀ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ଲକ୍ଷ୍ୟରେ ପୌରପାଳିକା କାର୍ଯ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୌରପାଳିକାର ମାନ୍ୟବର ଉପାଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ୱାର୍ଡର କାଉନସିଲର, ବିଭିନ୍ନ ରାଜନୈତିକ ଦଳର ବୁଥ୍‌ସ୍ତରୀୟ ଏଜେଣ୍ଟ ଏବଂ ସୁପରଭାଇଜରମାନେ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବିଶେଷ କରି ପ୍ରତିଟି ୱାର୍ଡରେ ଯୋଗ୍ୟ ନୂତନ ଭୋଟରଙ୍କ ନାମ ସାମିଲ କରିବା, ଦ୍ୱିବାର ନାମ ଥିବା କିମ୍ବା ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମକୁ ଚିହ୍ନଟ କରି ତାଲିକାରୁ ବାଦ୍ ଦେବାଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ଏହି ସାଂଗଠନିକ କାର୍ଯ୍ୟକୁ ସଫଳ କରିବା ପାଇଁ ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି ଏବଂ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ଓ ଦୈନିକ ରିପୋର୍ଟିଂ ଉପରେ ଗୁରୁତ୍ୱ ଦିଆଯାଇଛି। ଭୋଟର ତାଲିକାକୁ ଶତପ୍ରତିଶତ ସଠିକ୍ କରିବା ପାଇଁ କାଉନସିଲର ଏବଂ ବିଭିନ୍ନ ଦଳର ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ସ୍ଥାନୀୟ ବୁଥ୍‌ସ୍ତରୀୟ ଅଧିକାରୀ ସୁପରଭାଇଜରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବେ। ବୁଥ୍‌ସ୍ତରୀୟ ଅଧିକାରୀ ସୁପରଭାଇଜରମାନେ ପ୍ରତିଟି ବୁଥ୍‌ର କାର୍ଯ୍ୟକ୍ଷେତ୍ରକୁ ନିୟମିତ ଭାବେ ପରିଦର୍ଶନ କରି ତଦାରଖ କରିବେ। ପୌରପାଳିକା ଅଞ୍ଚଳରେ କୌଣସି ଯୋଗ୍ୟ ନାଗରିକ ଯେପରି ଭୋଟ୍ ଦେବାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ୱାର୍ଡ ସ୍ତରରେ ସଚେତନତା ସୃଷ୍ଟି କରାଯିବ। ପୌରପାଳିକାର ବରିଷ୍ଠ ଅଧିକାରୀମାନେ ବୈଠକ ପରିଚାଳନା କରିବା ସହ ଉପସ୍ଥିତ ସମସ୍ତ ପ୍ରତିନିଧିମାନଙ୍କ ଠାରୁ କାର୍ଯ୍ୟକ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ନେଇ ମତାମତ ଗ୍ରହଣ କରିଥିଲେ। ଏହି ସରକାରୀ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ସମସ୍ତେ ପ୍ରତିଶ୍ରୁତି ଦେଇଥିଲେ।

### ଶିଶୁମୃତ୍ୟୁ ଘଟଣା

## ପରିବାରକୁ କ୍ଷତିପୂରଣ ଓ ନିଯୁକ୍ତି ପ୍ରଦାନ



ହାଟଡ଼ିହୀ,୨୬।୫(ସମିସ): ସୋସୋ ଥାନା ଝଣଝଣା ଗ୍ରାମର ଏକ ଶିଶୁର ଗାତରେ ପଡ଼ି ମୃତ୍ୟୁ ଘଟଣାରେ ସହାୟତା ପ୍ରଦାନ କରାଯାଇଛି। ମେଗା ପାନୀୟଜଳ ପ୍ରକଳ୍ପ ପକ୍ଷରୁ ପାଣି ଲିକେଜ୍ ବନ୍ଦ ପାଇଁ ରାସ୍ତା ଉପରେ ୫/୬ ଫୁଟ ଗଭୀରର ଏକ ଗାତ ଖୋଳା ଯାଇଥିଲା। ଯାହା ଦୀର୍ଘଦିନ ଖୋଲାମେଲାରେ ରହିବା ପରେ ମଧ୍ୟ ତାହା ବିଭାଗ ପକ୍ଷରୁ ବନ୍ଦ କରାଯାଇନଥିଲା; ଯାହାକି, ସୋମବାର ଝଣଝଣା ଗ୍ରାମର ଅରୁଣ ଖଣ୍ଡେଇଙ୍କ ୨ବର୍ଷର ଶିଶୁ ଅନୀଲ ରାସ୍ତା ଉପରେ ଖେଳୁଥିବା ବେଳେ ଉକ୍ତ ଜଳପୂର୍ଣ୍ଣ ଗାତରେ ପଡ଼ିଯିବାରୁ ଅନୀଲର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇବା ସହ ପରିବାରକୁ କ୍ଷତିପୂରଣ ଦାବି କରାଯାଇଥିଲା। ଆଜି ମେଗା ପାନୀୟଜଳ ପ୍ରକଳ୍ପ ପକ୍ଷରୁ ମୃତକଙ୍କ ପରିବାରକୁ ତିନିଲକ୍ଷ ଟଙ୍କାର ଆର୍ଥିକ ସହାୟତା ସହ ପରିବାରର ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।

## ଚୋରା ବାଲି ବୋଝେଇ ୬ ହାଇୱା ଜବତ



ପୁଲିସ ତନାଘନା ଜାରି

କେନ୍ଦୁଝର, ୨୬।୫(ସମିସ): କେନ୍ଦୁଝର ଟାଉନ ପୁଲିସ ପକ୍ଷରୁ ଗତକାଲି ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ରାଙ୍କି ନିକଟରେ ସରକାରୀ ଜମିରୁ ଚୋରା ମାଟି ଖୋଳୁଥିବା ଗୋଟିଏ ଜେସିବି ଏବଂ ଗୋଟିଏ ହାଇୱା ଗାଡ଼ି ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ମାଫିଆକୁ ପୁଲିସ ଖୋଜୁଛି। ସେହିପରି ଗତ ୩ ଦିନ ମଧ୍ୟରେ ୬ଟି ବାଲି ବୋଝେଇ ହାଇୱା ଏବଂ ୩ଟି ଟ୍ରାକ୍ଟର ଗାଡ଼ି ମଧ୍ୟ ଜବତ୍ କରାଯାଇଛି ବୋଲି ଟାଉନ ଥାନାଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି। ଉକ୍ତ ଗାଡିଗୁଡିକ ବିନା ଟିପି ଏବଂ ଓଭରଲୋଡରେ ଥିବା ଜଣାପଡିଛି। କିଛି ଦିନ ବ୍ୟବଧାନ ପରେ ପୁଣି ବାଲି ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ଏହି ସବୁ ବାଲି ବୈତରଣୀ ନଦୀରୁ ଜାତୀୟ ରାଜପଥ ଦେଇ ଚୋରା ଚାଲାଣ ବେଳେ ଟାଉନ ପୁଲିସ ଚଢାଉ କରି ଧରିଛି। କେନ୍ଦୁଝର ସହରରେ ବିଭିନ୍ନ ସ୍ଥାନ ଯଥା ଆଟୋପୁର, କାଶିପୁର, କଲେଜରୋଡ, କାଳୀପଡିଆ, ରାଙ୍କି, ଠାକୁରପାଟଣା, ଡାଙ୍ଗରପଡା ଆଦି ଅଞ୍ଚଳରେ ଥିବା ବେଆଇନ ବାଲି ଡିପୋକୁ ଯୋଗାଣ ହେଉଛି। କେନ୍ଦୁଝର ସହର ଏବଂ ଆଖପାଖ ଅଞ୍ଚଳରେ ଚାଲିଥିବା ୨୦ରୁ ଅଧିକ ସ୍ଥାନରେ ଖଣି ବିଭାଗ ଓ ପୁଲିସ ବିଭାଗ ପକ୍ଷରୁ ନିୟମିତ ଚଢଉ କରାଗଲେ ବାଲି ଚୋରି ଉପରେ ଅଙ୍କୁଶ ଲାଗିପାରିବ ବୋଲି ମତପ୍ରକାଶ ପାଇଛି।

## ସୋସୋ ଥାନାଞ୍ଚଳରେ ଅବାଧ ଜୁଆଖେଳ

**ସର୍ବସ୍ୱାନ୍ତ ହେଉଛନ୍ତି ଗରିବ ପରିବାର**

ହାଟଡ଼ିହୀ,୨୬।୫(ସମିସ): ସୋସୋ ଥାନା ଅଞ୍ଚଳରେ ବିଭିନ୍ନ ମାଦକ ଦ୍ରବ୍ୟର କାରବାର ବଢ଼ି ଚାଲିଥିଲା ବେଳେ ଏବେ ଅବାଧ ଜୁଆଖେଳ ମୁଣ୍ଡ ଟେକିବାରେ ଲାଗିଛି। ପୁଲିସ ଓ ଅବକାରୀ ବିଭାଗ ଦେଶୀ, ବିଦେଶୀ ମଦ, ଗଞ୍ଜେଇ ଉପରେ ଚଢ଼ଉ କରୁଥିଲା ବେଳେ ଜୁଆଖେଳ ଉପରେ ଆଦୌ ଦୃଷ୍ଟି ଦେଉ ନଥିବା କୁହାଯାଉଛି। ଯାହାଫଳରେ ବଣିଆପଙ୍କ, ଖଣିବଜାର, ସହ ଢେଙ୍କା ପଞ୍ଚାୟତର ବିଭିନ୍ନ ସ୍ଥାନରେ ବେଧଡକ ଜୁଆଖେଳ ଚାଲୁଥିବା ଦେଖାଯାଉଛି। ଜୁଆଖେଳର ମୁଖ୍ୟ ପୁରୋଧାମାନେ ସାଧାରଣତଃ ଭଦ୍ରକ, ବାଲେଶ୍ୱର, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାରୁ ଆସି ସ୍ଥାନୀୟ ଅଞ୍ଚଳର କିଛି ଗରିବ ଖଟିଖିଆ ଲୋକଙ୍କୁ ଲୋଭ ଦେଖାଇ ଖେଳ ପ୍ରତି ଆକର୍ଷିତ କରୁଛନ୍ତି। ଅନେକ ଗରିବ, ଦିନମଜୁରିଆ ଶ୍ରେଣୀର ଲୋକେ ଜିତିବାର ଲୋଭ ନେଇ ଶେଷରେ ସର୍ବସ୍ୱାନ୍ତ ହେଉଛନ୍ତି। ଗରିବ ଖଟିଖିଆଙ୍କ ରୋଜଗାର ଟଙ୍କା ଏହି ଜୁଆଖେଳରେ ଚାଲି ଯାଉଥିବାରୁ ପରିବାର ଲୋକେ ଆର୍ଥିକ ଅନଟନରେ କଷ୍ଟ ପାଉଛନ୍ତି। ଏପରିକି ଅନେକଙ୍କ ପରିବାରରେ ଏହାକୁ ନେଇ ଗଣ୍ଡଗୋଳ, ମାରପିଟ ଭଳି ସମସ୍ୟା ଉପୁଜୁଛି। ଜୁଆଖେଳ ରୋକିବା ଦିଗରେ ପୁଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ ଆନ୍ତରିକତା ଦେଖାଯାଉ ନଥିବାରୁ ଦିନକୁ ଦିନ ଜୁଆଖେଳ ବଢ଼ିବାରେ ଲାଗିଛି। ଜୁଆଖେଳ ବନ୍ଦ କରିବା ଦିଗରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ହସ୍ତକ୍ଷେପ କଲେ ହୁଏତ ଆଗାମୀ ଦିନରେ ଏହାର ସୁଧାର ଆସିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ କୁହାଯାଇଛି।

### ବାଲି ଚୋରି ସମ୍ପର୍କିତ ମାମଲାରେ ଗିରଫଦାରୀକୁ ନେଇ ଛକାପଞ୍ଝା

# ବିଜେପି-ବିଜେଡି ମଧ୍ୟରେ ଆରୋପ ପ୍ରତ୍ୟାରୋପ

ଆନନ୍ଦପୁର,୨୬।୫(ସମିସ)



ଜିଲ୍ଲା ପୁଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଦ୍ୱାରା ଆନନ୍ଦପୁର ଉପଖଣ୍ଡରେ ଚୋରା ବାଲିଚାଲାଣକୁ ନେଇ ଗିରଫଦାରୀକୁ ସପ୍ତାହେ ବିତିଲାଣି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ବିଜେପି ଓ ବିଜେଡିର ବହୁ ଛାମୁଆ ନେତା ରହିଛନ୍ତି। କ୍ଷମତାରେ ରହି ବିଜେପିର ସମର୍ଥନରେ କାମ କରୁଥିବା ବ୍ୟକ୍ତିଙ୍କ ଗିରଫଦାରୀକୁ ନେଇ ଏବେବି ଅନେକ ପ୍ରଶ୍ନର ଉତ୍ତର ମିଳୁନି। ଏପଟେ ଏହାକୁ ନେଇ ବିଜେପି ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ ଆକ୍ଷେପ ଲାଗି ରହିଛି।

ବିଜେଡିର ରାଜ୍ୟ ସମ୍ପାଦକ ହାଟଡିହି ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କ ଭଳି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ପୁଲିସ୍ କୋର୍ଟଚାଲାଣ କରିଛି। ରତିଙ୍କ ବାଲିବେପାର ସହିତ କୌଣସି ସମ୍ପର୍କ ନଥିବାବେଳେ ତାଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ଗିରଫ କରାଯାଇଥିବା ନେଇ ତାଙ୍କ ସମର୍ଥକମାନେ ଦାବି କରିଛନ୍ତି। ତେବେ ପରେ କିଛି ୱେବ ଚାନେଲରେ ରତିଙ୍କ ଗିରଫ ଉଦ୍ଦେଶ୍ୟମୂଳକ ବୋଲି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ କହିଛନ୍ତି। ଏପଟେ ଧକୋଠାରୁ ଗିରଫ ହୋଇଥିବା ଅଜିତ୍ ପୃଷ୍ଟି ବିଜେପିର ବୈତରଣୀ ମଣ୍ଡଳର ଯୁବମୋର୍ଚ୍ଚା ସଭାପତି ରହିଛନ୍ତି। ସେ ବିଜେପିରେ ସକ୍ରିୟ ରହିଥିବାବେଳେ ତାଙ୍କ ଗିରଫକୁ ବିଜେପି କର୍ମୀ ସହଜରେ ଗ୍ରହଣ କରିପାରୁନାହାଁନ୍ତି। ଏନେଇ ପଞ୍ଚାୟତର କିଛିବ୍ୟକ୍ତି ବିଜେପିର ଜିଲ୍ଲାସ୍ତରୀୟ ନେତାଙ୍କୁ ଭେଟି ନିଜର ଅସନ୍ତୋଷ ଜଣାଇଥିବା ମଧ୍ୟ ଜଣାପଡିଛି। ଗିରଫ ହୋଇଥିବା ହାଟଡିହି ବ୍ଲକ ଏଲକଣିଆ ଗ୍ରାମର ଯୋଗେନ୍ଦ୍ର ବେହେରା ଗତବର୍ଷ ତରତରା ଆମ୍ବତୋଟାରେ ହୋଇଥିବା ମିଶ୍ରଣ ପର୍ବରେ ସାଂସଦ ଅନନ୍ତ ନାୟକଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଥିଲେ। ବିଜେପିର ସାଂଗଠନିକ କାର୍ଯ୍ୟ ସହିତ ମଧ୍ୟ ସେ ସାମିଲ ରହିଥିଲେ। ତାଙ୍କର ଗିରଫଦାରୀକୁ ନେଇ ମଧ୍ୟ ବିଜେପିନେତା ମୁହଁ ଖୋଲୁନାହାଁନ୍ତି। ଏପଟେ ଅପରେସନ୍ ବୈତରଣୀ ସମୟରେ ପୁଲିସ୍ ହାତରେ ବହୁ କାଗଜପତ୍ର ଓ ଡାଏରୀ ଲାଗିଥିବା କୁହାଯାଉଛି। ଏଥିରେ ବାଲିଚାଲାଣ ପାଇଁ ଦିଆଯାଉଥିବା ଚାନ୍ଦାର ଚିଠା ମଧ୍ୟ ମିଳିଛି। ତେବେ ଏଥିରେ ଶାସକ ଦଳର ପ୍ରଭାବଶାଳୀଙ୍କ ନାମ ରହିଥିବାରୁ ତଦନ୍ତ ବାଟବଣା ହେବା ସମ୍ଭାବନା ରହିଛି। ଆଗାମୀ ଦିନରେ ଆହୁରି ଅନେକ ବାଲିମାଫିଆଙ୍କ ଉପରେ ଚଢ଼ଉ କରାଯିବର ସମ୍ଭାବନା ରହିଥିବାରୁ ଅନେକ ଆତ୍ମଗୋପନ କରିଥିବା ନେଇ ଆଲୋଚନା ହେଉଛି।

## ମହିଳା ସଂରକ୍ଷଣ ବିଲ୍ କାର୍ଯ୍ୟକାରିତା ନେଇ ବିକ୍ଷୋଭ




ତେଲକୋଇ, ୨୬।୫(ସମିସ): ତେଲକୋଇ ମହିଳା କଂଗ୍ରେସ ପକ୍ଷରୁ ମହିଳା ସଂରକ୍ଷଣ ବିଲ୍ (୩୩% ସଂରକ୍ଷଣ) ର ତୁରନ୍ତ କାର୍ଯ୍ୟକାରିତାକୁ ନେଇ ତେଲକୋଇ ବ୍ଲକ ଅଫିସ ସମ୍ମୁଖରେ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୨୦୨୩ ମସିହାରେ ସଂସଦରେ ପାରିତ ହୋଇଥିବା ୩୩% ମହିଳା ସଂରକ୍ଷଣ ଅଧିନିୟମକୁ କେନ୍ଦ୍ରର ବିଜେପି ସରକାର ତୁରନ୍ତ ଲାଗୁ ନକରି କେବଳ ରାଜନୈତିକ ବାହାବା ନେବା ପାଇଁ ସ୍ୱତନ୍ତ୍ର ଅଧିବେଶନ ଡାକି ଭ୍ରମିତ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ବିଲ୍ ପାରିତ ହେବା ସତ୍ତ୍ୱେ ୨୦୨୪ ସାଧାରଣ ନିର୍ବାଚନରେ ଏହାକୁ କାହିଁକି ଲାଗୁ କରାଗଲା ନାହିଁ ବୋଲି ଜିଲ୍ଲା ସଭାପତି ମନୋଜ ଜେନା, ତେଲକୋଇ ବ୍ଲକ ସଭାପତି ସୁବାସ ପ୍ରଧାନ ପ୍ରଶ୍ନ କରିଛନ୍ତି। ଏହାକୁ କେନ୍ଦ୍ର ସରକାର ତୁରନ୍ତ ଲାଗୁ କରିବା ପାଇଁ ଦାବି ହୋଇଛି। ଯୁବ ନେତା ନିର୍ମଳଚନ୍ଦ୍ର ନାୟକ, ବରିଷ୍ଠ କଂଗ୍ରେସ କର୍ମୀ ଭଦ୍ରସେନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ଗୁରୁଚରଣ ପ୍ରଧାନ, କ୍ଷେତ୍ରବାସୀ ନାୟକ, ଶ୍ୟାମ ନାୟକ, ଯସବନ୍ତ ଖୁଣ୍ଟିଆ, ବାସବରାଜ ପ୍ରଧାନ, ରାଜକିଶୋର ନାୟକ, ଗୁରୁବରୀ ମହାକୁଡ଼, କେରି ନାୟକ, ପ୍ରମିଳା ମହାକୁଡ଼, ରମଣୀ ନାଏକ, ଚେମି ମହାକୁଡ଼, କୁଶାର୍ଥ ନାୟକ, ମଞ୍ଜୁ ମହାକୁଡ଼, ପାର୍ବତୀ ବେହେରା, ଶିରି ନାୟକ, ଭାଲୁ ନାୟକ, କୁମାର ନାୟକ, ଦୂର ନାୟକ ସାମିଲ ଥିଲେ।

# ସମ୍ପାଦକୀୟ



ବହୁଲୋକଙ୍କ ଦ୍ୱାରା ନିଆଯାଉଥିବା ନିଷ୍ପତ୍ତି ତୁଳନାରେ ଉନ୍ନତ ବୁଦ୍ଧିସମ୍ପନ୍ନ ଜଣେ ବ୍ୟକ୍ତିର ନିଷ୍ପତ୍ତି ଅଧିକ ଉତ୍ତମ।
-ପ୍ଲାଟୋ

ସକାଳ THE SAKALA

## ରାତିର ତାତି

ଏବେ ରାତ୍ରିକାଳୀନ ତାପମାତ୍ରା ଅସ୍ୱାଭାବିକ ବୃଦ୍ଧି ପାଇ ଚାଲିଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଦିନ ବେଳେ ବାହାରକୁ ନ ଯିବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଉଥିବା ବେଳେ ଏବେ ରାତ୍ରିକାଳୀନ ସତର୍କ ସୂଚନା ଜାରି ହୋଇଛି। ଏପରିକି ରାତିରେ ମଧ୍ୟ ଅଂଶୁଘାତର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ ବୋଲି ଚେତାବନୀ ଦିଆଯାଉଛି। ଏହାକୁ କେବଳ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଆଳରେ ଅଣଦେଖା କରି ହେବ ନାହିଁ। ସମ୍ପୂର୍ଣ୍ଣ ରୂପେ ମନୁଷ୍ୟକୃତ ଏହି ଅସ୍ୱାଭାବିକତା ପାଇଁ ମଣିଷ ହିଁ ପରାଭବ ଭୋଗୁଛି। ୨୪ ଘଣ୍ଟା ବାତାନୁକୂଳିତ ପରିବେଶରେ ରହୁଥିବା ଧନିକ ବର୍ଗଙ୍କ ପାଇଁ ତାପମାତ୍ରାର ଏଭଳି ଅସ୍ୱାଭାବିକତାରେ ସେଭଳି କିଛି ଫରକ ପଡୁନାହିଁ। ମଧ୍ୟବିତ୍ତବର୍ଗ ମଧ୍ୟ କୌଣସି ପ୍ରକାରେ ଖର୍ଚ୍ଚରୁ କାଣ୍ଟଛାଣ୍ଟ କରି କିମ୍ବା କିସ୍ତିରେ ଏୟାର କଣ୍ଡିସନ୍ ଓ ଏୟାର କୁଲର କିଣି ରାତିର ତାତିରୁ ରକ୍ଷା ପାଇପାରୁଛନ୍ତି। କିନ୍ତୁ ନିମ୍ନ ମଧ୍ୟବିତ୍ତ ଓ ନିମ୍ନବିତ୍ତ ପରିବାର ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ବୟସ୍କ ଓ ରୋଗୀମାନଙ୍କ ପାଇଁ ଏହା ସମସ୍ୟା ଆଣୁଛି। ଏପରିକି ବାହାରର ତାପମାତ୍ରା ତୁଳନାରେ ଘର ଭିତରର ତାପମାତ୍ରା ଅଧିକ ସମସ୍ୟା ସୃଷ୍ଟିକାରୀ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି।

ଦିନ ବେଳା ମଣିଷ ଶରୀର ସହୁଥିବା ଉତ୍ତାପ ରାତିରେ ହ୍ରାସ ପାଏ। କିନ୍ତୁ ଏବେ ଭାରତରେ ରାତିରେ ହାରାହାରି ତାପମାତ୍ରା ୩୨ ଡିଗ୍ରୀ ଉପରେ ରହୁଥିବାରୁ ଶରୀର ଶୀତଳ ହେବା ପାଇଁ ସମୟ ପାଉନାହିଁ। ତେଣୁ ଆଭ୍ୟନ୍ତରୀଣ ଚୟାପଚୟନରେ ବ୍ୟତିକ୍ରମ ଦେଖାଦେଉଛି। ଭାରତରେ ହାରହାରି ଦିନର ତାପମାତ୍ରା ୧୯୦୧ ରୁ ୨୦୧୮ ମଧ୍ୟରେ ୦.୭ ଡିଗ୍ରୀ ବୃଦ୍ଧି ପାଇଛି। କିନ୍ତୁ ବିଗତ ୩୦ ବର୍ଷ ଭିତରେ ହାରାହାରି ତାପମାତ୍ରା ୦.୬୩ ଡିଗ୍ରୀ ଏବଂ ରାତିର ତାପମାତ୍ରା ହାରାହାରି ୦.୪ ଡିଗ୍ରୀ ବୃଦ୍ଧି ପାଇଛି।

ଏହାର କାରଣ କେବଳ ପ୍ରାକୃତିକ ନୁହେଁ। ବିକାଶ ନାମରେ ବ୍ୟାପକ ବୃକ୍ଷଛେଦନ, ଜଳାଶୟଗୁଡ଼ିକୁ ପୋତି ଗୃହ ନିର୍ମାଣ, ବ୍ୟାପକ ଶିଳ୍ପାୟନ, ଯାନବାହନର ବହୁଳ ବିକ୍ରି, ଅଧିକରୁ ଅଧିକ କୋଠା ନିର୍ମାଣ ଆଦିର ପରିଣତି ଏବେ ମିଳୁଛି। ଏଥିସହିତ ଯୋଡ଼ି ହୋଇଯାଇଛି ବିପୁଳ ମାତ୍ରାରେ ବାତାନୁକୂଳିତ ଯନ୍ତ୍ରର ବ୍ୟବହାର। ଯେଉଁ ବୈଦ୍ୟୁତିକ ଓ ଯାନ୍ତ୍ରିକ ଉପକରଣଗୁଡ଼ିକ ଏକଦା ବିଳାସପୂର୍ଣ୍ଣ ବର୍ଗରେ ପରିଗଣିତ ହେଉଥିଲା, ଆଧୁନିକତାର ପ୍ରଭାବରେ ତାହା ଏବେ ଆରାମଦାୟକ ବର୍ଗ ଅଧୀନ ହେବାରେ ଲାଗିଛି। ମଣିଷର ଏହି ମାନସିକତା ହିଁ ତା' ନିଜ ପାଇଁ ଅଧିକରୁ ଅଧିକ ସମସ୍ୟାକୁ ଡାକି ଆଣୁଛି। ଗରମରୁ ସୁରକ୍ଷା ପାଇଁ ଆମେ ଏବେ ଯେତେ ଅଧିକ ବାତାନୁକୂଳିତ ଓ ଶୀତଳୀକରଣ ଉପକରଣର ବ୍ୟବହାର କରିଚାଲିଛୁ ତାହା ଆମ ଅଲକ୍ଷ୍ୟରେ ବାହ୍ୟପରିବେଶ ବା ଜଳବାୟୁର ତାପମାତ୍ରାକୁ ଚକ୍ରକ୍ରିୟାରେ ସେତିକି ବୃଦ୍ଧି କରିଚାଲିଛି। ସେହି ଉତ୍ତାପ ଆମ ପାଖକୁ ପୁଣି ଥରେ ଫେରୁଛି। ଅଧିକରୁ ଅଧିକ ବିଜୁଳିବତୀ ବ୍ୟବହାର ମଧ୍ୟ ପରିବେଶକୁ ଉତ୍ତପ୍ତ କରୁଛି। ଏବେ ଆମକୁ କ୍ରିକେଟ୍ ନିଶା ଏଭଳି ଘାରିଛି ଯେ ଛୋଟ ଛୋଟ ସହରରେ ମଧ୍ୟରେ ରାତିରେ ଉଚ୍ଚ କ୍ଷମତାସମ୍ପନ୍ନ ଆଲୋକରେ କ୍ରିକେଟ୍ ମ୍ୟାଚ୍ ଚାଲିଛି।

ଏସି, ଫ୍ରିଜ୍ ଆଦିରେ ଶୀତଳୀକରଣ ପ୍ରକ୍ରିୟା କ୍ଲୋରୋଫ୍ଲୁରୋକାର୍ବନ୍(ସିଏଫ୍‌ସି) ନାମକ ଏକ ରସାୟନିକ ବାଷ୍ପ ଦ୍ୱାରା ସଂଘଟିତ ହୁଏ, ଯାହାର ମୋଟ ଉତ୍ତାପ ନିର୍ଗମନ ପରିମାଣ ବିଶ୍ୱ ତାପମାତ୍ରାରେ ୭%। ତେଣୁ ୨୦୫୦ସୁଦ୍ଧା ଶୀତଳୀକରଣ ଉପକରଣର ବିଷାକ୍ତ ବାଷ୍ପ ନିର୍ଗମନ ପରିମାଣକୁ ୬୮% ପର୍ଯ୍ୟନ୍ତ ହ୍ରାସ କରିବାକୁ କୋପ୍-୨୮ରେ ସଦସ୍ୟ ରାଷ୍ଟ୍ରମାନେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଏହି ଉଦ୍ୟମ ଓ ସଂକଳ୍ପ କେତେ ବାସ୍ତବବାଦୀ ହେବ ତାହା କହିବା କଷ୍ଟକର। କାରଣ ପୂର୍ବରୁ ମଧ୍ୟ ରାଷ୍ଟ୍ରମାନେ ଏଭଳି ଏକାଧିକ ରାଜିନାମାରେ ସ୍ୱାକ୍ଷର କରିଥିଲେ ହେଁ ଆନ୍ତରିକତାର ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ସିଏଫ୍‌ସି ଓଜନ୍ ସ୍ତରକୁ ଗୁରୁତର ପ୍ରଭାବିତ କରୁଛି ବୋଲି ୧୯୮୫ ମସିହାରେ ଏକ ବିଜ୍ଞାନଭିତ୍ତିକ ଗବେଷଣାତ୍ମକ ସନ୍ଦର୍ଭରେ ପ୍ରକାଶିତ ହେବା ପରେ ୧୯୮୭ ମସିହାରେ ମଣ୍ଟ୍ରିଲ୍ ପ୍ରୋଟୋକଲ୍‌ରେ ସିଏଫ୍‌ସି ବ୍ୟବହୃତ ଶୀତଳୀକରଣ ଉପକରଣର ଉତ୍ପାଦନ ଓ ବ୍ୟବହାର ଯଥାସମ୍ଭବ ହ୍ରାସ କରିବା ପାଇଁ ପ୍ରାୟ ୨୦୦ ଦେଶ ସ୍ୱାକ୍ଷର କରିଥିଲେ। କିନ୍ତୁ ସେଗୁଡ଼ିକର ଉତ୍ପାଦନ ତ କମିଲା ନାହିଁ, ବରଂ ଆନ୍ତର୍ଜାତିକ ଶକ୍ତି ସଂସ୍ଥାର ରିପୋର୍ଟ ଅନୁଯାୟୀ ୧୯୯୦ରୁ ଏ ପର୍ଯ୍ୟନ୍ତ ସେଗୁଡ଼ିକର ଉତ୍ପାଦନ ବାର୍ଷିକ ତିନିଗୁଣା ହାରରେ ବୃଦ୍ଧି ପାଇ ଚାଲିଛି। ୨୦୪୭ ସୁଦ୍ଧା ଏସି ଉତ୍ପାଦନ ୮୦% ହ୍ରାସ କରିବା ପାଇଁ ପୁଣି ଥରେ ୨୦୧୬ରେ ୧୫୦ ଦେଶ ମଣ୍ଟ୍ରିଲ୍ ପ୍ରୋଟେକଲ୍‌ର 'କିଗାଲି ଆମେଣ୍ଡମେଣ୍ଟ'ରେ ସ୍ୱାକ୍ଷର କରିଛନ୍ତି। ଅଥଚ ୨୦୨୨ରେ ଏହାର ଉତ୍ପାଦନ ପୂର୍ବବର୍ଷ ତୁଳନାରେ ୫% ବଢ଼ିଛି ଏବଂ ଆଗାମୀ ଦିନରେ ଆହୁରି ଦ୍ରୁତଗତିରେ ବଢ଼ିବାର ଆକଳନ କରାଯାଉଛି।

ମଣିଷ ନିଜ ମାନସିକତାକୁ ପରିବର୍ତ୍ତନ କରିପାରିବ ନାହିଁ କି ବିଶ୍ୱରେ ଶୀତଳୀକରଣ ଉପକରଣ ଚାହିଦା ଓ ଉତ୍ପାଦନ ହ୍ରାସ ପାଇବାର ସମ୍ଭାବନା ନିକଟ ଭବିଷ୍ୟତରେ ଦିଶୁ ନାହିଁ। ତେଣୁ ଜଳବାୟୁ ଓ ପରିବେଶ ସମ୍ପର୍କିତ ଶୀର୍ଷ ସମ୍ମିଳନୀମାନଙ୍କରେ ହେଉଥିବା ସଂକଳ୍ପ ଓ ଘୋଷଣାନାମା କେବଳ ଧର୍ମକୁ ଆଖିଠାର ହୋଇ ରହିଯାଉଛି। ଯଦି ଶୀତଳୀକରଣ ଉପକରଣମାନଙ୍କର ଯଥୋଚିତ ବ୍ୟବହାର ଓ ସଠିକ୍ ପରିଚାଳନା କରାଯାଇପାରନ୍ତା ତେବେ ସବୁଜ ଗୃହ ବାଷ୍ପ ନିର୍ଗମନକୁ ୧୦୦ ବିଲିୟନ ଗିଗାଟନ୍ ପର୍ଯ୍ୟନ୍ତ ହ୍ରାସ କରାଯାଇପାରନ୍ତା। କିନ୍ତୁ ଏହା ଏକ ଦିବାସ୍ୱପ୍ନ। ଏବେ ସମୟ ଆସିଛି ଅଧିକରୁ ଅଧିକ ପରିବେଶ ଅନୁକୂଳ ବାସଗୃହ ନିର୍ମାଣ ଉପରେ ଅଗ୍ରାଧିକାର ଦେବାକୁ ହେବ। ଉତ୍ତାପରୁ ସାମୟିକ ଆଶ୍ୱସ୍ତି ଦୀର୍ଘକାଳୀନ ଉତ୍ତାପ ସମସ୍ୟା ସୃଷ୍ଟି ନ କରୁ - ଏଥିପାଇଁ ମଣିଷ ପ୍ରଥମେ ତା'ର ମାନସିକତାରେ ପରିବର୍ତ୍ତନ କରିବା ଆବଶ୍ୟକ। ନ ହେଲେ ରାତିର ତାତି ବଢ଼ି ୫୦ ଡିଗ୍ରୀ ଛୁଇଁବା ଅସମ୍ଭବ ନୁହେଁ।

# ଅମୃତକାଳର ଅସରପା

**ଗୌରୀ ପ୍ରସାଦ ମହାପାତ୍ର**

ମାନବ ସମାଜରେ ଘୃଣ୍ୟ ଓ ଅବାଞ୍ଛିତ କୀଟ ରୂପେ ବିଦିତ ଅସରପା ସମାଜ ଯଦି ମାନବ ତୁଲ୍ୟ ସୂଚନା ପ୍ରଯୁକ୍ତି ଜ୍ଞାନକୌଶଳ ସମ୍ପନ୍ନ ହୋଇଥିବେ ଏବଂ ସାମାଜିକ ଗଣମାଧ୍ୟମରେ ରୁଚି ରଖୁଥିବେ ତେବେ ଭାରତରେ ସେମାନଙ୍କ ଭାବମୂର୍ତ୍ତି ସହସା ଏତେ ଉଜ୍ଜ୍ୱଳ ଓ ଗୌରବମୟ ସୋପାନକୁ ଉନ୍ନୀତ ହୋଇଯାଇଥିବା ଦେଖି ଆନନ୍ଦ ଉପଲକ୍ଷିର ଉତ୍ସବ ପାଳନ କରୁଥିବେ। ପୁଣି ଯଦି ଆମାଜନ୍ ଜଙ୍ଗଲର ଆଦିମ ମହୁମାଛି ଭଳି ଅସରପାମାନଙ୍କୁ 'କୀଟାଧିକାର' ପ୍ରଦାନ କରାଯାଇଥାʼନ୍ତା ଏବଂ 'ପେଟା'(ପ୍ରାଣୀମାନଙ୍କ ନୈତିକ ଅଧିକାରର ସୁରକ୍ଷା ପାଇଁ କାର୍ଯ୍ୟରତ ବ୍ୟକ୍ତି) ତୁଲ୍ୟ କୌଣସି ସଂଗଠନ କାର୍ଯ୍ୟ କରୁଥାʼନ୍ତା, ତେବେ ତା'ର ସଦସ୍ୟମାନେ ଅସରପାର ଅପମାନ ଓ ନୈତିକ ଅଧିକାର ହନନ ଅଭିଯୋଗ ଆଣି ଭାରତର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ବିରୋଧରେ ମାନହାନି ମୋକଦ୍ଦମାଟିଏ ରୁଜୁ କରିଦେଇଥାʼନ୍ତେ କିମ୍ବା 'କକ୍ରୋଚ ଜନତା ପାର୍ଟି(ସିଜେପି)'ର ଉଦ୍ୟୋକ୍ତା ଅଭିଜିତ୍ ଦୀପ୍‌କେଙ୍କ ଠାରୁ ଅସରପା ଶବ୍ଦ ଓ ଛବିର ବହୁଳ ବ୍ୟବହାର ପାଇଁ ସତ୍ତ୍ୱାଧିକାର ଆଇନ ଆଧାରରେ ବିପୁଳ ଅର୍ଥରାଶି ଦାବି କରିଥାʼନ୍ତେ। ଏହା କେବଳ ମନୋରଞ୍ଜନଧର୍ମୀ ଚଟୁଳ ପରିକଳ୍ପନା ମାତ୍ର, ଯାହାର ବାସ୍ତବତା କେବଳ ଅବାନ୍ତର ନୁହେଁ, ସୁଦୂର ପରାହତ। କିନ୍ତୁ ଏଭଳି ଏକ କଳ୍ପନାପ୍ରସୂତ ବ୍ୟଙ୍ଗାତ୍ମକ ଉପସ୍ଥାପନା ହଠାତ୍ ସମ୍ବେଦନଶୀଳତାର ରୂପ ନେଇ ଅବିଶ୍ୱସନୀୟ ଭାବେ ଗୁରୁତ୍ୱ ଲାଭ କରିଛି ଏବଂ ଅଭୂତପୂର୍ବ ଭାବେ ଅନୁଗମନ ଓ ଗ୍ରହଣୀୟତାର ସମସ୍ତ ରେକର୍ଡ ଭାଙ୍ଗି ଚାଲିଛି। ଭାରତର ପ୍ରଧାନ ବିଚାରପତିଙ୍କ ଏକ ବିବାଦୀୟ ଟିପ୍ପଣୀର ପ୍ରତିକ୍ରିୟାରୁ ମାନସିକସ୍ତରରେ ଜନ୍ମ ନେଇ ଡିଜିଟାଲ୍ ଦୁନିଆ ପରିପୁଷ୍ଟ ହୋଇଥିବା 'ସିଜେପି' ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରକୁ ଦୋହଲାଇ ଦେଇ ଅନ୍ତର୍ଜାତୀୟ ଗଣମାଧ୍ୟମର ଶିରୋନାମା ମଣ୍ଡନ କରିଛି। ଘଟଣାର ପୃଷ୍ଠଭୂମି ଏହିପରି-

ମେ'୧୫, ୨୦୨୬। ଭାରତର ସର୍ବୋଚ୍ଚ ନ୍ୟାୟମନ୍ଦିରର ପ୍ରଧାନ ନ୍ୟାୟମୂର୍ତ୍ତି ସୂର୍ଯ୍ୟକାନ୍ତ ଏକ ମାମଲାର ଶୁଣାଣି ବେଳେ ଆବେଗବଶତଃ କ୍ଷୋଭର ଆତିଶଯ୍ୟରେ ହେଉ କିମ୍ବା ସମ୍ପୂର୍ଣ୍ଣ ହିତାହିତ ଜ୍ଞାନରେ ଦେଶର ବେରୋଜଗାର ଯୁବବର୍ଗଙ୍କୁ ଅସ୍ୱସ୍ତିକର 'ପରଜୀବୀ' ଓ 'ଅସରପା' ସହିତ ତୁଳନା କରି ଟିପ୍ପଣୀଟିଏ ଦେଇଦେଲେ। ଦେଶର କୋଟି କୋଟି ବେକାର ଯୁବକଯୁବତୀଙ୍କ ଦୀର୍ଘବର୍ଷର ପୁଞ୍ଜିଭୂତ ଅସନ୍ତୋଷକୁ ପ୍ରତିକ୍ରିୟାରେ ରୂପାନ୍ତରିତ କରିଦେବା ପାଇଁ ଏହା ଯଥେଷ୍ଟ ଥିଲା ଏବଂ ବୋଧହୁଏ ସେମାନଙ୍କ ପାଇଁ ସମୟ ଏହି ଟିପ୍ପଣୀକୁ ଅପେକ୍ଷା କରିଥିଲା। ତାଙ୍କ ମନ୍ତବ୍ୟକୁ ଭୁଲ୍ ଭାବରେ ଗଣମାଧ୍ୟମରେ ଉପସ୍ଥାପନ କରାଯାଇଛି ବୋଲି ନ୍ୟାୟମୂର୍ତ୍ତି ସୂର୍ଯ୍ୟକାନ୍ତ ପରବର୍ତ୍ତୀ ସମୟରେ ସ୍ପଷ୍ଟୀକରଣ ଦେଲେ। ପ୍ରଧାନବିଚାରପତିଙ୍କ ଟିପ୍ପଣୀର ଭୁଲ୍/ଠିକ୍ ତର୍ଜମା କରିବାର ଧୃଷ୍ଟତା ସର୍ବାଦୌ ଗର୍ହିତ ଓ ପରିହାର୍ଯ୍ୟ। କିନ୍ତୁ ସେତେବେଳକୁ ଅଦାଲତ ପ୍ରକୋଷ୍ଠରେ ସେ ଦେଇଥିବା ଟିପ୍ପଣୀର ଭିଡିଓ ସାର୍ବଜନିନ ହୋଇସାରିଥିଲା ଏବଂ 'ଅସରପା' ପରିଚୟକୁ ସ୍ୱେଚ୍ଛାକୃତ ଭାବେ ବରଣ କରିନେବାର ମାନସିକତା ଦେଶର ବେକାର ଯୁବବର୍ଗଙ୍କ ମନ ଓ ମସ୍ତିଷ୍କରେ ସଞ୍ଚରି ଯାଇଥିଲା।

ବୋଷ୍ଟନ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ବିଭାଗର ଭାରତୀୟ ଶିକ୍ଷାନବିସ ଅଭିଜିତ୍ ଦୀପ୍‌କେ ପ୍ରଧାନ ବିଚାରପତିଙ୍କ ଅସରପା ମନ୍ତବ୍ୟର ପ୍ରତିବାଦରେ 'ସିଜେପି' ନାମରେ ଏକ ବ୍ୟଙ୍ଗଧର୍ମୀ ଭର୍ଚୁଆଲ୍ ବା ଡିଜିଟାଲ୍ ରାଜନୈତିକ ଦଳଟିଏ ଗଠନ କରି ତାହାର ଇସ୍ତାହାର ସମେତ ଦଳର ସଦସ୍ୟତା ଲାଗି ଯୋଗ୍ୟତା ମାନଦଣ୍ଡ ଆଦି ଜାରି କରିଦେଲେ। ଦେଶର ବିଭିନ୍ନ କ୍ଷେତ୍ରରେ ଅବହେଳିତ, ନିଷ୍ପେଷିତ, ନିର୍ଯ୍ୟାତିତ ବିପୁଳ ସଂଖ୍ୟକ ହତାଶ ବେକାର ଯୁବକଯୁବତୀ ଦୀର୍ଘଦିନ ଧରି ଚାପି ରଖିଥିବା କଥା ଓ ବ୍ୟଥାକୁ ପରିପ୍ରକାଶ କରିବା ପାଇଁ ଏତେବର୍ଷ ପରେ ସତେଯେମିତି ଏକ ଉପଯୁକ୍ତ ମଞ୍ଚ ପାଇଗଲେ। ସେମାନେ ଅପମାନସୂଚକ ଆକ୍ଷେପକୁ 'ସିଜେପି' ମଞ୍ଚ ଜରିଆରେ ନିଜର ପରିଚୟରେ ପରିଣତ କରିଦେଲେ ଏବଂ 'ହାସ୍ ମି ଟୁ' ଆନ୍ଦୋଳନ ଅନୁରୂପ 'ମୁଁ ମଧ୍ୟ ଅସରପା' ରୂପେ ଆତ୍ମଘୋଷଣା କଲେ।

ଅଭିଜିତ୍ କଳ୍ପନା ସୁଦ୍ଧା କରି ନ ଥିବେ ଯେ ତାଙ୍କ ପ୍ରତୀକାତ୍ମକ ରାଜନୈତିକ ଦଳଟି ସାମାଜିକ ଗଣମାଧ୍ୟମରେ ମାତ୍ର ୭ ଦିନ ଭିତରେ ୨କୋଟି ସରିକି ସମର୍ଥନ ହାସଲ କରି ଅଭୂତପୂର୍ବ ହାରରେ ବଢ଼ିଚାଲିବ। ଆନ୍ନା ହଜାରେଙ୍କ ନେତୃତ୍ୱରେ ୨୦୧୧ର ଦୁର୍ନୀତି ବିରୋଧୀ ଆନ୍ଦୋଳନ ପରେ ଭାରତୀୟ ଇତିହାସରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ବୋଧହୁଏ 'ସିଜେପି' ସାମାଜିକ ଗଣମାଧ୍ୟମରେ ଏତେ ମୁଖର ହୋଇ ନଥାʼନ୍ତା ଯଦି ପ୍ରଧାନ ବିଚାରପତି ତାଙ୍କର ତଥାକଥିତ 'ପରଜୀବୀ' ଓ 'ଅସରପା' ଶବ୍ଦ ସହିତ ସାମ୍ବାଦିକ ଓ ସୂଚନା କର୍ମୀମାନଙ୍କୁ ଯୋଡ଼ି ନଥାʼନ୍ତେ। ଏବେ 'ସିଜେପି' ଓ ଅସରପାକୁ ନେଇ ରାପ୍ ସଂଗୀତ, ଭଲିକି ଭଳି ରିଲ୍ସ, ଭିଡିଓ, ଆଲୋଚନା, ସମାଲୋଚନା, ବ୍ୟଙ୍ଗ, ଆକ୍ଷେପ, ପ୍ରତିଆକ୍ଷେପ, ଚର୍ଚ୍ଚା ଆଦିରେ ସାମାଜିକ ଗଣମାଧ୍ୟମ ମୁଖର। 'ସିଜେପି' ଭାରତର ସର୍ବବୃହତ୍ ଓ ସର୍ବାଦୃତ ଜାତୀୟ ରାଜନୈତିକ ଦଳର ଲୋକପ୍ରିୟତା ଓ ଅନୁଗାମୀ ସଂଖ୍ୟାକୁ ପଛରେ ପକାଇ ସଦର୍ପେ ଆଗେଇ ଚାଲିଛି। ତେଣୁ ଅନୁମାନ ଅନୁରୂପ ଦେଶର ସୁରକ୍ଷା ଓ ଅଖଣ୍ଡତା ପ୍ରତି ବିପଦ ଥିବା ଦର୍ଶାଇ ଭାରତ ସରକାର 'ସିଜେପି'ର ଏକ୍ସ ଆକାଉଣ୍ଟ ହ୍ୟାଣ୍ଡଲ ଏବଂ ୱେବ୍‌ସାଇଟକୁ ରଦ୍ଦ କରିଦେଇଛନ୍ତି।

ଆଦର୍ଶ, ଲକ୍ଷ୍ୟ, ସ୍ୱାର୍ଥ ଓ ଦୃଷ୍ଟିକୋଣ ଅନୁଯାୟୀ ବିଭିନ୍ନ ମହଲରେ 'ସିଜେପି' ଭିନ୍ନ ଭିନ୍ନ ଢଙ୍ଗରେ ଗ୍ରହଣୀୟ କିମ୍ବା ପ୍ରତ୍ୟାଖ୍ୟାତ ହେଉଛି। ପରବର୍ତ୍ତୀ ସମୟରେ ଏହା ଭାରତରେ ଆଉ ଏକ ବିକଳ୍ପ ରାଜନୈତିକ ଦଳ ରୂପେ ଉଭା ହେବ କି ନାହିଁ ତାହା ଭିନ୍ନ ପ୍ରସଙ୍ଗ। କିନ୍ତୁ ଏହି ଅଭିଯାନ ଓ ବୌଦ୍ଧିକ ପ୍ରତୀକାତ୍ମକ ଆନ୍ଦୋଳନରୁ ଯେଉଁ କେତେକ ସକାରାତ୍ମକ ସନ୍ଦେଶ ମିଳୁଛି ସେ ସମ୍ପର୍କରେ କିଞ୍ଚିତ ଆଲୋଚନା କରାଯାଉ। ବାଂଲାଦେଶରେ ଛାତ୍ର ଆନ୍ଦୋଳନ ଏବଂ ନେପାଳରେ 'ଜେନ୍ ଜେଡ୍' ଆନ୍ଦୋଳନ ପ୍ରେରିତ ସେଠାକାର କ୍ଷମତା ପରିବର୍ତ୍ତନ ଘଟଣାର ପୃଷ୍ଠଭୂମିରେ ରାଜନୈତିକ ବିଶାରଦମାନେ ଭାରତରେ ମଧ୍ୟ ଜେନ୍ ଜେଡ୍ ନେତୃତ୍ୱରେ ଏଭଳି ହିଂସାତ୍ମକ ଆନ୍ଦୋଳନର ଅନୁମାନ ଓ ଆଶଙ୍କା କରିଥିଲେ। ନେପାଳ 'ଜେନ୍‌ଜେଡ୍' ଆନ୍ଦୋଳନ ଓ 'ସିଜେପି' ଅଭିଯାନର ବର୍ଗ, ପୃଷ୍ଠଭୂମି, ମାଧ୍ୟମ ଓ ଆଧାର ସମାନ ହେଲେ ମଧ୍ୟ ଉଲ୍ଲେଖନୀୟ ତଫାତ୍ ହେଉଛି ଏହି ଆଲେଖ୍ୟ ଲେଖା ହେବା ପର୍ଯ୍ୟନ୍ତ 'ସିଜେପି'ର କର୍ମୀମାନେ ନେପାଳର 'ଜେନ୍‌ଜେଡ୍' ଭଳି ହିଂସାତ୍ମକ ପନ୍ଥା ଆପଣେଇ ନାହାନ୍ତି, ବରଂ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ଅହିଂସା ମାର୍ଗକୁ ଅନୁସରଣ କରିଛନ୍ତି। ସେମାନେ ପୁଣି ଥରେ ପ୍ରମାଣ କରିଦେଇଛନ୍ତି ଯେ ବୁଦ୍ଧଙ୍କ ଭୂମିରେ ହିଂସାର ସ୍ଥାନ ନାହିଁ ଏବଂ ଗାନ୍ଧୀ ବିଚାର ଆଜି ମଧ୍ୟ ପ୍ରାସଙ୍ଗିକ। 'ସିଜେପି' ଆହୁରି ମଧ୍ୟ ପ୍ରମାଣ କରିଛି ଯେ ସାମ୍ପ୍ରତିକ ପରିବେଶରେ ରାଜନୈତିକ ବିରୋଧ/ ପ୍ରତିବାଦ କିମ୍ବା ଲୋକପ୍ରିୟତା ହାସଲ କରିବା ପାଇଁ ରାଜରାସ୍ତାକୁ ଓହ୍ଲାଇବାର ଆବଶ୍ୟକତା ନାହିଁ।

ଏବେ ତଥାକଥିତ ଅବାଞ୍ଛିତ ଅସରପାମାନଙ୍କ ଉପସ୍ଥିତି ସହିତ ଜଡ଼ିତ ଦୁଇ/ତିନିଟି ପରିସଂଖ୍ୟାନ ଉପରେ ଦୃଷ୍ଟି ଦେବା। ୨୦୨୪ ଅଗଷ୍ଟ ମାସରେ ଭାରତ ଗସ୍ତରେ ଆସିଥିବା ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍)ର ଉପପରିଚାଳନା ନିର୍ଦ୍ଦେଶକ ତଥା ଭାରତୀୟ ବଂଶୋଦ୍ଭବ ଗୀତା ଗୋପୀନାଥନ୍‌ଙ୍କ ତଥ୍ୟାନୁଯାୟୀ, 'ଅର୍ଥନୀତିର କେତେକ କ୍ଷେତ୍ରରେ ଭାରତର ପ୍ରଦର୍ଶନ ପ୍ରଶଂସନୀୟ ରହିଥିଲେ ମଧ୍ୟ ସାମ୍ପ୍ରତିକ ନିଯୁକ୍ତି ବଜାର ସ୍ଥିତି ଦୃଷ୍ଟିରୁ ଭାରତର ସ୍ଥାନ ଜି-୨୦ ଦେଶମାନଙ୍କ ମଧ୍ୟରେ ସର୍ବନିମ୍ନରେ। ଭାରତରେ ନିଯୁକ୍ତି ହାର ଅଭିବୃଦ୍ଧି ମାତ୍ର ୨%।' ଅର୍ଥାତ୍ ଅତି ନୈରାଶ୍ୟଜନକ। 'ୱାର୍ଲ୍ଡ ଇକନୋମିକ୍ ଫୋରମ୍'ର ତଥ୍ୟ ଅନୁଯାୟୀ 'ଭାରତରେ ଗତ କିଛିବର୍ଷ ଭିତରେ ଦକ୍ଷତା କେନ୍ଦ୍ରଗୁଡ଼ିକର ସଂଖ୍ୟାରେ ଆଶାନୁରୂପ ବୃଦ୍ଧି ହୋଇପାରିନାହିଁ। ଭାରତ ଅତିକମ୍‌ରେ ୨୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଥାʼନ୍ତା; କିନ୍ତୁ ତାହା ମାତ୍ର ୧୦.୬ ଲକ୍ଷରେ ସୀମିତ ରହିଛି।' 'ଇନ୍‌ଷ୍ଟିଚ୍ୟୁଟ୍ ଫର ହ୍ୟୁମାନ୍ ଡେଭେଲପ୍‌ମେଣ୍ଟ' ଓ 'ଇଣ୍ଟରନ୍ୟାଶ୍‌ନାଲ୍ ଲେବର ଅର୍ଗାନାଇଜେସନ୍'ର ମିଳିତ ଆନୁକୂଲ୍ୟରେ ୨୦୨୪ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ 'ଭାରତରେ କାର୍ଯ୍ୟରତ ଶ୍ରମଶକ୍ତିର ମୋଟ ୮୨% ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ, ଯେଉଁମାନଙ୍କ ମଧ୍ୟରୁ ୯୦% କର୍ମଜୀବୀଙ୍କ ଚାକିରି ଅସୁରକ୍ଷିତ। ମହିଳାମାନେ ଶ୍ରମଶକ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାର ଅପାର ସମ୍ଭାବନା ଥିଲେ ମଧ୍ୟ ସେମାନେ ମୁଖ୍ୟତଃ ଅବୈତନିକ କାର୍ଯ୍ୟରେ ସମର୍ପିତ। ବାକି ଯେଉଁ ରୋଜଗାରର ସୁଯୋଗ ରହିଛି ସେଥିମଧ୍ୟରୁ ୫୬% ଆତ୍ମନିଯୁକ୍ତ।' ଏହାଛଡ଼ା ଗତ ୧୨ବର୍ଷ ଭିତରେ ବିଭିନ୍ନ ସ୍ତରରେ ପ୍ରଶ୍ନପତ୍ର ପ୍ରଘଟ କାରଣରୁ ପ୍ରାୟ ୮୦ଟି ନିଯୁକ୍ତି ପରୀକ୍ଷା ବାତିଲ୍ ହୋଇ ୧ କୋଟି ୭୦ ଲକ୍ଷ ପ୍ରାର୍ଥୀଙ୍କୁ ହତାଶ କରିଥିବା ଅଭିଯୋଗ ହେଉଛି। ତେଣୁ ସୂର୍ଯ୍ୟକାନ୍ତଙ୍କ ଦୃଷ୍ଟିରେ ସୃଷ୍ଟି ହୋଇସାରିଥିବା ଏହି ଅସରପାମାନେ କେଉଁଠୁ ଓ କିପରି ଜନ୍ମ ନେଇଛନ୍ତି ଓ ନେଉଛନ୍ତି ତାହାର ଆଉ ଅଧିକ ବିସ୍ତୃତ ବିବରଣୀ ଉଲ୍ଲେଖ ନିଷ୍ପ୍ରୟୋଜନ।

ନର୍ଦ୍ଦମା ରୂପୀ ବ୍ୟବସ୍ଥାର ଅନ୍ଧକାର ଘୂର୍ଣଚକ୍ରକୁ ଅଭିନବ ଢଙ୍ଗରେ ଲୋକଲୋଚନକୁ ଆଣିବାର ପ୍ରୟାସ କରୁଥିବା 'ସିଜେପି'ର ଅସରପା ମୁଖୋଟାଧାରୀ ବେକାର ଯୁବବର୍ଗର ଆଚରଣ ହିନ୍ଦୀ ଚଳଚ୍ଚିତ୍ର 'ଚିଲର ପାର୍ଟି'ର ସେହି ଦୃଶ୍ୟକୁ ମନେ ପକାଇ ଦେଉଛି, ଯେଉଁଠାରେ କୋମଳମତି ସ୍କୁଲ୍ ଛାତ୍ରମାନଙ୍କର ଅନ୍ତବସ୍ତ୍ର ପରିହିତ ପ୍ରତିବାଦ କିଭଳି ଏକ ଅଞ୍ଚଳର ଆଇନ ବଦଳାଇବାକୁ ସରକାରଙ୍କୁ ବିବଶ କରିଥିଲା। ପୁଣି ଟ୍ୟୁନିସିଆରେ ପୁଲିସ୍‌ର ଅମାନୁଷିକ ଅତ୍ୟାଚାର ପ୍ରତିବାଦରେ ଜଣେ ଗରିବ କଦଳୀ ବିକାଳୀର ଆତ୍ମଦାହ 'ଆରବ ବସନ୍ତ'ର ରୂପ ନେଇ ୧୨ଟି ଦେଶର ଶାସନତନ୍ତ୍ରକୁ ବଦଳାଇ ଦେଇଥିଲା। ସ୍ୱାଧୀନତାର ଅମୃତକାଳ ଯାତ୍ରାରେ ଏଭଳି ଅସରପାଙ୍କ ଉପସ୍ଥିତି ସର୍ବାଦୌ ଗର୍ହିତ। ତେଣୁ 'ତଥାକଥିତ ଅସରପାମୁକ୍ତ ଭାରତ' ଗଠନର ପରିକଳ୍ପନାରେ 'ସିଜେପି' ଯଦି ନିର୍ଣ୍ଣାୟକ ହୁଏ ଏବଂ ଭାରତର ଗଣତନ୍ତ୍ର ଯଦି ଏଭଳି ଢଙ୍ଗରେ କଡ଼ ଲେଉଟାଏ ତେବେ ଇତିହାସ ତାହାର ସର୍ବୋଚ୍ଚ ଶ୍ରେୟର ହକ୍ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କୁ ହିଁ ଦେବ - ଏହା ଅନସ୍ୱୀକାର୍ଯ୍ୟ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ଡିଜିଟାଲ୍ ଯୁଗରେ ରିମୋଟ୍ ଚାକିରି

**ସୁରେଶ କୁମାର ମହାପାତ୍ର**



ଆଜିର ଡିଜିଟାଲ୍ ଯୁଗରେ ଚାକିରି ଓ କାର୍ଯ୍ୟ ପ୍ରଣାଳୀରେ ବିଶ୍ୱସ୍ତରରେ ଏକ ବୃହତ୍ ପରିବର୍ତ୍ତନ ଦେଖାଦେଇଛି। ପୂର୍ବରୁ ଚାକିରି ପାଇଁ ବଡ଼ ସହରକୁ ଯିବା, କାର୍ଯ୍ୟାଳୟରେ ବସି କାମ କରିବା ଓ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବା ଆବଶ୍ୟକ ଥିଲା। କିନ୍ତୁ ଇଣ୍ଟରନେଟ୍, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଓ ଡିଜିଟାଲ୍ ଯୋଗାଯୋଗ ବ୍ୟବସ୍ଥାର ବିକାଶ ଫଳରେ 'ରିମୋଟ୍ ଜବ୍' ବା 'ଘରେ ବସି କାମ କରିବା'ର ସଂସ୍କୃତି ଦ୍ରୁତବେଗରେ ବଢୁଛି। ଏହା ଓଡ଼ିଶାର ଯୁବପିଢ଼ି ଓ ଅବସରପ୍ରାପ୍ତ ଦକ୍ଷ ବ୍ୟକ୍ତିମାନଙ୍କ ପାଇଁ ଏକ ନୂତନ ଆର୍ଥିକ ସମ୍ଭାବନାର ଦ୍ୱାର ଖୋଲିଦେଇଛି।

କୋଭିଡ୍ ପରବର୍ତ୍ତୀ ସମୟରେ ବହୁତ ଦେଶୀ ଓ ବିଦେଶୀ କମ୍ପାନୀ 'ୱାର୍କ ଫ୍ରମ ହୋମ୍'(ଘରୁ କାମ କରିବା) ପ୍ରଣାଳୀକୁ ସ୍ଥାୟୀ ଭାବରେ ଗ୍ରହଣ କରିଛନ୍ତି। ଏବେ ଜଣେ ବ୍ୟକ୍ତି ରାୟଗଡ଼ା, କୋରାପୁଟ, ବ୍ରହ୍ମପୁର କିମ୍ବା ଭୁବନେଶ୍ୱରରୁ ବସି ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ଲଣ୍ଡନ୍ କିମ୍ବା ଆମେରିକାର କମ୍ପାନୀ ସହ କାମ କରିପାରୁଛନ୍ତି। ଏହା ଚାକିରିର ଭୌଗୋଳିକ ସୀମାକୁ ଭାଙ୍ଗି ଦେଇଛି ଏବଂ ଦକ୍ଷତାକୁ ମୁଖ୍ୟ ମାନଦଣ୍ଡରେ ପରିଣତ କରିଛି। ଓଡ଼ିଶାର ଯୁବପିଢ଼ି ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ବର୍ତ୍ତମାନ ଡାଟା ଏଣ୍ଟ୍ରି, କଣ୍ଟେଣ୍ଟ ରାଇଟିଂ, ଗ୍ରାଫିକ୍ ଡିଜାଇନ୍, ଡିଜିଟାଲ୍ ମାର୍କେଟିଂ, ଅନଲାଇନ୍ ଟ୍ୟୁସନ୍, କଷ୍ଟମର୍ ସପୋର୍ଟ, ସୋସିଆଲ୍ ମିଡିଆ ମ୍ୟାନେଜମେଣ୍ଟ, ଏଆଇ ଟ୍ରେନିଂ ଓ ସଫ୍ଟୱେର୍ ସପୋର୍ଟ ଭଳି କ୍ଷେତ୍ରରେ ବିଶ୍ୱସ୍ତରରେ ଚାହିଦା ବଢୁଛି। ଯେଉଁ ଯୁବକମାନେ ଇଂରାଜୀ ଯୋଗାଯୋଗ, କମ୍ପ୍ୟୁଟର ଓ ଡିଜିଟାଲ୍ କୌଶଳରେ ପାରଦର୍ଶୀ, ସେମାନେ ଘରେ ବସି ଭଲ ଆୟ କରିପାରୁଛନ୍ତି। ବିଶେଷକରି ବିଦେଶୀ କମ୍ପାନୀମାନେ ଭାରତୀୟ ଯୁବକମାନଙ୍କୁ ଡଲାରରେ ପାରିଶ୍ରମିକ ଦେଉଥିବାରୁ ଏହା ଅଧିକ ଆକର୍ଷଣୀୟ ହୋଇପାରିଛି। ଜଣେ ନବନିଯୁକ୍ତ ମାସକୁ ୫୦୦ ରୁ ୧୦୦୦ ଡଲାର ପର୍ଯ୍ୟନ୍ତ ଆୟ କରିପାରୁଥିବା ବେଳେ ଦକ୍ଷ ଓ ଅଭିଜ୍ଞ ବ୍ୟକ୍ତିମାନେ ୩୦୦୦ ଡଲାର କିମ୍ବା ତା'ଠାରୁ ଅଧିକ ଆୟ କରୁଛନ୍ତି। ଭାରତୀୟ ଟଙ୍କାରେ ଏହା ଏକ ଶକ୍ତିଶାଳୀ ଆର୍ଥିକ ସୁଯୋଗରେ ପରିଣତ ହେଉଛି। ଏହା ଗ୍ରାମ ଓ ଛୋଟ ସହରର ଯୁବପିଢ଼ିଙ୍କ ପାଇଁ ଆତ୍ମନିର୍ଭରତାର ଏକ ନୂତନ ମାର୍ଗ ସୃଷ୍ଟି କରୁଛି।

ଅପରପକ୍ଷରେ ଅବସରପ୍ରାପ୍ତ ଶିକ୍ଷକ, ବ୍ୟାଙ୍କ ଅଧିକାରୀ, ଇଞ୍ଜିନିୟର୍, ପ୍ରଶାସନିକ ଅଧିକାରୀ, ଡାକ୍ତର ଓ ଅନ୍ୟାନ୍ୟ ଦକ୍ଷ ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ରିମୋଟ୍ କାର୍ଯ୍ୟକ୍ଷେତ୍ର ଏକ ନୂତନ ଅବସର ଆଣିଛି। ସେମାନେ ନିଜର ଦୀର୍ଘ ଅଭିଜ୍ଞତାକୁ ଅନଲାଇନ୍ କନସଲ୍ଟେନ୍ସି, ଭର୍ଚୁଆଲ୍ ଟ୍ରେନିଂ, କ୍ୟାରିୟର୍ ଗାଇଡେନ୍ସ ଓ ପ୍ରୋଜେକ୍ଟ ପରାମର୍ଶ ମାଧ୍ୟମରେ ଦେଶ ଓ ବିଦେଶର ସଂସ୍ଥାମାନଙ୍କ ସହ ଅଂଶୀଦାର କରିପାରିବେ। ଏହା ସେମାନଙ୍କୁ ଆର୍ଥିକ ଭାବେ ସକ୍ରିୟ ରଖିବା ସହ ନୂତନ ପିଢ଼ିକୁ ଦିଗନିର୍ଦ୍ଦେଶ ଦେବ।

ତଥାପି ଏହି କ୍ଷେତ୍ରରେ ସଫଳତା ପାଇଁ ଡିଜିଟାଲ୍ କୌଶଳ, ଇଂରାଜୀ ଯୋଗାଯୋଗ ଓ ନୂତନ ପ୍ରଯୁକ୍ତି ବିଷୟରେ ଜ୍ଞାନ ଅତ୍ୟାବଶ୍ୟକ। ସରକାର, ଶିକ୍ଷାନୁଷ୍ଠାନ ଓ ବେସରକାରୀ ସଂଗଠନମାନେ ଯଦି ଏଆଇ, ଡିଜିଟାଲ୍ ସ୍କିଲ୍ ଓ ଅନଲାଇନ୍ କାର୍ଯ୍ୟ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଅନ୍ତି, ତେବେ ଓଡ଼ିଶା 'ରିମୋଟ୍ ଜବ୍' କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ ହୋଇପାରିବ। ସେହିପରି ରିମୋଟ୍ ଚାକିରି କେବଳ ଏକ କାମ ନୁହେଁ, ଏହା ନୂତନ ଯୁଗର ଏକ ଆର୍ଥିକ ବିପ୍ଲବ। ଯଦି ଓଡ଼ିଶାର ଯୁବପିଢ଼ି ଓ ଅଭିଜ୍ଞ ବ୍ୟକ୍ତିମାନେ ସମୟ ସହିତ ନିଜକୁ ପ୍ରସ୍ତୁତ କରନ୍ତି, ତେବେ ସେମାନେ ଘରେ ବସି ବିଶ୍ୱସ୍ତରୀୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିପାରିବେ।

(ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ)
ମୋ: ୯୪୩୭୧୮୧୯୦୨

# ମାଆ ଶାରଳାଙ୍କ ଜଗନ୍ନାଥ ବେଶ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ଗଜପତି କପିଳେନ୍ଦ୍ର ଦେବ ଶାରଳା ଦାସଙ୍କ ଦ୍ୱାରା ରଚିତ ମହାଭାରତକୁ ଓଡ଼ିଆ ଭାଷାର 'ଆଦିଗ୍ରନ୍ଥ' ରୂପେ ମାନ୍ୟତା ଦେଇ ତା'ର ରଚୟିତାଙ୍କୁ 'ଆଦିକବି' ପଦବୀରେ ଅଭିଷିକ୍ତ କରିବା ପାଇଁ ମନସ୍ଥ କଲେ। ଶାରଳା ଦାସଙ୍କ ମୂଳ ନାମ ଥିଲା ସିଦ୍ଧେଶ୍ୱର ପରିଡ଼ା। ସେ ଜାତିରେ ଖଣ୍ଡାୟତ ଥିଲେ। କୁହାଯାଏ ଯେ ସେ ଗଜପତିଙ୍କ ସେନାବାହିନୀରେ କାମ କରୁଥିଲେ। ଗଜପତିଙ୍କର ଉପରୋକ୍ତ ନିଷ୍ପତ୍ତି ଅନେକ ତଥାକଥିତ ପଣ୍ଡିତମାନଙ୍କୁ ଅସହ୍ୟ ହେଲା। ବ୍ୟାସଦେବଙ୍କ ରଚିତ କାବ୍ୟକୁ ଓଡ଼ିଆ ଭାଷାରେ ରଚନା କରିବାର ଶ୍ରେୟ ସିଦ୍ଧେଶ୍ୱର ପରିଡ଼ା ପରି ଜଣେ ଶୂଦ୍ରକୁ ଦେବା ପୁରାଣଶାସ୍ତ୍ରର ଅବମାନନା ବୋଲି ସେମାନେ ମନେ କରୁଥିଲେ। ତେଣୁ ସେମାନେ ତାଚ୍ଛଲ୍ୟ କରି ଶାରଳା ଦାସଙ୍କୁ 'ଶୂଦ୍ରମୁନି' ବୋଲି ସମ୍ବୋଧନ କରି ଅପମାନିତ କରିବାକୁ ଚେଷ୍ଟା କରୁଥିଲେ। କିନ୍ତୁ ଶାରଳା ଦାସ ସେ ସମ୍ବୋଧନକୁ ଅଳଙ୍କାର ରୂପେ ଗ୍ରହଣ କରି ନିଜ ଲେଖାରେ ଅନେକବାର ନିଜକୁ 'ଶୂଦ୍ରମୁନି' ରୂପେ ବର୍ଣ୍ଣନା କରିଥିଲେ।

ଯଥାସମୟରେ ଗଜପତି କପିଳେନ୍ଦ୍ର ଦେବଙ୍କ ନିମନ୍ତ୍ରଣ ପାଇ ଶାରଳା ଦାସ ମହାଭାରତ ପୋଥି ନେଇ ଦରବାରରେ ଦାଖଲ କଲେ। ରାଜାଙ୍କ ଆଦେଶରେ ରଚନାର ମାନ ନିର୍ଦ୍ଧାରଣ କରିବା ପାଇଁ ପୋଥିକୁ ପଣ୍ଡିତ ସମାଜକୁ ହସ୍ତାନ୍ତର କରାଗଲା। ପଣ୍ଡିତମାନଙ୍କ ଭିତରୁ ଯେଉଁମାନେ କବିଙ୍କୁ ନିନ୍ଦା କରୁଥିଲେ, ସେମାନେ ଦୃଢ଼ ମତବ୍ୟକ୍ତ କଲେ ଯେ ଶାରଳା ଦାସ ରଚିତ ମହାଭାରତ ଓଡ଼ିଆ ଭାଷାର 'ଆଦିଗ୍ରନ୍ଥ' ମାନ୍ୟତା ପାଇବାର କୌଣସି ଯୋଗ୍ୟତା ରଖେ ନାହିଁ। ଆଉ କେତେକ ମତବ୍ୟକ୍ତ କଲେ ଯେ ଗ୍ରନ୍ଥରେ ଥିବା କେତେକ ତ୍ରୁଟି ସଂଶୋଧନ କରିଦେଲେ 'ଆଦିଗ୍ରନ୍ଥ' ମାନ୍ୟତା ଦେବା ପାଇଁ ବିଚାର କରାଯାଇପାରେ। ଗଜପତି ଦ୍ୱିତୀୟ ପ୍ରସ୍ତାବରେ ରାଜି ହେଲେ। କିନ୍ତୁ ଶାରଳା ଦାସ କହିଲେ, 'ମଣିମା! ଏ ଗ୍ରନ୍ଥର ଲେଖକ ମୁଁ ନୁହେଁ। ମହାପ୍ରଭୁ ଜଗନ୍ନାଥଙ୍କ ଆଦେଶ ଅନୁସାରେ ମାତା ଶାରଳା ମୋ କଣ୍ଠରେ ବିଜେ କରି ମୋତେ ଯାହା କହି ଦିଅନ୍ତି, ମୁଁ ତାହା ହିଁ ଲେଖିଦିଏ। ମାତା ଶାରଳାଙ୍କ ଲେଖାର ସଂଶୋଧନ କରିବାର ଧୃଷ୍ଟତା ମୁଁ କରିପାରିବି ନାହିଁ।' ଶାରଳା ଦାସଙ୍କ ଏ କଥା ଉପସ୍ଥିତ ସଭାସଦବର୍ଗଙ୍କ ବିଶ୍ୱାସଯୋଗ୍ୟ ହେଲା ନାହିଁ।

ଏହି ସମୟରେ ମାତା ଶାରଳା ଶୂନ୍ୟରେ ଆବିର୍ଭୂତା ହୋଇ କହିଲେ, 'କପିଳେନ୍ଦ୍ର! ମହାପ୍ରଭୁ ଜଗନ୍ନାଥଙ୍କ ଆଦେଶରେ ମୁଁ ସିଦ୍ଧେଶ୍ୱର କଣ୍ଠରେ ବିଜେ କରି ଯାହା ଲେଖିବା କଥା, ତା'କୁ ବତେଇ ଦେଉଥିଲି। ତୁମେ ତା'ର ପ୍ରମାଣ ପାଇବାକୁ ଚାହୁଁଥିଲେ ଶ୍ରୀମନ୍ଦିରର ନୀଳଚକ୍ରକୁ ଦେଖ। ନିଜେ ମହାପ୍ରଭୁ ସେଠାରେ ବିରାଜମାନ କରି ଏ କଥାର ସାକ୍ଷ୍ୟ ପ୍ରମାଣ ଦେଉଛନ୍ତି।' ଗଜପତି ଓ ସେଠାରେ ଉପସ୍ଥିତ ସମସ୍ତେ ନୀଳଚକ୍ରରେ ମହାପ୍ରଭୁଙ୍କୁ ଦର୍ଶନ କରି ଚମକୃତ ହେଲେ। ମହାପ୍ରଭୁ ସେଠାରେ ବିରାଜମାନ କରି ମନ୍ଦମନ୍ଦ ହସୁଥିଲେ। ତା' ପରେ ଗଜପତି କ୍ଷଣେମାତ୍ର ଅପେକ୍ଷା ନ କରି ଶାରଳା ଦାସଙ୍କ ମୁଣ୍ଡରେ ଶାଢ଼ି ବାନ୍ଧି ସମ୍ବର୍ଦ୍ଧିତ କଲେ। ମହାଭାରତକୁ ଓଡ଼ିଆ ଭାଷାର 'ଆଦିଗ୍ରନ୍ଥ' ଓ ଶାରଳା ଦାସଙ୍କୁ 'ଆଦିକବି' ରୂପେ ଘୋଷଣା କଲେ।

ଶାରଳା ଦାସ ଝଙ୍କଡ଼ ଫେରିଗଲେ। ଗଜପତିଙ୍କ ସମ୍ବର୍ଦ୍ଧନା ତାଙ୍କୁ ଯେତିକି ଆନନ୍ଦିତ କରୁଥିଲା, ତଥାକଥିତ ପଣ୍ଡିତମାନଙ୍କର ତାଚ୍ଛଲ୍ୟ ଓ ଅପମାନ ତାଙ୍କୁ ବହୁଗୁଣରେ ବ୍ୟଥିତ କରୁଥିଲା। ସେତେବେଳକୁ ସେ ବାର୍ଦ୍ଧକ୍ୟରେ ଉପନୀତ ହୋଇ ସାରିଥିଲେ। ତେଣୁ ବାରମ୍ବାର ଶ୍ରୀକ୍ଷେତ୍ର ଯାଇ ମହାପ୍ରଭୁଙ୍କର ଦର୍ଶନର ସମ୍ଭାବନା କମି ଆସୁଥିଲା। ଦିନେ ସେ ମାଆ ଶାରଳାଙ୍କ ମନ୍ଦିରରେ ପହଞ୍ଚି ମାଆଙ୍କୁ ନିବେଦନ କରି କହିଲେ, 'ମାଆ, ଏ ଅକିଂଚନ ପୁତ୍ରର ମାନ ରକ୍ଷା କରିବା ପାଇଁ ତୋତେ ରାଜ ଦରବାରରେ ପହଞ୍ଚିବାକୁ ପଡ଼ିଲା। ମହାପ୍ରଭୁ ମଧ୍ୟ ମୋ ପାଇଁ ରତ୍ନବେଦୀ ଛାଡ଼ି ନୀଳଚକ୍ରରେ ବିରାଜମାନ କଲେ। ମୋର ମନେ ହେଉଛି ଯେ କେତେକ ଅସହିଷ୍ଣୁ ମୋତେ ପ୍ରଭୁଙ୍କର ସ୍ୱଚ୍ଛନ୍ଦ ଦର୍ଶନ କରେଇ ଦେବେ ନାହିଁ। କିନ୍ତୁ ତୋର ଓ ମହାପ୍ରଭୁଙ୍କ ଦର୍ଶନ ବିନା ଏ ଅକିଂଚନ ବଞ୍ଚିପାରିବ ନାହିଁ।' ଭକ୍ତର ଆତୁର ପ୍ରାର୍ଥନା ମାଆ ଶୁଣି କହିଲେ, 'ପୁତ୍ର! ମୁଁ ପରମ ବୈଷ୍ଣବୀ ଓ ମହାପ୍ରଭୁଙ୍କର ପରମ ଭକ୍ତ। ତାଙ୍କର ଷଷ୍ଠ ଅବତାର ପ୍ରଭୁ ପର୍ଶୁରାମ ତାଙ୍କ ଶରମୁନରେ ମୋତେ ନିର୍ମାଣ କରିଛନ୍ତି। ଏଣିକି ତୋ ପାଇଁ ମୁଁ ପ୍ରତି ଏକାଦଶୀ ତିଥିରେ ଜଗନ୍ନାଥବେଶ ଗ୍ରହଣ କରି ଦର୍ଶନ ଦେବି। ଭକ୍ତମାନେ ମୋର ଜଗନ୍ନାଥ ବେଶ ଦର୍ଶନ କରି ମହାପ୍ରଭୁଙ୍କ ଦର୍ଶନର ପୁଣ୍ୟ ଲାଭ କରିବେ।' ସେହିଦିନଠାରୁ ମାତା ଶାରଳାଙ୍କୁ ବିଷ୍ଣୁଙ୍କର ପ୍ରିୟତିଥି ଏକାଦଶୀ ଦିନ ଜଗନ୍ନାଥ ବେଶ କରିବା ପରମ୍ପରା ଆରମ୍ଭ ହୋଇ ଅଦ୍ୟାବଧି ଚାଲିଛି।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଶିମିଳିପାଳ ଇକୋ-ସେନସିଟିଭ ଜୋନ୍‌ରେ ପ୍ରସ୍ତାବିତ ହୋଟେଲ ପ୍ରକଳ୍ପ

# ଏନଜିଟିଙ୍କ ସ୍ଥିତାବସ୍ଥା ବଜାୟ ଆଦେଶ

- ଇଡକୋ, ଇପିକଲ/ଡିପା ଓ ହୋଟେଲ ସୋନାର ବାଙ୍ଗଲାଙ୍କୁ ନିର୍ମାଣ କାର୍ଯ୍ୟରୁ ବିରତ ରହିବାକୁ ନିର୍ଦ୍ଦେଶ
- ପରବର୍ତ୍ତୀ ଶୁଣାଣି ଜୁଲାଇ ୩୧ ତାରିଖକୁ ଧାର୍ଯ୍ୟ

ବାରିପଦା, ୨୬।୫ (ସମିସ): ଶିମିଳିପାଳ ଇକୋ-ସେନସିଟିଭ୍ ଜୋନ୍‌ରେ ପ୍ରସ୍ତାବିତ ହୋଟେଲ ପ୍ରକଳ୍ପକୁ ନେଇ ରୁଜୁ ମାମଲାର ଶୁଣାଣି କରି କୋଲକାତାସ୍ଥିତ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ସ୍ଥିତାବସ୍ଥା ବଜାୟ ରଖିବାକୁ ଆଦେଶ ଦେଇଛନ୍ତି। ନ୍ୟାୟମୂର୍ତ୍ତି ଅରୁଣ କୁମାର ତ୍ୟାଗୀ (ଜୁଡିସିଆଲ ମେମ୍ବର) ଓ ଏକ୍ସପର୍ଟ ମେମ୍ବର ଈଶ୍ୱର ସିଂହଙ୍କ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଟ୍ରିବ୍ୟୁନାଲ୍ ପ୍ରତିପକ୍ଷ ଇଡକୋ, ଇପିକଲ ଓ ହୋଟେଲ ସୋନାର ବାଙ୍ଗଲାଙ୍କୁ ମୟୂରଭଞ୍ଜ ଜିଲ୍ଲାର ଶାମାଖୁଣ୍ଟା ତହସିଲ ଅନ୍ତର୍ଗତ ମୌଜା ଲକ୍ଷ୍ମୀପୋଷି, ଖାତା ନଂ ୧୨୩, ପ୍ଲଟ ନଂ ୧୩୮ ଉପରେ କୌଣସି ପ୍ରକାର ନିର୍ମାଣ କିମ୍ବା ସମ୍ବନ୍ଧିତ କାର୍ଯ୍ୟ କରିବାରୁ ବିରତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମାମଲାଟି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ଇକୋସେନସିଟିଭ ଜୋନ(ଇଏସଜେଡ) ଭିତରେ ଅବସ୍ଥିତ ପ୍ରାୟ ୧୦୦ଏକର ପରିମାଣର ପରିବେଶ ସମ୍ବେଦନଶୀଳ ଜଙ୍ଗଲ ଓ ପାହାଡ଼ିଆ ଜମିକୁ ଏକ ବେସରକାରୀ ହୋଟେଲ/ରିସର୍ଟ ପ୍ରକଳ୍ପ ପାଇଁ ବ୍ୟବହାର କରିବା ପ୍ରସ୍ତାବକୁ ନେଇ ଦାଖଲ କରାଯାଇଛି। ଆବେଦକଙ୍କ ଅଭିଯୋଗ ଅନୁଯାୟୀ, ଏହି ଜମିଟି ଘନ ଶାଳ ଜଙ୍ଗଲ ଓ ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ଏବଂ ଶିମିଳିପାଳ ବାଘ ସଂରକ୍ଷଣ ପ୍ରକଳ୍ପ ଅଞ୍ଚଳ ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ବନ୍ୟଜନ୍ତୁ କରିଡର୍ ଭାବେ କାର୍ଯ୍ୟ କରୁଛି। ମାମଲାଟି ବର୍ତ୍ତମାନ ଟ୍ରିବ୍ୟୁନାଲ୍‌ରେ ବିଚାରାଧୀନ ଅଛି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୩୧ତାରିଖକୁ ଧାର୍ଯ୍ୟ କରାଯାଇଛି।

# ରାଜ୍ୟରେ ୩୦ରୁ ଏସ୍‌ଆଇଆର୍

- ସିଇଓଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ
- ତ୍ରୁଟିଶୂନ୍ୟ ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,୨୬।୫(ସମିସ): ରାଜ୍ୟରେ ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଆରମ୍ଭ ହେବାକୁ ଯାଉଛି। ଏହିକ୍ରମରେ ଏସଆଇଆରର ସୁପରିଚାଳନା ନେଇ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନଙ୍କ ଅଧ୍ୟକ୍ଷତାରେ ଆଭାସୀ(ଭର୍ଚୁଆଲ୍) ମାଧ୍ୟମରେ ଆୟୋଜିତ ଏହି ବୈଠକରେ ସମସ୍ତ ଜିଲ୍ଲାର ନୋଡାଲ ଅଫିସର, ଡେପୁଟି କଲେକ୍ଟର (ନିର୍ବାଚନ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆରଓ) ମାନେ ସାମିଲ ହୋଇଥିଲେ। ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆସନ୍ତା ଏସଆଇଆର କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଶେଷ କରି ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟାକୁ କିପରି ସରଳୀକରଣ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା ହୋଇଛି। ଏହି ଅଭିଯାନରେ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ସିଇଓ ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସମୟରେ ବିଏଲଓମାନେ ଘରକୁ ଘର ବୁଲି ସର୍ଭେ ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବମୁକ୍ତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଜିଲ୍ଲା ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ତାଲିକା ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ସମସ୍ତ ଗଣନା ଫର୍ମକୁ ଓଡ଼ିଆ ଭାଷାରେ ଉପଲବ୍ଧ କରାଯିବ, ଯାହାଦ୍ୱାରା ଗ୍ରାମାଞ୍ଚଳର ସାଧାରଣ ଲୋକେ ଏହାକୁ ସହଜରେ ବୁଝିପାରିବେ। ଏହା ସହିତ ଘରକୁ ଘର ବୁଲି ହେବାକୁ ଥିବା ଗଣନା କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ସଚେତନ କରାଯିବ, ଯେପରି ସେମାନେ ନିଜ ସଠିକ୍ ତଥ୍ୟ ପ୍ରଦାନ କରିବେ। ଜନସାଧାରଣଙ୍କ ସହାୟତା ପାଇଁ ୧୯୫୦ ଟୋଲ୍ ଫ୍ରି ନିର୍ବାଚନ ହେଲ୍ପଲାଇନ ନମ୍ବରର ବ୍ୟାପକ ପ୍ରଚାର କରାଯିବ। ଏହି ନମ୍ବର ଜରିଆରେ ନାଗରିକମାନେ ଭୋଟର ତାଲିକା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ ଏବଂ ନିଜ ଅଞ୍ଚଳର ବୁଥ୍ ସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା ପାଇଁ ଏକ କଲ୍ ମଧ୍ୟ ବୁକ୍ କରିପାରିବେ। ଏହି ବୈଠକରେ ଡେପୁଟି ସିଇଓ ଡ.ଲକ୍ଷ୍ମୀପ୍ରସାଦ ସାହୁ ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଜେପିରେ ମିଶିଲେ ଦେବାଶିଷ ସାମନ୍ତରାୟ

ଭୁବନେଶ୍ୱର,୨୬।୫(ସମିସ): ବିଜେଡିରୁ ଇସ୍ତଫା ଦେଇଥିବା ପୂର୍ବତନ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ମଙ୍ଗଳବାର ବିଜେପିରେ ଯୋଗ ଦେଇଛନ୍ତି। ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟପାଲ୍ ସିଂ ତୋମାର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେଇଛନ୍ତି। ବିଜେପିରେ ମିଶିବା ପରେ ଶ୍ରୀ ସାମନ୍ତରାୟ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନଙ୍କୁ ଭେଟିଛନ୍ତି ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା ଉଦ୍ୟମ

ଦିଗପହଣ୍ଡି,୨୬।୫(ସମିସ): ସ୍ତ୍ରୀ ପ୍ରେମିକ ସହ ଅସଂଜତ ଅବସ୍ଥାରେ ଥିବାବେଳେ ସ୍ୱାମୀ ଦେଖିଦେବାରୁ ତାଙ୍କୁ ପ୍ରେମିକ ସହ ମିଶି ହତ୍ୟା ଉଦ୍ୟମ କରିଛନ୍ତି ସ୍ତ୍ରୀ। ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ ବଜାପଲ୍ଲୀ ଗ୍ରାମରେ ଏଭଳି ଘଟଣା ଘଟିଛି। ସ୍ୱାମୀଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଗିରଫ ଭୟରେ ସ୍ତ୍ରୀ ଏବଂ ତାଙ୍କ ପ୍ରେମିକ ଫେରାର ଅଛନ୍ତି। ସୂଚନାନୁସାରେ ବଜାପଲ୍ଲୀ ଗ୍ରାମର ଏସ.ଶଙ୍କର ରେଡ୍ଡୀ ଗତ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଖଲାସୀ କାମ ସାରି ଘରକୁ ଫେରିଥିଲେ। ଏତିକିବେଳେ ତାଙ୍କ ସ୍ତ୍ରୀ ଏସ. ରଶ୍ମିତା ରେଡ୍ଡୀ ଲକ୍ଷ୍ମୀନାରାୟଣପୁର ଗ୍ରାମର ପ୍ରେମିକ ଦିବାକର ଦୋରାଙ୍କ ସହ ଘର ଭିତରେ ଅସଂଜତ ଅବସ୍ଥାରେ ଥିଲେ। ଶଙ୍କର ଏହାର ପ୍ରତିବାଦ କରିବାରୁ ସ୍ତ୍ରୀ ରଶ୍ମିତା ଓ ପ୍ରେମିକ ଦିବାକର ତାଙ୍କୁ ଘର କବାଟ ପକାଇ ନିସ୍ତୁକ ମାଡ଼ ମାରିଥିଲେ। ପୁଅ, ଝିଅ ତାଙ୍କ ବାପାଙ୍କୁ ମାଡ଼ ନ ମାରିବାକୁ ନେହୁରା ହୋଇଥିଲେ ମଧ୍ୟ ରଶ୍ମିତା ତାଙ୍କ ସ୍ୱାମୀଙ୍କୁ ଜୀବନରେ ମାରିଦେବାକୁ ପ୍ରେମିକ ଦିବାକରଙ୍କୁ କହିଥିଲେ। ଏହା ପରେ ଶଙ୍କର କୌଶଳ କ୍ରମେ ସେଠାରୁ ଖସି ପଳାଇଥିଲେ। ପରିଦିନ ସକାଳେ ଘଟଣା ସମ୍ପର୍କରେ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତିକରି ଆଇଆଇସି କିଶୋର କୁମାର ସାମଲ ଏଏସଆଇ ଦିଲ୍ଲୀପ ଗୋରଡ଼ାଙ୍କୁ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

■ ଆଉ ଦୁଇଦିନ ଗୁଳୁଗୁଳି

## ୨୮ରୁ ଭୀଷଣ କାଳବୈଶାଖୀ

**ଅଂଶୁଘାତ ନେଲାଣି ୪ ଜୀବନ**

ଭୁବନେଶ୍ୱର,୨୬।୫(ସମିସ): ରାଜ୍ୟରେ ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେବ। ଏହା ପରେ ଅର୍ଥାତ ୨୮ ତାରିଖ ପରେ ଏହି ସ୍ଥିତିରେ ପରିବର୍ତ୍ତନ ଆସିବ ଓ ଭୀଷଣ କାଳବୈଶାଖୀ ଆରମ୍ଭ ହେବ। ୨୮ ଓ ୨୯ ରେ କାଳବୈଶାଖୀର ପ୍ରଭାବ ଯଥେଷ୍ଟ ଅଧିକ ରହିବ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ହୋଇଥିଲେ ମଧ୍ୟ ବର୍ତ୍ତମାନ ରହୁଥିବା ଆର୍ଦ୍ରତା ହେତୁ ଭୀଷଣ ଗୁଳୁଗୁଳି ଅନୁଭୂତ ହୋଇଛି। ଆଜି ସବୁ ସହରରେ ତାପମାତ୍ରା ୪୫ ଡିଗ୍ରୀ ତଳକୁ ଖସିଥିଲେ ମଧ୍ୟ ତାତି ସାଙ୍ଗକୁ ଗୁଳୁଗୁଳରୁ ନିସ୍ତାର ମିଳିନାହିଁ। ଟିଟିଲାଗଡ଼ରେ ତାପମାତ୍ରା ୪୪.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସମ୍ବଲପୁରରେ ୪୪.୪, ଭବାନୀପାଟଣା ଓ ନୂଆପଡ଼ାରେ ତାପମାତ୍ରା ୪୪ ଡିଗ୍ରୀ ଲେଖାଏଁ ରେକର୍ଡ ହୋଇଛି। ଅନ୍ୟପଟେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ମୋଟ ୧୪୫ ଜଣ ଅଂଶୁଘାତରେ ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ରବି ନାରାୟଣ ମିଶ୍ର କହିଛନ୍ତି ଯେ ପ୍ରବଳ ଖରା ଘାତକ ସାଜିଛି। ଏଥିପାଇଁ ଅଂଶୁଘାତ ଆକ୍ରାନ୍ତ ବଢ଼ି ଚାଲିଛି। ରାଜ୍ୟରେ ଏପର୍ଯ୍ୟନ୍ତ ୧୪୫ ଜଣ ବ୍ୟକ୍ତି ଅଂଶୁଘାତରେ ଶିକାର ହୋଇଛନ୍ତି। ଏହାରି ମଧ୍ୟରୁ ଅନେକ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଆଉ ଅନେକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଂଶୁଘାତ ମୃତ୍ୟୁ ଅଭିଯୋଗର ଯୁଗ୍ମ ତଦନ୍ତ କରାଯାଉଛି।

# ୪୫ ଲକ୍ଷ ଇନାମି ମାଓ ଦମ୍ପତିଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୬।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାରେ ୪୫ଲକ୍ଷ ଇନାମି ମାଓ ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ମାଓ ସଂଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ପସୁନୁରି ନରହରି ଓରଫ୍ ବିଶ୍ୱନାଥ, ତାଙ୍କ ପତ୍ନୀ ମେଡାରା ଦାନାମ୍ମା ଓରଫ୍ ଲତା ଏବଂ ଅନ୍ୟ କିଛି ମାଓବାଦୀ ତେଲେଙ୍ଗାନା ଡିଜିପି ସି.ଭି. ଆନନ୍ଦଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ନରହରି ପ୍ରାୟ ୪୪ବର୍ଷ ଧରି ମାଓବାଦୀ ସଂଗଠନ ସହ ଜଡ଼ିତ ଥିବା ବେଳେ ତାଙ୍କ ମୁଣ୍ଡ ଉପରେ ୨୫ଲକ୍ଷ ଟଙ୍କା ଏବଂ ପତ୍ନୀ ଲତାଙ୍କ ମୁଣ୍ଡ ଉପରେ ୨୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ଆତ୍ମସମର୍ପଣ ପରେ ସରକାରଙ୍କ ପୁନର୍ବାସ ନୀତି ଅନୁଯାୟୀ ସେମାନଙ୍କୁ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।




ଡିଜିପି ସି.ଭି. ଆନନ୍ଦ କହିଛନ୍ତି ଯେ ଲଗାତାର ଅପରେସନ୍ ଓ ମାଓବାଦୀ ବିରୋଧୀ ଅଭିଯାନ ସହ ସରକାରଙ୍କ ପୁନର୍ବାସ ଯୋଜନା ଯୋଗୁଁ ଅନେକ ଶୀର୍ଷ ମାଓନେତା ମୁଖ୍ୟ ସ୍ରୋତକୁ ଫେରୁଛନ୍ତି। ୨୦୨୪ ପରଠାରୁ ୮୦୦ରୁ ଅଧିକ ମାଓବାଦୀ ଆତ୍ମସମର୍ପଣ କରିଥିବା ସେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ନରହରି ଦୀର୍ଘଦିନ ଧରି ଅସୁସ୍ଥ ଥିବାରୁ ସଂଗଠନ ଛାଡି ମୁଖ୍ୟସ୍ରୋତକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଓଡିଶାରେ ଘଟିଥିବା ଅନେକ ବଡ଼ ହିଂସାକାଣ୍ଡରେ ଏହି ମାଓ ଦମ୍ପତିଙ୍କ ସମ୍ପୃକ୍ତି ଥିବା କୁହାଯାଉଛି। ଆତ୍ମସମର୍ପଣ ସମୟରେ ମାଓବାଦୀମାନେ ବହୁ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ପୁଲିସକୁ ହସ୍ତାନ୍ତର କରିଛନ୍ତି। ଏନେଇ ପୁଲିସ ପକ୍ଷରୁ ଖୁବ୍‌ଶୀଘ୍ର ବିସ୍ତୃତ ସୂଚନା ପ୍ରଦାନ କରାଯିବ ବୋଲି କୁହାଯାଇଛି।

**LOST**

We AGM, SBI, Bhubaneswar Main Branch, Unit-1, Bhubaneswar, Khurda declared that, one Sale Deed No. 699/1980 relating to Plot No.: 2132/4916, Khata No.: 1266, Mouza: West Bargarh of **Mr. Satyananda Das** which had been Mortgaged at our bank was Lost in our Bank/ Department, Inspite of our best effort the said document couldnot be traced out.
**Contact No.: 9179456522**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିବାହ ନାଁରେ...

କରାଯାଇଥିବା ବେଳେ ଏହି ସ୍କିମ୍‌ରେ ସାମିଲ ଥିବା ଅନ୍ୟ ଦୁଇ ସହଯୋଗୀ ଦିନେଶ ବୈରାଗୀ ଏବଂ ନରସିଂହ ଦାସ ବୈରାଗୀଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଯେଉଁ ୪୨ଟି ପରିବାର ମଙ୍ଗଳ ବାଜା ବଜାଇ ବୋହୂ ନେବାକୁ ଆସିଥିଲେ, ସେମାନଙ୍କ ଦିନ ଶେଷରେ ଥାନାରେ ଅଭିଯୋଗ କରିବାରେ କଟିଲା।

### ବଢ଼ିଲା ତେଲ...

ବଡ଼ ଆଘାତ ଦେଇଛି।

ଅପରପକ୍ଷେ ରାଷ୍ଟ୍ରାୟତ୍ତ ତୈଳ ବିପଣନକାରୀ କମ୍ପାନୀଗୁଡିକ ଦେଶବ୍ୟାପୀ ଡିଜେଲ କିମ୍ବା ପେଟ୍ରୋଲ ସଙ୍କଟକୁ ଖଣ୍ଡନ କରିଛନ୍ତି। ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସି) ସହ ଅନ୍ୟ କମ୍ପାନୀଗୁଡିକ ଦେଶରେ ପେଟ୍ରୋଲ ବିକ୍ରି ୧୪ ପ୍ରତିଶତ ଓ ଡିଜେଲ ବିକ୍ରି ୧୮ ପ୍ରତିଶତ ବଢ଼ିଥିବା ପାଲଟା ଯୁକ୍ତି ବାଢ଼ିଛନ୍ତି। ତେବେ କେବଳ କେତେକ ଅଞ୍ଚଳରେ ସ୍ଥାନୀୟ ଭାବେ ତେଲ ଯୋଗାଣ ସମସ୍ୟା ଦେଖାଦେଇଛି ଏବଂ ଏହା ଅସ୍ଥାୟୀ ବୋଲି କମ୍ପାନୀପକ୍ଷରୁ କୁହାଯାଉଛି। ଏ ସମ୍ପର୍କରେ ଅଖିଳ ଭାରତ ମୋଟର ପରିବହନ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ରବି ଶତପଥୀ କହିଛନ୍ତି ଯେ ଏ ଯାଏ ଡିଜେଲ ଯୋଗାଣ ସ୍ୱାଭାବିକ ହୋଇନାହିଁ। ଉପକୂଳ ଓ ଉତ୍ତର ଓଡିଶାରେ ଯୋଗାଣ ସ୍ଥିତି ସୁଧୁରିଥିଲେ ହେଁ ରାଜ୍ୟର ଦକ୍ଷିଣ ଓ ପଶ୍ଚିମ ଓଡିଶାରେ ସ୍ଥିତି ଅପରିବର୍ତ୍ତିତ ରହିଛି। କେତେକ ପମ୍ପରେ ଟ୍ରକ୍‌ଗୁଡିକୁ ସୀମିତ ଡିଜେଲ ଦିଆଯାଉଛି। ଏଥିରେ ଉପାନ୍ତ ଅଞ୍ଚଳଗୁଡିକରେ ମାଲ ପରିବହନ କଷ୍ଟକର ହୋଇଯିବାରୁ ଅନେକ ଟ୍ରକ୍ ଚଳାଚଳ ବନ୍ଦ ହୋଇଗଲାଣି। ଏମିତି ଚାଲିଲେ ଆଗକୁ ସ୍ଥିତି ସାଂଘାତିକ ହେବ ବୋଲି ସେ ଚେତାଇ ଦେଇଛନ୍ତି।

### ଶ୍ୱାସରୁଦ୍ଧ ହୋଇ...

ରହିଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନ ରେଡକ୍ରସ୍ ପାଣ୍ଠିରୁ ତୁରନ୍ତ ନଗଦ ରାଶି ପ୍ରଦାନ କରାଯାଇଥିଲା ଏବଂ ପଞ୍ଚାୟତ ତରଫରୁ ହରିଶ୍ଚନ୍ଦ୍ର ଯୋଜନାରେ ତିନି ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ନର୍ଲା ବିଧାୟିକା ମନୋରମା ମହାନ୍ତି ପ୍ରତ୍ୟେକ ମୃତ ପରିବାରକୁ ୨୦ହଜାର ଟଙ୍କା ଲେଖାଏଁ ସହାୟତା ଦେବା ପାଇଁ ଘୋଷଣା କରିଛନ୍ତି। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

### ଧୋକା ଦେଲା...

ରୁ ୪ ତାରିଖ ମଧ୍ୟରେ ମୌସୁମୀ କେରଳ ଛୁଇଁପାରେ ବୋଲି ଅନୁମାନ କରାଯାଉଛି। କେରଳରେ ମୌସୁମୀ ବିଧିବଦ୍ଧ ଭାବେ ପ୍ରବେଶ କରିନଥିଲେ ମଧ୍ୟ ପ୍ରାକ୍-ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ପାଣିପାଗ ବିଭାଗ ପକ୍ଷରୁ କେରଳର ଚାରିଟି ଜିଲ୍ଲାରେ ହଳଦିଆ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ଶନିବାର ଓ ରବିବାର ପର୍ଯ୍ୟନ୍ତ ସେଠାରେ ପ୍ରବଳ ବର୍ଷା ଓ ବଜ୍ରପାତ ହେବାର ସମ୍ଭାବନା ରହିଛି।

ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଥିବା ଏକ ବିଶେଷ ସାମୁଦ୍ରିକ ଗରମ ପରିବେଶ ଯୋଗୁଁ ଚଳିତ ବର୍ଷ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ପୂର୍ବରୁ ସୂଚନା ଦେଇଛନ୍ତି। ଭାରତ ପାଇଁ ଏହି ବର୍ଷା ଋତୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଦେଶର ଶତକଡ଼ା ୭୦ ଭାଗ ବର୍ଷା ଏହି ମୌସୁମୀରୁ ହିଁ ମିଳିଥାଏ। ମୌସୁମୀ ଆସିବାରେ ୧ ରୁ ୩ ଦିନ ବିଳମ୍ବ ହେବା କୌଣସି ଚିନ୍ତାର ବିଷୟ ନୁହେଁ। ତେବେ ଚଳିତ ବର୍ଷ 'ଏଲ୍ ନିନୋ' ପ୍ରଭାବ ଯୋଗୁଁ ସାମଗ୍ରିକ ଭାବେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବାର ଆଶଙ୍କା ରହିଛି।

### ଗାଁ ଦାଣ୍ଡରୁ ଟେକିନେଇ...

କବଳରୁ ନିଜକୁ ମୁକୁଳାଇ ଘରକୁ ଫେରି ଆସିଥିଲେ।

ଝିଅର ଚିରା ଡ୍ରେସ ଓ କାନ୍ଦ ଦେଖି ତାଙ୍କର ମା' ବିବ୍ରତ ହୋଇ ଏହାର କାରଣ ପଚାରିବା ପରେ ସେ ସବୁକଥା ବିସ୍ତୃତ ବର୍ଣ୍ଣନା କରିଥିଲେ। ବାପି ତାଙ୍କ ସହ ଦୁଷ୍କର୍ମ କରିଥିବା ଘଟଣା କହିବା ସହ ଛାତି, ପେଟ ଓ ଶରୀରର ଅନ୍ୟ ସ୍ଥାନରେ ଆଘାତ କଥା ଜଣାଇଥିଲେ। ପୀଡ଼ିତାଙ୍କୁ ତାଙ୍କ ମାଆ ସାଙ୍ଗେ ସାଙ୍ଗେ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ପୀଡ଼ିତାଙ୍କ ଡାକ୍ତରୀମାଇନା କରିବା ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବୟାନ ରେକର୍ଡ କରିଥିଲା। ମଙ୍ଗଳବାର ସକାଳେ ଜଟଣୀ ଥାନା ପୁଲିସ ଯମୁନା ରାସ୍ତାରୁ ବାପିକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଇଭି ନୀତି...

ନୂତନ ନୀତି ଲାଗୁ ପୂର୍ବରୁ ସରକାରୀ କର୍ମଚାରୀଙ୍କୁ ଇଭି ଗାଡ଼ି କିଣିବା ପାଇଁ ମିଳି ଆସୁଥିବା ସୁଧମୁକ୍ତ ଋଣ ବ୍ୟବସ୍ଥାକୁ ମଧ୍ୟ ବନ୍ଦ କରି ଦିଆଯାଇଛି।

୨୦୨୧ରୁ ୨୦୨୫ ମଧ୍ୟରେ ମୋଟ୍ ଯାନବାହନ ସଂଖ୍ୟାରେ ୨୦ ପ୍ରତିଶତ ଇଭି ଚାଳନା ପାଇଁ ଲକ୍ଷ୍ୟ ରହିଥିଲେ ହେଁ ଏହି ହାର ମାତ୍ର ୯ ପ୍ରତିଶତରେ ସୀମିତ ରହିଛି। ଅନ୍ୟପଟେ ବିଭାଗ ପକ୍ଷରୁ ପ୍ରକାଶିତ ନୂତନ ଚିଠା ବିଜ୍ଞପ୍ତିରେ ୨୦୩୦ ସୁଦ୍ଧା ରାଜ୍ୟର ଗାଡ଼ି ସଂଖ୍ୟାର ୫୦ ପ୍ରତିଶତ ଇଭିକୁ ପରିବର୍ତ୍ତନ ଲକ୍ଷ୍ୟ ରହିଛି। ୨୦୩୬ ଅର୍ଥାତ ଓଡ଼ିଶାକୁ ଶହେ ବର୍ଷ ବେଳକୁ ଏହି ସଂଖ୍ୟା ୭୦ ଓ ୨୦୪୭ ସୁଦ୍ଧା ମୋଟ୍ ଗାଡ଼ିର ୮୦ ପ୍ରତିଶତ ଇଭି ରହିଥିବ ବୋଲି ସରକାର ଯୋଜନା କରିଛନ୍ତି। ମାତ୍ର ଯେଉଁ ଧାରାରେ ଇଭି କ୍ରୟ ଅଗ୍ରଗତି ଘଟୁଛି, ଧାର୍ଯ୍ୟ ଅବଧି ମଧ୍ୟରେ ଲକ୍ଷ୍ୟ ପୂର୍ଣ୍ଣ ହୋଇ ପାରିବାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ଯେଉଁମାନେ ଇଭି ଗାଡ଼ି କିଣିବା ପାଇଁ ଶୋ'ରୁମ ଯାଉଛନ୍ତି, ସେମାନଙ୍କୁ ଗାଡ଼ି ଡେଲିଭରୀ ତାରିଖ ଜୁଲାଇ ମାସ କିମ୍ବା ଅଗଷ୍ଟ ମାସ ମିଳୁଛି। ଯେହେତୁ ଜୁନ୍‌ରେ ପୁରୁଣା ନୀତିର ଅବଧି ଶେଷ ହେଉଛି ଓ ନୂତନ ନୀତି ଆଣିବାରେ ସରକାର ଏପର୍ଯ୍ୟନ୍ତ ବିଫଳ ହେଉଛନ୍ତି, ତେଣୁ ସମ୍ପୃକ୍ତ ଗ୍ରାହକମାନଙ୍କୁ ସବସିଡି ମିଳିବ କି ନାହିଁ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ପରିବହନ ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ, ସରକାର ଚିଠା ବିଜ୍ଞପ୍ତି ପ୍ରକାଶ କରି ୬୦ ଦିନ ପର୍ଯ୍ୟନ୍ତ ଆପତ୍ତି ଓ ପରାମର୍ଶ ଆହ୍ୱାନ କରିଥିଲେ। ଚିଠା ବିଜ୍ଞପ୍ତିରେ ବ୍ୟାପକ ତ୍ରୁଟି ଥିବା ଦର୍ଶାଇ ଅନେକ ପରାମର୍ଶ ମିଳିଥିଲା। ଏଥିପାଇଁ ବିଭାଗ ଅକଳରେ ପଡ଼ିଥିବା ବେଳେ ସମୟଉପଯୋଗୀ ନୀତି ପ୍ରସ୍ତୁତି ଏବେ ବିଭାଗ ପାଇଁ କାଠିକର ପାଠ ହୋଇପଡ଼ିଛି।

### ବୁବୁନ ସାହୁ...

ବାରିକ, ନବମ ସ୍ଥାନରେ ଶୀତଲ ପାତ୍ର ରହିଥିବା ବେଳେ ଇତିଶ୍ରୀ ଜେନା ଦଶମ ସ୍ଥାନ ଅଧିକାର କରିଛନ୍ତି। ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ୪ଜଣ ମହିଳା ପ୍ରାର୍ଥୀ ରହିଛନ୍ତି।

ଓପିଏସସିର ବିଜ୍ଞାପନ ଅନୁସାରେ, ସମସ୍ତ ୨୦୦ ପଦବୀ ପୂରଣ ହୋଇଥିବା ବେଳେ କୌଣସି ବି ବର୍ଗରେ ପଦ ଖାଲି ପଡ଼ିନାହିଁ। ଅସଂରକ୍ଷିତ ବର୍ଗରେ ୩୦ଜଣ ମହିଳାଙ୍କ ସମେତ ମୋଟ ୭୦ ପ୍ରାର୍ଥୀ ମନୋନୀତ ହୋଇଥିବା ବେଳେ ଏସ୍‌ଇବିସି ବର୍ଗରେ ୧୧ଜଣ ମହିଳାଙ୍କ ସମେତ ମୋଟ ୩୫ ଜଣ, ଅନୁସୂଚିତ ଜାତି ବର୍ଗରେ ୧୬ଜଣ ମହିଳାଙ୍କ ସହ ୪୫ଜଣ ଏବଂ ଅନୁସୂଚିତ ଜନଜାତି ବର୍ଗରେ ୨୧ଜଣ ମହିଳାଙ୍କ ସହ ମୋଟ ୫୦ ପ୍ରାର୍ଥୀ ସଫଳତାର ସହ ମନୋନୀତ ହୋଇଛନ୍ତି।

ପ୍ରକାଶ ଥାଉକି, ସିଭିଲ ସର୍ଭିସ୍ ପରୀକ୍ଷା ପାଇଁ ୮୫୨୨୩ଜଣ ଆବେଦନ କରିଥିବାବେଳେ ୧୩୯୮୫ ଜଣ ମହିଳା ପ୍ରାର୍ଥୀଙ୍କ ସମେତ ମୋଟ ୩୫୧୬୫ଜଣ ଗତ ୨୦୨୫ ଅକ୍ଟୋବର ୧୨ରେ ଅନୁଷ୍ଠିତ ପ୍ରିଲିମିନାରୀ ପରୀକ୍ଷା ଦେଇଥିଲେ। ଏମାନଙ୍କ ଭିତରୁ ୨୪୦୫ଜଣ ଉତ୍ତୀର୍ଣ୍ଣ ହୋଇଥିଲେ। ଚଳିତ ବର୍ଷ ଜାନୁଆରୀ ୩୧ରୁ ଫେବ୍ରୁଆରୀ ୧୦ତାରିଖ ପର୍ଯ୍ୟନ୍ତ ଓଡ଼ିଶା ସିଭିଲ ସର୍ଭିସେସ୍ ମୁଖ୍ୟ(ଲିଖିତ) ପରୀକ୍ଷା ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ୭୦୭ଜଣ ମହିଳା ପ୍ରାର୍ଥୀଙ୍କ ସମେତ ମୋଟ ୨୦୫୮ଜଣ ଅବତୀର୍ଣ୍ଣ ହୋଇପାରିଥିଲେ। ପରେ ମେ' ୧୪ରୁ ମେ' ୨୦ ମଧ୍ୟରେ ସାକ୍ଷାତକାର ବା ବ୍ୟକ୍ତିତ୍ୱ ପରୀକ୍ଷା କରାଯିବା ପରେ ଏହି ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇଛି।

କମିଶନଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଏହି ମନୋନୀତ ତାଲିକା ସମ୍ପୃକ୍ତ ନିଯୁକ୍ତି ଅଧିକାରୀଙ୍କ ଦ୍ୱାରା ପ୍ରାର୍ଥୀଙ୍କ ପ୍ରମାଣପତ୍ର, ସଂରକ୍ଷିତ ବର୍ଗର ଯୋଗ୍ୟତା ଏବଂ ଆବଶ୍ୟକସ୍ଥଳେ ସ୍ୱାସ୍ଥ୍ୟ ପରୀକ୍ଷା ସଠିକ୍ ଭାବେ ଯାଞ୍ଚ ହେବା ପରେ ହିଁ ଚୂଡ଼ାନ୍ତ ନିଯୁକ୍ତିପତ୍ର ପ୍ରଦାନ କରାଯିବ। ଏହାସହ ପ୍ରାର୍ଥୀମାନେ ନିଜ ଘୋଷଣାନାମାରେ ଦେଇଥିବା ପରୀକ୍ଷା ପ୍ରୟାସ ସଂଖ୍ୟାରେ ଯଦି ଭବିଷ୍ୟତରେ କୌଣସି ଅସଙ୍ଗତି ବା ତଥ୍ୟ ଗୋପନ ରଖିଥିବା ଜଣାପଡ଼େ, ତେବେ ସେମାନଙ୍କର ପ୍ରାର୍ଥିତ୍ୱ ପ୍ରତ୍ୟାହାର କରିନିଆଯିବ ବୋଲି କୁହାଯାଇଛି। ପରୀକ୍ଷାର୍ଥୀମାନେ ସମ୍ପୂର୍ଣ୍ଣ ମେଧା ତାଲିକା ଏବଂ ସବିଶେଷ ସୂଚନା ଓପିଏସସିର ୱେବସାଇଟ୍ http://opsc.gov.in ଉପଲବ୍ଧ କରାଯାଇଛି। ପୂର୍ବରୁ ଓପିଏସ୍‌ସିର ପ୍ରିଲିମିନାରୀ ପରୀକ୍ଷାରୁ ମୁଖ୍ୟ ପରୀକ୍ଷାଫଳ ପ୍ରକାଶ ପର୍ଯ୍ୟନ୍ତ ୨୨ମାସ ସମୟ ଲାଗିଯାଉଥିଲା। ଏଥିପାଇଁ ୟୁପିଏସ୍‌ସିର ସିଭିଲ ସର୍ଭିସ୍ ପରୀକ୍ଷା ନିର୍ଘଣ୍ଟ ସହ ଓପିଏସସି ନିର୍ଘଣ୍ଟର ତାଳମେଳ ରହୁନଥିବାରୁ ପରୀକ୍ଷାର୍ଥୀମାନଙ୍କୁ ଅଲଗା ଅଲଗା ପ୍ରସ୍ତୁତି କରିବାକୁ ମିଳିଥିଲା। ଏଥର ମାତ୍ର ୧୭ମାସରେ ସମସ୍ତ ପ୍ରକ୍ରିୟା ଶେଷ ହୋଇପାରିଛି। ଏହାଦ୍ୱାରା ପ୍ରାର୍ଥୀମାନେ ଗୋଟିଏ ପ୍ରସ୍ତୁତିରେ ଏଣିକି ଉଭୟ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇପାରିବେ ବୋଲି ଓପିଏସସି ପକ୍ଷରୁ କୁହାଯାଇଛି।

■ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ଘଟଣା

## ଅଭିଯୁକ୍ତକୁ ୩ ବର୍ଷ ଜେଲ୍

କେନ୍ଦ୍ରାପଡ଼ା,୨୬।୫(ସମିସ): ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ଘଟଣାର ବିଚାର କରି କେନ୍ଦ୍ରାପଡ଼ା ପକ୍‌ସୋ କୋର୍ଟ ଅଭିଯୁକ୍ତକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ବିଚାରପତି ପ୍ରଜ୍ଞା ପରମିତା ରାଉଳ ଅଭିଯୁକ୍ତ ସୁଧାଂଶୁ ଭୂଷଣ ସାମଲକୁ ଦୋଷୀ ସାବ୍ୟସ୍ତ କରି ଏହି ରାୟ ପ୍ରଦାନ କରିଛନ୍ତି। କୋର୍ଟ ଅଭିଯୁକ୍ତକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ ଜାନୁଆରୀ ୨୩ ତାରିଖରେ ପାଟକୁରା ଥାନା ଅଞ୍ଚଳର ଏକ ଗ୍ରାମରେ ୧୧ ବର୍ଷର ନାବାଳିକା ତାଙ୍କ ୬ ବର୍ଷର ଭାଇ ସହ ଘରେ ଏକା ଥିବା ବେଳେ ଅଭିଯୁକ୍ତ ଘର ବାରଣ୍ଡାରେ ବସି ମଦ୍ୟପାନ କରୁଥିଲା। ନାବାଳିକା ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ଗାଳିଗୁଲଜ କରିଥିଲା ଓ ସେ ନାବାଳିକାଙ୍କୁ ଘର ଭିତରକୁ ଅନୁସରଣ କରି ତାଙ୍କ ହାତ ଓ ଗୋଡ଼ ବାନ୍ଧି ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା।

**ସୂଚନା**

ରାଜ୍ୟ ସ୍ତରୀୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା, ଭୁବନେଶ୍ୱର ଦ୍ୱାରା EC Identification No. EC26B0901OR5529963N ତାରିଖ 25.05.2026 ଅନୁଯାୟୀ M/s Rungta Sons Pvt. Ltd. ଙ୍କ ପକ୍ଷରୁ ପ୍ରସ୍ତାବିତ 12MTPA (3ଟି x 3MTPA +2ଟି x 1.5 MTPA) କ୍ଷମତାର ଲୌହ ଖଣିଜପଥର ବିଶୋଧନ କାରଖାନା ପ୍ଲାଣ୍ଟ ପାଇଁ ପରିବେଶୀୟ ଅନୁମୋଦନ (Environmental Clearance) ମଞ୍ଜୁର କରାଯାଇଛି । ଏହି ପ୍ରକଳ୍ପ 195.63 ଏକର ଅଞ୍ଚଳରେ ଅବସ୍ଥିତ ଏବଂ ଗ୍ରାମ-ତେହେରେଇ, ତହସିଲ-କୋଇରା, ଜିଲ୍ଲା-ସୁନ୍ଦରଗଡ଼, ଓଡ଼ିଶାରେ ସ୍ଥାପିତ ହେବ । ଏହି ପରିବେଶୀୟ ଅନୁମୋଦନ ପତ୍ରର ଏକ ପ୍ରତିଲିପି ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଭୁବନେଶ୍ୱରରେ ଉପଲବ୍ଧ ଅଛି ଏବଂ SEIAA, ଓଡ଼ିଶାର ୱେବସାଇଟ୍‌ରେ ମଧ୍ୟ ଦେଖିପାରିବେ । ପରିବେଶୀୟ ଅନୁମୋଦନ ପତ୍ରର ଏକ ପ୍ରତିଲିପି କମ୍ପାନୀର ୱେବସାଇଟ୍ www.rungtamines.com ରେ ମଧ୍ୟ ଉପଲବ୍ଧ ଅଛି ।

GOVERNMENT OF ODISHA 8001/108/2627
OFFICE OF THE DIVISIONAL FOREST OFFICER: CUTTACK FOREST DIVISION
GHATAKULA: NUAPADA: MADHUPATANA: CUTTACK-753010
Off. Tel – 06712957611
Control Room Tel : 06712340343, Toll Free No. 18003457473
E-mail ID :- dfo.cuttack@odisha.gov.in
No. 189 /01F-/2026, Dated, Cuttack the 26th May'2026
**Tender Call Notice for Supply of Fertilizer & Granular Insecticides etc.**

Tenders are invited from reputed Registered Dealer / Manufacturer / Govt. Agency for supply of following good quality Fertilizer & Granular Insecticides etc. for use in the Plantations to be taken up in Cuttack Forest Division, under various schemes during the current financial year 2026-27. The Tender documents can be obtained by paying Rs. 1,000/- towards cost of Tender Paper from the office of the undersigned in any working days from 01.06.2026. The last date of receipt of Tender documents is 10.06.2026 by 5.30 PM in the office of the undersigned through Speed Post/ Regd. Post/ Courier and no case it will be accepted beyond 05.30 PM. The Tender will be opened in the on 11.06.2026 at 3.30 PM.

1. NPK (10:26:26) – 38,809 Kg.
2. UREA – 31,355 Kg.
3. Chloropyriphus – 722 Kg.

Sale of Tender Document : 01.06.2026 to 10.06.2026
Last Date for Submission of Tender Document : 10.06.2026 by 5.30 PM
Opening of Technical Bid : 11.06.2026 at 3.30 PM
The Financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done based on the quality and cost of the materials. The undersigned reserves the right to reject any or all tender without assigning any reasons thereof.

Divisional Forest Officer
Cuttack Forest Division
OIPR-8001/8025/1/26-27/0003

OFFICE OF DISTRICT MANAGER 7001/26/2627
ODISHA STATE CIVIL SUPPLIES CORPORATION LTD. KHORDHA
District Website: www.khordha.odisha.gov.in
Tender No. 2174 Dt. 25.05.2026
District Manager, Odisha State Civil Supplies Corporation Ltd., Khordha (District) invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of Level-II Transport Contractor for transportation of foodgrains from RRCs To Retails Centers (FPS) for Unit (BMC–III) in Khordha district |
| 2 | Availability of bid document in the portal | From 26.05.2026 |
| 3 | Last Date / Time for receipt of bids in the Portal | Dt 9.06.2026 up to 5.30 PM |
| 4 | Date/Time of Opening of Technical Bid | Dt 10.06.2026 up to 11.00 AM |
| 5 | Name and address of the Officer Inviting Tender | CSO-cum-District Manager, O.S.C.S.C Ltd., Khordha (District) |

Tender Documents & other details can be seen from the e-procurement portal: www.oscsc.in, www.foododisha.in, www.tendersodisha.gov.in, along with district website. Amendments / corrigendum / cancellation / retenders etc. if any shall be published only in above websites.

CSO-cum-District Manager
O.S.C.S.C Ltd., Khordha
OIPR-7001/7007/1/26-27/0002

**AFFIDAVIT**

By virtue of an affidavit sworn before Executive Magistrate, Puri, dated 05.05.2026, I, JAYASHREE NANDA, Kasinath Niwas, Jali Sahi, Near Jali Sahi School, Puri, PO: Puri(M), DIST: Puri, Odisha - 752002 declare that I have changed my name from PRADEEP LILIMA JAYASHREE to JAYASHREE NANDA. Henceforth, I shall be known as **JAYASHREE NANDA** for all purposes.
**JAYASHREE NANDA**

**AFFIDAVIT**

By virtue of an affidavit before the Executive Magistrate, Attabira, dtd.26.05.2026, I, Anju Verma, W/o- Sri Vijay Shankar Verma, resident of Karwi, Dist- Chitrakoot (U.P.), hereby declare that my name before marriage was Anjana Darji and after marriage my name is Anju Verma. Both names refer to one and the same person for all official and legal purposes.

**AFFIDAVIT**

By virtue of an affidavit sworn before the Executive Magistrate, Baramba, Dt. 04.05.2026 C.F No-1733, I Artabandhu Setha S/o- Jagannath Setha of Vill/Po- Ratapata, Ps-Baramba, Dist- Cuttack declare that I have changed my name from Arata Setha to Artabandhu Setha. Henceforth, I shall be known as **Artabandhu Setha** for all purposes.

**AFFIDAVIT**

By virtue of an affidavit no.106 before the Executive Magistrate, Paikmal, Dist-Bargarh dtd.15.05.2026, I, Ranjit Sahu, resident of At-Koknara, P.O./P.S.–Paikmal, Dist–Bargarh, Odisha, hereby declare that the name of my son has been wrongly recorded as Jayash Sahu in Aadhaar records. The correct name is **Yoyash Sahu.** Both names refer to one and the same person.

**AFFIDAVIT**

By virtue of an Affidavit resident before Notary Public, Malkangiri, I **Loikhan Guntha,** aged about 57 Years, S/o.:Adu Guntha, of village: Gudumpadar, PO.: Biralaxmanpur, P.S./Dist.: Malkangiri, Odisha declare by this **Affidavit No.: 994/2026, Dated: 25/05/2026** that I have changed my name from Laikshan Guntha to **Loikhan Guntha.** Henceforth I shall be known as **Loikhan Guntha** for all future purposes.

## ସାଇଁକୁଳ ରାସ୍ତା ମରାମତି କଲେ ଗାଁ ଯୁବକ



ଆନନ୍ଦପୁର, ୨୬।୫(ସମିସ): ଘସିପୁରା ବ୍ଲକ ସାଇଁକୁଳ ଗ୍ରାମର ମୁଖ୍ୟରାସ୍ତାଟି ନଷ୍ଟ ହୋଇଯାଇଥିବା ବେଳେ ଅନେକ ସମୟରେ ଛୋଟମୋଟ ଦୁର୍ଘଟଣା ହେଉଥିଲା। ବିଦ୍ୟାଳୟ, କଲେଜ, ମେଡିକାଲ, ବଜାର ଆଦିକୁ ଯିବା ପାଇଁ ଏହି ରାସ୍ତାଟି ବ୍ୟବହାର ହେଉଥିବା ବେଳେ ଅନେକ ସମୟରେ ଛାତ୍ରଛାତ୍ରୀ ମଧ୍ୟ ଏହି ଖାଲଗୁଡ଼ିକରେ ସାଇକଲରୁ ପଡ଼ିଥିବା ଦେଖାଯାଏ। ଅଭିଯୋଗ କରିବା ପରେ ରାସ୍ତାର ମରାମତି ପ୍ରଶାସନ ତରଫରୁ ନ ହେବାରୁ ଗ୍ରାମର ଯୁବ ଗୋଷ୍ଠୀ ଯଥା ଆନନ୍ଦ ସେଠୀ, ଅଭିମନ୍ୟୁ ବିଶ୍ୱାଳ, ଭାନୁପ୍ରତାପ ପଟ୍ଟନାୟକ, ଜ୍ୟୋତିପ୍ରକାଶ ଚକ୍ରଙ୍କ ସମେତ ଅନେକ ଯୁବକ ନିଜସ୍ୱ ଅର୍ଥରେ ସିମେଣ୍ଟ, ବାଲି ଓ ଚିପ୍ସ ଆଣି ନିଜେ ମରାମତି କରିଥିଲେ। ଗୋଟିଏ ଗୋଟିଏ ସ୍ଥାନର ମରାମତି କରି ଆସୁଥିବା ବେଳେ ଗ୍ରାମର ସମସ୍ତ ରାସ୍ତାଗୁଡ଼ିକ ନିଜସ୍ୱ ପାଣ୍ଠିରୁ ମରାମତି କରିବେ ବୋଲି କହିଛନ୍ତି।

## ସଂରକ୍ଷିତ ଜଙ୍ଗଲରେ ଗଛ କଟାକୁ ନେଇ ୩ ଗିରଫ



ଚମ୍ପୁଆ, ୨୬।୫(ସମିସ): ଚମ୍ପୁଆ ବନାଞ୍ଚଳ ବର୍ଦ୍ଧନା ସଂରକ୍ଷିତ ଜଙ୍ଗଲରେ ଗଛ କଟାକୁ ନେଇ ବନ ବିଭାଗ ପକ୍ଷରୁ ୩ ଜଣଙ୍କୁ ଗିରଫ କରାଯାଇଥିବା ଏସିଏଫ୍ ଅକ୍ଷୟ ଛତ୍ରିୟା ସୂଚନା ଦେଇଛନ୍ତି। ଗତ ୨୫ ତାରିଖ ବର୍ଦ୍ଧନା ସଂରକ୍ଷିତ ଜଙ୍ଗଲରେ ଏକାଧିକ ଆକାଶିଆ ଗଛ କଟା ଯାଇ ଚାଲାଣ ହୋଇଥିବା ଖବର ପାଇ ବନ ବିଭାଗ ପକ୍ଷରୁ ଚଢଉ କରାଯାଇଥିଲା। କଟା ଯାଇଥିବା ଗଛକୁ ଜବତ କରାଯାଇଥିବା ବେଳେ ଅଭିଯୁକ୍ତମାନେ ଫେରାର ଥିଲେ। ପରେ ଏସିଏଫ୍ ଶ୍ରୀ ଛତ୍ରିୟାଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରାଯିବା ସହିତ ଏହି ଗଛ କଟାରେ ସଂପୃକ୍ତ ମଉଦି ଅଞ୍ଚଳର ମିତ୍ରଭାନୁ ନାଏକ ଓ ତ୍ରିଲୋଚନ ନାଏକକୁ ଗିରଫ କରାଯାଇଥିଲା। ଏହାର ମାଷ୍ଟର ମାଇଣ୍ଡ କେନ୍ଦୁଝର ସଦର ପଦ୍ମପୁରରେ ରହୁଥିବା ବିହାର ଅଞ୍ଚଳର ଉମେଶ ସିଂକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜଙ୍ଗଲ ପରିଦର୍ଶନ ସମୟରେ ଉଖୁଣ୍ଡା ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ଖବର ପାଇବା ପରେ ଘଟଣାସ୍ଥଳକୁ ଯାଇ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ପରେ ତଦନ୍ତ ଆରମ୍ଭ କରାଯିବା ସହିତ ଆଜି ଏହି ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଓଡି-୧୯ ପି-୨୮୧୦ ହାଇଡ୍ରା ଗାଡି, କୁରାଡି, ୪୦ଟି ଆକାଶିଆ ଗଛ ଓ ଗଣ୍ଡି ଜବତ କରାଯାଇଥିଲା ବୋଲି ଶ୍ରୀ ଛତ୍ରିୟା ସୂଚନା ଦେଇଛନ୍ତି।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି




ତୁରୁମୁଙ୍ଗା, ୨୬।୫(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ସଭାଗୃହଠାରେ ସୋମବାର କେନ୍ଦୁଝର ଏସପି ଓ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଲ ସିଂ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ଡିଏଫଓ ଏଚଡି ଧନରାଜ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭା ଧାନ, ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅଭିମନ୍ୟୁ ସେଠୀ, ସାହାରପଡା ବିଡ଼ିଓ ରଣଜିତ ମହାନ୍ତ ଜିଲ୍ଲାର ପ୍ରତି ବିଭାଗର ବିଭାଗୀୟ ମୁଖ୍ୟ ଅଧିକାରୀ ଅଭିଯୋଗ ଶୁଣାଣି କରିଥିଲେ। ୯ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିବା ବେଳେ ୧୧୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ବିଶେଷ କରି ବାର୍ଦ୍ଧକ୍ୟ ବିଧବା ଓ ଭିନ୍ନକ୍ଷମ ଭତ୍ତା, ଆବାସ ଯୋଜନାରେ ଘର ସମ୍ବନ୍ଧୀୟ ଅଭିଯୋଗ ହୋଇଥିଲା। ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ମଙ୍ଗଳପୁର ଅପୁଷ୍ଟି ଘଟଣାର ଅନୁଧ୍ୟାନ

ଚମ୍ପୁଆ, ୨୬।୫(ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଜାମୁଦଲକ ପଞ୍ଚାୟତ ମଙ୍ଗଳପୁରରେ ମାଆ ଛେଉଣ୍ଡ ଶିଶୁ ଅପୁଷ୍ଟିର ଶିକାର ହେବା ଘଟଣାରେ ପ୍ରଶାସନ ପକ୍ଷରୁ ଅନୁଧ୍ୟାନ କରାଯାଇଛି।



ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ପିଙ୍ଗୁଆ ଘଟଣାସ୍ଥଳରେ ପହଞ୍ଚ ଶତ୍ରୁଘନ ମୁଣ୍ଡା ସହ ଆଲୋଚନା କରିବା ସହିତ ଘଟଣା ବିଷୟରେ ଅବଗତ ହୋଇଛନ୍ତି। ସ୍ଥାନୀୟ ଅଙ୍ଗନବାଡି କର୍ମୀଙ୍କୁ ୩ ଭଉଣୀଙ୍କୁ ନିୟମିତ ରନ୍ଧା ଖାଦ୍ୟ ଦେବା ପାଇଁ ନିର୍ଦ୍ଦେଶ ଦେବା ସହିତ ପିଲାମାନଙ୍କୁ ଥଇଥାନ ବିଷୟରେ ତାଙ୍କ ପିତାଙ୍କ ସହ ଆଲୋଚନା କରିଛନ୍ତି। ସୂଚନା ଯୋଗ୍ୟକି ମଙ୍ଗଳପୁର ମୁଣ୍ଡା ସାହିତ ଶତ୍ରୁଘନ ମୁଣ୍ଡା କର୍ମ ଅନ୍ୱେଷଣରେ ବାହାରକୁ ପଳାଇଥିବା ବେଳେ ଘରେ ୧୨ ବର୍ଷର ରିତମା ମୁଣ୍ଡା ନିଜ ୨ ଭଉଣୀ ସୂର୍ଯ୍ୟା ମୁଣ୍ଡା, ଦେଢ ବର୍ଷର କାଜଲ ମୁଣ୍ଡାର ଦାୟିତ୍ୱ ତୁଲାଇ ଆସୁଥିଲା। ମାତ୍ର କାଜଲ ମୁଣ୍ଡା ଅପପୁଷ୍ଟିର ଶିକାର ହୋଇଥିବା ଦେଖିବାକୁ ମିଳିଥିଲା। ଏମାନଙ୍କ ନିକଟରେ ଆଧାର କାର୍ଡ ନଥିବା ବେଳେ ଏମାନେ ଶରକାରୀ ରାସନ ସୁବିଧାର ବଞ୍ଚିତ ହେଉଥିଲେ। ତୁରନ୍ତ ତାଙ୍କ ରାସନ କାର୍ଡ ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ପିଙ୍ଗୁଆ ସୂଚନା ଦେଇଛନ୍ତି।

## ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

ତୁରୁମୁଙ୍ଗା, ୨୬।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ସାହାରପଡା ବ୍ଲକ ତେଣ୍ଡରା ପଞ୍ଚାୟତ ଖିଲାରିପାଟ ନୂଆଗାଁରେ ସୋମବାର ସନ୍ଧ୍ୟାରେ ଜଣେ ଶ୍ରମିକଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗ୍ରାମର ରାମଚନ୍ଦ୍ର ଦେହୁରୀଙ୍କ ପୁଅ ବୁଧୁ ଦେହୁରୀ (୩୫)। ବୁଧୁ କାମ ସାରି ନିଜ ଘରକୁ ଫେରୁଥିବା ସମୟରେ ନୂଆଗାଁ ରାସ୍ତାର କାଜୁ ଜଙ୍ଗଲ ଦେଇ ଯାଉଥିବା ସମୟରେ ତାଙ୍କ ମୁଣ୍ଡ ବୁଲାଇବାରୁ ଖସି ପଡ଼ିଥିଲେ। ଗ୍ରାମବାସୀ ବୁଧୁ ଦେହୁରୀଙ୍କ ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ମଙ୍ଗଳବାର ପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଏଏସଆଇ ଧନେଶ୍ୱର ପାତ୍ର ପ୍ରକାଶ କରିଛନ୍ତି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡକ୍ଟର ଶୁଭେନ୍ଦୁ ସାଗର ନାଏକ, ସାହାରପଡା ତହସିଲଦାର ଲୀଳାବତୀ ନାଏକ ଘଟଣାର ଅନୁଧ୍ୟାନ କରିଛନ୍ତି।

**କରଞ୍ଜିଆ ସହରରେ ବିକ୍ରି ହେଉଛି ଅପମିଶ୍ରିତ ଖାଦ୍ୟ**

# ପ୍ରଶାସନର ନିରବତାକୁ ନେଇ ବଢୁଛି ଅସନ୍ତୋଷ

କରଞ୍ଜିଆ,୨୬।୫(ସମିସ):

କରଞ୍ଜିଆ ସହରରେ ଦିନକୁ ଦିନ ଅସ୍ୱାସ୍ଥ୍ୟକର ପରିବେଶ ସହ ଅପମିଶ୍ରିତ ଖାଦ୍ୟ ବିକ୍ରି ବଢ଼ିବାରେ ଲାଗିଛି। ପ୍ରଶାସନର ଅଣଦେଖା ମନୋଭାବକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସହରର ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ, ଜଳଖିଆ ଦୋକାନ, ଫାଷ୍ଟଫୁଡ଼ ସେଣ୍ଟର, କ୍ୟାବିନ ଓ ରାସ୍ତାକଡ଼ ଖାଦ୍ୟ ଦୋକାନରେ ଖୋଲାଖୋଲି ଭାବେ ବାସି ଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ନିୟମିତ ଯାଞ୍ଚ କିମ୍ବା କଠୋର କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ବ୍ୟବସାୟୀ ନିର୍ଭୟରେ ନିୟମ ଉଲ୍ଲଙ୍ଘନ କରୁଥିବା ଦେଖିବାକୁ ମିଳୁଛି।

ସହରର ଅନେକ ଜଳଖିଆ ଦୋକାନରେ ପୁରୁଣା ଓ କାର୍ବନଯୁକ୍ତ ତେଲରେ ଚପ, ସିଙ୍ଗଡ଼ା, ବରା ଓ ବିଭିନ୍ନ ଫାଷ୍ଟଫୁଡ଼ ପ୍ରସ୍ତୁତ କରାଯାଉଛି। ବହୁ ସ୍ଥାନରେ ତେଲକୁ ବାରମ୍ବାର ବ୍ୟବହାର କରାଯାଉଥିବାରୁ ତାହା ମଣିଷ ଶରୀର ପାଇଁ ଘାତକ ସାବ୍ୟସ୍ତ ହେଉଛି। ଏହି ଖାଦ୍ୟ ଖାଇବା ଦ୍ୱାରା ପେଟଜନିତ ରୋଗ, ଫୁଡ୍ ପଏଜନିଂ, ଲିଭର ଓ ହୃଦରୋଗ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି ହେବା ଆଶଙ୍କା ରହିଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ନିରବ ରହିଥିବା ଅଭିଯୋଗ ହେଉଛି। ସହର ଓ ସହର ଆଖପାଖ ଅଞ୍ଚଳରେ ଅନେକ ଲୋକ ରାସ୍ତା କଡ଼ରେ ଅସ୍ଥାୟୀ ଦୋକାନ କରି କିମ୍ବା ଘର ଭଡ଼ା ନେଇ ଖାଦ୍ୟ ବ୍ୟବସାୟ କରୁଛନ୍ତି। ସେମାନେ ଖାଦ୍ୟ ସୁରକ୍ଷା ବିଭାଗରେ ରେଜିଷ୍ଟ୍ରଭୁକ୍ତ କି ନୁହେଁ, ସେଥିପାଇଁ କୌଣସି ସଠିକ ହିସାବ ନ ଥିବା କୁହାଯାଉଛି। ବିନା ଲାଇସେନ୍ସରେ ଖାଦ୍ୟ ବ୍ୟବସାୟ ଚାଲିଥିବାବେଳେ ବାସି ଖାଦ୍ୟ ଓ ଅପରିଷ୍କାର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ଦେଖାଯାଉଛି। ତଥାପି ଜିଲ୍ଲା ପ୍ରଶାସନ କିମ୍ବା ସମ୍ପୃକ୍ତ ବିଭାଗ ଏଥିପ୍ରତି ନଜର ଦେଉ ନ ଥିବାରୁ ସାଧାରଣ ଲୋକ ଚିନ୍ତା ପ୍ରକାଶ କରିଛନ୍ତି।

ଏଥିସହିତ କରଞ୍ଜିଆ ସହରର ମାଛ ଓ ମାଂସ ମାର୍କେଟରେ ମଧ୍ୟ ବ୍ୟାପକ ଅନିୟମିତତା ଚାଲିଥିବା ଅଭିଯୋଗ ହେଉଛି। ଖାସି ମାଂସ ନାମରେ ମେଣ୍ଢା ଓ ମାଈ ଛେଳି ମାଂସ ଚଢ଼ା ଦରରେ ବିକ୍ରି କରି ଗ୍ରାହକଙ୍କୁ ଠକାଯାଉଛି। ସେହିପରି ଆନ୍ଧ୍ରରୁ ଆସୁଥିବା ଆଇସରେ ରଖା ପୁରୁଣା ମାଛକୁ ପୋଖରୀ ଦଳ ଲଗାଇ ଦେଶୀ ମାଛ ବୋଲି କହି ଅଧିକ ଦାମରେ ବିକ୍ରି କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। ଏପରିକି ରଙ୍ଗ ମାରା କୁକୁଡ଼ାକୁ ଦେଶୀ କୁକୁଡ଼ା କହି ଲୋକଙ୍କୁ ଠକାଯାଉଥିବା କଥା ସାମ୍ନାକୁ ଆସୁଛି। ସ୍ୱାସ୍ଥ୍ୟ ନିରୀକ୍ଷକ ଓ ଖାଦ୍ୟ ସୁରକ୍ଷା ବିଭାଗ ଥିଲେ ମଧ୍ୟ ସହରରେ ନିୟମିତ ଚଢ଼ଉ କିମ୍ବା ଯାଞ୍ଚ ହେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠୁଛି। ଖାଦ୍ୟର ଗୁଣବତ୍ତା, ଲାଇସେନ୍ସ ଯାଞ୍ଚ ଓ ବାସି ଖାଦ୍ୟ ବିକ୍ରିକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସାଧାରଣ ଲୋକ ଦାବି କରିଛନ୍ତି। ସହରରେ ସ୍ୱଚ୍ଛ ଓ ସୁରକ୍ଷିତ ଖାଦ୍ୟ ବ୍ୟବସ୍ଥା ନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବିଏଲ୍‌ଓଙ୍କୁ ଏସ୍‌ଆଇଆର୍ ପ୍ରଶିକ୍ଷଣ

ଚମ୍ପୁଆ, ୨୬।୫(ସମିସ): ଚମ୍ପୁଆ ବ୍ଲକ ସଭାଗୃହଠାରେ ବୁଥସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ବିଏଲଓ ସୁପରଭାଇଜରଙ୍କ ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ତହସିଲଦାର ସତ୍ୟବ୍ରତ ସାହୁ, ସହକାରୀ ଜିଲ୍ଲାପାଳ ତଥା ମାଷ୍ଟର ଟ୍ରେନର ସୁଜିତ କୁମାର ସ୍ୱାଇଁ, ଏବିଡିଓ ଟୁନୁ ହାଂସଦା, ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଭୁତି ଚରଣ ବେହେରା, ଜିପିଡିଓ ମୋନାଲିସା ନାଏକ ପ୍ରମୁଖ ଯୋଗ ଦେଇଥିଲେ। ମେ ୩୦ରୁ ଆରମ୍ଭ ହେବାକୁ ଥିବା ଏସଆଇଆର କାର୍ଯ୍ୟକ୍ରମରେ ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ, ତ୍ରୁଟିଶୂନ୍ୟ ଓ ବ୍ୟାପକ କରିବା ଲକ୍ଷ୍ୟରେ ଏହି ବିଶେଷ ପ୍ରଶିକ୍ଷଣ ଶିବିରରେ ମୁଖ୍ୟତଃ କ୍ଷେତ୍ରସ୍ତରୀୟ ପ୍ରସ୍ତୁତିକୁ ସୁଦୃଢ କରିବା ସହ ସରକାରୀ ନିୟମାବଳୀର ସଠିକ ଅନୁପାଳନ ଉପରେ ଗୁରୁତ୍ୱ ଦିଆଯାଇଛି। ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ପରିଦର୍ଶନ କରି ତଥ୍ୟ ଯାଞ୍ଚ କରିବା ସହ ମତଦାନ କେନ୍ଦ୍ରଗୁଡିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ଶେଷ କରିବେ। ଜୁଲାଇ ୫ ତାରିଖ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ ପାଇ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ନାଗରିକମାନେ ସେମାନଙ୍କର ଦାବି କିମ୍ବା ଆପତ୍ତି ଦାଖଲ କରିପାରିବେ। ସେପ୍ଟେମ୍ବର ୬ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ଶିବିରରେ ଚମ୍ପୁଆ ବ୍ଲକର ସମସ୍ତ ବିଏଲଓ, ସୁପରଭାଇଜର, ଅଙ୍ଗନବାଡ଼ି ଓ ଆଶା କର୍ମୀ, ବୁଥସ୍ତରୀୟ ଏଜେଣ୍ଟ ଏବଂ କର୍ମୀ ଉପସ୍ଥିତ ଥିଲେ।



## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ




ଶୁକ୍ରୁଲି,୨୬।୬(ସମିସ): ଶୁକ୍ରୁଲି ବ୍ଲକ୍‌ର ୪୦ ଜଣ ଓ ରରୁଆଁ ବ୍ଲକ୍‌ର ୨ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ ନିମନ୍ତେ ଏକ କାର୍ଯ୍ୟକ୍ରମ ରରୁଆଁ ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ଅନାଦୀ ଚରଣ ପଟ୍ଟାୟତ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିଲେ। ଏଥିରେ ଶୁକ୍ରୁଲି ବ୍ଲକ ବରିଷ୍ଠ ନାଗରିକ ସଂଘ ସଭାପତି କାହ୍ନୁଚରଣ ଗିରି, ଉପସଭାପତି ପ୍ରସନ୍ନ ପଣ୍ଡା, ସମ୍ପାଦକ ନଗେନ ପାଲ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ ସହଯୋଗ କରିଥିଲେ। ପ୍ରଥମେ ଥାନା ଅଧିକାରୀ ବରିଷ୍ଠ ନାଗରିକମାନେ କିପରି ସାଇବର ଠକେଇରେ ନ ପଡିବେ, ସେ ବିଷୟରେ ସଚେତନ କରିବା ସଙ୍ଗେସଙ୍ଗେ ବିଭିନ୍ନ ପ୍ରକାର ସୁବିଧା ଅସୁବିଧା ସମୟରେ ଥାନାର ଦ୍ୱାରସ୍ଥ ହୋଇପାରିବେ। ସେ ବରିଷ୍ଠ ନାଗରିକଙ୍କ ପ୍ରତି ସଦାସର୍ବଦା ଯତ୍ନଶୀଳ ଅଛନ୍ତି ବୋଲି ପ୍ରକାଶ କରିଥିଲେ।

## ବ୍ରଜପାତରେ ଜଳିଲା ବିରାଟ ଗଛ



କରଞ୍ଜିଆ, ୨୬।୫(ସମିସ):ଗତକାଲି କରଞ୍ଜିଆ ଅଞ୍ଚଳରେ ପ୍ରବଳ ପବନ, ଘଡ଼ଘଡ଼ି ଓ ବର୍ଷା ସହ କାଳବୈଶାଖୀ ଦେଖିବାକୁ ମିଳିଥିଲା। ଏହି ସମୟରେ ଭୟଙ୍କର ବଜ୍ରାଘାତ ହୋଇ ଏକ ବିରାଟ ଗଛରେ ନିଆଁ ଲାଗିଯାଇଥିଲା। ମୁହୂର୍ତ୍ତ ମଧ୍ୟରେ ଗଛଟି ହୁତୁହୁତୁ ହୋଇ ଜଳୁଥିବା ଦୃଶ୍ୟ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିଥିଲା। ଏହି ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

କୁଆମରା,୨୬।୫(ସମିସ): ଖୁଣ୍ଟା ଥାନା ଭୂପଡ଼ ଗ୍ରାମର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଗ୍ରାମର ଲବଘନ ବିନ୍ଧାଣୀ ଓ ବାଗଦା ବିନ୍ଧାଣୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ତେବେ ବାଗଦା ଉତ୍ୟକ୍ତ ହୋଇ ଲବଘନକୁ ପ୍ରାଣାନ୍ତକ ଆକ୍ରମଣ କରିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକ ତାଙ୍କୁ ପ୍ରଥମେ ଡୁକୁରା ଓ ପରେ ସଙ୍କଟାପନ୍ନ ଅବସ୍ଥାରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୫ ଦିନ ଚିକିତ୍ସା ହୋଇ ସାମାନ୍ୟ ସୁସ୍ଥ ହେବା ପରେ ଘରକୁ ଫେରି ଆଜି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ୧୩୪/୨୬ ନମ୍ବରରେ ଏକ ମାମଲା ରୁଜୁ କରିବା ସହ ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି ତଦନ୍ତ ଚଳାଇଛନ୍ତି।

## ନିଖୋଜ ବ୍ୟକ୍ତିଙ୍କ କଙ୍କାଳ ଉଦ୍ଧାର

କୁଳିଅଣା, ୨୬।୫(ସମିସ): କୁଳିଅଣା ବ୍ଲକ୍ ଚାନ୍ଦୁଆ ଥାନା ଅନ୍ତର୍ଗତ ବାଉଁଶବଣି କାଜୁ ଜଙ୍ଗଲରୁ ନିଖୋଜ ବ୍ୟକ୍ତିଙ୍କ କଙ୍କାଳ ଉଦ୍ଧାର ହୋଇଥିବା ଜଣାଯାଇଛି। ବାଉଁଶବଣି ଗ୍ରାମର କିଛି ଲୋକ କାଜୁ ଜଙ୍ଗଲକୁ ଯାଇଥିବାବେଳେ ହାଡ଼ କଙ୍କାଳ ପଡ଼ିଥିବା ଦେଖି ଚାନ୍ଦୁଆ ଥାନାକୁ ଖବର ଦେଇଥିଲେ। ଖବର ପାଇ ଚାନ୍ଦୁଆ ପୁଲିସ ସାଇଣ୍ଟିଫିକ ଟିମ ଓ କୁଳିଅଣା ଅତିରିକ୍ତ ତହସିଲଦାର ପ୍ୟାରୀମୋହନ ହେମ୍ବ୍ରମ ମାଜିଷ୍ଟ୍ରେଟ ଭାବେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଖବର ପାଇ ମୃତକଙ୍କ ଭଣଜା ତାଙ୍କ ସାର୍ଟ ଦେଖି ଚିହ୍ନଟ କରିଥିଲେ। ମୃତକ ଜଣକ ଏହି ଥାନା ଅନ୍ତର୍ଗତ ଚାଲୁଣିଆ ଗ୍ରାମର ଲାଖାଇ ମାଝୀ (୫୩) ବୋଲି ଜଣାପଡ଼ିଛି। ପୁଲିସ ହାଡ଼ ସଂଗ୍ରହ କରି ଅଧିକ ପରୀକ୍ଷା ପାଇଁ ପଠାଇବା ସହିତ ଡିଏନଏ ଟେଷ୍ଟ କରାଇବ ବୋଲି ଜଣାଯାଇଛି। ଗ୍ରାମବାସୀଙ୍କ କହିବା କଥା ରାସ୍ତାଠାରୁ ୧୫/୨୦ ଫୁଟ ଦୂରରେ ହାଡ଼ ପଡିଥିଲା। ଯଦି ଶବ ପଡ଼ିଥା'ନ୍ତା, ତେବେ ଦୁର୍ଗନ୍ଧ ହୋଇଥା'ନ୍ତା। ପ୍ରତିଦିନ ସେହି ରାସ୍ତା ଦେଇ ଲୋକେ ଯିବାଆସିବା କରନ୍ତି। ଲାଖାଇ ଗତ ସେପ୍ଟେମ୍ବର ମାସରେ ନିଖୋଜ ହୋଇଯାଇଥିଲେ। ତାଙ୍କ ସ୍ତ୍ରୀଙ୍କ ଅନେକ ଦିନ ଆଗରୁ ମୃତ୍ୟୁ ହୋଇଥିବାବେଳେ ତାଙ୍କର ଦୁଇପୁଅ ବାହାରେ ରହୁଛନ୍ତି। ପରିବାର ପକ୍ଷରୁ ଚାନ୍ଦୁଆ ଥାନାରେ ଏକ ନିଖୋଜ ରିପୋର୍ଟ ଦାଖଲ କରାଯାଇଥିଲା। ଏ ନେଇ ଚାନ୍ଦୁଆ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

## ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଅବସରପ୍ରାପ୍ତ କୃଷି ଅଧିକାରୀ ଗିରଫ

ବେତନଟୀ, ୨୬।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଞ୍ଚଳରେ ଜଣେ ୧୫ ବର୍ଷୀୟ ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଅବସରପ୍ରାପ୍ତ କୃଷି ଅଧିକାରୀ ଲକ୍ଷ୍ମଣ ମହାନ୍ତ (୬୨)ଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଲକ୍ଷ୍ମଣ ମହାନ୍ତ ବଡ଼ଯୋଡ଼ ଗ୍ରାମର ବାସିନ୍ଦା। ସେ ନିଜ ଘରେ ୪-୫ ବର୍ଷ ବୟସର ଝିଅ ଥିବାରୁ ମାଟ୍ରିକ ପରୀକ୍ଷା ଦେଇଥିବା ୧୫ ବର୍ଷୀୟ ବାଳିକାଙ୍କୁ ଝିଅକୁ ଟ୍ୟୁସନ ପଢାଇବା ପାଇଁ ଡାକିଥିଲେ। ବାଳିକା ନିୟମିତ ଭାବେ ଟ୍ୟୁସନ ପଢାଇବାକୁ ଯାଉଥିବା ସମୟରେ ଅଭିଯୁକ୍ତ ଜଣକ ଏକାନ୍ତରେ ଥିବା ସୁଯୋଗ ନେଇ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଦେବା ଲୋଭ ଦେଖାଇ ତାଙ୍କ ସହ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ବାଳିକା ଘରେ ଘଟଣା ଜଣାଇବା ପରେ ପରିବାର ଲୋକ ସୋମବାର ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତୁରନ୍ତ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

## ୪୦୦ ଲିଟର ଚୋରାମଦ ଓ କାର୍ ଜବତ, ଦୁଇ ଗିରଫ



ବେତନଟୀ, ୨୬।୫(ସମିସ): ବେତନଟୀ ଅବକାରୀ ଥାନା ପକ୍ଷରୁ ରବିବାର ରାତିରେ ବଡ଼ସାହି ଅଞ୍ଚଳରେ ପାଟ୍ରୋଲିଂ ସମୟରେ ଏକ ଧଳା ରଙ୍ଗର ମାରୁତି କାରରୁ ୪୦୦ ଲିଟର ଚୋରା ଦେଶୀମଦ ଜବତ କରାଯାଇଥିବାବେଳେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ବେତନଟୀ ଅବକାରୀ ବିଭାଗର ପାଟ୍ରୋଲିଙ୍ଗ ଟିମ୍ ବଡ଼ସାହି ଛକ ନିକଟରେ ସନ୍ଦେହଜନକ ମାରୁତି ଓମିନି କାର୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗାଡ଼ି ଭିତରେ ୬ଟି ମଟର ଟ୍ୟୁବ୍‌ରେ ଲୁଚାଇ ରଖାଯାଇଥିବା ୪୦୦ ଲିଟର ଚୋରା ଦେଶୀ ମଦ ମିଳିଥିଲା। ଏହି ମଦ ବଡ଼ସାହି ଅଞ୍ଚଳରୁ ବାଲେଶ୍ୱର ରୂପସା ଅଞ୍ଚଳକୁ ଚୋରା ଚାଲାଣ କରାଯାଉଥିବା ବେଳେ ଧରାପଡ଼ିଥିଲା। ଅବକାରୀ ଥାନା ଅଧିକାରୀ ପ୍ରଦୀପ ବେହେରାଙ୍କ ନେତୃତ୍ୱରେ କରାଯାଇଥିବା ଏହି ଚଢ଼ଉରେ ଡ୍ରାଇଭର ବାଇଧର ସିଂ (୩୦), ଇଶ୍ୱର ସିଂ (୫୯)ଙ୍କୁ ଗିରଫ କରାଯାଇଥିଲା। ଏଭଳି ଅବୈଧ କାର୍ଯ୍ୟକଳାପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଗାଁ ଦାଣ୍ଡରେ ବୁଲୁଛି ଭାଲୁ

ଉଦଳା,୨୬।୫(ସମିସ): ଗାଁ ଦାଣ୍ଡରେ ବିଶାଳକାୟ ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି। କପ୍ତିପଦା ବନାଞ୍ଚଳ ବୈରାଟପୁର ଗ୍ରାମରେ ସଞ୍ଜ ହେଲେ ବାହାରୁଥିବାବେଳେ ଆଉ ରାତି ତମାମ ବୁଲିଛି। ଯାହାର ଭିଡିଓ ସିସିଟିଭିରେ କଏଦ ହୋଇଛି। ଏକ ବିଶାଳକାୟ ଭାଲୁ ଗ୍ରାମ ଭିତରେ ପଶି ଗ୍ରାମର ମନ୍ଦିର ଛକରେ ବୁଲିବା ସହିତ ଗାଁ ଭିତରକୁ ପଶିଛି। ଭାଲୁଟି ନଦୀ ଆଡୁ ଆସି ଗାଁ ଭିତରେ ପଶିବା ସମୟରେ କୁକୁର ଭୁକିଥିଲେ। ଫଳରେ ସ୍ଥାନୀୟ ଲୋକ ଏହା ଜାଣି ପାରି ନିଜ ଘର ଭିତରେ ରହିଥିଲେ। ସୌଭାଗ୍ୟବଶତଃ କୌଣସି ବ୍ୟକ୍ତି ଭାଲୁ ହାବୁଡ଼ରେ ପଡ଼ିନାହାନ୍ତି। ତେବେ କିଛିଦିନ ପୂର୍ବରୁ ଏହି ଗ୍ରାମଠାରୁ ମାତ୍ର ୨ କିଲୋମିଟର ଦୂରରେ ଡାଗୱେଲରେ ଭାଲୁଟିଏ ପଡ଼ିଥିବାବେଳେ ତାହାକୁ ସେଠାରୁ ବାହାର କରି ବୈରାଟପୁର ଗ୍ରାମ ନିକଟରେ ଛାଡି ଦିଆଯାଇଥିବାରୁ ଉକ୍ତ ଭାଲୁଟି ଏବେ ଗ୍ରାମରେ ଆତଙ୍କ ଖେଳାଇଛି।



## ଶିକ୍ଷୟିତ୍ରୀଙ୍କ ଆକସ୍ମିକ ମୃତ୍ୟୁ

କୁଆମରା,୨୬।୫(ସମିସ): ଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ଭୋଳାଗଡ଼ିଆ ହାଇସ୍କୁଲର ଶିକ୍ଷୟିତ୍ରୀ ଗୀତାଞ୍ଜଳି ଶତପଥୀ (୫୫)ଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ରବିବାର ରାତିରେ ସେ ଶୋଇଥିବାବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକ ତାଙ୍କୁ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ୪୧ ଲିଟର ମଦ ଜବତ; ୩ ଗିରଫ

କୁଆମରା,୨୬।୫(ସମିସ):ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଜଣେ ମହିଳାଙ୍କ ତିନିଜଣଙ୍କୁ ଗିରଫ କରିବା ସହ ୪୧ ଲିଟର ମଦ ଜବତ ହୋଇଛି। ଗୋଠପୁରା ଗ୍ରାମର ମେଘରାୟ ଟୁଡୁଙ୍କଠାରୁ ୧୪ ଲିଟର, ହୁଡିସାହି ଗ୍ରାମର ପାନ କିସ୍କୁଙ୍କଠାରୁ ୧୨ ଲିଟର ଓ ବଡ଼ଫେଣୀ ଗ୍ରାମର ବାସେନ ମୁର୍ମୁଙ୍କଠାରୁ ୧୫ ଲିଟର ଦେଶୀମଦ ଜବତ ହୋଇଛି। ସେମାନଙ୍କ ବିରୋଧରେ ପୃଥକ ମାମଲା ରୁଜୁ ହୋଇଛି। ଚଢ଼ଉରେ ଏଏସ୍‌ଆଇ କୃଷ୍ଣସୁନ୍ଦର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ସୋରେନ, ପାର୍ବତୀ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

## କାଳବୈଶାଖୀ ଉଜାଡ଼ିଲା ଘର



ତେଲକୋଇ, ୨୬।୫(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳରେ ସୋମବାର ଅପରାହ୍ନରେ କାଳବୈଶାଖୀ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ସଲେଇକେନା ପଞ୍ଚାୟତ ଦାମୋଦର ଗୌଣି ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ପରିବାରର କୁଡ଼ିଆ ଘର ସମେତ ଆଜବେଷ୍ଟସ ଛପର ଘର ସଂପୂର୍ଣ୍ଣ ଉଡ଼ି ଯାଇଥିବା ଅଭିଯୋଗ ହୋଇଛି। ଏହି କାଳବୈଶାଖୀ ଲୋକଙ୍କୁ ବେଘର କରିଦେଇଛି। ଦାମୋଦର ଗୌଣି ସମେତ ଯାଣ୍ଡକା ସାହି, ନୂଆ ଡିହସାହି, ପାଚେରି ପାଣି ସାହି, ଜାମୁଦଲକ ସାହିର ଜିତେନ୍ଦ୍ର ମୁଣ୍ଡା, କଣ୍ଡ ମୁଣ୍ଡା, ସୁଦନ ମୁଣ୍ଡା, ଶ୍ରୀକାନ୍ତ ପ୍ରଧାନ, ଗୁରୁଚରଣ ସୁଣ୍ଡି, ମହୁଲି ଦେହୁରୀ, ସୁରୁ ମୁଣ୍ଡା, ଜସଲୀ ମନ୍ତ୍ରୀ, ଚମ୍ପୁରୁ ମୁଣ୍ଡା, ମାଗତା ମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ସୁଣ୍ଡି ପ୍ରମୁଖଙ୍କ ବ୍ୟାପକ କ୍ଷତି ହୋଇଥିବା ଅଭିଯୋଗ ହୋଇଛି। ତୁରନ୍ତ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ହାଲପୁଡ଼ି, ଶିବନାରାୟଣପୁର ଗୋଡା, କମଳାଙ୍ଗ ଆଦି ଅନେକ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି।

# ଜନଜାତୀୟ ଗରିମା ଉତ୍ସବ ଉଦ୍‌ଯାପିତ

କେନ୍ଦୁଝର,୨୬।୫(ସମିସ):



କେନ୍ଦୁଝର ଜିଲ୍ଲାରେ ଜନଜାତି ସମ୍ପ୍ରଦାୟର ଆର୍ଥିକ ଓ ସାମାଜିକ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଆୟୋଜିତ 'ଜନଜାତୀୟ ଗରିମା ଉତ୍ସବ ୨୦୨୬' ଅନ୍ତର୍ଗତ ବିଶେଷ କାର୍ଯ୍ୟକ୍ରମ "ଜନଭାଗିଦାରୀ ଅଭିଯାନ' (ସବୁଠାରୁ ଦୂର ସର୍ବ ପ୍ରଥମ) ଉଦ୍‌ଯାପିତ ହୋଇଯାଇଛି। ଗତ ମେ' ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ସପ୍ତାହବ୍ୟାପୀ ଅଭିଯାନ ମେ' ୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। ଏହି ଜନମଙ୍ଗଳକାରୀ ଅଭିଯାନକୁ କେନ୍ଦୁଝରର ଅତିରିକ୍ତ ଜିଲ୍ଲାପାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ କାର୍ଯ୍ୟକ୍ରମଗୁଡ଼ିକରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ସରକାରୀ ଯୋଜନାଗୁଡ଼ିକର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ସରକାରଙ୍କ ବିଭିନ୍ନ ଜନହିତକର ଓ ପ୍ରଗତିଶୀଳ ଯୋଜନାଗୁଡ଼ିକ ଯେପରି ଦୁର୍ଗମ ଅଞ୍ଚଳର ଶେଷ ସୀମାନ୍ତରେ ଥିବା ଲୋକଙ୍କ ପାଖରେ ସହଜରେ ପହଞ୍ଚିପାରିବ, ତାହାକୁ ଏହି ଅଭିଯାନରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। 'ସବୁଠାରୁ ଦୂର ସର୍ବ ପ୍ରଥମ' ସଂକଳ୍ପକୁ ପାଥେୟ କରି ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାର ଦୁର୍ଗମ ଜନଜାତି ବହୁଳ ଗ୍ରାମଗୁଡ଼ିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ସ୍ୱଚ୍ଛ ପାନୀୟଜଳ ଭଳି ମୌଳିକ ସୁବିଧା ଓ ସେବା ଯୋଗାଇଦେବା ଉପରେ ବିଶେଷ ସଚେତନତା ସୃଷ୍ଟି କରାଯିବା ସହ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସ୍ଥାନୀୟ ଜନସାଧାରଣଙ୍କ ସକ୍ରିୟ ସହଭାଗିତା ଯୋଗୁଁ ଏହି ସପ୍ତାହବ୍ୟାପୀ ଅଭିଯାନ ଜିଲ୍ଲାରେ ବେଶ୍ ସଫଳ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ପରିବହନ ବିଭାଗ ନିୟମକୁ ଅଣଦେଖା

# ମାଲବାହୀ ଗାଡ଼ିରେ ହେଉଛି ବେଆଇନ ଯାତ୍ରୀ ପରିବହନ

ବାରିପଦା, ୨୬।୫(ସମିସ): ବାରିପଦା ସହରରେ ଖୋଲାଖୋଲି ଉଲ୍ଲଙ୍ଘନ ହେଉଛି ପରିବହନ ନିୟମ। ମାଲବାହୀ ଗାଡ଼ି, ପିକଅପ୍ ଭ୍ୟାନ୍ ଓ ଛୋଟ ମାଲବାହୀ ଗାଡ଼ିରେ ଚାଲିଛି ଯାତ୍ରୀ ପରିବହନ। ପରିବହନ ବିଭାଗ ପକ୍ଷରୁ କଡ଼ା ନିୟମ ଥିବା ସତ୍ତ୍ୱେ ଦିନ ଦ୍ୱିପ୍ରହରରେ ଏଭଳି ବେଆଇନ କାରବାର ଚାଲୁଥିବାରୁ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠୁଛି। ଯେକୌଣସି ସମୟରେ ଏହା ବଡ଼ ଦୁର୍ଘଟଣାର କାରଣ ହୋଇପାରେ ବୋଲି ସାଧାରଣରେ ଚିନ୍ତା ବଢ଼ିଛି। ଉତ୍ତୋଳିତ ଫଟୋଟି

**■ ବଢୁଛି ଦୁର୍ଘଟଣା ଆଶଙ୍କା, କାର୍ଯ୍ୟାନୁଷ୍ଠାନ ଦାବି**



ବାରିପଦା ସହରକୁ ପ୍ରବେଶ କରୁଥିବାର ଚିତ୍ର। ଯେଉଁଠି ମାଲବାହୀ ଗାଡ଼ିରେ ଖୋଲାଖୋଲି ଚାଲିଛି ଯାତ୍ରୀ ପରିବହନ। କେଉଁଠି ପିକଅପ୍ ଭ୍ୟାନର ଡାଲାରେ ବସିଛନ୍ତି ଲୋକେ ତ ଆଉ କେଉଁଠି ଛୋଟ ବାଣିଜ୍ୟିକ ଯାନରେ ଜୀବନକୁ ବିପଦରେ ପକାଇ ଯାତ୍ରୀ ଯାଉଛନ୍ତି। ଯାହା ସମ୍ପୂର୍ଣ୍ଣ ଭାବେ ବେଆଇନ ହୋଇଥିଲେ ମଧ୍ୟ ଏଥିପାଇଁ କାହାରି ଭୟ ନ ଥିବା ଭଳି ଲାଗୁଛି।

ନିୟମ ଅନୁସାରେ ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ସମ୍ପୂର୍ଣ୍ଣ ନିଷିଦ୍ଧ। କାରଣ ଏଭଳି ଯାନରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ନ ଥାଏ କୌଣସି ସୁବିଧା। ନାହିଁ ସୁରକ୍ଷିତ ସିଟ୍, ନାହିଁ ଜରୁରିକାଳୀନ ବ୍ୟବସ୍ଥା। ଫଳରେ ସାମାନ୍ୟ ଅସାବଧାନତା କିମ୍ବା ଦୁର୍ଘଟଣା ବେଳେ ବଡ଼ଧରଣର ଜୀବନହାନି ହେବାର ଆଶଙ୍କା ରହିଥାଏ। ସବୁଠୁ ବଡ଼ କଥା ହେଲା, ଏଭଳି ଗାଡ଼ି ସହରର ମୁଖ୍ୟ ରାସ୍ତାରେ ଦିନବେଳେ ଚଳାଚଳ କରୁଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ହେଉନି କଡ଼ା କାର୍ଯ୍ୟାନୁଷ୍ଠାନ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଛି। ଲୋକଙ୍କ ଅଭିଯୋଗ, ଯଦି ଆରମ୍ଭରୁ କଡ଼ା ଚେକିଂ ଓ ଜରିମାନା ଲାଗୁ କରାଯାଏ, ତେବେ ଏଭଳି ବେଆଇନ ପରିବହନ ଉପରେ ରୋକ ଲଗାଯାଇପାରିବ। ଅନ୍ୟପକ୍ଷରେ ଡ୍ରାଇଭର ଓ ଗାଡ଼ି ମାଲିକ ଅଧିକ ଲାଭ ଆଶାରେ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରୁଥିବାବେଳେ ଯାତ୍ରୀ ମଧ୍ୟ ସଚେତନ ହେଉନାହାନ୍ତି। କେବଳ କିଛି ଟଙ୍କା ବଞ୍ଚାଇବା ପାଇଁ ଜୀବନକୁ ବିପଦରେ ପକାଇ ଯାତ୍ରା କରିବା ଏବେ ଚିନ୍ତାର କାରଣ ପାଲଟିଛି। ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବାରିପଦା ଆଞ୍ଚଳିକ ପରିବହନ ଅଧିକାରୀ ଇଂ ପ୍ରଶାନ୍ତ କୁମାର ପରିଡ଼ା। ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚେକିଂ ଚାଲୁ ରହିଛି। ଆମେ ବିଭିନ୍ନ ସ୍ଥାନରେ ଧରପଗଡ଼ କରି ଜରିମାନା ମଧ୍ୟ ଆଦାୟ କରୁଛୁ। କାଁ ଭାଁ ବାଣିଜ୍ୟିକ ଯାନରେ ଏଭଳି ହେଉଥିବା ଅନୁମାନ କରାଯାଉଛି। ଆଗକୁ ଆମେ ଚେକିଂ ବଢ଼ାଇବା ସହ ଏଭଳି ବେଆଇନ ପରିବହନକୁ ସମ୍ପୂର୍ଣ୍ଣ ବନ୍ଦ କରିବୁ। ଯାତ୍ରୀମାନଙ୍କୁ ମଧ୍ୟ ନିବେଦନ କରୁଛୁ, ଏଭଳି ବିପଦପୂର୍ଣ୍ଣ ଯାତ୍ରା କରନ୍ତୁ ନାହିଁ। କାରଣ ସମସ୍ତଙ୍କ ଜୀବନ ବହୁ ମୂଲ୍ୟବାନ ଅଟେ।

## ମାଇନିଂ ଅଫିସରଙ୍କ ନିକଟରୁ ଜବତ ଟ୍ରାକ୍ଟର ଛଡ଼ାଇନେଲେ ଯୁବକ



ବଡ଼ସାହି, ୨୬।୫ (ସମିସ): ବଡ଼ସାହି ଥାନା ଅଧୀନ କେନ୍ଦୁଡିହା ପଞ୍ଚାୟତ ହଳଦୀପଦା ଗ୍ରାମ ନିକଟରେ ବେଆଇନ ବାଲି ଚାଲାଣ କରୁଥିବା ଏକ ଟ୍ରାକ୍ଟରକୁ ମାଇନିଂ ଅଫିସର ଶିବନାଥ ମୁଣ୍ଡାରୀ ଜବତ କରି ବଡସାହି ଥାନାକୁ ନେଉଥିବାବେଳେ ରାସ୍ତାରେ ଜଣେ ଯୁବକ ବାଇକ୍‌ରେ ଆସି ଡ୍ରାଇଭରକୁ କହି ଗାଡ଼ିକୁ ଜୋର୍ ଜବରଦସ୍ତ ବାଲି ଢାଳି ଗାଁ ଭିତରକୁ ନେଇଯାଇଥିଲେ। କୌଣସି ଉପାୟ ନ ପାଇ ଶ୍ରୀ ମୁଣ୍ଡାରୀ ବଡ଼ସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବିପୁଳ ପରିମାଣର କଫ୍ ସିରପ ଜବତ

କୁଳିଅଣା, ୨୬।୫(ସମିସ): କୁଳିଅଣା ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥର ବାଲିମୁଣ୍ଡୁଳି ଛକ ନିକଟରେ ଏକ କାର୍‌ରୁ ବିପୁଳ ପରିମାଣର କଫ୍ ସିରପ କୁଳିଅଣା ପୁଲିସ ଜବତ କରିଥିବା ଜଣାଯାଇଛି। ଆଜି ଭୋର ସମୟରେ ଏକ ଇଣ୍ଡିଗୋ କାର୍ ଯୋଗେ ବାଲେଶ୍ୱରରୁ କୁଳିଅଣା ଅଭିମୁଖେ କଫ ସିରାପ ବୋଝେଇ କରି ଆସୁଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସ୍କ୍ୱାର୍ଡ ପିଛା କରି ବଲିମୁଣ୍ଡୁଳି ଛକ ନିକଟରେ ଅଟକାଇଥିଲା ଓ କୁଳିଅଣା ପୁଲିସକୁ ଖବର ଦିଆଯାଇଥିଲା। ଖବର ପାଇ ଥାନା ଆଇଆଇସି ସୁଦୀପ କୁମାର ମହାପାତ୍ର, ଏଏସଆଇ ଗୋଲକ ବିହାରୀ ମିଶ୍ର ସଦଳବଳେ ପହଞ୍ଚି ଗାଡ଼ିକୁ ଜବତ କରିବା ସହିତ ଗାଡ଼ିରେ ଥିବା ତିନି ଜଣଙ୍କ ମଧ୍ୟରୁ ଦୁଇଜଣଙ୍କୁ ଅଟକ ରଖିଥିବାବେଳେ ଅନ୍ୟଜଣେ ଫେରାର ଥିବା ଜଣାଯାଇଛି। ସେମାନେ ହେଲେ ସାନଭାଲିଆଡିହା ଗ୍ରାମର କାଲୁ ଚରଣ ମାଝୀଙ୍କ ପୁଅ ଭାସ୍କର ମାଝୀ (୨୮), ସୌରୀ ଗ୍ରାମର ତୁଳସୀ ପାଣିଙ୍କ ପୁଅ ଶକ୍ତି ପାଣି (୩୦), ଗାଡ଼ି ଚାଳକ ଫେରାର ଅଭିଯୁକ୍ତ ଜଣକ ଟଙ୍ଗାଷୋଳ ଗ୍ରାମର ରାଜକିଶୋର ମାଝିଙ୍କ ପୁଅ ସତ୍ୟବାନ ମାଝୀ ଓରଫ ସିପୁନ (୩୪)। ମାଜିଷ୍ଟ୍ରେଟ ଭାବେ କୁଳିଅଣା ତହସିଲଦାର ମାନସ ମଲ୍ଲିକ, ସଦର ଏସଡିପିଓ ପ୍ରଭାତ କୁମାର ମଲ୍ଲିକ, ଡ୍ରଗ୍‌ସ ଇନ୍ସପେକ୍ଟର ଦିବ୍ୟରଞ୍ଜନ ନାଏକଙ୍କ ଉପସ୍ଥିତିରେ ପେଟିରେ ଥିବା କଫ ସିରାପ ଜବତ କରାଯାଇଥିଲା। ସମୁଦାୟ ୧୮ଟି ପେଟିରେ ୧୮୦୦ ବୋତଲ ନୋଭାଗୋଲଡ଼ କଫ ସିରାପ ରହିଥିବାବେଳେ ନୋଭାଯୋଲ ଡିଆରଏସ ବଟିକା ଏକ ପେଟି ଥିଲା। ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏ ନେଇ ନାରକୋଟିକ ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

## ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ

ରାଇରଙ୍ଗପୁର, ୨୬।୫(ସମିସ): ଅଜାଣତରେ ବ୍ୟାଙ୍କ ଆକାଉଣ୍ଟରୁ ୩୭,୦୦୦ ଟଙ୍କା ଗାଏବ ହୋଇଛି। ଏନେଇ ବାଦାମପାହାଡ଼ ଥାନା ଅନ୍ତର୍ଗତ ଡୋଭା ଗ୍ରାମର ଶୁଭସ୍ୱପ୍ନା ଗିରି ବାଦାମପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ରାଇରଙ୍ଗପୁର ଶାଖାରେ ଆକାଉଣ୍ଟ ରହିଛି। ଉକ୍ତ ଆକାଉଣ୍ଟରୁ ତାଙ୍କ ଅଜାଣତରେ ପର୍ଯ୍ୟାୟକ୍ରମେ ୩୭,୦୦୦ ଟଙ୍କା ଉଠାଣ ହୋଇଛି। ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ବେଳେ ସେ ଏହା ଜାଣିବାକୁ ପାଇଥିଲେ। ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟକୁ ୟୁପିଆଇ ଜରିଆରେ ଉକ୍ତ ଟଙ୍କା ଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସାଇବର ଠକେଇର ଶିକାର ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଅଙ୍ଗନବାଡ଼ି କେନ୍ଦ୍ରରୁ ସାମଗ୍ରୀ ଚୋରି

ରାଇରଙ୍ଗପୁର, ୨୬।୫(ସମିସ): ବାଇଦାପୋଷିସ୍ଥ ଅଙ୍ଗନବାଡ଼ି କେନ୍ଦ୍ରରୁ ସାମଗ୍ରୀ ଚୋରି ହୋଇଛି। ଏ ନେଇ ଅଙ୍ଗନବାଡ଼ି କର୍ମୀ ପାନଶ୍ୱରୀ ସୋରେନ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ବାଇଦାପୋଷିର ମାଝୀ ସାହିରେ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଉକ୍ତ କେନ୍ଦ୍ର ବନ୍ଦ ଥିବାବେଳେ ରାତିରେ ଦୁର୍ବୃତ୍ତ ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରିଛନ୍ତି। ସେ ସକାଳୁ କେନ୍ଦ୍ର ଖୋଲିବା ବେଳକୁ ଘଟଣା ବାବଦରେ ଜାଣିଥିଲେ। ଏ ନେଇ ଥାନାରେ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଉତ୍କଳ କରାଟେ ସ୍କୁଲ ମୟୂରଭଞ୍ଜ ମୁଖ୍ୟ ଶାଖାରେ ବେଲ୍ଟ ପରୀକ୍ଷା



ବାରିପଦା, ୨୬।୫(ସମିସ): ବାରିପଦାସ୍ଥ ଉତ୍କଳ କରାଟେ ସ୍କୁଲ ମେନ ଡୋଜୋ (ଦାର୍ଗାଡାହି ସ୍ଥିତ ଜୁବ୍‌ଲି ପେଟ୍ରୋଲ ପମ୍ପ ପାଖ) ଠାରେ କରାଟେ ବେଲ୍ଟ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୨ ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲର ମୁଖ୍ୟ ତଥା ପ୍ରତିଷ୍ଠାତା ହାନ୍‌ସି ଡ ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସେନସେଇ ଖାରବେଳ ମଲ୍ଲିକ, ସନ୍ତୋଷ ମହାରଣା, ସୁଶାନ୍ତ ବାରିକ, ଶ୍ରୀକାନ୍ତ ବାରିକ ଓ ରଞ୍ଜନ ପୃଷ୍ଟି ପରୀକ୍ଷା ପରିଚାଳନା କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ବେଲ୍ଟ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ବସ୍ତା-ଶଙ୍ଖାଭଙ୍ଗା ନୂଆ ରେଳ ଲାଇନ୍ ପାଇଁ ମନ୍ତ୍ରୀଙ୍କ ଚିଠି

ବାରିପଦା, ୨୬।୫(ସମିସ): ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଚିଠି ଲେଖି ୩୫ କିଲୋମିଟର ନୂଆ ରେଳପଥ ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି। ସେ ଚିଠିରେ ଲେଖିଛନ୍ତି ଯେ, ବାଲେଶ୍ୱର ଜିଲ୍ଲାର ବସ୍ତାଠାରୁ ମୟୂରଭଞ୍ଜ ଜିଲ୍ଲା ବାରିପଦା ନିକଟ ଶଙ୍ଖାଭଙ୍ଗା ପର୍ଯ୍ୟନ୍ତ ନୂତନ ରେଳ ସଂଯୋଗ ହେଲେ ରାସଗୋବିନ୍ଦପୁର, ଝିଙ୍କିରିଆ, ଚିତ୍ରଡା, ମୋରଡ଼ା ଓ ବାରମାଇଲ ଯୋଡ଼ିହେବ। ଯାହାକି ଆଦିବାସୀ ଅଞ୍ଚଳର ଲୋକଙ୍କ ପାଇଁ ଅତ୍ୟନ୍ତ ଜରୁରୀ। ଏହାଦ୍ୱାରା ଆଦିବାସୀ ଅଞ୍ଚଳର ସମ୍ପର୍କ ବୃଦ୍ଧି ସହିତ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ବଜାର ପାଖକୁ ସହଜ ଯାତାୟାତ, ଜଙ୍ଗଲ ଉତ୍ପାଦ, କୃଷିଜାତ ଦ୍ରବ୍ୟ ଓ ସ୍ଥାନୀୟ ସମ୍ପଦର ପରିବହନ ସୁବିଧା ହେବ। ସେହିପରି ଗ୍ରାମୀଣ ଅର୍ଥନୀତିର ଉନ୍ନତି ଓ ନୂଆ ରୋଜଗାର ସୃଷ୍ଟି ହେବ। ଏହି ଅଞ୍ଚଳ ଦୀର୍ଘଦିନ ଧରି ଯୋଗାଯୋଗ ସମସ୍ୟାର ସମ୍ମୁଖୀନ ହେଉଛି। ଯାହା ଲୋକଙ୍କ ସାମାଜିକ, ଆର୍ଥିକ ଉନ୍ନତିରେ ବାଧା ସୃଷ୍ଟି କରୁଛି। ସେ କେନ୍ଦ୍ର ରେଳ ମନ୍ତ୍ରଣାଳୟକୁ ଯଥାସମ୍ଭବ ଅଧ୍ୟୟନ ଓ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିବାକୁ ଅନୁରୋଧ କରିଛନ୍ତି। ମନ୍ତ୍ରୀଙ୍କ ଉପରୋକ୍ତ ପ୍ରସ୍ତାବକୁ ସ୍ଥାନୀୟ ଜନପ୍ରତିନିଧି ଓ ଆଦିବାସୀ ଅଞ୍ଚଳର ଲୋକେ ସ୍ୱାଗତ କରିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ମୟୂରଭଞ୍ଜ ଜିଲ୍ଲାର ଆର୍ଥିକ ଓ ସାମାଜିକ ବିକାଶରେ ଏକ ମାଇଲଖୁଣ୍ଟ ସାଜିବ ବୋଲି ଆଶା କରାଯାଉଛି।

## ଜାତୀୟ ନାଟ୍ୟ ମହୋତ୍ସବରେ ଅଭିନେତା ନିର୍ଦ୍ଦେଶକ ସମ୍ବର୍ଦ୍ଧିତ




ବାରିପଦା, ୨୬।୫(ସମିସ): ଭୁବନେଶ୍ୱରରେ ବିଦ୍ୟାକନକ ସୃଜନାନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବ-୨୦୨୬ ଅବସରରେ ବାରିପଦାର ପ୍ରତିଷ୍ଠିତ ଅଭିନେତା ନିର୍ଦ୍ଦେଶକ ପରେଶ ସାହୁ (ଖୁଦି ଭାଇ)ଙ୍କୁ 'ବିଦ୍ୟାକନକ ସମ୍ମାନ'ରେ ସମ୍ମାନିତ କରାଯାଇଛି। ମଞ୍ଚ ନାଟକ ପ୍ରତି ତାଙ୍କର ସାଧନା ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଶ୍ରୀ ସାହୁ ଏକାଧାରରେ ଜଣେ ଚଳଚ୍ଚିତ୍ର, ବେତାର, ଆକାଶବାଣୀ, ଦୂରଦର୍ଶନ ଓ ମଞ୍ଚ ଅଭିନେତା ନିର୍ଦ୍ଦେଶକ ଭାବେ ବେଶ ପରିଚିତ। ନିଜର ନିଖୁଣ ଅଭିନୟ ଓ ବଳିଷ୍ଠ ନିର୍ଦ୍ଦେଶନା ପାଇଁ ସେ ଓଡ଼ିଶାର ବିଭିନ୍ନ ନାଟ୍ୟସଂସ୍ଥା ଦ୍ୱାରା ବହୁବାର ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି। ସମ୍ବାଲୁଆ, ନିଶାନ୍ତ, କେନସର, ଛଉ, ସ୍ୱୟମ୍ବର, ଫେରିଯାଅ ରାମଚନ୍ଦ୍ର, ନାରଦ ଉବାଚ, ମୁକ୍ତାଲାଭ, ଅଙ୍ଗାର, ଗାଁକୁ ଫେରିଚାଲ, ସ୍ମୃତି ବିସ୍ମୃତି ନାଟକରେ ତାଙ୍କର ସଫଳ ଅଭିନୟ ଓ ନିର୍ଦ୍ଦେଶନା ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ତତ୍‌ସହିତ ଓଡ଼ିଆ ସିନେମା ରଜନୀଗନ୍ଧା, ଗୋପରେ ବଢୁଛି କଳା କହ୍ନେଇ, କଥା ରହିବ କାଳକାଳକୁ ଓ ଜାତୀୟ ଟିଭି ଚାନେଲର ସିରିଏଲ 'ଯେ ପକ୍ଷୀ ଉଡ଼େ ଯେତେ ଦୂର'ରେ ତାଙ୍କର ଅଭିନୟ ଉଲ୍ଲେଖନୀୟ ଓ ନିଜ ଉଦ୍ୟମରେ 'ରୂପାନ୍ତର' ନାମରେ ଏକ ନାଟ୍ୟ ଅନୁଷ୍ଠାନ ପ୍ରତିଷ୍ଠା କରି ସେ ଦୀର୍ଘ ୨୫ ବର୍ଷ ଧରି ବହୁ କଳାକାର ସୃଷ୍ଟି କରିପାରିଛନ୍ତି। ଖବର ପାଇ ବହୁ ନାଟ୍ୟପ୍ରେମୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଉପାନ୍ତ ଅଞ୍ଚଳରେ ପାନୀୟଜଳ ସମସ୍ୟା



କପ୍ତିପଦା, ୨୬।୫ (ସମିସ): ଉପାନ୍ତ ଅଞ୍ଚଳରେ ଘାରିଛି ପାନୀୟଜଳ ସମସ୍ୟା ଚିନ୍ତା। ୪୦ ଡିଗ୍ରୀ ଗରମରେ ପାଣି ଟିକେ ପାଇଁ ଡହଳବିକଳ ହେଉଛନ୍ତି ସାଧାରଣ ଲୋକ। କପ୍ତିପଦା ବ୍ଲକର ଜେଏସ ଜମୁଡିହା ପଞ୍ଚାୟତ ସଦର ପୋଡ଼ାଡିହା ଛକରେ ୫୦ରୁ ଊର୍ଦ୍ଧ୍ୱ ଦୋକାନୀ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ସ୍ଥାୟୀ ଭାବେ ବସବାସ କରୁଛନ୍ତି ୭୦ ପରିବାର। ଛକ ନିକଟରେ ଅଛି ଏକ ନଳକୂପ। ଏହି ନଳକୂପ ଉପରେ ନିକଟରେ ଥିବା ବସ୍‌ଷ୍ଟାଣ୍ଡର ଯାତ୍ରୀ ସମେତ ଅଞ୍ଚଳବାସୀ ନିର୍ଭର କରନ୍ତି। ମାତ୍ର ନଳକୂପରୁ ବାହାରୁଥିବା ପାଣି ପେଟ୍ରୋଲର ଭ୍ରମ ସୃଷ୍ଟି କରୁଛି। ପେଟ୍ରୋଲ ଭଳି ଦେଖାଯାଉଥିବା ଗୋଳିଆ ପାଣି, ଯାହାକି ପିଇବା ଉପଯୋଗୀ ନୁହେଁ। ୪୦ ଡିଗ୍ରୀ ଖରାରେ ଡହଳବିକଳ ହୋଇ ଏହି ପାଣିକୁ ପିଇବାକୁ ବାଧ୍ୟ ହେଉଛନ୍ତି ଅଞ୍ଚଳବାସୀ। କାରଣ ପିଇବା ପାଣିର ଅନ୍ୟ କୌଣସି ବିକଳ୍ପ ନ ଥିବାବେଳେ ଏହି ପାଣି ହିଁ ଜୀବନ ଜିଇବାର ଏକମାତ୍ର ଭରସା। ଏହି ଦୂଷିତ ପାଣି ପିଇବା ଦ୍ୱାରା ଅନେକ ସମୟରେ ଅଞ୍ଚଳବାସୀ ରୋଗାକ୍ରାନ୍ତ ହେଉଛନ୍ତି। କିଡ୍‌ନୀ ଭଳି ମାରାତ୍ମକ ରୋଗ ମଧ୍ୟ ବ୍ୟାପୁଛି। ପ୍ରବଳ ଖରା ସାଙ୍ଗକୁ ପାଣି ସମସ୍ୟା ଲୋକଙ୍କୁ କଲବଲ କରୁଥିବାବେଳେ ଜୀବନ ବିକଳରେ ଏହି ପାଣି ପିଇ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ରଶାସନ ନିକଟରେ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ। ଏ ନେଇ ଆମେ ଆରଡବ୍ଲୁଏସଏସ ବିଭାଗର ଏସଡିଓଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ୍ ରିସିଭ କରି ନ ଥିଲେ।

### କିଷାନ କଂଗ୍ରେସ ପକ୍ଷରୁ ପୁଣି ଦାବିପତ୍ର

## ଜୁନ୍ ୨ରେ ବାରିପଦା-ଉଦଳା ରାଜପଥ ମରାମତି ଦାବିରେ ଆନ୍ଦୋଳନ

ବାରିପଦା, ୨୬।୫(ସମିସ): ବାରିପଦା-ଉଦଳା ୧୯ନଂ ରାଜ୍ୟ ରାଜପଥ ଶୋଚନୀୟ ଅବସ୍ଥା ପାଇଁ ଜିଲ୍ଲା କିଷାନ କଂଗ୍ରେସ ଜୁନ ୨ ତାରିଖରେ ଆନ୍ଦୋଳନ ଡକରା ଦେଇଛି। ଜିଲ୍ଲାର ପ୍ରମୁଖ ରାସ୍ତାଟି ଆସନ୍ତା ଜୁନ୍ ୨ ତାରିଖରେ ଆନ୍ଦୋଳନ ଡକରା ଦିଆଯାଇଛି। ବାରିପଦାରୁ ଉଦଳାକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତାଟି ଅତ୍ୟନ୍ତ ବିପଦଜ୍ଜନକ ଅବସ୍ଥାରେ ରହିଛି। ୪୪ କିମି ଦୂର ରାସ୍ତାରେ ବଡ଼ ବଡ଼ ଗାତ ଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ହେଉଛି। ରାସ୍ତାର ଅବସ୍ଥା ଏତେ ଖରାପ ଯେ ଲୋକେ ଯାତାୟାତ କରିବାକୁ ଭୟ କରୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଥିଲା। ପରନ୍ତୁ ଅଭିଯୋଗର ୧୫ ଦିନ ବିତିବା ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଦାବି ଅନୁସାରେ ଜୁନ ୨ ତାରିଖରେ ଉପରୋକ୍ତ ରାସ୍ତାରେ କିଷାନ କଂଗ୍ରେସ ଯାନବାହନ ଚଳାଚଳ ବନ୍ଦ ଡାକରା ଦେଇଛି ବୋଲି ସଭାପତି ଦୀପକ କୁମାର ଦାସ ଜଣାଇଛନ୍ତି। ମଙ୍ଗଳବାର ଏ ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପୁଣି ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ସଂଗଠନର କର୍ମକର୍ତ୍ତା ରାଜରାସ୍ତାକୁ ଓହ୍ଲାଇବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚକଅଖ ବନ୍ଦ କରିବାକୁ ବାଧ୍ୟ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।



ଅନେକ ଦିନ ଖରାପ ଥିବା ସତ୍ତ୍ୱେ ମରାମତି ହେଉନି। ଯାହାକୁ ନେଇ ମୟୂରଭଞ୍ଜ (ପୂର୍ବ) କିଷାନ କଂଗ୍ରେସ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ ପାଇଛି। ଏହି ରାସ୍ତାର ତୁରନ୍ତ ମରାମତି ଦାବି କରି କିଷାନ କଂଗ୍ରେସର ଜିଲ୍ଲା ସଭାପତି ଦୀପକ କୁମାର ଦାଶଙ୍କ ନେତୃତ୍ୱରେ ଗତ ୧୧ ତାରିଖରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେବାରୁ ପୁଣି ଦାବିପତ୍ର ଦିଆଯାଇ

## ସନ୍ଧ୍ୟାରାଣୀ ବେହେରାଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ



ମୋରଡ଼ା, ୨୬।୫(ସମିସ): ମୋରଡ଼ା ବ୍ଲକର କୋହି ପଞ୍ଚାୟତ ଅନ୍ତର୍ଗତ କୋହି ଗ୍ରାମର ସନ୍ଧ୍ୟାରାଣୀ ବେହେରାଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୫ତମ ତିରୋଧାନ ଦିବସ ଉପଲକ୍ଷେ ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡି ସେଣ୍ଟର ପକ୍ଷରୁ ଜୟଦେବ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହରେ ସନ୍ଧ୍ୟାରାଣୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମାରୋହରେ ରାଜୀବ ଗାନ୍ଧୀ ଛାତ୍ର ଫୋରମର ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ସଂଯୋଜନା କରିଥିବାବେଳେ ବିଚାରପତି ଜଷ୍ଟିସ୍ ଡି.ପି ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସନ୍ଧ୍ୟାରାଣୀଙ୍କୁ ତାଙ୍କର ନିଷ୍ଠାପର ସ୍ୱେଚ୍ଛାକୃତ କାର୍ଯ୍ୟ ପାଇଁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ଡ. ପବିତ୍ର ମୋହନ ସାମନ୍ତରାୟ, ରାଜ୍ୟ କଂଗ୍ରେସ ଗଣମାଧ୍ୟମ ସେଲ୍‌ଫ ଅଧ୍ୟକ୍ଷ ଅରବିନ୍ଦ ଦାସ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ ଓ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁରେଶ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରାଣୀ ଯୁବ ରେଡ୍‌କ୍ରସ ସଂସ୍ଥାର ଜଣେ ସ୍ୱେଚ୍ଛାସେବୀ ଭାବେ ବିଭିନ୍ନ ଶିବିରରେ ଯୋଗଦାନ କରି ଜିଲ୍ଲା ଓ ଜିଲ୍ଲା ବାହାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ନିଜ ଜିଲ୍ଲାରେ ଦୁଇଥର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ସମ୍ମାନ ଲାଭ କରିଛନ୍ତି। ଏତଦବ୍ୟତୀତ ଗଡ଼ିଆ ଆଞ୍ଚଳିକ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟ ସ୍ତରରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ନୂଆ-ଓ ଓ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀରେ ପ୍ରତିନିଧିତ୍ୱ କରି ଭିନ୍ନ ଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଛନ୍ତି ଓ ସମ୍ବର୍ଦ୍ଧିତ ହୋଇଛନ୍ତି।

### ଗ୍ରାମ ସଂଯୋଗ ରାସ୍ତା ଶୋଚନୀୟ

# ଖାଲଖମାରେ ଭର୍ତ୍ତି; ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ

ରାଇରଙ୍ଗପୁର, ୨୬।୫(ସମିସ): ବାମନଘାଟି ଉପଖଣ୍ଡ ଅଞ୍ଚଳର ବିଭିନ୍ନ ଗ୍ରାମର ସଂଯୋଗ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପକ୍କା ରାସ୍ତା କରିବା ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ତିଳେ ହେଲେ ମନନିବେଶ କରୁନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଯାତାୟାତ କରୁଛନ୍ତି। ଉକ୍ତ ସମସ୍ୟା

**■ ମରାମତି କରିବାକୁ ମନ ଦେଉନି ଗ୍ରାମ୍ୟ ଉନ୍ନୟନ ବିଭାଗ**
**■ ମାସା ଆର୍ମୀ ପକ୍ଷରୁ ରାସ୍ତା ମରାମତି ଦାବି**



ସମାଧାନ ନିମନ୍ତେ ଗ୍ରାମ ରାସ୍ତାର ମରାମତି ନିମନ୍ତେ ଦାବି ହୋଇଛି। ମାସା ଆର୍ମୀ ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ମାସା ଆର୍ମୀ ବାମନଘାଟି ସଭାପତି ଦାସମାତ ସରେନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ନାଏକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ରାସ୍ତା ନ ଥିବାରୁ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବର୍ଷାଦିନରେ ରାସ୍ତା କାଦୁଆ ପଚପଚ ହୋଇପଡୁଛି। ଛାତ୍ରଛାତ୍ରୀ, ରୋଗୀ ଓ ଗ୍ରାମବାସୀ ଅସୁବିଧାରେ ପଡୁଛନ୍ତି। ଆମ୍ବୁଲାନ୍ସ ଗ୍ରାମକୁ ଆସି ପାରୁ ନ ଥିବାରୁ ଖଟିଆରେ ରୋଗୀ ବୁହା ହେଉଛନ୍ତି। ଉକ୍ତ ସମସ୍ୟା ବାବଦରେ ଜାଣି ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ମରାମତି କରୁନାହାଁନ୍ତି। ଦୁର୍ନୀତିରେ ଉବୁଟୁବୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଠିକାଦାରଙ୍କ ଦ୍ୱାରା ପରିଚାଳିତ ହେଉଛି। ତେଣୁ ଠିକାଦାରଙ୍କୁ ସୁହାଇବା ଭଳି ମୋଟା ଅଙ୍କର ପିସି ମିଳୁଥିବା ରାସ୍ତା ନିର୍ମାଣ କରୁଛନ୍ତି। ତାହା ଅତି ନିମ୍ନମାନର କାମ ହେଉଥିବାବେଳେ ନିର୍ମାଣର କିଛିଦିନ ମଧ୍ୟରେ ନଷ୍ଟ ହେଉଛି। ଫଳରେ ଗ୍ରାମବାସୀ ଖାଲଖମା ରାସ୍ତା ଦେଇ ଚଳପ୍ରଚଳ କରିବାକୁ ବାଧ୍ୟ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ବାମନଘାଟି ଅଞ୍ଚଳର ଦୁର୍ଗମ ଗ୍ରାମର ରାସ୍ତା ସମସ୍ୟାକୁ ଗୁରୁତ୍ୱର ସହ ନେଇ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କିମ୍ବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲ କରାଯାଇ ପକ୍କା କିମ୍ବା ପିଚୁ ରାସ୍ତା ନିର୍ମାଣ ଓ ମରାମତି କରାଯିବା ପାଇଁ ଦାବି କରାଯାଇଛି। ବିଜାତଳା ବ୍ଲକ ଅନ୍ତର୍ଗତ ସରଗଡ଼ା ପଞ୍ଚାୟତର ହାତିଛାଡ ଗ୍ରାମଠାରୁ କଳାଟମକ ମୁଖ୍ୟ ରାସ୍ତାକୁ ୪ କିମି ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ, ବହଳଦା ବ୍ଲକ ଅନ୍ତର୍ଗତ ଯଶିପୁର ପଞ୍ଚାୟତର ଲନ୍ଦାବସା ଆହାର ଟଲାଠାରୁ କୁଦରସାହି ଜାହିରା ଭାୟା ବାଲିଡିହି, ବାବନଝରୀ, ଘୁଟୁଡିହି ଦେଇ ୫ କିମି ପକ୍କା ରାସ୍ତା ନିର୍ମାଣ, ବହଳଦା ବଡପଳସା ପଞ୍ଚାୟତର ବିଂଝୁଆ ଉଚ୍ଚବିଦ୍ୟାଳୟରୁ ଇଟାଘୁଟୁ ସୁନା ପୋଷିଦେଇ ବୁରୁ ପଳସା ପର୍ଯ୍ୟନ୍ତ ୭ କିମି ପକ୍କା ରାସ୍ତା ନିର୍ମାଣ, ବିଶୋଇ ବ୍ଲକ ଅନ୍ତର୍ଗତ ଜୁଡ଼ିଆ ପଞ୍ଚାୟତର ସାରସପଦା ଗ୍ରାମରୁ ଆନ୍ଦୁ ସାହିକୁ ୨ କିମି ପର୍ଯ୍ୟନ୍ତ ମାଟି ରାସ୍ତାକୁ ତୁରନ୍ତ ପକ୍କା ରାସ୍ତା ନିର୍ମାଣ କରାଯିବା ନିମନ୍ତେ ଦାବି କରାଯାଇଛି। ମାଟି ରାସ୍ତାକୁ ତୁରନ୍ତ ପକ୍କା ରାସ୍ତା ନିର୍ମାଣ କରାଗଲେ ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ କ୍ଷେତ୍ରରେ ଉନ୍ନତି ହେବ ବୋଲି ପ୍ରତିନିଧି ଦଳ ମତ ପ୍ରକାଶ କରିଛନ୍ତି। ଏ ଅବସରରେ ସମାୟ ଟୁଡୁ, ବାରିଆଳ ମାଝୀ, ଉମାନ ମାଝୀ, ଲକ୍ଷ୍ମୀଧର ମୁର୍ମୁ, ଦାସମାତ ମୁର୍ମୁ, ଆଲହାଦ ଚରଣ ମୁର୍ମୁ ଓ ମାସା ଆର୍ମୀ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅସୁରକ୍ଷିତ ଅବସ୍ଥାରେ ଟାଙ୍ଗଣା ପୋଲ; ନାଁକୁ କଟକଣା, ଚାଲୁଛି ଭାରୀଯାନ

ନୀଳଗିରି, ୨୬।୫ (ସମିସ)



**ଭଗବାନଙ୍କ ଭରସାରେ ପଥଚାରୀ**

ଅସୁରକ୍ଷିତ ଅବସ୍ଥାରେ ଟାଙ୍ଗଣା ପୋଲ, କେତେବେଳେ ଯେ କ'ଣ ଅଘଟଣ ଘଟିବ କେହି କହି ନପାରେ, ଏକଥା ଆମେ କହୁନୁ, ଏକଥା ପୂର୍ତ୍ତ ବିଭାଗ ଅନୁଧ୍ୟାନ କରି ଅସୁରକ୍ଷିତ ମନେ କରି ଭାରି ଯାନ ଧିରେ ଧିରେ ଯିବାପାଇଁ ଦୁଇ ପାଖରେ ହମ୍ପସ ବନାଇବା ସହ ନୀଳଗିରି ଉପ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଏହା ସହ ସୁରକ୍ଷା କାରଣରୁ ପୂର୍ବରୁ ଭାରୀଯାନ ଚଳାଚଳ ଉପରେ ପୂର୍ତ୍ତ ବିଭାଗର କଟକଣା ଲଗାଇ ବୋର୍ଡ ଲଗାଇଥିଲେ ସୁଦ୍ଧା ଉଲ୍ଲଂଘନ କରି ନିୟମିତ ଭାରୀଯାନ ଯାତାୟାତ କରୁଛି।

ଶେରଗଡ଼ ନୀଳଗିରି ଦେଇ ମୟୂରଭଞ୍ଜକୁ ସଂଯୋଗ କରୁଥିବା ୧୯ନଂ ରାଜ୍ୟ ରାଜପଥର ଦୁଇ ଜିଲ୍ଲାକୁ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏହି ଟାଙ୍ଗଣା ପୋଲ ଅସୁରକ୍ଷିତ ଅବସ୍ଥାରେ। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକର ଶେଷ ସୀମାର ଝରଣଘାଟିଠାରେ ରହିଥିବା ଏହି ଟାଙ୍ଗଣା ପୋଲକୁ ପ୍ରାୟ ଶହେ ବର୍ଷ ତଳେ ରାଜାରାଜୁଡ଼ା ସମୟରେ ପଥର ପିଲର ରେ ନିର୍ମାଣ ହୋଇଥିବା ବେଳେ ସମୟକ୍ରମେ ଏହି ପଥରରେ ନିର୍ମିତ ପୋଲର ମଝି ପିଲର ସବୁ ଦୁର୍ବଳ ହେଉଥିବା ବେଳେ ଭାରୀଯାନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଏହି ପୋଲ ଜରାଜୀର୍ଣ୍ଣ ଅସୁରକ୍ଷିତ ଅବସ୍ଥାରେ ରହିଥିବା ବେଳେ ପୋଲର ତଳ ଭାଗ ଓ ମଝି ପିଲର ଅବସ୍ଥା ଭଲ ନାହିଁ। ଏପରିକି ପୋଲର ଗୋଟିଏ ପାଖରେ ସୁରକ୍ଷା ପାଚେରି ଖସିପଡିଥିବା ଦେଖିବାକୁ ମିଳିଛି। ଏହି ପୋଲ ଦେଇ ଦୈନିକ ଭୁବନେଶ୍ୱରରୁ ମୟୁରଭଞ୍ଜକୁ ଅନେକ ଦ୍ରୁତଗାମୀ ବସ, ଶହ ଶହ ଯାନବାହାନ ସମେତ ଆମ୍ବୁଲେନ୍ସ, ସ୍କୁଲଗାଡି, ପଥଚାରୀ ଏକାଧିକ ୧୬ ଚକିଆ ଟିପ୍ସ, ଡଷ୍ଟ, ବାଲି ବୋଝେଇ ଭାରି ଯାନ ଯିବା ଆସିବା କରୁଛନ୍ତି। ଭଗବାନ ଙ୍କ ଭରସାରେ ପଥଚାରୀ ଓ ଯାତ୍ରୀବାହୀ ଓ ଭାରି ଯାନ। ସୁରକ୍ଷା କାରଣରୁ ପୂର୍ବରୁ ଭାରୀଯାନ ଚଳାଚଳ ଉପରେ ପୂର୍ତ୍ତ ବିଭାଗର କଟକଣା ଲଗାଇ ଥିଲେ ସୁଦ୍ଧା ଉଲ୍ଲଂଘନ କରି ନିୟମିତ ଶହ ଶହ ଭାରୀଯାନ ଯାତାୟାତ କରୁଛନ୍ତି। ତେଣୁ ଏକ ବଡ଼ ଧରଣର ଅଘଟଣ ଘଟିବା ପୂର୍ବରୁ ଜରୁରୀକାଳୀନ ପରିସ୍ଥିତି ରେ ପ୍ରଶାସନ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି। ପୋଲ ନିର୍ମାଣ ପାଇଁ ପୂର୍ବରୁ ତଥା ଗତ ୨୦୧୬ ଡିସେମ୍ବର ୨୬ ରିଖରେ ପୂର୍ତ୍ତ ବିଭାଗ ତରଫରୁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଠିକାଦାର ଡାଇଭର୍ସନ ରାସ୍ତା କାର୍ଯ୍ୟ ଆରମ୍ଭ କରିଥିବା ବେଳେ କୌଣସି କାରଣରୁ କାମ ଛାଡ଼ି ପଳାଇଥିଲେ। ୨୦୧୮ରେ ଉକ୍ତ କାର୍ଯ୍ୟର ଟେଣ୍ଡର କ୍ୟାନସେଲ ହୋଇଥିବା ବେଳେ ଉକ୍ତ ଠିକାଦାରଙ୍କୁ ବ୍ଲାକ ଲିଷ୍ଟ କରାଯାଇଥିଲା। ସେହିଦିନ ଠାରୁ ଆଜିକୁ ୧୦ ବର୍ଷ ହେବ ପୂର୍ତ୍ତ ବିଭାଗ ଚେଷ୍ଟା ନାମରେ ବିଭିନ୍ନ ଆଳ ଦେଖାଇ ଚାଲିଛି। ଏହି ପୋଲ ଉପରେ ଓଜନିଆ ଯାନବାହନ ଚଳାଚଳ କରିବା ଦ୍ୱାରା ବଡ଼ ଧରଣର ଦୁର୍ଘଟଣା ଘଟିବା ଏବଂ ପୋଲ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ସ୍ଥାନୀୟ ଲୋକଙ୍କ ବାରମ୍ବାର ଦାବି ସତ୍ତ୍ୱେ ନୂତନ ପୋଲ ନିର୍ମାଣ କାର୍ଯ୍ୟ ବର୍ଷ ପରେ ବର୍ଷ ଗଡି ଗଡି ଚାଲିଛି। ଏ ସମ୍ପର୍କରେ ମଙ୍ଗଳବାର ନୀଳଗିରି ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ଜେନାଙ୍କୁ ପଚାରିବାରୁ କହିଥିଲେ ପୁଣି ସାନି ଟେଣ୍ଡର, ଏଗ୍ରିମେଣ୍ଟ ହୋଇସାରିଛି ପୋଲକୁ ସଂଯୋଗ କରୁଥିବା ପ୍ରାଇଭେଟ ଜମିକୁ ଚିହ୍ନଟ କରି ଜମି ଅଧିଗ୍ରହଣ ପରେ ଠିକାସଂସ୍ଥା ପୁରାତନ ପୋଲ ନିକଟରେ ନୂତନ ପୋଲ କରିବ। ତେବେ ଅସୁରକ୍ଷିତ ବିଷୟକୁ ସେ ମାନିବା ସହ ଉକ୍ତ ପୋଲ ଉପରେ ଭାରି ଯାନ ଚଳାଚଳ ବନ୍ଦ କରିବା ପାଇଁ ସ୍ଥାନୀୟ ଉପ ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥଙ୍କ ଜଣାଇଛୁ ଏବଂ ଭାରି ଯାନ ଧିରେ ଧିରେ ଯିବାପାଇଁ ଦୁଇ ପାଖରେ ଲୁହା ଫ୍ରେମରେ ବୋଡ ଲଗାଇଛୁ ବୋଲି କହିଥିଲେ। ଅସୁରକ୍ଷିତ ଟାଙ୍ଗଣା ପୋଲ ଓ ପୂର୍ତ୍ତ ବିଭାଗର ଖାମଖିଆଲି ନିତିକୁ ନେଇ ଉପ ଜିଲ୍ଲାପାଳ ଶ୍ରୀମତୀ ରଥଙ୍କ ମତାମତ ନେବାରୁ ସେ କହିଥିଲେ ତୁରନ୍ତ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ।

## ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ବନ୍ଦ ଦାବି

କାଳିପଦା, ୨୬।୫ (ସମିସ): ଦିନକୁ ଦିନ ଓଡ଼ିଶାରେ ମହିଳା ମାନଙ୍କ ପ୍ରତି ହିଂସା, ଯୌନ ଉତ୍ପୀଡନ ବୃଦ୍ଧି ପାଇବାରେ ଲାଗିଛି। ଏନ୍‌ସିଆରବି ରିପୋର୍ଟ ଅନୁଯାୟୀ ମହିଳା ଯୌନ ନିର୍ଯାତନା କ୍ଷେତ୍ରରେ ଓଡିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ପ୍ରତ୍ୟେକ ଦିନ ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ମହିଳାଙ୍କୁ ହତ୍ୟା ଭଳି ବର୍ବରୋଚିତ, ଅମାନୁଷିକ କାଣ୍ଡ ଘଟିଚାଲିଛି। ଶାନ୍ତି ପ୍ରିୟ ଓଡିଶା ଆଜି ସାରା ପୃଥିବୀରେ ଲଜ୍ଜିତ ଓ ନିନ୍ଦିତ ହେବା ସହିତ ଭାଜପା ସରକାରଙ୍କ ହୀନ ଚକ୍ରାନ୍ତ ବିରୋଧରେ ସୋମବାର ବାଲିଆପାଳ ବ୍ଲକ ମହିଳା ବିଜେଡି ପକ୍ଷରୁ ୨୦୨୩ ମସିହାରେ ପାର୍ଲାମେଣ୍ଟରେ ଗୃହୀତ ମହିଳା ସଂରକ୍ଷଣ ବିଲ ପ୍ରଚଳନ ସହିତ ସେମାନଙ୍କ ପ୍ରତି ହେଉଥିବା ଅତ୍ୟାଚରକୁ ବନ୍ଦ ଦାବିରେ ବାଲିଆପାଳ ବ୍ଲକ ବିଡିଓ ରାଧା ରଞ୍ଜନ ଦାସଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଅଛି। ଭାଜପା ସରକାର ୨୦୨୩ ମସିହାର ପାର୍ଲିଆମେଣ୍ଟରେ ଗୃହୀତ ହୋଇଥିବା ମହିଳା ସଂରକ୍ଷଣର ବିଲଟିକୁ ପ୍ରଚାଳନ ନକରି ଚଳିତ ବର୍ଷ ପୁନଃ ସୀମା ନିର୍ଦ୍ଧାରଣ ବିଲ ଲୋକାୟିତ ଭାବରେ ମହିଳା ସଂରକ୍ଷଣ ବିଲ ନାଁରେ ପାରିତ କରି ହୀନ ଷଡ଼ଯନ୍ତ୍ର ଭଳି କରିଥିବା କାର୍ଯ୍ୟରୁ ନିବୃତ୍ତ ରହିବା, ମିଥ୍ୟା ପ୍ରଚାର ପ୍ରସାର କରି ଲୋକଙ୍କୁ ଭ୍ରମିତ କଲାଭଳି କାର୍ଯ୍ୟ ବନ୍ଦକରିବା ସହିତ ୨୦୨୩ ମସିହାରେ ପାର୍ଲାମେଣ୍ଟରେ ଗୃହୀତ ହୋଇ ଆଇନରେ ପରିଣତ ହୋଇଥିବା ମହିଳା ସଂରକ୍ଷଣ ବିଲ୍‌କୁ ତୁରନ୍ତ ଲାଗୁ କରିବା, ସର୍ବପରି ଓଡିଶାରେ ଗତ ଦୁଇ ବର୍ଷ ମଧ୍ୟରେ କ୍ରମାଗତ ଭାବରେ ବଢି ଚାଲିଥିବା ନାରୀ ନିର୍ଯାତନା ଉପରେ ରୋକ ଲଗାଇ ଦୃଢ ଓ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୧୪ ନମ୍ବର ଜିଲ୍ଲା ପରିଷଦ ଜୋନର ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବୁଗୁଡ଼ି, ପୂର୍ବତନ ବାଲିଆପାଳ ବ୍ଲକ ବିଜେଡି ସଭାପତି ଚକ୍ରଧର ଗିରି, ବାଲିଆପାଳ ପଞ୍ଚାୟତର ବରିଷ୍ଠ ବିଜେଡି ନେତା ସୁବୋଧ କୁମାର ପାତ୍ର, ପରମେଶ୍ୱର ବାରିକ, ସାମାଜିକ କର୍ମୀ ହୈମବତୀ ବେହେରା, ସୂଚୀ ସ୍ମିତା ଜେନା, ସନ୍ଧ୍ୟା ରାଣୀ ଗିରି, ମିନତୀ ଗିରି, କୌଶଲ୍ୟା ଗିରି, ଶରତ ଚନ୍ଦ୍ର ପ୍ରଧାନ, ସୁଶାନ୍ତ ଗିରି, ନଗେନ୍ଦ୍ର ହାଜିରା, ପୂର୍ବତନ ଛାତ୍ର ବିଜେଡି ଜିଲ୍ଲା ସଭାପତି ଶିବାନନ୍ଦ ଦାସ ଅଧିକାରିଙ୍କ ସହିତ ବହୁ ବିଜେଡି ମହିଳା ପୁରୁଷ କର୍ମୀ ଉପସ୍ଥିତ ଥିଲେ।

## ତୀର୍ଥଯାତ୍ରୀ ବସ୍‌କୁ ପଛରୁ ପିଟିଲା ଟ୍ରକ୍, ନାବାଳିକା ମୃତ

ବାଲେଶ୍ୱର,୨୬।୫ (ସମିସ): ସ୍ଥାନୀୟ ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ୫ ନମ୍ବର ଜାତୀୟ ରାଜପଥ ଓଭରବ୍ରିଜ୍ ଉପରେ ଆଜି ଭୋର ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଯାଇଛି। ଜାତୀୟ ରାଜପଥରେ ଠିଆ





ହୋଇଥିବା ଏକ ତୀର୍ଥଯାତ୍ରୀ ବସ୍‌କୁ ପଛପଟୁ ଦ୍ରୁତଗାମୀ ଟ୍ରକ୍ ଟି ଜୋରଦାର ଧକ୍କା ଦେବା ଫଳରେ ଜଣେ ୧୪ ବର୍ଷର ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକା ଜଣକ ହେଉଛନ୍ତି ପଶ୍ଚିମବଙ୍ଗ ରାଜ୍ୟର ମେଦିନିପୁର ଜିଲ୍ଲା ପଟାସପୁର ଥାନା ଅନ୍ତର୍ଗତ କୋଲାବାଗ ଅଞ୍ଚଳର କମଳାକାନ୍ତ ପିରିଙ୍କର ଝିଅ ପିଆଲି ପିରୀ(୧୪)। ଆଜି ଭୋର ସମୟରେ ପଶ୍ଚିମବଙ୍ଗରୁ ଏକ ଘରୋଇ ତୀର୍ଥ ଯାତ୍ରୀବାହୀ ବସ୍ ଓଡ଼ିଶାର ପଞ୍ଚଲିଙ୍ଗେଶ୍ୱର ଅଭିମୁଖେ ଆସୁଥିଲା। ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ୫ ନମ୍ବର ଜାତୀୟ ରାଜପଥରେ ଚକା ଲିକ୍ ହୋଇଥିବା ବେଳେ ମରାମତି ପାଇଁ ରାସ୍ତା କଡ଼ରେ ଠିଆ ହୋଇଥିଲା। ଏହି ସମୟରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ଠିଆ ହୋଇଥିବା ତୀର୍ଥଯାତ୍ରୀ ବସକୁ ପଛପଟୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ବସ୍‌ର ପଛପଟ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବା ସହ ବସ୍‌ରେ ଥିବା ଜଣେ ନାବାଳିକା ଗୁରୁତର ହୋଇଥିଲେ। ତେବେ ଘଟଣାସ୍ଥଳରେ ସ୍ଥାନୀୟ ଲୋକ ଓ ଶିଳ୍ପାଞ୍ଚଳ ଥାନା ପୁଲିସ ପହଞ୍ଚି ଆହତଙ୍କୁ ତୁରନ୍ତ ଉଦ୍ଧାର କରିଥିଲେ। ଏହି ଦୁର୍ଘଟଣାରେ ଗୁରୁତର ହୋଇଥିବା ନାବାଳିକାଙ୍କୁ ପ୍ରଥମେ ଫକୀର ମୋହନ ମେଡିକାଲ କଲେଜକୁ ନିଆଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ରାସ୍ତାରେ ନେବା ସମୟରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରିବା ସହ ୧୭୯/୨୬ ନମ୍ବର ରେ ଏକ ମାମଲା ରୁଜୁ କରିଛି।

## 'ଓଡ଼ିଆ ଭାଷା ଓ କୃତ୍ରିମ ବୁଦ୍ଧିମତ୍ତା' ଶୀର୍ଷକ ଆଲୋଚନାଚକ୍ର

ବାଲେଶ୍ୱର,୨୬।୫ (ସମିସ): କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ତାହା କିପରି ପ୍ରୟୋଗ କରାଯାଇପାରିବ ତାହାର ଚର୍ଚ୍ଚା କରିବା ପାଇଁ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ସ୍ରଷ୍ଟା ନାଟ୍ୟାଳୟ ସଭାଗୃହରେ ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ରଚିତ ହୋଇଥିବା ଏକ ଗୀତକୁ କଲ୍ୟାଣୀ ନନ୍ଦଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଅର୍ଚ୍ଚନା କର, ବାସନ୍ତୀ ଦେ, ସଙ୍ଗୀତା ବାରିକ, ପୁଷ୍ପଲତା ଚକ୍ରବର୍ତ୍ତୀ, ପ୍ରିୟାରାଣୀ ମଲ୍ଲିକ, ସୁନାମଣି ଜେନା ପ୍ରମୁଖ କଣ୍ଠଶିଳ୍ପୀ ଗାନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡକ୍ଟର କମଳାକାନ୍ତ ଜେନା, ଫକୀରମୋହନ ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଡକ୍ଟର ମିନତି ମିଶ୍ର ଏବଂ ଝାଡ଼େଶ୍ୱର +୩ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ସମରବଲ୍ଲଭ ଭୋଇ ଯୋଗଦେଇ ଏଆଇର ପ୍ରାରମ୍ଭ



କାଳରୁ ଏ ଯାବତ୍ ତାର ଇତିହାସ ଓ ସଂଜ୍ଞା ନିରୂପଣ କରିଥିଲେ। କବି ସଙ୍ଗୀତା ବାରିକ ଓ ବିଦ୍ୟାର୍ଥୀ ତ୍ରିନାଥ ଭୋଇ ମତାମତ ପ୍ରଦାନ କରିଥିଲେ। ଅନୁଷ୍ଠାନ ଉପସଭାପତି ନିବାରଣ ଜେନା ଏଆଇ ପ୍ରତି ଆଗ୍ରହ କାରଣରୁ ଆମ ଭାଷା ଓ ସାହିତ୍ୟର ଦ୍ରୁତ ଉନ୍ନତି ସମ୍ଭବ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଜ୍ଞମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିବା ବେଳେ ତପନ ରାୟ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ରାଉତ, ଅରୁଣା ରାୟ, ଅଞ୍ଜଳି ପଣ୍ଡା, ଦୀପକ ବୋଷ, ସୁଷମା ମହାପାତ୍ର, ଡକ୍ଟର କ୍ଷିତୀଶ୍ୱର ଦାଶ, ଅର୍ଚ୍ଚନା ନନ୍ଦୀ, ଜୟନ୍ତୀ ବେହେରା, ପ୍ରଦୀପ କୁମାର ମିଶ୍ର, ଅନାଦି ଚରଣ ଜେନା, ତପନ କୁମାର ପଣ୍ଡା, ରାଧାରମଣ ବୋଷ, ପଣ୍ଡିତ ସଞ୍ଜୟ କୁମାର ପଣ୍ଡା, କରୁଣାକର ସ, ଉର୍ମିଳା ନାୟକ, କମଳିନୀ ଦାସ, ଜ୍ୟୋସ୍ନା ରାୟ, ମମତା ମହାନ୍ତି, ମଧୁସୂଦନ ମାଝୀ, ଲମ୍ବୋଦର ନାୟକ, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ସ୍ନିଗ୍ଧା ସାମନ୍ତରାୟ, ରମାକାନ୍ତ ମହାନ୍ତି, ପ୍ରଫୁଲ୍ଲ କୁମାର ଦାସ, ସ୍ଥିରା ଦାସ, ଭାସ୍କର ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରବଳ ଗ୍ରୀଷ୍ମ ସମୟରେ ଶ୍ରମିକଙ୍କୁ କାର୍ଯ୍ୟ କରାଇବାକୁ ସିଆଇଟିୟୁର ବିରୋଧ

ନୀଳଗିରି, ୨୬।୫ (ସମିସ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଶ୍ରମିକ ମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ମାର୍ଗ ଦର୍ଶିକା କୁ ବେଖାତିର କରି ପ୍ରବଳ ଗ୍ରୀଷ୍ମ ସମୟରେ ଶ୍ରମିକ ମାନଙ୍କୁ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରାଇବାକୁ ସିଆଇଟିୟୁ ପକ୍ଷରୁ ବିରୋଧ କରାଯାଇଛି। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଦ୍ୱାରା ତାପମାତ୍ରା ଚାଳିଶ ଡିଗ୍ରୀ ଉପରେ ରହୁଛି। ଯାହା ଦ୍ୱାରା କି ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏହାକୁ ଲକ୍ଷ୍ୟ କରି ଓଡିଶା ସରକାର ସ୍କୁଲ, କଲେଜ ବନ୍ଦ କରିବା ସହିତ ଶ୍ରମିକ ମାନଙ୍କ ସୁରକ୍ଷା ପାଇଁ ମାର୍ଗ ଦର୍ଶିକା ପ୍ରଣୟନ କରିଛନ୍ତି। ଦିବା ଏଗାର ଘଟିକା ପରଠାରୁ କୌଣସି ନିର୍ମାଣ କାର୍ଯ୍ୟରେ ଶ୍ରମିକ ମାନଙ୍କୁ ନିୟୋଜିତ କରାଯାଇ ପାରିବ ନାହିଁ ଓ ଅପରାହ୍ନ ତିନି ଘଟିକା ରୁ ଶ୍ରମିକ ମାନେ କାର୍ଯ୍ୟ କରି ପାରିବେ। କିନ୍ତୁ ଉକ୍ତ ସମୟ ମଧ୍ୟରେ ଶ୍ରମିକ ମାନେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିବା ର ଦେଖିବାକୁ ମିଳୁଛି। ଉକ୍ତ ସମୟରେ ଯେଉଁ ମାନେ ଶ୍ରମିକ ମାନଙ୍କୁ କାର୍ଯ୍ୟ ରେ ଲଗାଇବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସରକାର ଘୋଷଣା କରିଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହା କି ଦୁଃଖ ଓ ପରିତାପର ବିଷୟ। ଉକ୍ତ ଘଟଣା କୁ ଗୁରୁତ୍?ର ସହ ନେବା ସହିତ ଶ୍ରମିକ ମାନଙ୍କର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାପାଇଁ ସିଆଇଟିୟୁ ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର ପ୍ରଶାସନ ଠାରେ ଦାବି କରିଛନ୍ତି। ଯଦି ପ୍ରଶାସନ ଏଥିପ୍ରତି ସଜାଗ ନ ହୁଅନ୍ତି ଆଗାମୀ ଦିନରେ ସିଟୁ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଜମ୍ବେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ



ଖଇରା, ୨୬।୫ (ସମିସ): ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ଜମ୍ବେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଦିନ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ଚଳିତ ବର୍ଷ କାଉନସିଲ ପରୀକ୍ଷାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ଟପ୍ପର ହୋଇଥିବା ୪ ଛାତ୍ରୀଛାତ୍ରଙ୍କୁ କଲେଜ ପକ୍ଷରୁ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ ଗଜେନ୍ଦ୍ର ପ୍ରସାଦ ସେନାପତି ପୌରହିତ୍ୟ କରିଥିଲେ। କୃଷ୍ଣଚନ୍ଦ୍ର ଖିଲାର ମୁଖ୍ୟଅତିଥି, ପଦ୍ମଲୋଚନ ଖିଲାର, ସରପଞ୍ଚ ରାଜେନ୍ଦ୍ର ଦାସ, ଗୋକୁଳି ଚନ୍ଦ୍ର ଦାସ, ନାରାୟଣ ଚନ୍ଦ୍ର ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କର କୃତିତ୍ୱ କଲେଜର ଗାରିମା ବଢାଇଛି ବୋଲି କହିଥିଲେ। ଶେଷରେ ଚଳିତ କଳାରେ ୫୪୮ ମାର୍କ ରଖିଥିବା ସସ୍ମିତା ବନ୍ଧ ଓ ୫୪୩ ମାର୍କ ରଖିଥିବା ଦେବସ୍ମିତା ସାହୁ, ବିଜ୍ଞାନ ରେ ୫୪୬ ମାର୍କ ରଖି ଟପ୍ପର ହୋଇଥିବା ନମିତା ବାରିକ, ବାଣିଜ୍ୟରେ ସର୍ବୋଚ୍ଚ ୪୯୧ମାର୍କ ରଖିଥିବା ପବିତ୍ର ବାରିକଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## କୃତୀ ଛାତ୍ରଛାତ୍ରୀଙ୍କୁ ପଞ୍ଚାୟତ ତରଫରୁ ସମ୍ବର୍ଦ୍ଧନା

ସୋର, ୨୬।୫ (ସମିସ): ସୋର ବ୍ଲକ ସବିରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ତରଫରୁ ଯୁକ୍ତ ଦୁଇ ଏବଂ ମାଟ୍ରିକ ପରୀକ୍ଷାରେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ଯୁକ୍ତ ଦୁଇ କଳା ପରୀକ୍ଷାରେ ପଞ୍ଚାୟତର ଛାତ୍ରୀ ଚାନ୍ଦିନୀ ମହାପାତ୍ର ୫୫୪ ନମ୍ବର ରଖି ତଳନଗର କଲେଜ ତଥା ସୋର ବ୍ଲକ ଟପର ହୋଇଥିବା ବେଳେ ଜସ୍ମିନ ମହାକୁଡ଼ ୫୬୯ ନମ୍ବର ରଖି ଏଫ. ଏମ. କଲେଜରେ ଦ୍ୱିତୀୟ ଟପର ହୋଇଛନ୍ତି। ସେହିପରି ସୋର କଲେଜ ବିଜ୍ଞାନର ଛାତ୍ରୀ କୁମକୁମ ରାଉତ ୫୮୪, ପ୍ରିୟଙ୍କା ପୃଷ୍ଟି ୫୫୭, ଯାଜ୍ଞସେନୀ ତ୍ରିପାଠୀ ୫୪୫ ଏବଂ ସୁନାଲି ପୃଷ୍ଟି ୫୪୩ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିଲେ। ମ୍ୟାଟ୍ରିକରେ ସବିରା ହାଇସ୍କୁଲର ଗୌରହରୀ ବେହେରା ୫୫୭, ସସ୍ମିତା ମହାପାତ୍ର ୫୪୪ ଏବଂ ସ୍ୱର୍ଣ୍ଣପ୍ରଭା ପଣ୍ଡା ୫୪୦ ନମ୍ବର ରଖି ଏ୧ ରେ ଉତୀର୍ଣ୍ଣ ହୋଇଥିଲେ। ଆଜି ଅପରାହ୍ନରେ ସବିରା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତର ସରପଞ୍ଚ ରାଜୀବ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମିତି ସଭ୍ୟା ଅପରାଜିତା ମାରାଣ୍ଡି, ମଦନ ମୋହନ ପଣ୍ଡା ଉପସ୍ଥିତ ରହି ସମସ୍ତ କୃତି ଛାତ୍ରଛାତ୍ରୀଙ୍କ



## ସିମୁଳିଆ ବଜାର ମାଛ ମାର୍କେଟ ପୂତିଗନ୍ଧମୟ; ପ୍ରତିକାର ନାହିଁ

କାଳିପଦା, ୨୬।୫ (ସମିସ): ବାଲିଆପାଳ ବ୍ଲକ ସିମୁଳିଆ ବଜାର ମାଛ ମାର୍କେଟ ଏବେ ପୂତି ଗନ୍ଧମୟ। ମାଛ କିଣିବାକୁ ଯାଉଥିବା ଲୋକ ଦୁର୍ଗନ୍ଧ ଯୋଗୁଁ ଅଣ ନିଶ୍ୱାସୀ ହେଉଛନ୍ତି। ମାତ୍ର ଏହାର ପରିମଳ ଓ ପରିଚ୍ଛନ୍ନତା ନେଇ ପ୍ରଶାସନ ସଂପୂର୍ଣ୍ଣ ଉଦାସୀନ। ବଣିକ ସଂଘ ଓ ସାଧାରଣ ଲୋକ ଏବେ ନୀରବ ହୋଇ ବସିଛନ୍ତି। ଆଗକୁ ବର୍ଷା ଋତୁ ଆସୁଥିବାରୁ ପରିସ୍ଥିତି ଆହୁରି ସାଙ୍ଘାତିକ ହେବ ବୋଲି ଆକଳନ କରାଯାଇଛି। ବାଲିଆପାଳ ବ୍ଲକରେ ଏହା ସବୁଠୁ ବଡ଼ ମାଛ ମାର୍କେଟ। ଉଭୟ ଲୁଣି ଓ ମଧୁର ଜଳ ମାଛ ଏଠାରେ ପ୍ରଚୁର ପରିମାଣରେ ମିଳିଥାଏ। ସିମୁଳିଆ ଦୈନିକ ମାର୍କେଟ ର ଦକ୍ଷିଣ ପଟ ଚନ୍ଦନ ପୋଖରୀକୁ ଲାଗି କରି ମାଛ ମାର୍କେଟ ରହିଛି। ମାଛ ବ୍ୟବସାୟୀ ମାନେ ବଳକା ପଚା ଶଢା ମାଛକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପକାଇ ଏଣେ ତେଣେ ପକାଉ ଥିବାରୁ ଏପରି ପରିସ୍ଥିତି ହେଉଛି ବୋଲି କୁହାଯାଇଛି। ଚନ୍ଦନ ପୋଖରୀ ହୁଡ଼ା ଓ ଜଳରେ ମଧ ପଚା ମାଛକୁ ପକା ଯାଉଛି। ଚୂନ ଓ ବ୍ଲିଚିଙ୍ଗ ଆଦୌ ପକାଯାଉ ନାହିଁ। ସବୁଠୁ ଅଧିକ ଗନ୍ଧାମୟ ହୋଇଛି ମାଛ ମାର୍କେଟର ପଶ୍ଚିମ ପଟ। ଏଠାରେ ଦୈନନ୍ଦିନ କୁକୁଡ଼ା କଟା ଯାଏ। କୁକୁଡ଼ାର ବର୍ଜ୍ୟ ମଳ, ମୁଣ୍ଡ, ପର, ଧୁଆ ଯାଉଥିବା ପାଣି ସେଠାରେ ଦିନ ଦିନ ଜମି ରହିବା କାରଣରୁ ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଏହାର କୌଣସି ସ୍ଥାୟୀ ପ୍ରତିକାର ହେଉନାହିଁ। ଆବର୍ଜନା ଯୁକ୍ତ ଗନ୍ଧ ପ୍ରାୟ ଏକ କିଲୋମିଟର ପରିଧି ମଧ୍ୟରେ ରହୁଛି। ନିକଟରେ ଘର କରି ରହିଥିବା ଲୋକ ମାନେ ଗନ୍ଧ ଯୋଗୁଁ ଏଥିଷ୍ଠ ହୋଇ ଯାଉଛନ୍ତି। ଏହାକୁ କେନ୍ଦ୍ର କରି ଏଠାରେ ଦୁର୍ବାର ଜନ ଆନ୍ଦୋଳନ ଯେ ନ ହେବ ଏକଥା କୁ ଏଡାଯାଇ ନ ପାରେ। ମଧୁପୁରା ପଞ୍ଚାୟତ ମଧ ଏନେଇ ପଦକ୍ଷେପ ନେଇ ପାରିବ। ମାତ୍ର ପଞ୍ଚାୟତ କର୍ତ୍ତୃପକ୍ଷ ମଧ ନିରବ ବସିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ମଧୁସୂଦନ ବେହେରା, ଗୁଣାକର ମାହାନା, ଫଣି ଭୂଷଣ ମାନ୍ନା, ଜଗବନ୍ଧୁ ଦେହୁରୀ, ମୁରାରୀ ମୋହନ ପାଣିଗ୍ରାହୀ, ଦୁଷ୍ମନ୍ତ କୁମାର ସାହୁ, ସନାତନ ବାରିକ, ସୁମିତ୍ରା ଜେନା, ସୁରେଶ କୁମାର ସାହୁ ପ୍ରମୁଖ ଦୃଢ ଦାବି କରିଛନ୍ତି।

## ଅଗ୍ନି ବିପନ୍ନ ପରିବାରକୁ 'ଆପଣ ଏକା ନୁହଁନ୍ତି ଟ୍ରଷ୍ଟ'ର ସହାୟତା

ସିମୁଳିଆ, ୨୬।୫ (ସମିସ): ସିମୁଳିଆ ବ୍ଲକ ଅନ୍ତର୍ଗତ ଅବଜୁଣା ପଞ୍ଚାୟତ କଳସପାଳ ଗ୍ରାମର ରବିନ୍ଦ୍ର ମହାକୁଡ଼, ରମେଶ ମହାକୁଡ଼, ଛବିଳତା ମହାକୁଡ଼, ରଘୁନାଥଙ୍କ ତିନି ପରିବାରର କୌଣସି ଏକ କାରଣରୁ ନିଆଁ ଲାଗି ଯାଇଥିଲା ଫଳରେ ସବୁକିଛି ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଆନୁମାନିକ ୩୦ ଲକ୍ଷ ଟଙ୍କାର ସମ୍ପତ୍ତି ଜାଳିପୋଡ଼ି ସବୁକିଛି ପାଉଁଶ ହୋଇଯାଇଥିଲା। ଏହି ପରିପ୍ରେକ୍ଷୀରେ ସିମୁଳିଆ ଅଞ୍ଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆପଣ ଏକା ନୁହଁନ୍ତି ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସଭାପତି ଅଜୟ କୁମାର ମହାନ୍ତି ଏବଂ ସଂଗଠନର ସମ୍ପାଦକ ସୁଶାନ୍ତ କୁମାର ବେହେରା ଜାଣିବା ପରେ ତୁରନ୍ତ ଟ୍ରଷ୍ଟର କୋଷାଧ୍ୟକ୍ଷ- ଗୋପମଣି ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଦସ୍ୟ-ଅକ୍ଷୟ କୁମାର ମିଶ୍ର, ଭଗବାନ ବାରିକ୍, ରମାକାନ୍ତ ନାୟକ, ଗୌତମ୍ ଶିଅଳ,ବଳରାମ ସାହୁ, ଦୟାନିଧି ବାରିକ୍, ଶିବଶଙ୍କର ନାୟକ, ରବୀନ୍ଦ୍ର, ଚନ୍ଦନ ନାୟକ, ଦାମୋଦର ମହାନ୍ତି, ଅଞ୍ଜନ ପାଢ଼ି, ଉମେଶ ଚନ୍ଦ୍ର ନାୟକ ଆଜି ଯାଇ କ୍ଷତିଗ୍ରସ୍ତ ତିନି ପରିବାରକୁ ଟ୍ରଷ୍ଟ ପକ୍ଷରୁ ଏକ ମାସର ରାସନ ସାମଗ୍ରୀ ପ୍ରଦାନ କରିଥିଲେ।

## ଘରୋଇ କଳହରୁ ବିଷପିଇ ମହିଳାଙ୍କ ଆତ୍ମହତ୍ୟା

ସୋର,୨୬।୫ (ସମିସ): ସୋର ଥାନା କେଦାରପୁର ଗ୍ରାମରେ ଘରୋଇ କଳହରୁ ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି। କେଦାରପୁର ଗ୍ରାମର ଗଣେଶ ଜେନା ଓ ତାଙ୍କ ସ୍ତ୍ରୀ ସବିତା ଜେନାଙ୍କ ମଧ୍ୟରେ ଦୀର୍ଘଦିନ ଧରି ପାରିବାରିକ କଳହ ଲାଗିରହିଥିଲା। ଗତକାଲି ରାତିରେ କୌଣସି କାରଣରୁ ଉଭୟଙ୍କ ବଚସା ହୋଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ସବିତା ବିଷ ପିଇ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଅବସ୍ଥା ଶୋଚନୀୟ ଥିବାରୁ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରିଥିଲେ। ପରିବାର ଲୋକେ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରୁଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ରଖିଥିଲେ।ଆଜି ସକାଳେ ସୋର ପୁଲିସ ମେଡିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## କୁଲଡ଼ିହା ପାଦଦେଶ ମିରିଗିଣି ଖାଣ୍ଡିଆ ହୁଡ଼ିରୁ ଦିବାରାତ୍ର ପଥର ଲୁଟ୍

ନୀଳଗିରି, ୨୬।୫ (ସମିସ)

ବାଲେଶ୍ୱର ଜିଲ୍ଲା ନୀଳଗିରି ପୌରାଞ୍ଚଳ ଅଧିନ ମିରିଗିଣି ସ୍ଥିତ ଖାଣ୍ଡିଆ ହୁଡ଼ି ପଥର ଖାଦାନରେ ବେଆଇନ ଭାବେ ଏବେ ପ୍ରତିଦିନ ପଥର ଚୋରା ଚାଲାଣକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଚୋରା କାରବାର ପାଇଁ ସରକାର ଙ୍କ ର ବାର୍ଷିକ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ଘଟୁଥିବା ଚର୍ଚ୍ଚା ହେଉଛି। ପଥର ମାଫିଆ ମାନେ କୁଲଡ଼ିହା ପାଦଦେଶ ଅଞ୍ଚଳ ରୁ ନିୟମ ଉଲଘଂନ କରି ଖାଣ୍ଡିଆ ହୁଡ଼ି ପଥର ଖାଦାନ ରେ ପଥର ମାଫିଆ ମାନେ ଏକାଧିକ ଶ୍ରମିକ ଏହି ପଥର ଫଟା କାମରେ ଲଗାଇଛନ୍ତି। ପାହାଡ଼ ଶିଖରରୁ ବଡ଼ ବଡ଼ ପଥର ସବୁ ତଳକୁ ଖସାଯାଉଛି ଓ ତଳେ ଏହାକୁ ଫଟାଇ ମେଟାଲ କରାଯିବା ପରେ ବାହାର କୁ ସ୍ଥାନାନ୍ତର ହେଉଛି। ସେହିପରି ତଳେ ଥିବା ପାହାଡ଼ର



ପଥରକୁ ନିଆଁ ଲଗାଯାଇ ଫଟାଯିବା ପରେ ଛୋଟ ଛୋଟ କରି ମେଟାଲ ପ୍ରସ୍ତୁତ କରଯାଇ ଚୋରା ଚାଲାଣ ହେଉଛି। ସେହିପରି ପ୍ରଶାସନର ଅସାଧୁ କର୍ମଚାରୀ ମାଫିଆଙ୍କ ସହ ସଲାସୁତରା ହୋଇ ଏହି ଚୋରା କାରବାର କୁ ଏକ ପ୍ରକାର ପ୍ରୋତ୍ସାହନ ଯୋଗାଉଥିବା ସାଧାରଣରେ ଆଲୋଚନା ହୋଇଛି। ଦିନରେ ପଥର ଫଟା କାର୍ଯ୍ୟ ଚାଲୁ ରହୁଥିବା ବେଳେ ମୁହଁ ଅନ୍ଧାର ହେଲେ ପ୍ରତିଦିନ ଟ୍ରିପ ଟ୍ରିପ ଟ୍ରାକ୍ଟର ରେ ପଥର ଚାଲାଣ ହେଉଛି। ଏହି ପଥରଖଦାନ ସରକାରୀ ସ୍ତରରେ ବହୁ ବର୍ଷ ଧରି ବନ୍ଦ ରହିଥିବା ବେଳେ ଦିନକୁ ଦିନ ଅବାଧରେ ବେଆଇନ ପଥର ଉତ୍ତୋଳନ ବୃଦ୍ଧି ପାଉଥିବାରୁ ସରକାରଙ୍କ ରାଜସ୍ୱ କ୍ଷତି ଘଟିବା ସହ ମାଫିଆଙ୍କ ପ୍ରାର୍ଦୁଭାବ ବଢ଼ିବାରେ ଲାଗିଛି। ତେବେ ଏଥି ପାଇଁ ଦାୟୀ କିଏ ଏବଂ ପ୍ରଶାସନ ତରଫରୁ କାହିଁକି ପଦକ୍ଷେପ ନିଆଯାଉନି, ତାହା ଏବେ ସମସ୍ତ ଙ୍କୁ ସନ୍ଦେହ ଘେରରେ ପକାଇବା ସହ ପ୍ରଶାସନ ଓ ଖଣି ବିଭାଗର ନିରବଦ୍ରଷ୍ଟା କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଓ ଏଥିପ୍ରତି ଜିଲ୍ଲାପାଳ ଧ୍ୟାନ ଦେବାକୁ ସାଧାରଣ ରେ ଦାବି ହୋଇଛି।



## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୯୨୭-ଜାପାନ ସେନା ଚୀନ୍ ଗୃହଯୁଦ୍ଧରେ ହସ୍ତକ୍ଷେପ କଲା।
- ୧୯୫୭- କପିରାଇଟ୍ ବିଲ୍‌କୁ ମଞ୍ଜୁରି ମିଳିଲା।
- ୧୯୬୪- ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଦେହାନ୍ତ।
- ୧୯୯୧-ଅଷ୍ଟ୍ରିଆର ବୋଇଂ ବିମାନରେ ବିସ୍ଫୋରଣ ଯୋଗୁଁ ୨୨୩ ଯାତ୍ରୀଙ୍କ ପ୍ରାଣହାନି।
- ୨୦୦୬- ଇଣ୍ଡୋନେସିଆରେ ଭୂମିକମ୍ପ ଯୋଗୁଁ ୬,୬୦୦ ଲୋକଙ୍କ ମୃତ୍ୟୁ।

# ବିବାହ ମଣ୍ଡପରେ କୁସ୍ତି



ଆଜିକାଲି ବିବାହ ଆଉ ନାଚଗୀତ, ଖୁସିର ମାହୋଲ ହୋଇ ରହିନାହିଁ। ବିବାହ ବେଳେ ବିଚିତ୍ର ଟ୍ରେଣ୍ଡ ସବୁ ଦେଖିବାକୁ ମିଳୁଛି। ଏହି କ୍ରମରେ ଚୀନ୍‌ର ଏକ ନବ ଦମ୍ପତି ସେମାନଙ୍କର ବିବାହକୁ ପ୍ରଫେସନାଲ ରେସଲିଂ ଡବ୍ଲୁଡବ୍ଲୁଇ ଷ୍ଟାଇଲ ଆଖଡ଼ାରେ ବଦଳାଇ ଏବେ ଚର୍ଚ୍ଚାରେ । ଏହି ଘଟଣାଟି ଚୀନ୍‌ର ଗୁଇଝୋଉ ଅଞ୍ଚଳରେ ଘଟିଛି। ବର ହେ ୟିନ୍‌ସେଙ୍ଗ ଜଣେ ରେସଲର୍ । ଯେତେବେଳେ ତାଙ୍କ ବିବାହ ସ୍ଥିର ହେଲା, ସେ ପାରମ୍ପରିକ ବିବାହ ପରିବର୍ତ୍ତେ କିଛି ଅଲଗା କରିବାକୁ ଚିନ୍ତା କଲେ। ସେ ହୋଟେଲ ହଲ୍‌କୁ ବିବାହ ମଣ୍ଡପ ପରିବର୍ତ୍ତେ ରେସଲିଂ ରିଙ୍ଗ୍ କରିଦେଲେ। ବ୍ୟାକ୍‌ଗ୍ୟାଉଣ୍ଡରେ ଏକ ବଡ଼ ସ୍କ୍ରିନ ବି ଲଗାଯାଇଥିଲା ଏବଂ ଏଥିରେ ବଡ଼ ବଡ଼ ଅକ୍ଷରରେ ବର ବନାମ କନିଆ ଲେଖାଯାଇଥିଲା। କେବଳ ସେତିକି ନୁହେଁ, ଏହି ମ୍ୟାଚ୍ ପାଇଁ ଏକ ସର୍ତ୍ତ ମଧ୍ୟ ରଖାଯାଇଥିଲା। ସର୍ତ୍ତଟି ଥିଲା ଯେ, ବର ଏବଂ କନିଆ ଟିମ୍ ମଧ୍ୟରୁ ଯିଏ ହାରିବ, ହାରିଥିବା ବ୍ୟକ୍ତିଙ୍କୁ ଜୀବନସାରା ଘରର ସବୁ କାମ (ଝାଡୁ, ପୋଛା, ବାସନ) କରିବାକୁ ପଡ଼ିବ। ବିବାହରେ ଯୋଗ ଦେଇଥିବା ଅତିଥିଙ୍କ ଲାଗି ଏହି ଅଭିଜ୍ଞତା ସମ୍ପୂର୍ଣ୍ଣ ନୂଆ ଥିଲା। ସେହିପରି ରେସ୍‌ଲିଂ ରିଙ୍ଗ୍‌ରେ ବର ଓ କନିଆଙ୍କ ଯୁଦ୍ଧ ଚାଲିଲା। ଶେଷରେ ରେଫରି କନିଆଙ୍କୁ ବିଜେତା ଘୋଷଣା କରିଥିଲେ। ତା'ସହ ଘରକାମରୁ ପୂରା ଜୀବନ କନିଆଙ୍କୁ ରକ୍ଷା ମିଳିଲା। ଅବଶ୍ୟ ଏହି ପୂରା ମ୍ୟାଚ୍ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା କଥା ବର ଜଣକ ସଫେଇ ଦେଇଥିଲେ। ଏନେଇ ହେଙ୍କ କହିବା କଥା, ବାହାଘର ଯୋଜନାବେଳେ ବଜେଟ୍ ଅଧିକ ବଢ଼ିଯାଇଥିଲା। ଡ୍ୟାନ୍ସର ଓ କଣ୍ଠଶିଳ୍ପୀଙ୍କ ଉପରେ ଅଧିକ ଟଙ୍କା ଖର୍ଚ୍ଚ ନ କରି ସେ ରେସ୍‌ଲିଂ ଆୟୋଜନ କରିବାକୁ ଚାହିଁଲେ। ଅବଶ୍ୟ ବର-କନିଆଙ୍କ ଘର ଲୋକ ପ୍ରଥମେ ଏହାକୁ ବୁଝିପାରି ନ ଥିଲେ ବି ପିଲାଙ୍କ ଖୁସିକୁ ସମ୍ମାନ ଜଣାଇ ଥିଲେ। ଏହି ବିବାହରେ ୩୦୦ରୁ ଅଧିକ ଅତିଥି ଯୋଗ ଦେଇଥିବାବେଳେ ସମସ୍ତେ ଲାଇଭ୍ କୁସ୍ତିର ଭରପୂର ମଜା ନେଇଥିଲେ।

# ବିଦ୍ୟୁତ୍ ଖୁଣ୍ଟ ପାଲଟିଛି କଳାପଟା



ଶିକ୍ଷା ହେଉଛି ମଣିଷର ଜ୍ଞାନ, କୌଶଳ ଏବଂ ବୌଦ୍ଧିକ ବିକାଶର ମୂଳଦୁଆ । ହେଲେ ଦୁଃଖ ଓ ପରିତାପର ବିଷୟ, ଆଜି ବି ଆମ ସମାଜରେ ଏମିତି ଅନେକ ପିଲା ଅଛନ୍ତି ଯେଉଁମାନେ ଶିକ୍ଷାଲାଭରୁ ବଞ୍ଚିତ ହେଉଛନ୍ତି। ତେବେ ପିଲାଙ୍କର ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ପଶ୍ଚିମବଙ୍ଗ କୁଲତାଲି ବ୍ଲକ୍‌ର ଦେଉଲବାରି ଗାଁର ଗ୍ରାମବାସୀମାନେ ଏକ ନିଆରା ପଦକ୍ଷେପ ଗ୍ରହଣ କରିଛନ୍ତି। ବଙ୍ଗ ନବଜାଗରଣର ଅଗ୍ରଦୂତ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଶିକ୍ଷା ଦର୍ଶନକୁ ଆଧାର କରି ଏହି ଗାଁର ରାସ୍ତାକଡ଼ରେ ଥିବା ପ୍ରାୟ ୪୦-୪୫ଟି ବିଦ୍ୟୁତ୍ ଖୁଣ୍ଟରେ ବଙ୍ଗଳା ବର୍ଣ୍ଣମାଳା, ଇଂରାଜୀ ସଂଖ୍ୟା ଏବଂ ଗଣିତର ମୌଳିକ ଚିହ୍ନ (ମିଶାଣ, ଫେଡ଼ାଣ, ଗୁଣନ ଏବଂ ହରଣ) ସବୁ ଲେଖାଯାଇଛି। ଏହାବାଦ୍ ସଂଖ୍ୟାଗୁଡ଼ିକର ମିଶାଣ, ଫେଡ଼ାଣ,ଗୁଣନ, ହରଣ କରି ମଧ୍ୟ ଲେଖାଯାଇଛି। ମୋଟାମୋଟି କହିବାକୁ ଗଲେ, ଗାଁର ରାସ୍ତା ଏବେ ଏକ ଚଳନ୍ତା ସ୍କୁଲରେ ପରିଣତ ହୋଇଛି। ପୁଲକ ମଣ୍ଡଳ ନାମକ ଜଣେ ଗ୍ରାମବାସୀଙ୍କ ଯୋଗୁ ଏହା ସମ୍ଭବ ହୋଇଛି। ଦୀର୍ଘ ଦିନ ଧରି ରାସ୍ତାକଡ଼ର ଏହି ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଘାସଲତାରେ ଘୋଡ଼େଇ ହୋଇ ରହିଥିଲା। ଏହାର ଆଖପାଖରେ ଆବର୍ଜନା ଜମା ହୋଇ ରହିଥିଲା। ସେହି ଦୃଶ୍ୟକୁ ବଦଳାଇବା ପାଇଁ ପୁଲକ ହାତରେ ରଙ୍ଗ ଏବଂ ବ୍ରଶ୍ ଉଠାଇଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ଖୁଣ୍ଟଗୁଡ଼ିକୁ ସଫା କରାଗଲା। ତା'ପରେ ସେଗୁଡ଼ିକ ଉପରେ ଉଜ୍ଜଳ ରଙ୍ଗ ଲଗାଇ ବଙ୍ଗଳା ବର୍ଣ୍ଣମାଳା ଏବଂ ଏହା ସହିତ ବଙ୍ଗଳା ଓ ଇଂରାଜୀରେ ସଂଖ୍ୟା ସହ ଗଣିତର ଚିହ୍ନଗୁଡ଼ିକ ଲେଖାଗଲା। ଏନେଇ ଜଣେ ଗ୍ରାମବାସୀଙ୍କ କହିବା କଥା, ପୂର୍ବରୁ ପିଲାମାନଙ୍କୁ ସ୍କୁଲ ନେବା ସମୟରେ ଏହି ଖୁଣ୍ଟଗୁଡ଼ିକ ଉପରେ କାହାର ନଜର ପଡୁ ନ ଥିଲା । ବର୍ତ୍ତମାନ ପିଲାମାନେ ସ୍କୁଲରୁ ଯିବା ଓ ଆସିବା ସମୟରେ ଅକ୍ଷରଗୁଡ଼ିକୁ ପଢୁଛନ୍ତି ଏବଂ ଗଣିତ କରୁଥିବାର ଦେଖାଯାଉଛି। ଏହାଦ୍ୱାରା ପିଲାମାନଙ୍କର ପାଠପଢ଼ା ପ୍ରତି ଆଗ୍ରହ ବଢ଼ିଛି ଏବଂ ସମଗ୍ର ଗାଁରେ ଶିକ୍ଷା ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ପିଲାଦିନେ ରାସ୍ତାକଡ଼ରେ ଲାଗିଥିବା ମାଇଲ୍ ଖୁଣ୍ଟଗୁଡ଼ିକ ଦେଖି ଇଂରାଜୀର ଅଙ୍କଗୁଡ଼ିକୁ ଶିଖିଥିଲେ। ସେଥିରୁ ଅନୁପ୍ରାଣିତ ହୋଇ ପୁଲକ ଏଭଳି ବିଦ୍ୟୁତ୍ ଖୁଣ୍ଟରେ ପାଠଗୁଡ଼ିକୁ ଲେଖିବା ପାଇଁ ଚିନ୍ତା କରିଥିଲେ। ତେବେ ଶିକ୍ଷାକୁ କେବଳ ଚାରିକାନ୍ଥ ମଧ୍ୟରେ ଆବଦ୍ଧ କରାଯାଇ ପାରିବ ନାହିଁ, ଦୃଢ଼ ଇଚ୍ଛାଶକ୍ତି ଥିଲେ ରାସ୍ତା କଡ଼କୁ ମଧ୍ୟ ସ୍କୁଲରେ ପରିଣତ କରାଯାଇ ପାରିବ ବୋଲି ପୁଲକ୍ ତାହା ପ୍ରମାଣିତ କରିଛନ୍ତି।

# ଅହାନଙ୍କ ପ୍ରଥମ ଡ୍ୟାନ୍ସ ନମ୍ବର



'ସୈୟାରା' ଫିଲ୍ମରୁ ରାତାରାତି ଷ୍ଟାର୍ ହୋଇ ଯାଇଥିବା ଅଭିନେତା ଅହାନ ପାଣ୍ଡେ ତାଙ୍କ ଭଉଣୀ ଅଲାନା ପାଣ୍ଡେଙ୍କ ବାହାଘରରେ ଏକ ଦମଦାର ଡ୍ୟାନ୍ସ ପରଫରମାନ୍ସ କରିବା ପରେ ସୋସିଆଲ ମିଡିଆରେ ଛାଇ ଯାଇଥିଲେ। ଯଶରାଜ ଫିଲ୍ମସ୍ ତାଙ୍କ ନୃତ୍ୟ ପ୍ରତିଭାକୁ ଡେବ୍ୟୁ ଫିଲ୍ମରେ ଲୋକଲୋଚନକୁ ଆଣିବ ବୋଲି ଦର୍ଶକେ ଅନୁମାନ କରୁଥିଲେ। ହେଲେ ମୋହିତ୍ ସୂରୀ ଅହାନଙ୍କୁ ଏକ ଗମ୍ଭୀର ଓ ଭାବପ୍ରବଣ ଚରିତ୍ର ଦେଇ ଦର୍ଶକଙ୍କୁ ଆଶ୍ଚର୍ଯ୍ୟ କରିଦେଲେ। ଅହାନଙ୍କ ଲଭର୍ ବୟ ଛବିକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ବିଶେଷକରି ଜେନ୍ ଜିଙ୍କୁ ତାଙ୍କ ଅଭିନୟ ବେଶ୍ ପସନ୍ଦ ଆସିଥିଲା। ଏବେ ଅହାନ, ଅଲ୍ଲୀ ଆବସ୍ ଜାଫର୍‌ଙ୍କ ଏକ ଫିଲ୍ମରେ ଲିଡ୍ ରୋଲରେ ନଜର ଆସିବେ। ଏଥିରେ ତାଙ୍କର ଏକ ଡ୍ୟାନ୍ସ ନମ୍ବର ରହିଛି। ତେବେ ବଡ଼ ପରଦାରେ ଏହା ତାଙ୍କର ପ୍ରଥମ ଡ୍ୟାନ୍ସ ନମ୍ବର ହେବ। ଏହି ଗୀତର ସୁଟିଂ ମାଞ୍ଚେଷ୍ଟରରେ କରାଯିବ। ଲଗାତାର ଚାରି ଦିନ ଧରି ସୁଟିଂ ଚାଲିବ। ଅହାନଙ୍କୁ ଏକ ବଡ଼ ଷ୍ଟାର୍ ଭଳି ପରଦାରେ ପ୍ରଦର୍ଶନ କରାଯିବ। ଏହାର କୋରିଓଗ୍ରାଫି ଏପରି କରାଯିବ ଯେପରି ସୋସିଆଲ ମିଡିଆରେ ଏହି ଗୀତର ଅଧିକାଂଶ ରିଲ୍ ହେବ। ଅହାନଙ୍କୁ ଜେନ୍ ଜିଙ୍କ ସୁପରଷ୍ଟାର୍ କରିବା ପାଇଁ ଟିମ୍ ଯୋଜନା ଚଳାଇଛି। ଏହାକୁ ଇଣ୍ଟରନେଟ୍‌ରେ ଭାଇରାଲ କରିବା ପାଇଁ ପୂର୍ବରୁ ଯୋଜନା ମଧ୍ୟ ପ୍ରସ୍ତୁତ ହୋଇ ସାରିଛି। ଖୁବ୍‌ଶୀଘ୍ର ଯଶରାଜ ଫିଲ୍ମସ୍ ଏହି ଗୀତ ପାଇଁ ଜଣେ ଆଗଧାଡ଼ିର କୋରିଓଗ୍ରାଫରଙ୍କୁ ଫାଇନାଲ କରିପାରେ ବୋଲି କୁହାଯାଉଛି।

## ସମ୍ଭାବନା

# ଅଫର୍ ଲେଟ୍‌ର ଗ୍ରହଣ କରୁଥିଲେ...




**ଚାକିରି ମିଳିବାର ଖୁସି ହେଉଛି ଅଫର୍ ଲେଟର। ତେବେ କିଛି ଲୋକ ଏହାକୁ ନ ପଢ଼ି ସାଇନ୍ କରି ଦିଅନ୍ତି। ଫଳରେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଅସୁବିଧାର ସାମ୍ନା କରିବାକୁ ପଡ଼ିଥାଏ।**

- ଅଫର୍ ଲେଟର ଗ୍ରହଣ କରିବା ପୂର୍ବରୁ ପ୍ରଥମେ ସାଲାରି ଷ୍ଟ୍ରକଚରକୁ ନେଇ ପ୍ରଶ୍ନ କରାଯିବା ଉଚିତ। କେତେ ଦରମା ମିଳିବ। ସେଥିରେ କ'ଣ ସବୁ ସର୍ତ୍ତ ରହିଛି। ସେହିପରି କିଛି କମ୍ପାନି ସିଟିସିରେ ବୋନସ ଏବଂ ଅନ୍ୟ ସୁବିଧାକୁ ସାମିଲ କରିଥାନ୍ତି।
- ୱାର୍କିଂ ଆୱାର ଏବଂ ୱାର୍କ ପଲିସି ବାବଦରେ ଜାଣନ୍ତୁ। କମ୍ପାନିରେ ହାଇବ୍ରିଡ୍ ୱାର୍କ, ୱାର୍କ ଫ୍ରମ୍ ହୋମ୍ କିମ୍ବା ସମ୍ପୂର୍ଣ୍ଣ ଅଫିସ୍ ଆସିବାକୁ ହେବ, ସେ ସମ୍ପର୍କରେ ଜାଣନ୍ତୁ। କାମ ଘଣ୍ଟା କେତେ ରହିବ ଏବଂ କମ୍ପାନିରେ କାମ ନୀତିର ଗୁରୁତ୍ୱପୂର୍ଣ୍ଣ ଦିଗ କ'ଣ ରହିବ ଜାଣିବା ଦରକାର।
- ପ୍ରୋବେସନ ପିରିୟଡ୍‌କୁ ନେଇ ଅଫର୍ ଲେଟ୍‌ରରେ କ'ଣ ନିୟମ ଅଛି ପ୍ରଶ୍ନ କରନ୍ତୁ। କିଛି କମ୍ପାନି ପ୍ରାରମ୍ଭିକ କିଛି ମାସ ପର୍ଯ୍ୟନ୍ତ ପ୍ରୋବେସନରେ ରଖନ୍ତି। ଏହି ସମୟରେ ନିୟମ ଓ ସୁବିଧା ଅଲଗା ହୋଇପାରେ। ତେଣୁ ପ୍ରୋବେସନର ସମୟ କେତେ ରହିବ, ଚାକିରି ସ୍ଥାୟୀ ହେବାର କ'ଣ ନିୟମ ରହିଛି, ସେସବୁ ସମ୍ପର୍କରେ ପ୍ରଥମେ ପଚାରି ନେବା ଉଚିତ।

# କ୍ୟାରିୟରରେ ନେଟ୍‌ୱାର୍କିଂର ଗୁରୁତ୍ୱ

**କ୍ୟାରିୟରରେ ଶୀଘ୍ର ଆଗକୁ ବଢ଼ିବାକୁ ଚାହୁଁଥିଲେ ନେଟ୍‌ୱାର୍କିଂ ବହୁତ ଜରୁରି। କିଛି ଲୋକ ଭାବନ୍ତି ଏହା ବ୍ୟବସାୟୀଙ୍କ ପାଇଁ ଖୁବ୍ ଦରକାର। ତେବେ ଛାତ୍ରଛାତ୍ରୀ, କର୍ମଜୀବୀ, ଫ୍ରିଲାନ୍ସରଙ୍କ ପାଇଁ ନେଟ୍‌ୱାର୍କିଂ ଖୁବ୍ ଗୁରୁତ୍ୱ ବହନ କରେ। କ୍ୟାରିୟରରେ ନେଟ୍‌ୱାର୍କିଂ କାହିଁକି ଜରୁରି, ସେ ସମ୍ପର୍କରେ ଜାଣିବା।**



**ନେଟ୍‌ୱାର୍କିଂ କ'ଣ:** ନେଟ୍‌ୱାର୍କିଂର ଅର୍ଥ ହେଉଛି ପ୍ରଫେସନାଲ ଲୋକଙ୍କ ସହିତ ଜଡ଼ିତ ହେବା। ତା'ସହ ସେମାନଙ୍କ ସହିତ ଉତ୍ତମ ସମ୍ବନ୍ଧ ବଜାୟ ରଖିବା। ଉତ୍ତମ ଲୋକଙ୍କ ସହିତ ସାମିଲ ହୋଇ କେବଳ ନୂଆ ଜିନିଷ ଶିଖିବାକୁ ମିଳିବ ନାହିଁ, ବରଂ ଚାକିରି ଓ କ୍ୟାରିୟର ଅଭିବୃଦ୍ଧିର ସୁଯୋଗ ପ୍ରଦାନ କରେ। ତେଣୁ କେବଳ ପରିଶ୍ରମ ନୁହେଁ, ବରଂ ଉତ୍ତମ ପ୍ରଫେସନାଲ ସମ୍ବନ୍ଧ ସୃଷ୍ଟି କରିବା ବି ସଫଳତା ପାଇଁ ଜରୁରି।

**ଗୁରୁତ୍ୱ:** ଅନେକ କମ୍ପାନି ଚାକିରି ସୂଚନା ସାର୍ବଜନୀନ କରିବା ପୂର୍ବରୁ ପ୍ରଥମେ କର୍ମଚାରୀଙ୍କ ମଧ୍ୟରେ ନିଯୁକ୍ତି କରିଥାନ୍ତି। ଯେଉଁମାନଙ୍କର ଭଲ ପ୍ରଫେସନାଲ ନେଟ୍‌ୱାର୍କ ଥାଏ, ସେମାନଙ୍କୁ ନୂଆ ଚାକିରିର ସୂଚନା ଶୀଘ୍ର ମିଳିଯାଏ। ବେଳେ ବେଳେ ରେଫରେନ୍ସ ମାଧ୍ୟମରେ ଚାକିରି ପାଇବା ଆଶଙ୍କା ବି ବଢ଼ିଯାଏ। ସେହିପରି ଯେଉଁ ଇଣ୍ଡଷ୍ଟ୍ରିରେ ଜଣେ କାମ କରନ୍ତି, ସେଠାରେ କ'ଣ ନୂଆ ଘଟୁଛି ଏବଂ ନୂଆ ତଥ୍ୟ ନେଟ୍‌ୱାର୍କିଂ ମାଧ୍ୟମରେ ହିଁ ମିଳିଯାଏ। ଇଣ୍ଡଷ୍ଟ୍ରିରେ ହେଉଥିବା ନୂତନ ପରିବର୍ତ୍ତନ, ଟ୍ରେଣ୍ଡ ତଥା ଟେକ୍ନୋଲୋଜି ବାବଦରେ ତଥ୍ୟ ମିଳିଥାଏ। ଏହି ସୂଚନା କ୍ୟାରିୟର ଅଭିବୃଦ୍ଧି ଦିଗରେ ସାହାଯ୍ୟ କରେ।

# ଗେମିଂ ଷ୍ଟ୍ରିମରରୁ ଭଲ ଆୟ

**ଗେମିଂ ଏବେ କେବଳ ମନୋରଞ୍ଜନ ନୁହେଁ, ବରଂ ଏକ ସୁନ୍ଦର କ୍ୟାରିୟର ବିକଳ୍ପ ହୋଇଛି। ଗେମିଂ ଷ୍ଟ୍ରିମର ହେଉଛନ୍ତି ସେମାନେ, ଯେଉଁମାନେ ଅନଲାଇନ୍‌ରେ ଗେମ୍ ଖେଳି ନିଜ ଭିଡିଓ ଲାଇଭ୍ ଷ୍ଟ୍ରିମ୍ କରନ୍ତି। ଏହି ଲାଇଭ୍ ଷ୍ଟ୍ରିମ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ କରାଯାଏ। ଏବେ ଅନେକ ଯୁବପିଢ଼ି ଏହାକୁ କ୍ୟାରିୟରର ବିକଳ୍ପ ଭାବେ ବାଛି ଭଲ ଆୟ କରୁଛନ୍ତି।**



ଗେମିଂ ଷ୍ଟ୍ରିମର ମୁଖ୍ୟତଃ ୟୁଟ୍ୟୁବ୍, ଫେସବୁକ୍ ଭଳି ପ୍ଲାଟଫର୍ମରେ ଗେମ୍ ଖେଳୁଥିବା ଲୋକଙ୍କ ସହିତ ଆଲୋଚନା କରନ୍ତି। ଏସବୁ କିଛି ଲାଇଭ୍ ଷ୍ଟ୍ରିମ୍‌ରେ ହିଁ ହୋଇଥାଏ। ଏହା ଦ୍ୱାରା ସେମାନଙ୍କ ଅନୁଗାମୀ ସେମାନଙ୍କ ସହିତ ଲାଇଭ୍‌ରେ କଥାବାର୍ତ୍ତା କରନ୍ତି। ତା'ସହ ସେମାନେ ଗେମ୍ ଖେଳୁଥିବା ଦେଖିପାରନ୍ତି। ସେହିପରି ଗେମିଂ ଷ୍ଟ୍ରିମର ଅନେକ ଉପାୟରେ ରୋଜଗାର କରିପାରିବେ। ୟୁଟ୍ୟୁବ୍ ଆଡ୍‌ରେ ଭିଡିଓ ଏବଂ ଲାଇଭ୍ ଷ୍ଟ୍ରିମରେ ଆସୁଥିବା ବିଜ୍ଞାପନରୁ ରୋଜଗାର କରନ୍ତି। ସ୍ପନସରସିପ୍ ପାଇଁ ଗେମିଂ କମ୍ପାନି ପ୍ରଚାର ପ୍ରସାର ଲାଗି ଟଙ୍କା ପ୍ରଦାନ କରନ୍ତି। ସେହିପରି ସୁପର ଚାଟ୍ ଏବଂ ଡୋନେସନ ମାଧ୍ୟମରେ ପ୍ରଶଂସକ ଲାଇଭ୍ ଷ୍ଟ୍ରିମ୍ ଜରିଆରେ ଟଙ୍କା ପ୍ରେରଣ କରନ୍ତି। ସେମାନେ ବ୍ରାଣ୍ଡ ଡିଲ୍ ମଧ୍ୟ କରିପାରିବେ। ଅର୍ଥାତ୍ ବଡ଼ ବଡ଼ ଷ୍ଟ୍ରିମର ବ୍ରାଣ୍ଡ ସହିତ କାମ କରି ଭଲ ଆୟ କରିଥାନ୍ତି। ଡିଜିଟାଲ ଯୁଗରେ ଗେମିଂରେ ସଫଳ କ୍ୟାରିୟର କରି ହେବ। ବର୍ତ୍ତମାନ ଭାରତରେ ଅନେକ ଗେମିଂ ଷ୍ଟ୍ରିମର ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି। ଏହାସହିତ ସେମାନଙ୍କ ଲୋକପ୍ରିୟତା ଖୁବ୍ ବେଶି। ସେହିପରି ୟୁଟ୍ୟୁବ୍ କ୍ରିଏଟରଙ୍କ ଯୁଗରେ ଗେମିଂ କ୍ରିଏଟରଙ୍କର ଲକ୍ଷାଧିକ ଅନୁଗାମୀ ଅଛନ୍ତି।

# ଜେନ୍ ଜେଡ୍‌ଙ୍କ ନୂଆ ଶବ୍ଦାବଳୀ

ଆଜିକାଲି ଜେନ୍ ଜେଡ୍ ଯୁବପିଢ଼ି ଏମିତି କିଛି ଶବ୍ଦ ସବୁ ବ୍ୟବହାର କରୁଛନ୍ତି, ଯାହାର ଅର୍ଥ ବୁଝିବା ସହଜ ନୁହେଁ। ଏପରିକି ଅଧିକାଂଶ ସମୟରେ ଏହାର ଅର୍ଥ ବି ଅନେକ ଜାଣି ନ ଥାନ୍ତି। କାରଣ 'ନୋ', 'କ୍ୟାପ୍', 'ବ୍ରୋ', 'ଗଟ୍', 'ରିଜ୍' ଭଳି ଶବ୍ଦ ଏବେ ସେମାନଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ଅବଶ୍ୟ ନୂଆପିଢ଼ି ଅଲଗା ଅଲଗା ସର୍ଟଫ୍ରମ୍‌ରେ ଏଭଳି ଶବ୍ଦକୁ ବ୍ୟବହାର କରି କଥାବାର୍ତ୍ତା କରୁଛନ୍ତି। ଶବ୍ଦକୁ ଛୋଟ କରିକି କଥାବାର୍ତ୍ତା କରିବା ଜେନ୍ ଜେଡ୍‌ଙ୍କୁ ବେଶି ପସନ୍ଦ। ତେବେ ସେମାନେ କେଉଁ ଭଳି ଶବ୍ଦକୁ ଛୋଟ କରୁଛନ୍ତି, ସେ କୌଶଳ ସେମାନଙ୍କୁ ଲକ୍ଷ୍ୟ କଲେ ହିଁ ଜାଣି ହେବ।

'ୟୋ ବ୍ରୋ' ବା 'ବ୍ରୋ' ଶବ୍ଦ ସହିତ ପ୍ରାୟ ଲୋକେ ପରିଚିତ। ଭାଇ ତଥା ସାଙ୍ଗଙ୍କ ପାଇଁ ଏହାକୁ ବ୍ୟବହାର କରାଯାଏ। ଏବେ ଏହି ଶବ୍ଦ ଜେନ୍ ଜେଡ୍‌ଙ୍କ ପାଇଁ 'ବ୍ରହ' ହୋଇଯାଇଛି। ସେହିପରି 'ଡ୍ରିପ୍' ଶବ୍ଦ ମେସାନଙ୍କ ଦୃଷ୍ଟିକୋଣରୁ ହସ୍‌ପିଟାଲ ସହିତ ଜଡ଼ିତ ଶବ୍ଦ ନୁହେଁ। ଏହା ଫେଶନ ଏବଂ ଷ୍ଟାଇଲ ସହିତ ସମ୍ବନ୍ଧିତ। କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ସହିତ ଜଡ଼ିତ ଶବ୍ଦ ହେଉଛି 'ଡେଡ୍।' ହେଲେ ଏହା ଜେନ୍ ଜେଡ୍‌ଙ୍କ ମଧ୍ୟରେ ହସି ହସି ପାଗଳ ହୋଇଯିବା ନଚେତ୍ ଲଜ୍ୟା ଅନୁଭବ କଲେ ସେମାନେ ବ୍ୟବହାର କରନ୍ତି। ଅନ୍ୟପଟେ 'କ୍ୱିନ୍' ଶବ୍ଦର ଅର୍ଥ ରାଣୀ ବୋଲି ଭାବୁଥିଲେ ସେମାନେ ଏହାକୁ ଆତ୍ମବିଶ୍ୱାସ ଲାଗି ବ୍ୟବହାର କରନ୍ତି। କୌଣସି ଜିନିଷ ପ୍ରତି ଆକର୍ଷିତ ହେବା ଲାଗି 'ରିଜ୍' କହନ୍ତି। ତେବେ 'ହାଇକି'କୁ ଆରମ୍ଭ କରୁଥିବା ବ୍ୟକ୍ତି ପାଇଁ ସେମାନେ ବ୍ୟବହାର କରନ୍ତି। ଏଭଳି ଆହୁରି ଅନେକ ଶବ୍ଦ ଅଛି, ଯାହାକୁ ଜେନ୍ ଜେଡ୍ ସର୍ଟଫର୍ମରେ ବ୍ୟବହାର କରୁଛନ୍ତି।



# ହାଇଦରାବାଦ୍ ବନାମ ରାଜସ୍ଥାନ ଆଜି ଏଲିମିନେଟର୍ ମୁକାବିଲା



ଚଣ୍ଡିଗଡ, ୨୬ା୫ (ଏଜେନ୍ସି): ଆଇପିଏଲ-୨୦୨୬ ପ୍ଲେ ଅଫ୍‌ର ଦ୍ୱିତୀୟ ମ୍ୟାଚ୍ ବା ଏଲିମିନେଟର ସନ୍‌ରାଇଜର୍ସ ହାଇଦରାବାଦ୍ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଆସନ୍ତାକାଲି ଏଠାରେ ଖେଳାଯିବ। ଉଭୟ ଦଳରେ ବିସ୍ଫୋରକ ବ୍ୟାଟର ରହିଥିବାରୁ ଏହି ମ୍ୟାଚ୍‌ରେ ଚୌକା ଓ ଛକା ବର୍ଷା ହେବ ବୋଲି ଆଶା କରାଯାଉଛି। ବିଶେଷ କରି ରାଜସ୍ଥାନର ବୈଭବ ସୂର୍ଯ୍ୟବଂଶୀ, ଯଶସ୍ୱୀ ଜୟସ୍ୱାଲ, ରିୟାନ ପରାଗ ଓ ଡୋନୋଭାନ ପରେରା, ହାଇଦରାବାଦର ଅଭିଷେକ ଶର୍ମା, ଟ୍ରାଭିସ ହେଡ୍, ଇଶାନ କିଶାନ, ହେନ୍‌ରିକ୍ କ୍ଲାସେନଙ୍କ ପରି ବିସ୍ଫୋରକ ବ୍ୟାଟର ଥିବାରୁ ଏହି ମ୍ୟାଚ୍‌ରେ ସର୍ବାଧିକ ବାଉଣ୍ଡାରୀ ମିଳିବ ବୋଲି ଆଶା କରିବା ସ୍ୱାଭାବିକ୍। ଚଳିତ ଟୁର୍ଣ୍ଣାମେଣ୍ଟରେ ହାଇଦରାବାଦ୍ ୯ଟି ମ୍ୟାଚ୍‌ରେ ବିଜୟୀ ହୋଇ ୧୮ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲା। ଅନ୍ୟପକ୍ଷରେ ମୁମ୍ବଇ ଇଣ୍ଡିଆନ୍ସକୁ ଶେଷ ଲିଗ୍ ମ୍ୟାଚ୍‌ରେ ହରାଇ ରାଜସ୍ଥାନ ରୟାଲ୍ସ ୮ମ ବିଜୟ ସହ ଚତୁର୍ଥ ତଥା ଶେଷ ଦଳ ଭାବେ ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା। ଚଳିତ ସିଜନରେ ଉଭୟଙ୍କ ମଧ୍ୟରେ ୨ଥର ମ୍ୟାଚ୍ ଖେଳାଯାଇଥିଲା। ଉଭୟ ମୁକାବିଲାରେ ସନ୍‌ରାଇଜର୍ସ ହାଇଦରାବାଦ୍ ବିଜୟୀ ହୋଇଛି। ଆସନ୍ତାକାଲି ମୁକାବିଲାରେ ସମାନ ଫଳାଫଳ ଆଶା କରାଯାଉଛି। କିନ୍ତୁ ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ରାଜସ୍ଥାନର ବିଜୟ ନିର୍ଭର କରୁଛି। ଏହି ମ୍ୟାଚ୍‌ରେ ସନ୍‌ରାଇଜର୍ସର ବ୍ୟାଟିଂ ଓ ରାଜସ୍ଥାନ ରୟାଲ୍ସର ବୋଲିଂ ମଧ୍ୟରେ ଏକପ୍ରକାର ମୁକାବିଲା ହେବ। ରାଜସ୍ଥାନର ଜୋଫ୍ରା ଆର୍ଚର, ନାନ୍ଦ୍ରେ ବର୍ଗର, ବ୍ରିଜେଶ ଶର୍ମା, ରବୀନ୍ଦ୍ର ଜାଡେଜା ଓ ଯୁବ ଖେଳାଳି ଯଶରାଜ ପୁଞ୍ଜା ଚଳିତ ଆଇପିଏଲ୍‌ରେ ବେଶ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛନ୍ତି। ଏମାନଙ୍କ ଉପରେ ଦଳର ଭବିଷ୍ୟତ ନିର୍ଭର କରୁଛି।

ମୁଲାନପୁର ପିଚ୍ ବ୍ୟାଟିଂକୁ ସୁହାଇଥାଏ। ଏଠାରେ ଖେଳାଯାଇଥିବା ୮ଟି ଇନିଂସ ମଧ୍ୟରୁ ୬ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ସ୍କୋର ହୋଇଛି। ବ୍ୟାଟିଂକୁ ପିଚ୍ ସହାୟତା ଦେଉଥିବାରୁ ଟସ୍ ଜିତିଥିବା ଦଳ ରନ୍ ଚେଜ୍ କରିବାକୁ ପସନ୍ଦ କରିବ। ଏହି ମ୍ୟାଚ୍‌ର ବିଜେତା ଦଳ ଦ୍ୱିତୀୟ କ୍ୱାଲିଫାୟରକୁ ଉନ୍ନୀତ ହେବ।

## ଆଇପିଏଲ୍-୨୦୨୬: ପ୍ରଥମ କ୍ୱାଲିଫାୟର ମୁକାବିଲା

# ବିଧ୍ୱଂସୀ ପାଟିଦାର; ଗୁଜରାଟର ବିପର୍ଯ୍ୟୟ

ଧର୍ମଶାଳା,୨୬ା୫(ଏଜେନ୍ସି)

ଅଧିନାୟକ ରଜତ ପାଟିଦାରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଗୁଜରାଟ ଟାଇଟାନ୍ସ ବିପକ୍ଷ ଆଇପିଏଲ୍ କ୍ୱାଲିଫାୟର-୧ରେ ପ୍ରଥମେ ବ୍ୟାଟିଂ କରି ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୫୪ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ୨୧ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ପାଟିଦାର ସର୍ବାଧିକ ଅପରାଜିତ ୯୩ ରନ୍ କରିଥିଲେ। ଏଥିଲାଗି ସେ ୩୩ଟି ବଲ୍ ଖେଳି ୫ ଚୌକା ଓ ୯ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିରାଟ କୋହଲି ଓ କ୍ରୁନାଲ ପାଣ୍ଡ୍ୟା ୪୩ରନ୍ ଲେଖାଏଁ, ଦେବଦତ୍ତ ପାଡିକଲ ୩୦ ଓ ଭେଙ୍କଟେଶ ଆୟର ୧୯ ରନ୍ କରିଥିଲେ। ଗୁଜରାଟ ପକ୍ଷରୁ ଜେସନ ହୋଲ୍ଡର ଓ କାଗିସୋ ରାବାଡ଼ା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍‌ରେ ଯେଉଁଦଳ ବିଜୟୀ ହେବ ସେହି ଦଳ ସିଧାସଳଖ ଫାଇନାଲରେ ପ୍ରବେଶ କରିବ। ଅନ୍ୟ ପକ୍ଷରେ ପରାଜିତ ଦଳ ଦ୍ୱିତୀୟ କ୍ୱାଲିଫାୟର ଖେଳିବ।



| ଆଜିର ଆଇପିଏଲ୍ ମ୍ୟାଚ୍ |
|---|
| ହାଇଦରାବାଦ୍ ବନାମ ରାଜସ୍ଥାନ |
| ଭେନ୍ୟୁ - ମୁଲାନପୁର |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |



ଆସନ୍ତାକାଲି ସନ୍‌ରାଇଜର୍ସ ହାଇଦରାବାଦ୍ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଯିବାକୁ ଥିବା ଏଲିମିନେଟରର ବିଜେତା ଦହ ମଧ ଦ୍ୱିତୀୟ କ୍ୱାଲିଫାୟର ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏହି ମ୍ୟାଚ୍‌ଟି ମୁଲାନପୁରରେ ମେ ୨୯ରେ ଖେଳାଯିବ।

ଏଠାରେ ଟସ୍ ହାରି ପ୍ରଥବେ ବ୍ୟାଟିଂ କରିବା ପରେ ବେଙ୍ଗାଲୁରୁ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ଓପନର ତଥା ଷ୍ଟାର ଖେଳାଳି ବିରାଟ କୋହଲି ପ୍ରଥମ ୱିକେଟରେ ଭେଙ୍କଟେଶ ଆୟର (୭ବଲ୍‌ରେ ୧୯ରନ୍)ଙ୍କ ସହ ୨ ଓଭରରେ ୨୧ରନ୍ ଏବଂ ଦ୍ୱିତୀୟ ୱିକେଟରେ ଦେବଦତ୍ତ ପାଡିକାଲ (୧୯ବଲ୍‌ରେ ୫ଚୌକା ସହ ୩୦ରନ୍)ଙ୍କ ସହ ୩୮ବଲ୍‌ରେ ୭୨ରନ୍ ଉଠାଇଥିଲେ। ଉଭୟ କୋହଲି ଓ ପାଡିକାଲ ୯ମ ଓଭରରେ ପ୍ରତିପକ୍ଷ ଫାଷ୍ଟ ବୋଲର ଜେସନ ହୋଲ୍ଡରଙ୍କ ଦ୍ୱାରା ଆଉଟ ହୋଇଯାଇଥିଲେ। କୋହଲି ୨୫ବଲ୍‌ରେ ୫ଚୌକା ଓ ୧ଛକା ସହ ଦ୍ରୁତ ୪୩ ରନ୍ ସଂଗ୍ରହ କରିଥିଲେ। ସେ ପ୍ରଥମ ଖେଳାଳିଭାବେ କ୍ରମାଗତ ୪ଟି ସିଜନରେ ୬୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରି ଏକ ରେକର୍ଡ କରିଥିଲେ। ୯୪ ରନ୍‌ରେ ୩ୟ ୱିକେଟ ପଡ଼ିବା ପରେ ପାଟିଦାର ଓ କ୍ରୁନାଲ ପାଣ୍ଡ୍ୟା ଚତୁର୍ଥ ୱିକେଟରୁ ୪୫ବଲ୍‌ରେ ୯୫ ଏବଂ ପାଟିଦାର ଓ ଜିତେଶ ଶର୍ମା ଅବିଭକ୍ତ ୫ମ ୱିକେଟରେ ୧୨ ବଲ୍‌ରୁ ୪୦ ରନ୍ ଉଠାଇ ଦଳ ଲାଗି ଏକ ଡିଫେଣ୍ଡେବଲ ସ୍କୋର କରିଥିଲେ। କ୍ରୁନାଲ ୨୮ବଲ୍‌ରେ ୫ଚୌକା ଓ ୨ଛକା ସହ ୪୩ ଓ ଜିତେଶ ୫ବଲ୍‌ରୁ ଅପରାଜିତ ୧୫ ରନ୍ କରିଥିଲେ।



# ସିଙ୍ଗାପୁର ଓପନ୍: କ୍ୱାର୍ଟରରେ ସିନ୍ଧୁ, ସାତ୍ତ୍ୱିକ-ଚିରାଗ

ସିଙ୍ଗାପୁର, ୨୬ା୫ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁ ଏକ ଲକ୍ଷ ଡଲାର ପୁରସ୍କାର ରାଶିବିଶିଷ୍ଟ ସିଙ୍ଗାପୁର ଓପନ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬'ର ଏକ ମୁକାବିଲାରେ ସିନ୍ଧୁ ୨୧-୧୭, ୨୧-୧୮ ସିଧାସଳଖ ଗେମରେ ବିଶ୍ୱର ୬ ନମ୍ବର ଖେଳାଳି ଇଣ୍ଡୋନେସିଆର ପୁତ୍ରିକ କୁସୁମାଙ୍କୁ ହରାଇ କ୍ୱାର୍ଟର ଫାଇନାଲକୁ ଉଠିଛନ୍ତି। ପୂର୍ବତନ ଚାମ୍ପିଅନ ସିନ୍ଧୁ କ୍ୱାର୍ଟର ଫାଇନାଲରେ ଜାପାନର ରିକୋ ଗୁଞ୍ଜିଙ୍କୁ ଭେଟିବେ। ସେହିଭଳି ପୁରୁଷ ଡବଲ୍ସରେ ଭାରତର ସାତ୍ତ୍ୱିକସାଇରାଜ ରାନକୀରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ ପ୍ରଥମ ରାଉଣ୍ଡରେ ସହଜରେ ବିଜୟୀ ହୋଇଛନ୍ତି। ବିଶ୍ୱ ମାନ୍ୟତାର ୪ର୍ଥ ସ୍ଥାନରେ ଥିବା ଏହି ଭାରତୀୟ ଯୋଡ଼ି ୨୬-୨୮, ୨୧-୧୫, ୨୧-୧୩ ଗେମରେ ମାଲେସିଆ ଯୋଡ଼ି ଚେନ ଝି ୟି ଓ ପ୍ରେସଲି ସ୍ମିଥଙ୍କୁ ହରାଇଥିଲେ। ତେବେ ପୁରୁଷ ସିଙ୍ଗଲ୍ସରେ ଆୟୁଷ ସେଟ୍ଟୀ ପ୍ରଥମ ରାଉଣ୍ଡ ହର୍ଡଲ୍ସ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି।

# ଲଙ୍କା ପ୍ରିମିୟର ଲିଗ୍ ଖେଳିବେ ବିଜୟ ଶଙ୍କର

ନୂଆଦିଲ୍ଲୀ, ୨୬ା୫ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ବିଜୟ ଶଙ୍କର ଲଙ୍କା ପ୍ରିମିୟର ଲିଗ୍ (ଏଲ୍‌ପିଏଲ୍) ଖେଳିବେ। ୩୫ ବର୍ଷୀୟ ବିଜୟ ଏଲ୍‌ପିଏଲ୍‌ରେ କାଣ୍ଡି ରୟାଲ୍ସ ପକ୍ଷରୁ ମରକ୍ୟୁ ଖେଳାଳି ଭାବେ ଚୁକ୍ତି କରିଛନ୍ତି। ନିକଟରେ ବିଜୟ ଭାରତୀୟ ଘରୋଇ କ୍ରିକେଟ୍ ଓ ଆଇପିଏଲ୍‌ରୁ ଅବସର ନେଇଥିଲେ। ବିଜୟଙ୍କ ବ୍ୟତୀତ ଦକ୍ଷିଣ ଆଫ୍ରିକାର ରିଜା ହେଣ୍ଡ୍ରିକ୍ସ, ଇଂଲଣ୍ଡର ମୋଇନ ଅଲି, ବାଂଲାଦେଶର ଶାକିବ ଅଲ୍ ହାସାନ ଓ ପାକିସ୍ତାନର ଶାହିବଜାନ ଫରହାନ ପ୍ରମୁଖଙ୍କୁ ଏଲ୍‌ପିଏଲ୍‌ର ବିଭିନ୍ନ ଫ୍ରାଞ୍ଚାଇଜ ମରକ୍ୟୁ ଖେଳାଳି ଭାବେ ଚୁକ୍ତି କରିଛି। ଲଙ୍କା ପ୍ରିମିୟର ଲିଗ୍‌ର ୬ଷ୍ଠ ସଂସ୍କରଣ ଜୁଲାଇ ୧୭ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପାଞ୍ଚଟି ଫ୍ରାଞ୍ଚାଇଜ କାଣ୍ଡି ରୟାଲ୍ସ, ଦାମ୍ବୁଲା ସିକ୍ସର୍ସ, ଏସ୍‌ସି ଜାଫନା କିଙ୍ଗ୍ସ, ଗାଲେ ଗାଲାଣ୍ଟ୍ସ ଓ କଲମ୍ବୋ କାପ୍ସ ଟାଇଟଲ୍ ପାଇଁ ଏଥର ଲଢ଼େଇ କରିବେ।

## ଫ୍ରେଞ୍ଚ ଓପନ୍‌ରେ ବଡ଼ ବିପର୍ଯ୍ୟୟ

# ପ୍ରଥମ ରାଉଣ୍ଡରୁ ମେଦଭେଦେଭ ବିଦା

ପ୍ୟାରିସ, ୨୬ା୫ (ଏଜେନ୍ସି): ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍‌ର ତୃତୀୟ ଦିବସ ମଙ୍ଗଳବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି ତଥା ରୁଷିଆ ତାରକା ଡାନିଲ ମେଦଭେଦେଭ ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ୱାଇଲ୍ଡକାର୍ଡ ପ୍ରାପ୍ତ ଖେଳାଳି ଅଷ୍ଟ୍ରେଲିଆର ଆଦାମ ୱାଲଟନ ୬-୨, ୧-୬, ୬-୧, ୧-୬, ୬-୪ ସେଟରେ ଷଷ୍ଠ ସିଡ୍ ମେଦଭେଦେଭଙ୍କୁ ହରାଇ ଚହଳ ସୃଷ୍ଟି କରିଛନ୍ତି। ବିଶ୍ୱ ମାନ୍ୟତାର ୯୭ତମ ସ୍ଥାନରେ ଥିବା ୱାଲଟନ କ୍ୟାରିୟରରେ ପ୍ରଥମଥର ଲାଗି ବିଶ୍ୱ ମାନ୍ୟତାର ଟପ୍-୧୦'ର ଜଣେ ଖେଳାଳିଙ୍କୁ ହରାଇଛନ୍ତି।

ଅପରପକ୍ଷରେ ୨୦ତମ ସିଡ୍ ବ୍ରିଟେନର କାମେରନ ନୋରି ଆଘାତ ଲାଗି ପ୍ରଥମ ରାଉଣ୍ଡ ଅଧାରୁ ରିଟାୟର୍ଡ ନେଇଥିଲେ। ୩୦ ବର୍ଷୀୟ ନୋରି ତାଙ୍କ କ୍ୟାରିୟରରେ ପ୍ରଥମଥର ଲାଗି ଏକ ଗ୍ରାଣ୍ଡସ୍ଲାମର ପ୍ରଥମ ରାଉଣ୍ଡରୁ ରିଟାୟର୍ଡ ନେଇଛନ୍ତି। ମଙ୍ଗଳବାର ପୁରୁଷ ବିଭାଗରେ ବିଜୟ ହାସଲ କରିଥିବା ଅନ୍ୟ ପ୍ରମୁଖ ଖେଳାଳିଙ୍କ ମଧ୍ୟରେ ଗ୍ରୀକର ଷ୍ଟିଫାନୋସ ସିଟ୍‌ସିପାସ, ମୋନାକୋର ଭାଲେଣ୍ଟିନ ଭାଚେରୋଟ, ୧୮ତମ ସିଡ ଆମେରିକାର ଲର୍ନର ତିଏନ ରହିଛନ୍ତି।



### ଗଫ୍, ସାବାଲେଙ୍କାଙ୍କ ବିଜୟ ଅଭିଯାନ

ଅପରପକ୍ଷରେ ମହିଳା ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ କୋକୋ ଗଫ୍, ଟପ୍ ସିଡ୍ ଆରିନା ସାବାଲେଙ୍କା, ୧୦ମ ସିଡ୍ କାରୋଲିନ୍ ମୁଚୋଭା, ୧୬ତମ ସିଡ୍ ନାଓମି ଓସାକା, ୧୭ତମ ସିଡ୍ ଇଭା ଜୋଭିକ ପ୍ରମୁଖ ପ୍ରଥମ ରାଉଣ୍ଡରେ ସହଜରେ ବିଜୟୀ ହୋଇଛନ୍ତି। ବେଲାରୁଷ ତାରକା ସାବାଲେଙ୍କା ରାଉଣ୍ଡ-୬୪'ର ଏକ ମ୍ୟାଚରେ ୬-୪, ୬-୨ ସିଧାସଳଖ ସେଟରେ ସ୍ପେନର ଜେସିକା ବୌଜାସଙ୍କୁ ପରାସ୍ତ କରିଥିଲେ। ସେହିଭଳି ଗଫ୍ ମଧ ୬-୪, ୬-୦ ସେଟରେ ଆମେରିକାର ଟେଲର ଟାଉନସେଣ୍ଡଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ବର୍ଷକ ତଳେ ଗଫ୍ ପ୍ରଥମ ଆମେରିକୀୟ ମହିଳା ଭାବେ ଫ୍ରେଞ୍ଚ ଓପନ୍ ସିଙ୍ଗଲ୍ସ ଟାଇଟଲ୍ ଜିତିଥିଲେ।

## ଜାତୀୟ ସବ୍‌ଜୁନିଅର ବେସ୍‌ବଲ

# ଓଡ଼ିଶା ବାଳକ ଦଳର ହ୍ୟାଟ୍ରିକ୍ ବିଜୟ



ଭୁବନେଶ୍ୱର, ୨୬ା୫ (ସମିସ): କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ୩୧ତମ ଜାତୀୟ ସବ୍-ଜୁନିଅର ବେସବଲ୍ ଚାମ୍ପିଅନସିପରେ ଓଡ଼ିଶା ବାଳକ ଦଳ ହ୍ୟାଟ୍ରିକ ବିଜୟ ହାସଲ କରିଛି। ମଙ୍ଗଳବାର ଓଡ଼ିଶା ଦୁଇଟି ମ୍ୟାଚ୍ ଖେଳି ଯଥାକ୍ରମେ ୬-୦ରେ ଦିଲ୍ଲୀକୁ ଓ ୧୧-୧ରେ ମଣିପୁରକୁ ହରାଇଛି। ଏଥିପୂର୍ବରୁ ସୋମବାର ଓଡ଼ିଶା ୧୨-୦ରେ ସହଜରେ ଉତ୍ତରାଖଣ୍ଡକୁ ପରାସ୍ତ କରିଥିଲା। ଅପରପକ୍ଷରେ ଓଡ଼ିଶା ବାଳିକା ଦଳ ମଧ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବାଳିକା ଦଳ ପ୍ରଥମ ମ୍ୟାଚରେ ୯-୧ରେ ଆନ୍ଧ୍ର ପ୍ରଦେଶକୁ ମାତ୍ ଦେଇଛି। ବେସ୍‌ବଲ୍ ଆସୋସିଏସନ ଅଫ୍ ଓଡ଼ିଶା ଓ ଆମେଚର ବେସବଲ୍ ଫେଡେରେସନ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଚାମ୍ପିଅନସିପ୍ ମେ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଜାତୀୟ ସଂଘର ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ରାଜ୍ୟ ସଂଘର ସଭାପତି ପ୍ରବୋଧ ମହାନ୍ତି, ସମ୍ପାଦକ ଶିବାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରୁଛନ୍ତି।

## ରାମେଶ୍ୱର କପ୍ ଜୁନିଅର କ୍ରିକେଟ୍

# ଫ୍ରେଣ୍ଡସ କ୍ଲବ, ରାମେଶ୍ୱର ସ୍ପୋର୍ଟିଂ ବିଜୟୀ



ଭୁବନେଶ୍ୱର, ୨୬ା୫ (ସମିସ): ରାମେଶ୍ୱର କପ୍ ୧୫ ବର୍ଷରୁ କମ୍ ଜୁନିଅର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଫ୍ରେଣ୍ଡସ କ୍ରିକେଟ କ୍ଲବ ଓ ରାମେଶ୍ୱର ସ୍ପୋର୍ଟିଂ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ଫ୍ରେଣ୍ଡସ କ୍ଲବ ୭ ୱିକେଟ୍‌ରେ ଗ୍ରୀନ୍ସ ଏକାଡେମୀକୁ ହରାଇଦେଇଛି। ବିଜୟୀ ଦଳର ମୃତ୍ୟୁଞ୍ଜୟ ରାୟ ଦମ୍‌ଦାର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେ ୫୬ ବଲରେ ଅପରାଜିତ ୬୧ ରନ କରିଥିଲେ। ପୂର୍ବତନ କୋଚ୍ ଅଜିତ ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ଅନ୍ୟ ଏକ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ୮ ୱିକେଟରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ଅପରାଜିତ ୫୭ ରନ କରିଥିବା ହରିବଂଶ ଭୂୟାଁଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ରଣଜୀ କ୍ରିକେଟର୍ ସନ୍ଦୀପ ପଟ୍ଟନାୟକ ପ୍ରଦାନ କରିଥିଲେ। ଏହି ଦୁଇ ମ୍ୟାଚ୍ ସହ ୧୫ ବର୍ଷରୁ କମ୍ ବର୍ଗର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ମେ ୩୧ ତାରିଖରେ ସହିଦ ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ଖେଳାଯିବ।

## ସର୍ବଭାରତୀୟ ଗୋଲ୍ଡ କପ୍ କ୍ରିକେଟ୍

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

ଭୁବନେଶ୍ୱର,୨୬ା୫(ସମିସ): ଉତ୍ତରାଖଣ୍ଡରେ ଚାଲିଥିବା ସର୍ବଭାରତୀୟ ଆମନ୍ତ୍ରଣୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଗୋଲ୍ଡ କପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟବରଣ କରିଛି। ମଙ୍ଗଳବାର ମହାରାଣା ପ୍ରତାପ ସ୍ପୋର୍ଟ୍ସ କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ସିଏଜି ୫ ୱିକେଟରେ ଇମର୍ଜିଂ ଓଡ଼ିଶା ଦଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୪୯.୫ ଓଭରରେ ୨୭୨ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଶ୍ରେୟାଂଶ ଭରଦ୍ୱାଜ ୭୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ ସିଏଜି ୪୪.୫ ଓଭରରେ ୫ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଗୁରିନ୍ଦର ସିଂହ ୧୦୧ ରନର ଦମ୍‌ଦାର ଶତକୀୟ ପାଳି ଖେଳିଥିଲେ। ସେହିଭଳି ଶୁଭମ ପୁନ୍ଦିର (୯୯ ରନ) ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଓଡ଼ିଶା ପକ୍ଷରୁ ମହମ୍ମଦ ଦାନିଶଙ୍କୁ ୨ଟି ୱିକେଟ୍ ମିଳିଥିଲା।

## କିଟ୍ ଚେସ୍ ମହୋତ୍ସବ କାଟାଗୋରୀ-ବି ଉଦ୍‌ଯାପିତ

# ଓଡ଼ିଶାର ସତ୍ୟମ ସର୍ବଜିତ ତୃତୀୟ



ଭୁବନେଶ୍ୱର,୨୬ା୫(ସମିସ)

କିଟ୍ ୟୁନିଭର୍ସିଟି ଆନୁକୂଲ୍ୟରେ ଚାଲିଥିବା ଅନ୍ତର୍ଜାତୀୟ ମହୋତ୍ସବର ଆଜି କାଟାଗୋରୀ-ବି' ପ୍ରତିଯୋଗିତା ଶେଷ ହୋଇଯାଇଛି। ୯ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ପଶ୍ଚିମବଙ୍ଗର ଶଙ୍ଖଦୀପ ମାଇତି ସର୍ବାଧିକ ୮.୫ ପଏଣ୍ଟ ପାଇ ଚାମ୍ପିଅନ ହୋଇଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ଟ୍ରଫି ସହ ୪, ୫୦, ୦୦୦ ଟଙ୍କା ପୁରସ୍କାର ପାଇଛନ୍ତି। ତାଙ୍କ ପଛକୁ ୧୦ଜଣ ଖେଳାଳି ୭.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ସେମାନଙ୍କ ମଧ୍ୟରୁ ଦିଲ୍ଲୀର ୧୫ବର୍ଷରୁ କମ୍ ଖେଳାଳି ସମର୍ଥ ଜୈନ୍ ରନର୍ସଅପ୍ ଓ ଓଡ଼ିଶାର ସତ୍ୟମ ସର୍ବଜିତ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ସମର୍ଥଙ୍କୁ ଟ୍ରଫି ସହ ୩,୫୦,୦୦୦ ଏବଂ ସତ୍ୟମଙ୍କୁ ଟ୍ରଫି ସହ ୨,୫୦,୦୦୦ ଟଙ୍କା ପୁରସ୍କାର ବାବଦରେ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ମହାରାଷ୍ଟ୍ରର ସଞ୍ଜୀବ ମିଶ୍ର ଚତୁର୍ଥ (୧,୨୦,୦୦୦ ଟଙ୍କା), ବିହାରର ମହମ୍ମଦ୍ ତବସିମ ଆଲମ ପଞ୍ଚମ (୧ଲକ୍ଷ), ପଶ୍ଚିମବଙ୍ଗର ତେଜାସ ଜୈନ ଷଷ୍ଠ (୯୫ ହଜାର) ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ୫୦ଜଣଙ୍କ ମଧ୍ୟରେ ଓଡ଼ିଶାର ସତ୍ୟମ ଦ୍ୱିତୀୟ ହୋଇଥିଲେ। ତାଙ୍କ ବ୍ୟତୀତ ସିଦ୍ଧେଶ କାମିଲା (ପଏଣ୍ଟ-୭, ସ୍ଥାନ-୧୮ତମ, ପୁରସ୍କାର-୩୫,୦୦୦ଟଙ୍କା), ବିନାୟକ ରଥ (୭-୨୪-୨୫,୦୦୦), ଅରିନ୍ ଅନ୍ୱେଷ ସ୍ୱାଇଁ (୬.୫-୪୬-୯,୯୦୦), ବରିଷ୍ଠ ଖେଳାଳି ତଥା କୋଚ୍ ରାଜେନ୍ଦ୍ର ସାହୁ (୬.୫-୪୯-୯,୯୦୦) ସ୍ଥାନ ପାଇଛନ୍ତି।

### କାଟାଗୋରୀ-ଏ ଶୀର୍ଷରେ ଜିଏମ୍ ଇଡୋ

ଏହି ଚେସ୍ ଟୁର୍ଣ୍ଣାମେଣ୍ଟର କାଟାଗୋରୀ-ଏ'ରେ ଆଜି ୫ମ ରାଉଣ୍ଡ ଶେଷ ହୋଇଛି। ୫ମ ରାଉଣ୍ଡ ଶେଷସୁଦ୍ଧା ଇସ୍ରାଏଲ୍‌ର ଗ୍ରାଣ୍ଡମାଷ୍ଟର ଗୋର୍ଷ୍ଟେଇନ ଇଡୋ ସର୍ବାଧିକ ୫ ପଏଣ୍ଟ ପାଇ ଏକାକୀ ପ୍ରଥମ ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ୪ଜଣ ଖେଳାଳି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେମାନଙ୍କ ମଧ୍ୟରେ ଭାରତର ୧୭ ବର୍ଷୀୟ ଆଇଏମ୍ ତେଲଙ୍ଗାନାର ଶ୍ରୀରାମ ଆଦର୍ଶ ଉପାଲା ରହିଛନ୍ତି। ପ୍ରଥମଥର ଲାଗି ପ୍ରଥମ ୧୫ଜଣଙ୍କ ମଧ୍ୟରେ ସମସ୍ତ ଟାଇଟଲଧାରୀ ସ୍ଥାନ ପାଇଛନ୍ତି। କେବଳ ଗୁଜରାଟର ଫିଡେ ମାଷ୍ଟର ୧୫ବର୍ଷରୁ କମ୍ ଖେଳାଳି ବିଭାନ ବିଶାଳ ଶାହ ରହିଛନ୍ତି। ଅନ୍ୟସମସ୍ତ ଖେଳାଳି ଜିଏମ୍ ନ ହେଲେ ଆଇଏମ୍ ରହିଛନ୍ତି। ୫ମ ରାଉଣ୍ଡ ଶେଷରେ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଆଇଏମ୍ ସମ୍ବିତ ପଣ୍ଡା ୩.୫ ପଏଣ୍ଟ ସଂଗ୍ରହ କରି ୩୫ତମ ସ୍ଥାନରେ ରହିଛନ୍ତି।

## ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

# ଖୋର୍ଦ୍ଧା ୧ ୱିକେଟରେ, ବରଗଡ଼ ୭ ରନରେ ବିଜୟୀ

ଭୁବନେଶ୍ୱର, ୨୬ା୫ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍‌ର ଦ୍ୱିତୀୟ ଫେଜ ଖେଳ ଜାରି ରହିଛି। ମଙ୍ଗଳବାର କଟକର ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ବରଗଡ଼ ରୋମାଞ୍ଚକ ଭାବରେ ୭ ରନରେ ବଲାଙ୍ଗିରକୁ ପରାସ୍ତ କରିଛି। ବରଗଡ଼ ପକ୍ଷରୁ ଧାର୍ଯ୍ୟ ୧୪୧ ରନର ଲକ୍ଷ୍ୟକୁ ପିଛା କରିଥିବା ବଲାଙ୍ଗିର ୨୦.୫ ଓଭରରେ ୧୩୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବରଗଡ଼ର ବିନୟ ଶର୍ମା (୪୬ ରନ ଓ ୩ଟି ୱିକେଟ) ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ସେହିଭଳି ଅନ୍ୟ ଏକ ରୋମାଞ୍ଚକ ମ୍ୟାଚରେ ଖୋର୍ଦ୍ଧା ୧ ୱିକେଟରେ ନୂଆପଡ଼ାକୁ ହରାଇଦେଇଛି। ନୂଆପଡ଼ା ପକ୍ଷରୁ ଧାର୍ଯ୍ୟ ୧୩୫ ରନର ଟାର୍ଗେଟକୁ ଖୋର୍ଦ୍ଧା ୩୦.୧ ଓଭରରେ ଗୋଟିଏ ୱିକେଟ ହରାଇ ହାସଲ କରିନେଇଥିଲା। ଇଭାନ କଳାପାହାଡ଼ ଓ ତୀର୍ଥଙ୍କର ସାହୁ ୪ଟି ୱିକେଟ୍ ନେଇ ଖୋର୍ଦ୍ଧାକୁ ଜିତାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ।





ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର-ଏ ୧୨୯ ରନରେ ଅନୁଗୋଳକୁ, ଢେଙ୍କାନାଳ ୮୮ ରନରେ କୋରାପୁଟକୁ, ମାଲକାନଗିରି ୭୨ ରନରେ ଝାରସୁଗୁଡ଼ାକୁ, ଗଞ୍ଜାମ ୧୧୨ ରନରେ ମୟୁରଭଞ୍ଜକୁ, କଟକ-ଏ ୬୦ ରନରେ ସୋନପୁରକୁ, ପୁରୀ ୨ ୱିକେଟରେ କେନ୍ଦୁଝରକୁ ଓ ଭଦ୍ରକ ୭୦ ରନରେ ଜଗତସିଂହପୁରକୁ ପରାସ୍ତ କରିଛି। ଗଞ୍ଜାମର ଅନିରୁଦ୍ଧ ପଟ୍ଟନାୟକ (୩୫ ରନ ଓ ୩ ୱିକେଟ), ମାଲକାନଗିରିର ଶୀର୍ଷେନ୍ଦୁ ସରକାର (୨୪ ବଲରେ ୬୪ ରନ), ଢେଙ୍କାନାଳର ଅଭିନବ ରୋନକ ପାଣି (୫୮ ରନ ଓ ୩ ୱିକେଟ) ପ୍ରଭାବୀ ପ୍ରଦର୍ଶନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS